ଧରିତ୍ରୀ 52 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୪/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, January 14/2026 | Page 14 | ₹ 7.00
୫୨ଶ ଭାଗ ୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 52 | ମୂଲ୍ୟ₹୭/-






ଜମ୍ମୁ-କଶ୍ମୀରର ଶ୍ରୀନଗରରେ ମଙ୍ଗଳବାର ସର୍ବନିମ୍ନ ତାପମାତ୍ରା -୪.୯ ଡିଗ୍ରୀ ସେଲ୍‌ସିୟସକୁ ଖସିଯାଇଥିବାବେଳେ ଜଣେ ମହିଳା ଡାଲ୍ ହ୍ରଦ ଭିତରେ ଥିବା ଏକ କାଠପୋଲ ଦେଇ ଯାଉଛନ୍ତି।

# ଇରାନ୍ ଯୋଗୁ ଆଉ ୨୫% ଟାରିଫ୍

## ଭାରତ ବିରୋଧରେ ଅତିରିକ୍ତ ଦଣ୍ଡାତ୍ମକ ଶୁଳ୍କ ଘୋଷଣାକଲେ ଟ୍ରମ୍ପ୍

ପଶ୍ଚିମ ଏସୀୟ ଇସ୍‌ଲାମିକ ରାଷ୍ଟ୍ର ଇରାନ୍‌ରେ ଆର୍ଥିକ ଦୁର୍ଗତି ଯୋଗୁ ୨୦୨୫ ଡିସେମ୍ବର ଦ୍ୱିତୀୟାର୍ଦ୍ଧରୁ ମୁଣ୍ଡ ଟେକିଥିବା ଗଣଆନ୍ଦୋଳନରେ ଅଦ୍ୟାବଧି ୨,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିସାରିଲାଣି। ରକ୍ଷଣଶୀଳ ଇରାନ୍‌ରେ ଗୃହଯୁଦ୍ଧ ସ୍ଥିତି ଉପୁଜିଥିବାବେଳେ ପୁନଃ ଶାନ୍ତି ପ୍ରତିଷ୍ଠା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ଏଥିରେ ହସ୍ତକ୍ଷେପ କରି ଏକ ବଡ଼ ଘୋଷଣା କରିଛନ୍ତି। ଇରାନ୍ ସହ ବାଣିଜ୍ୟିକ କାରବାର କରୁଥିବା ଦେଶଗୁଡ଼ିକର ସାମଗ୍ରୀ ଉପରେ ଟ୍ରମ୍ପ୍ ଅତିରିକ୍ତ ୨୫% ଟାରିଫ୍ କଷିଛନ୍ତି, ଯାହାକି ତତ୍କାଳ ଲାଗୁ ହୋଇଛି। ଏଥିଯୋଗୁ ଭାରତ, ଚାଇନା, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ତୁର୍କୀ, ପାକିସ୍ତାନ ଓ ଆର୍ମେନିଆ ଭଳି ତେହରାନ୍‌ର ବାଣିଜ୍ୟିକ ସହଯୋଗୀ ପ୍ରଭାବିତ ହେବେ ବୋଲି କୁହାଯାଉଛି। ୨୦୨୫ ଅଗଷ୍ଟରେ ଟ୍ରମ୍ପ୍ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨୫% ଆମଦାନୀ ଶୁଳ୍କ କଷିଥିବାବେଳେ ରୁଷିଆଠାରୁ ତୈଳ କ୍ରୟ ବାବଦକୁ ଆଉ ୨୫% ଦଣ୍ଡାତ୍ମକ ଟିକସ ଲଗାଇଥିଲେ। ୫୦% ଟିକସର ସମ୍ମୁଖୀନ ହେବାରୁ ଆମେରିକାକୁ ଭାରତୀୟ ସାମଗ୍ରୀଗୁଡ଼ିକର ରପ୍ତାନି ବହୁଳ ମାତ୍ରାରେ ପ୍ରଭାବିତ ହୋଇଛି। ଏହାର ପ୍ରଭାବ ଭାରତୀୟ ଅର୍ଥନୀତି ଉପରେ ମଧ ପଡ଼ିଛି। ଟ୍ରମ୍ପ୍‌ଙ୍କ ସଦ୍ୟ ଘୋଷଣା ଆମେରିକୀୟ ବଜାରକୁ ପ୍ରବେଶ କରିବାକୁ ଥିବା ଭାରତର ସାମଗ୍ରୀଗୁଡ଼ିକ ପାଇଁ ୭୫% ଟିକସ ବୋଝ ପାଲଟିଛି।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍

**ୱାଶିଂଟନ୍/ତେହରାନ୍, ୧୩।୧ (ପି.ଟି./ରଏଟର୍ସ)**

ଇରାନ ସହ ବ୍ୟବସାୟ କରୁଥିବା ଯେକୌଣସି ଦେଶକୁ ଆମେରିକା ସହ ବାଣିଜ୍ୟ ଉପରେ ୨୫ ପ୍ରତିଶତ ଟାରିଫ୍ ଦେବାକୁ ହେବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏଭଳି ପଦକ୍ଷେପ ଇରାନର ବୃହତ ବାଣିଜ୍ୟ ସହଯୋଗୀ ଭାରତ, ଚାଇନା ଏବଂ ୟୁଏଇକୁ ପ୍ରଭାବିତ କରିପାରେ। ଏହା ଚୂଡ଼ାନ୍ତ ନିର୍ଦ୍ଦେଶନାମା ଏବଂ ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟ ଜରିଆରେ ସୂଚନା ଦେଇଛନ୍ତି। ଇରାନର ପ୍ରମୁଖ ବାଣିଜ୍ୟ ସହଯୋଗୀ ମଧ୍ୟରେ ☞ପୃଷ୍ଠା-୪

### ଭାରତର ବାସମତି ଚାଉଳ ରପ୍ତାନି ବାଧାପ୍ରାପ୍ତ

**ନୂଆଦିଲ୍ଲୀ, ୧୩।୧ (ପି.ଟି.)**

ଇରାନରେ ୧୫ ଦିନରୁ ଉର୍ଦ୍ଧ୍ୱ ସମୟ ଧରି ଦେଶବ୍ୟାପୀ ଆନ୍ଦୋଳନ ଲାଗି ରହିଥିବାବେଳେ ଏହା ହିଂସାତ୍ମକ ରୂପ ନେଇଛି। ଆନ୍ଦୋଳନକୁ ବନ୍ଦ କରିବା ଲାଗି ଇରାନ ସରକାର ବଳ ପ୍ରୟୋଗ କରୁଥିବାରୁ ଅନେକ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଲାଣି। ନାଗରିକ ଅଶାନ୍ତି ଯୋଗୁ ଉକ୍ତ ଦେଶକୁ ଭାରତର ବାସମତି ଚାଉଳ ରପ୍ତାନି ବାଧାପ୍ରାପ୍ତ ହୋଇଛି। କାରଣ ରପ୍ତାନିକାରୀମାନଙ୍କୁ ପ୍ରାପ୍ୟ ମିଳିବାରେ ବିଳମ୍ବ ହେବା ସହ ☞ପୃଷ୍ଠା-୪

## ୧୮ ସୁଦ୍ଧା ସୁଭଦ୍ରା ଟଙ୍କା

**ଭୁବନେଶ୍ୱର, ୧୩।୧ (ସୁଚିସ୍ମିତା ସାହୁ)**

ଆସନ୍ତା ୧୮ ତାରିଖ ସୁଦ୍ଧା ମିଳିବ ସୁଭଦ୍ରା ଟଙ୍କା। ନୂଆ ହିତାଧିକାରୀଙ୍କ ସମେତ ପୂର୍ବରୁ କୌଣସି କାରଣବଶତଃ ବାଦ୍ ପଡ଼ିଥିବା ମହିଳାଙ୍କୁ ମଧ ସୁଭଦ୍ରା ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଚଳିତ ମାସରେ ଆଉ ୪ଲକ୍ଷ ୫୭ହଜାର ୬୮୧ଜଣ ହିତାଧିକାରୀଙ୍କୁ 'ସୁଭଦ୍ରା' ଟଙ୍କା ମିଳିବ। ପୂର୍ବରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ଜଣଙ୍କୁ ଯାଞ୍ଚ ପରେ ପୁଣିଥରେ ସାମିଲ କରାଯାଇଛି। ସେହିପରି ଗତ ନଭେମ୍ବରରେ ନୂଆ ହିତାଧିକାରୀଙ୍କ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ନୂଆ କରି ୧ ଲକ୍ଷ ୭୮ ହଜାର ୩୧୮ ଜଣ ହିତାଧିକାରୀଙ୍କୁ ପ୍ରଥମଥର ପାଇଁ ସୁଭଦ୍ରା ଟଙ୍କା ଦିଆଯିବ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସୋର୍ସ କୋଡ୍










## ଋଣ ଶୁଝିବା ପାଇଁ ମାସକର ଝିଅକୁ ବିକିଦେଲେ

**ଭଣ୍ଡାରିପୋଖରୀ, ୧୩।୧ (ରାଜେନ୍ଦ୍ର ଶତପଥୀ)**

ଋଣ ଶୁଝିବା ପାଇଁ ନିଜ ମାସକର ଝିଅକୁ ଅନ୍ୟକୁ ବିକ୍ରି କରିଦେଲେ। ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବୟାବନାପୁର ଗ୍ରାମରେ। ଏ ସମ୍ପର୍କରେ ଶିଶୁକନ୍ୟାଙ୍କ ଜେଜେମା ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ୩୫ହଜାର ଟଙ୍କାରେ ଝିଅକୁ ବିକ୍ରି କରିଥିବା ନେଇ ଦମ୍ପତି ମଧ ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଶିଶୁକନ୍ୟାର ଜେଜେମା' ସାବିତ୍ରୀ ଦାସ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସୋମବାର ସକାଳ ସାଢ଼େ ୯ଟା ବେଳେ ତାଙ୍କ ପୁଅ ସିପୁ ଓ ବୋହୂ ରୀନା ମାସକର ଶିଶୁକନ୍ୟାକୁ ନେଇ ଘରୁ ବାହାରି ଯାଇଥିଲେ। ରାତି ୮ଟା ବେଳକୁ ପୁଅବୋହୂ ଘରକୁ ଫେରିଥିବା ବେଳେ ତାଙ୍କ ନାତୁଣୀ ସାଙ୍ଗରେ ନ ଥିଲା। ସେ ନାତୁଣୀ ☞ପୃଷ୍ଠା-୪

**ଏଲ୍‌ଓସି ନିକଟରେ ପାକିସ୍ତାନୀ ଡ୍ରୋନ୍**

ଜମ୍ମୁ-କଶ୍ମୀରର ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ମଙ୍ଗଳବାର ପୁଣି ଡ୍ରୋନ୍ ଉଡୁଥିବା ଦେଖାଦେଇଛି। ଗତ ୪୮ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଥର ପାଇଁ ସୀମାରେ ଡ୍ରୋନ୍ ଉଡ଼ିଛି। ଦିନକ ପୂର୍ବରୁ ଅନ୍ତର୍ଜାତୀୟ ସୀମା ଏବଂ ଏଲ୍‌ଓସି ଅନ୍ତର୍ଗତ ସାମ୍ବା, ରାଜୌରୀ ଏବଂ ପୁଞ୍ଚ ସୀମାରେ ପାକିସ୍ତାନ ନିର୍ମିତ ଡ୍ରୋନ୍ ଉଡୁଥିବା ସୁରକ୍ଷା ବଳ ଦେଖିଥିଲେ।





ନିମ୍ନ ଆୟ ଏବଂ ଦକ୍ଷିଣ ଆମେରିକା ସହ ୟୁରୋପୀୟ ୟୁନିୟନର ବାଣିଜ୍ୟ ଚୁକ୍ତିକୁ ବିରୋଧ କରି ମଙ୍ଗଳବାର ଫ୍ରାନ୍ସର କୃଷକମାନେ ୩୫୦ଟି ଟ୍ରାକ୍ଟର ନେଇ ପାର୍ଲାମେଣ୍ଟ ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଛନ୍ତି।

# ୧୦ ମିନିଟ୍ ସମୟସୀମା ହଟାଇବେ ଡେଲିଭରି କମ୍ପାନୀ

ନୂଆଦିଲ୍ଲୀ, ୧୩।୧

କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ହସ୍ତକ୍ଷେପ ପରେ ଡେଲିଭରି କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ କୁଇକ୍ କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକ ୧୦ ମିନିଟ୍ ଡେଲିଭରି ସେବା ହଟାଇବାକୁ ମଙ୍ଗଳବାର ରାଜି ହୋଇଛନ୍ତି। ବ୍ଲିଙ୍କିଟ୍, ଜେପ୍ଟୋ, ସ୍ୱିଗି ଏବଂ ଜୋମାଟୋ କମ୍ପାନୀର ଅଧିକାରୀମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିବା ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ବ୍ଲିଙ୍କିଟ୍ ଏହାର ବିଜ୍ଞାପନ ଏବଂ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରୁ ତୁରନ୍ତ ୧୦ ମିନିଟ୍ ଡେଲିଭରି ଟ୍ୟାଗ୍ ହଟାଇ ଦେଇଥିବାବେଳେ ଅନ୍ୟ ଡେଲିଭରି କମ୍ପାନୀଗୁଡ଼ିକ ଏହା କାର୍ଯ୍ୟକାରୀ କରିବା ଆଶା କରାଯାଉଛି। ସୂଚନାଯୋଗ୍ୟ, ୧୦ ମିନିଟ୍ ଡେଲିଭରି ବ୍ୟବସ୍ଥା ହଟାଇବା ସହ ପୂର୍ବ ପେଆଉଟ୍ ଢାଞ୍ଚା ପୁନର୍ବାର କାର୍ଯ୍ୟକାରୀ କରିବା ଦାବିରେ ଅସ୍ଥାୟୀ କର୍ମଚାରୀ ସଂଘ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ କରାଯାଇଥିଲା। ଇଣ୍ଡିଆନ୍ ଫେଡେରେଶନ ଅଫ୍ ଆପ୍-ବେସ୍‌ଡ ଟ୍ରାନ୍ସପୋର୍ଟ ୱାର୍କର୍ସ (ଆଇଏଫ୍‌ଏଟି) ବ୍ୟାନରରେ ଏହି ଧର୍ମଘଟ ହୋଇଥିଲା, ଯେଉଁଥିରେ ଡେଲିଭରି କର୍ମଚାରୀ ଏବଂ କୁଇକ୍ କମର୍ସ କମ୍ପାନୀ ସହ ସମ୍ପୃକ୍ତ ଡ୍ରାଇଭରମାନେ ସାମିଲ ହୋଇଥିଲେ।

# ଦୁଃସାହସର ଦୃଢ଼ ଜବାବ ଦିଆଯିବ: ସେନାମୁଖ୍ୟ

ନୂଆଦିଲ୍ଲୀ, ୧୩।୧ (ପି.ଟି.)

## ଅପରେଶନ ସିନ୍ଦୂର ଜାରି ରହିଛି



ଉପେନ୍ଦ୍ର ଦ୍ୱିବେଦୀ

ଅପରେଶନ ସିନ୍ଦୂର ଏବେ ବି ଜାରି ରହିଛି ଏବଂ ଶତ୍ରୁପକ୍ଷର ଯେକୌଣସି ଦୁଃସାହସର ଠିକଣା ଜବାବ ଦିଆଯିବ ବୋଲି ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ମଙ୍ଗଳବାର କହିବା ସହ ପାକିସ୍ତାନକୁ ଦୃଢ଼ ବାର୍ତ୍ତା ପଠାଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେନାମୁଖ୍ୟ କହିଛନ୍ତି, ଚାଇନା ସହ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ସ୍ଥିର ରହିଥିଲେ ମଧ୍ୟ କ୍ରମାଗତ ସତର୍କ ରହିବାକୁ ହେବ। ଅପରେଶନ ସିନ୍ଦୂରର ବିଭିନ୍ନ ଦିଗ ଉପରେ ଜେନେରାଲ ଦ୍ୱିବେଦୀ କହିଛନ୍ତି, ଭାରତୀୟ ସେନା ପାକିସ୍ତାନର ଆଭ୍ୟନ୍ତର ଅଞ୍ଚଳରେ ଆକ୍ରମଣ କରି ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ଧ୍ୱଂସ କରିବା ସହ ଇସଲାମାବାଦର ପରମାଣୁ ଦମ୍ଭକୁ ଭାଙ୍ଗିଥିଲା। ରଣନୈତିକ ମାନ୍ୟତା ପୁନଃସ୍ଥାପନରେ ଏହା ସହାୟକ ହୋଇଥିଲା। ସେତେବେଳେ ପାକିସ୍ତାନ କୌଣସି ଦୁଃସାହସ ଉଦ୍ୟମ କରିଥିଲେ ସଶସ୍ତ୍ର ବଳ ସ୍ଥଳଯୁଦ୍ଧ କରିବାକୁ ପୂର୍ଣ୍ଣ ପ୍ରସ୍ତୁତ ଥିଲା ବୋଲି ଜେନେରାଲ ଦ୍ୱିବେଦୀ କହିଛନ୍ତି।

# ଇରାନ ବିକ୍ଷୋଭ ମୃତ୍ୟୁସଂଖ୍ୟା ୨,୦୦୦

ତେହରାନ, ୧୩।୧

## ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ ଖାମେନେଇ



ଆୟାତୋଲା ଅଲି ଖାମେନେଇ



ଇରାନରେ ୨ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ସରକାର ବିରୋଧୀ ବିକ୍ଷୋଭ ଲାଗିରହିଥିବାବେଳେ ଏହାକୁ ଦମନ କରିବାକୁ ବଳ ପ୍ରୟୋଗ କରାଯାଉଛି। ବିକ୍ଷୋଭ ବେଳେ ସଂଘର୍ଷରେ ୨,୦୦୦ ଲୋକଙ୍କ ମୃତ୍ୟୁ ଘଟିଲାଣି। ମୃତକଙ୍କ ମଧ୍ୟରେ କେତେଜଣ ସୁରକ୍ଷା କର୍ମୀ ଥିବା ଏହାର ଜଣେ ଅଫିସର କହିଛନ୍ତି। ବିକ୍ଷୋଭକୁ ଦମନ କରିବାକୁ ବଳପ୍ରୟୋଗ କରାଯାଉଥିବା ନେଇ ଇରାନ କର୍ତ୍ତୃପକ୍ଷ ପ୍ରଥମ ଥର ସ୍ୱୀକାର କରିଛନ୍ତି। ଉଭୟ ବିକ୍ଷୋଭକାରୀ ଏବଂ ସୈନ୍ୟଙ୍କ ମୃତ୍ୟୁ ପଛରେ ଆତଙ୍କବାଦୀଙ୍କ ସମ୍ପୃକ୍ତି ଥିବା ଇରାନ ଅଧିକାରୀମାନେ କହିଛନ୍ତି। ଇରାନର ସୁପ୍ରିମ ଲିଡର ଆୟାତୋଲା ଅଲି ଖାମେନେଇ ବିକ୍ଷୋଭକାରୀଙ୍କ ଉପରେ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି। ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦ ଏବଂ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ସଂଗୃହୀତ ତଥ୍ୟ ଆଧାରରେ ଇରାନ ଇଣ୍ଟରନ୍ୟାଶନାଲ ଏହି ରିପୋର୍ଟ କରିଛି। ସରକାରଙ୍କ ସମସ୍ତ ୩ ବିଭାଗ ମୁଖ୍ୟଙ୍କ ସ୍ୱୀକୃତି ଏବଂ ଅନୁମୋଦନ କ୍ରମେ ସୁପ୍ରିମ ଲିଡର ଖାମେନେଇ ବିକ୍ଷୋଭକାରୀଙ୍କ ଉପରେ ଜୀବନ୍ତ ଗୁଳିଚାଳନା କରିବାକୁ ଇସ୍‌ଲାମିକ ରିଭୋଲ୍ୟୁଶନାରି ଗାର୍ଡ କର୍ ଏବଂ ବାସିଜ ମିଲିସିଆ ପ୍ରାଇମେରିକୁ ନିର୍ଦ୍ଦେଶ ଦେଇଥିବା ରିପୋର୍ଟରେ କୁହାଯାଇଛି।

ଇରାନ ସରକାର ୩ ବର୍ଷ ହେଲା ସର୍ବବୃହତ୍ ଆଭ୍ୟନ୍ତରୀଣ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଆସୁଛନ୍ତି। ଗତବର୍ଷ ଇସ୍ରାଏଲ ଓ ଆମେରିକା ମଧ୍ୟରେ ସଂଘର୍ଷ ପରେ ଅନ୍ତର୍ଜାତୀୟ ଚାପ ବଢ଼ିଛି। ଫଳରେ ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଇରାନରେ ନାଗରିକ ଅଶାନ୍ତି ବୃଦ୍ଧି ପାଇଛି। ୧୯୭୯ ଇସ୍‌ଲାମୀୟ ବିପ୍ଳବଠାରୁ ଦେଶକୁ ଶାସନ କରିଆସୁଥିବା ଇରାନର ଧର୍ମୀୟ କର୍ତ୍ତୃପକ୍ଷ ଆନ୍ଦୋଳନ ପ୍ରତି ଦ୍ୱୈତ ଆଭିମୁଖ୍ୟ ଆପଣାଇବାକୁ ଉଦ୍ୟମ କରୁଛନ୍ତି। ଆର୍ଥିକ ସମସ୍ୟାକୁ ନେଇ ହେଉଥିବା ଆନ୍ଦୋଳନକୁ ସରକାର ବୈଧ କହୁଥିବାବେଳେ ବିକ୍ଷୋଭକୁ ଦମନ କରିବା ପାଇଁ ବଳ ପ୍ରୟୋଗ କରୁଛନ୍ତି। ଅପରପକ୍ଷରେ ଆମେରିକା ଏବଂ ଇସ୍ରାଏଲ୍ ଅଶାନ୍ତି ସୃଷ୍ଟି କରାଉଥିବା ସରକାର ଅଭିଯୋଗ କରିଛନ୍ତି। ଅଜଣା ଆତଙ୍କବାଦୀ ବିକ୍ଷୋଭକୁ ହାଇଜାକ୍ କରୁଥିବା ସରକାର କହିଛନ୍ତି। ଶତାଧିକ ଲୋକଙ୍କୁ ହତ୍ୟା କରାଯାଇଥିବାବେଳେ ଅନେକ ହଜାରଙ୍କୁ ଗିରଫ କରାଗଲାଣି ବୋଲି ପୂର୍ବରୁ ଏକ ଅଧିକାର ସଂଗଠନ କହିଥିଲା। କିଛିଦିନ ହେଲା ଇଣ୍ଟରନେଟ୍ ସଂଯୋଗ ବନ୍ଦ ରହିବା ସହ ଯୋଗାଯୋଗ କଟକଣା ଯୋଗୁ ସୁରକ୍ଷା ବଳର ଦମନମୂଳକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବାହାରକୁ ଖବର ଆସିପାରୁନାହିଁ। ବିକ୍ଷୋଭକାରୀ ଏବଂ ସୁରକ୍ଷା ବଳ ମଧ୍ୟରେ ସପ୍ତାହେ ହେଲା ରାତିବେଳା ହେଉଥିବା ସଂଘର୍ଷ ଭଡିଓରୁ ଦେଖିବାକୁ ମିଳିଛି। ଗୁଳିମାଡ଼ ସହ ହିଂସାତ୍ମକ ସଂଘର୍ଷ ଓ ପୋଡ଼ାଜଳା ଦେଖାଯାଇଛି।

# କୁକୁର କାମୁଡ଼ିଲେ ରାଜ୍ୟ ଦେବେ କ୍ଷତିପୂରଣ

ନୂଆଦିଲ୍ଲୀ, ୧୩।୧

ବୁଲା କୁକୁର ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାର କିଛି କରୁ ନ ଥିବାରୁ କୁକୁରକାମୁଡ଼ା ଯୋଗୁ ପିଲା କିମ୍ବା ବୟସ୍କ ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ବା ସେମାନେ ଆହତ ହେଲେ ଏଥିପାଇଁ ସମ୍ପୃକ୍ତ ରାଜ୍ୟକୁ କ୍ଷତିପୂରଣ ଦେବାକୁ ପଡ଼ିପାରେ ବୋଲି ମାମଲାର ଶୁଣାଣି ଅବସରରେ ମଙ୍ଗଳବାର ସୁପ୍ରିମକୋର୍ଟ କହିଛନ୍ତି। ସେହିପରି ବୁଲା କୁକୁରଙ୍କୁ ଖାଦ୍ୟ ଦେଉଥିବା ଲୋକମାନଙ୍କୁ ମଧ୍ୟ ଉତ୍ତରଦାୟୀ ହେବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। କୁକୁରଙ୍କୁ ଖାଦ୍ୟ ଦେବାକୁ ହେଲେ ସେମାନଙ୍କୁ ନିଜ ଘରେ ନେଇ ରଖିବାକୁ ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି।

ଜଷ୍ଟିସ୍ ନାଥ କହିଥିଲେ, ପ୍ରତି କୁକୁର କାମୁଡ଼ାରୁ ହେଉଥିବା ମୃତ୍ୟୁ କିମ୍ବା ଆହତ ଘଟଣା ପାଇଁ ଆମେ ରାଜ୍ୟଗୁଡ଼ିକ ଉପରେ ମୋଟା ଅଙ୍କର କ୍ଷତିପୂରଣ ଧାର୍ଯ୍ୟ କରିବାକୁ ଯାଉଛୁ, କାରଣ ସେମାନେ ଏହି ସମସ୍ୟାର ସମାଧାନ ଦିଗରେ କିଛି ପଦକ୍ଷେପ ନେଉନାହାନ୍ତି। ୯ ବର୍ଷୀୟ ବିଲା ଉପରେ ବୁଲା କୁକୁର ଆକ୍ରମଣ ଘଟଣାରେ କିଏ ଉତ୍ତରଦାୟୀ ହେବେ ବୋଲି ଜଷ୍ଟିସ୍ ମେହେଟ୍ଟା ପ୍ରଶ୍ନ କରିଛନ୍ତି। ସମସ୍ୟା ପ୍ରତି ଅଦାଲତ ଆଖି ବୁଜିଦେବା କୁକୁରଙ୍କୁ ଖାଦ୍ୟ ଦେଉଥିବା ସଂଗଠନ ଚାହାନ୍ତି ବୋଲି ସେ କହିଥିଲେ। ସୁପ୍ରିମକୋର୍ଟ ନିଜଆଡୁ ବୁଲାକୁକୁର ମାମଲା ଶୁଣାଣି ପାଇଁ ଗ୍ରହଣ କରିଥିଲେ।

# ୧ ଡଲାର= ୯୦.୨୩ ଟଙ୍କା

ମୁମ୍ବାଇ, ୧୩।୧ (ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ମଙ୍ଗଳବାର ୬ ପଇସା ହ୍ରାସ ପାଇ ୯୦.୨୩ ଟଙ୍କାରେ ପହଞ୍ଚିଛି। ଅଶୋଧିତ ତୈଳ ଦର ପୁଣି ବଢ଼ିବା ଏବଂ ଧାତୁ ମୂଲ୍ୟ ବୃଦ୍ଧି ସାଙ୍ଗକୁ ପୁଞ୍ଜି ବଜାର ସ୍ଥିତିକୁ ନେଇ ଟଙ୍କା ମୂଲ୍ୟ ହ୍ରାସ ପାଇଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ମଙ୍ଗଳବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୦.୨୪ରୁ ଆରମ୍ଭ ହୋଇ ଦିନ ମଧ୍ୟରେ ସର୍ବନିମ୍ନ ୯୦.୩୦ରେ ପହଞ୍ଚିଥିବାବେଳେ ଶେଷରେ ୯୦.୨୩ ରହିଥିଲା। ସୋମବାର କାରବାର ଶେଷ ସୁଦ୍ଧା ଟଙ୍କା ମୂଲ୍ୟ ୯୦.୧୭ ଥିଲା।

# ଦୁର୍ନୀତି ନିବାରଣ ଆଇନ ଧାରା ୧୭ଏ'ର ବୈଧତା ଉପରେ ସୁପ୍ରିମକୋର୍ଟଙ୍କ ବିଭାଜିତ ରାୟ

ନୂଆଦିଲ୍ଲୀ, ୧୩।୧ (ପି.ଟି.)

ଦୁର୍ନୀତି ମାମଲାରେ ସରକାରୀ କର୍ମଚାରୀଙ୍କ ବିରୋଧରେ ତଦନ୍ତ ପାଇଁ ପ୍ରାକ୍ ମଞ୍ଜୁରୀ ସମ୍ପର୍କିତ ଦୁର୍ନୀତି ନିବାରଣ ଆଇନର ଧାରା ୧୭ଏ'ର ବୈଧତା ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ବିଭାଜିତ ରାୟ ଦେଇଛନ୍ତି। ଧାରା ୧୭ଏ ଅସାମ୍ବିଧାନିକ ବୋଲି ଜଷ୍ଟିସ୍ ବି.ଭି. ନାଗରତ୍ନା କହିବା ସହ ଏହାକୁ ହଟାଇ ଦିଆଯିବା ଆବଶ୍ୟକ ବୋଲି ମତ ଦେଇଥିଲେ। ଅନ୍ୟପକ୍ଷରେ ଜଷ୍ଟିସ୍ କେ.ଭି. ବିଶ୍ୱନାଥନ ବ୍ୟବସ୍ଥାକୁ ସାମ୍ବିଧାନିକ କହିବା ସହ ସଚ୍ଚୋଟ ଅଫିସରମାନଙ୍କୁ ସୁରକ୍ଷା ଦିଆଯିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ଉକ୍ତ ଧାରା ଅନୁଯାୟୀ, ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପ୍ରାକ୍ ଅନୁମୋଦନ ବିନା ଜଣେ କର୍ମଚାରୀଙ୍କ ବିରୋଧରେ ତଦନ୍ତ ପାଇଁ ସୁପାରିସ କରାଯାଇପାରିବ ନାହିଁ। ଏହାର ବୈଧତା ବିରୋଧରେ ସେଣ୍ଟର ଫର୍ ପବ୍ଲିକ୍ ଇଣ୍ଟେରେଷ୍ଟ ଲିଟିଗେଶନ ପକ୍ଷରୁ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା।

# ଭାରତରେ ସଂଖ୍ୟାଲଘୁ ବିରୋଧୀ ଘୃଣିତ ମନ୍ତବ୍ୟ ୧୩% ବଢ଼ିଛି

ୱାଶିଂଟନ, ୧୩।୧

## ୨୦୨୫ରେ ୧,୩୧୮ ଘୃଣିତ ମନ୍ତବ୍ୟ

ଭାରତରେ ୨୦୨୫ରେ ମୁସଲମାନ ଏବଂ ଖ୍ରୀଷ୍ଟିଆନ୍‌ଙ୍କ ସମେତ ସଂଖ୍ୟାଲଘୁଙ୍କ ବିରୋଧରେ ଘୃଣିତ ବକ୍ତବ୍ୟ ୧୩ ପ୍ରତିଶତ ବୃଦ୍ଧି ପାଇଛି। ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହିନ୍ଦୁ ଜାତୀୟତାବାଦୀ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଘୃଣିତ ମନ୍ତବ୍ୟ ଦେବା ବୃଦ୍ଧି ପାଇଥିବା ୱାଶିଂଟନର ଏକ ଗବେଷଣା ସଂସ୍ଥା ମଙ୍ଗଳବାର କହିଛି। ଇଣ୍ଡିଆ ହେଟ୍ ଲାବ୍ ନାମକ ଉକ୍ତ ସଂସ୍ଥା ୨୦୨୫ରେ ୧,୩୧୮ଟି ଉଦାହରଣର ଦସ୍ତାବିଜ ପ୍ରସ୍ତୁତ କରିଛି, ଯାହାକୁ ଉକ୍ତ ସଂସ୍ଥା ଘୃଣିତ ବକ୍ତବ୍ୟ କହିଛି। ୨୦୨୪ରେ ଏଭଳି ବକ୍ତବ୍ୟ ସଂଖ୍ୟା ୧,୧୬୫ ଏବଂ ୨୦୨୩ରେ ୬୬୮ ଥିଲା। ରାଜନୈତିକ ରାଲି, ଧର୍ମୀୟ ଶୋଭାଯାତ୍ରା ଓ ସାଂସ୍କୃତିକ ସମାବେଶରେ ଏଭଳି ବକ୍ତବ୍ୟ ଦିଆଯାଇଥାଏ। ସେଥିରୁ ଭାଜପା ଶାସିତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୧,୧୬୪ଟି ଘଟଣା ଘଟିଥିବାବେଳେ ଏଥିସହିତ ଉକ୍ତ ଦଳ କିମ୍ବା ଏହାର ସହଯୋଗୀ ସିଧାସଳଖ ସମ୍ପୃକ୍ତ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏହା ଉପରେ ୱାଶିଂଟନରେ ଥିବା ଭାରତୀୟ ଦୂତାବାସର ମତାମତ ଲୋଡ଼ାଯାଇଥିବାବେଳେ ଏହା ତୁରନ୍ତ କୌଣସି ମନ୍ତବ୍ୟ ଦେଇନାହିଁ। ମୋଦି ଓ ତାଙ୍କ ଦଳ ଏହାକୁ ପକ୍ଷପାତ କହି ଅସ୍ୱୀକାର କରିଛି। ସରକାରଙ୍କ ଖାଦ୍ୟ ସବ୍‌ସିଡି କାର୍ଯ୍ୟକ୍ରମ ଏବଂ ବିଦ୍ୟୁତୀକରଣ ପଦକ୍ଷେପ ସବୁ ସମ୍ପ୍ରଦାୟକୁ ସୁବିଧା ପ୍ରଦାନ କରିଥିବା ଦଳ ପକ୍ଷରୁ କୁହାଯାଇଛି। ରିପୋର୍ଟ ଅନୁଯାୟୀ ଗତବର୍ଷ ଏପ୍ରିଲରେ ସର୍ବାଧିକ ୧୫୮ଟି ଘୃଣିତ ବକ୍ତବ୍ୟ ମଧ୍ୟରୁ ପ୍ରଥମ ୧୨ ଦିନରେ ପ୍ରାୟ ୧୦୦ ବକ୍ତବ୍ୟ ଦିଆଯାଇଥିଲା। ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପରେ ଏଭଳି ବକ୍ତୃତା ସଂଖ୍ୟା ବଢ଼ିଥିଲା।

୨୦୧୪ରେ ମୋଦି କ୍ଷମତାକୁ ଆସିବା ପରେ ଭାରତରେ ସଂଖ୍ୟାଲଘୁଙ୍କ ପ୍ରତି ଦୁର୍ବ୍ୟବହାର ବଢ଼ିଥିବା ଆମନେଷ୍ଟି ଇଣ୍ଟରନ୍ୟାଶନାଲ ଏବଂ ହ୍ୟୁମାନ ରାଇଟ୍ସ ୱାଚ୍ ଆଦି ଅଧିକାର ସଂଗଠନ କହିଛନ୍ତି। ଧର୍ମଭିତ୍ତିକ ନାଗରିକତ୍ୱ ଆଇନ ପ୍ରତି ସେମାନେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି, ଯାହାକୁ ଜାତିସଂଘ ମୂଳତଃ ଭେଦଭାବପୂର୍ଣ୍ଣ ଏବଂ ଧର୍ମାନ୍ତରୀକରଣ ବିରୋଧୀ ଆଇନ ବୋଲି କହିଛି। ୨୦୧୯ରେ ମୁସଲମାନବହୁଳ କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ଉଚ୍ଛେଦ କରାଯାଇଥିଲା ଏବଂ ମୁସଲମାନଙ୍କ ମାଲିକାନାରେ ଥିବା ସମ୍ପତ୍ତିକୁ ଭାଙ୍ଗିଦିଆଯାଇଥିଲା ବୋଲି ଏଥିରେ କୁହାଯାଇଛି। ଆମେରିକାରେ ରହୁଥିବା କଶ୍ମୀରୀ ଖବରଦାତା ରକିବ୍ ହମିଦ ନାଏକ ଇଣ୍ଡିଆ ହେଟ୍ ଲାବ୍ ପ୍ରତିଷ୍ଠା କରିଛନ୍ତି। ୱାଶିଂଟନର ଅଣଲାଭକାରୀ ଥିଙ୍କ୍‌ଟ୍ୟାଙ୍କ ସେଣ୍ଟର ଫର୍ ଦି ଷ୍ଟଡି ଅଫ୍ ଅର୍ଗାନାଇଜ୍‌ଡ ହେଟ୍‌ର ଏହା ଏକ ପ୍ରୋଜେକ୍ଟ।



ଦିଶା ପଟାନି

# ପ୍ରେମରେ ପଡ଼ିଛନ୍ତି ଦିଶା

**ମୁମ୍ବାଇ:** ପୁଣି ପ୍ରେମରେ ପଡ଼ିଛନ୍ତି ଅଭିନେତ୍ରୀ ଦିଶା ପଟାନି। ଟାଇଗର ଶ୍ରଫ୍‌ଙ୍କ ସହ ବ୍ରେକ୍‌ଅପ୍ ପରେ ଦିଶାଙ୍କୁ ମିଳିଯାଇଛି ନୂଆ ବଏଫ୍ରେଣ୍ଡ୍। ଉଦୟପୁରରେ କ୍ରିତି ସାନନଙ୍କ ଭଉଣୀ ନୁପୁର ଏବଂ ଷ୍ଟେବିନ ବେନ୍‌ଙ୍କ ବିବାହରେ ଦିଶା ଏବଂ ପଞ୍ଜାବୀ ଗାୟକ ତଲବିନ୍ଦର ସିଂ ସିଦ୍ଧୁଙ୍କ ଅନ୍ତରଙ୍ଗ ଫଟୋ ଭାଇରାଲ ହୋଇଛି। କୁହାଯାଉଛି ଉଭୟ ପରସ୍ପରକୁ ଡେଟ୍ କରୁଛନ୍ତି। କିନ୍ତୁ ଦୁହେଁ ଏନେଇ କିଛି କହିନାହାନ୍ତି।

ତଲବିନ୍ଦର ସିଂ ସିଦ୍ଧୁ ଜଣେ ପଞ୍ଜାବୀ ଗାୟକ, ସଙ୍ଗୀତ ପ୍ରଯୋଜକ ଏବଂ ଗୀତିକାର। ସେ ପଞ୍ଜାବୀ ସଙ୍ଗୀତ ଶିଳ୍ପର ସବୁଠାରୁ ଲୋକପ୍ରିୟ ସ୍ୱାଧୀନ କଳାକାରମାନଙ୍କ ମଧ୍ୟରୁ ଜଣେ। ତଲବିନ୍ଦର ତାଙ୍କ ବ୍ୟକ୍ତିତ୍ୱକୁ ନେଇ ଏକ ରହସ୍ୟମୟ ଭାବନା ବଜାୟ ରଖନ୍ତି, ଏକ ସ୍ୱତନ୍ତ୍ର ଭଙ୍ଗୀରେ ସଙ୍ଗୀତ ପରିବେଷଣ କରନ୍ତି। ସେ ଏହାକୁ ବାରମ୍ବାର ଏକ କଳାତ୍ମକ ପସନ୍ଦ ଭାବରେ ବର୍ଣ୍ଣନା କରିଛନ୍ତି, ଯାହା ତାଙ୍କୁ ତାଙ୍କର ବ୍ୟକ୍ତିଗତ ଜୀବନକୁ ସାର୍ବଜନୀନ ପରିଚୟରୁ ପୃଥକ ରଖିବାରେ ସାହାଯ୍ୟ କରେ।

ନିକଟରେ ଦିଶା ରାଜସ୍ଥାନର ଉଦୟପୁରରେ କ୍ରିତିଙ୍କ ଭଉଣୀ ନୁପୁର ସାନନଙ୍କ ବିବାହରେ ଯୋଗ ଦେଇଥିଲେ। ବିବାହର ଅନେକ ଭିଡିଓ ଭାଇରାଲ ହେଉଛି। ଏଥିରେ ଦିଶା ଏବଂ ତଲବିନ୍ଦରଙ୍କ ଏକ କ୍ଲିପ୍ ମଧ୍ୟ ରହିଛି। ଏଥିରେ ଉଭୟଙ୍କୁ ଅନ୍ତରଙ୍ଗ ଭାବେ ଦେଖିବାକୁ ମିଳିଛି।



# ଲୋକଦେଖାଣିଆ ଆଲୋଚନା



ଭୁବନେଶ୍ୱର, ୧୩।୧ (ସୁନିତ୍ ମିଶ୍ର)

ଓଡ଼ିଶାରେ ଭାଜପା ଶାସନକୁ ଆସିବା ପରେ ଲକ୍ଷ୍ୟ କରାଯାଉଛି ରାଜ୍ୟରେ ଯେପରି ବିରୋଧୀ ଶୂନ୍ୟ ହୋଇଯାଇଛି। ଶାସକ ଦଳର ଅନେକ ବିଫଳତା ଲକ୍ଷ୍ୟ କରାଯାଉଥିଲେ ସୁଦ୍ଧା ସେଗୁଡିକ ବିରୋଧରେ ମୁହଁ ଖୋଲିବାକୁ କେହି ଆଗକୁ ଆସିପାରୁନାହାନ୍ତି। ଭବିଷ୍ୟତରେ ମଧ୍ୟ ଏହା ସମ୍ଭବ ହୋଇପାରିବ ସେକଥା ଏଯାଏଁ ମନେହେଉନାହିଁ। ୨୦୨୯ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ସଲାସୁତୁରା ହୋଇ ଏବଂ ଭାଜପାକୁ ସମର୍ଥନକରି କିପରି ଶାସକ ଦଳ ସହ ମେଣ୍ଟ କରାଯାଇପାରିବ ସେଥିପାଇଁ ସୁଚିନ୍ତିତ ଭାବେ ବିଜେଡି କାର୍ଯ୍ୟକ୍ରମ ଆଗକୁ ନିଆଯାଉଛି। ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ ବିଧାୟକମାନଙ୍କ ହେଉଥିବା ଆଲୋଚନା ଏହାର ଏକ ବଡ଼ ଉଦାହରଣ। ସୂଚନାଯୋଗ୍ୟ, ନବୀନ ୧୦ ଜଣ ଲେଖା ବିଧାୟକଙ୍କୁ ଡାକି ସିଧାସଳଖ ଆଲୋଚନା କରୁଛନ୍ତି। ବୈଠକରେ ସେ ଯାହାସବୁ ଆଲୋଚନା କରୁଛନ୍ତି ସମାନ କଥା ଗଣମାଧ୍ୟମକୁ ବିଜେଡି ପକ୍ଷରୁ ବିଧିବଦ୍ଧ ଭାବେ ଖବର ପ୍ରସାରଣ ପାଇଁ ଦେଇ ଦିଆଯାଉଛି। ଫଳରେ ନବୀନ କରୁଥିବା ବୈଠକ ଅନ୍ତସାର ଶୂନ୍ୟ କେବଳ ଫଟୋ ଛାଡ଼ି ରାଜନୀତି କରିବା ପାଇଁ ଉଦ୍ଦିଷ୍ଟ ବୋଲି ଚର୍ଚ୍ଚା ହେଉଛି। ବୈଠକରେ ଯୋଗଦେଉଥିବା ବିଧାୟକମାନେ କହୁଛନ୍ତି, ନବୀନଙ୍କ ସହିତ ଏଭଳି 'ସୌହାର୍ଦ୍ଦ୍ୟପୂର୍ଣ୍ଣ' ବୈଠକ ପଛରେ ଲୋକଦେଖାଣିଆ ଉଦ୍ଦେଶ୍ୟ ରହିଛି। ସେମାନଙ୍କ ମଧ୍ୟରୁ ଜଣେ ବିଧାୟକଙ୍କ କହିବା କଥା, ଆଗକୁ ରାଜ୍ୟ ସଭା ନିର୍ବାଚନ ହେବାକୁ ଯାଉଛି। ରାଜ୍ୟର ୪ଟି ରାଜ୍ୟ ସଭା ଆସନ ଖାଲି ହେବାକୁ ଥିବାବେଳେ ଏସବୁ ବିଜେଡି ହାତରେ ରହିଛି। ବିଧାନସଭା ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଖାଲି ହେବାକୁ ଥିବା ୪ ଆସନ ମଧ୍ୟରୁ ଭାଜପା ୨ଟି ଏବଂ ବିଜେଡି ଗୋଟିଏ ରାଜ୍ୟ ସଭା ଆସନରେ ନିର୍ଦ୍ୱନ୍ଦ୍ୱରେ ଦଖଲ କରିପାରିବ। ଆଉ ଗୋଟିଏ ଆସନ ପାଇଁ ମୂଳତଃ ରାଜନୀତି ହେବ। ହେଲେ ୪ର୍ଥ ଆସନ ଭାଜପାକୁ ଟେକିଦେବା ଲାଗି ବିଜେଡି ଏବେଠାରୁ ଅଙ୍କ କଷିବା ଆରମ୍ଭ କରିଦେଲାଣି। ସମଦୂରତା କଥା କହି ନବୀନ ତାଙ୍କ ଦଳର ବିଧାୟକମାନଙ୍କୁ ନୀରବ ରହିବାକୁ କହିଦେଲେ ସରଳ ବାଟରେ ସେହି ଆସନ ଖଣ୍ଡକ ଭାଜପା ନେଇଯାଇପାରିବ। ସେଥିପାଇଁ ନବୀନ ଏବେଠାରୁ ବିଧାୟକମାନଙ୍କ ସହ ଆଲୋଚନାକରି ଗୋଟିଏ ବାର୍ତ୍ତା ଆଗ ଦେବାକୁ ଚାହୁଁଛନ୍ତି, ସେ ସିଧାସଳଖ ଦଳର ନେତାମାନଙ୍କୁ ଭେଟି କଥା ହେଉଛନ୍ତି ଏବଂ ସମସ୍ୟା ବୁଝୁଛନ୍ତି। ଫଳରେ ଭାଜପାକୁ ପରୋକ୍ଷରେ ରାଜ୍ୟ ସଭା ଆସନ ଖଣ୍ଡକ ଟେକିଦେଲା ପରେ ନବୀନ କାହା ସହିତ ଭେଟୁନାହାନ୍ତି ବୋଲି ଯେମିତି ପ୍ରଶ୍ନ ନ ଉଠିବ। ଏଥିରୁ ଗୋଟିଏ କଥା ଦିନକୁ ଦିନ ସ୍ପଷ୍ଟହେବାରେ ଲାଗିଛି ଯେତିଦିନ ବିଜେଡି ରହିବ ସେତେଦିନ ରାଜ୍ୟରେ ଭାଜପା ଏକ ପ୍ରକାର ଅପ୍ରତିଦ୍ୱନ୍ଦ୍ୱୀ ଦଳ ଭାବେ ନିଜର ରାଜନୈତିକ ସଫଳ ଯାତ୍ରା ଆଗକୁ ନେଇପାରିବ। କାରଣ ବିଧାନସଭାରେ ବିଜେଡିର ବର୍ତ୍ତମାନ ୫୦ ଜଣ ବିଧାୟକ ରହିଛନ୍ତି। ଦୁର୍ବଳ କାର୍ଯ୍ୟକ୍ରମ ଜରିଆରେ ଯଦି ଏତେବଡ଼ ବିରୋଧୀ ଦଳର ବିଧାୟକମାନଙ୍କୁ ଏକ ପ୍ରକାର ପଙ୍ଗୁକରି ରଖିଦିଆଯାଉଛି ତେବେ ଭାଜପା ପାଇଁ ଆଉ ସମସ୍ୟା ସୃଷ୍ଟି ହେବ ନାହିଁ। ଯଦି କେହି ବିଜେଡି ଛାଡୁଛନ୍ତି ସେମାନେ ଏମିତିରେ ଭାଜପାରେ ହିଁ ସାମିଲ ହେଉଛନ୍ତି। ରାଜ୍ୟରେ ଗୋଷ୍ଠୀକନ୍ଦଳ କାରଣରୁ କଂଗ୍ରେସର ଦୁର୍ବଳ ପ୍ରଦର୍ଶନ ଜାରି ରହିଛି। ଜାତୀୟସ୍ତରରେ ମଧ୍ୟ କଂଗ୍ରେସର ନେତୃତ୍ୱ ପ୍ରତି ତାଙ୍କ ଦଳର ନେତାମାନଙ୍କ ଆସ୍ଥା ରହୁନାହିଁ; ଯେଉଁଥିଲାଗି ରାଜ୍ୟରେ କଂଗ୍ରେସର ସମ୍ଭାବନାକୁ ଏଯାଏଁ କେହି ଅନୁଭବ କରିପାରୁନାହାନ୍ତି। ବିଜେଡି ଯେପର୍ଯ୍ୟନ୍ତ ଏମିତି ଚାଲିବ ସେପର୍ଯ୍ୟନ୍ତ ରାଜ୍ୟରେ କୌଣସି ନୂଆ ଦଳ ବା ରାଜନୈତିକ ସମୀକରଣ ସମ୍ଭବପର ହେବ ନାହିଁ ବୋଲି ଭାଜପାର ଚିନ୍ତନ ଟିମ୍ ଭଲଭାବେ ବୁଝିସାରିଛନ୍ତି। ତେଣୁ କାହିଁକି ବିଜେଡି ନ ଭାଙ୍ଗିବା ଦରକାର ବୋଲି ବହୁ ନେତା ଏବେଠାରୁ ପ୍ରଶ୍ନ ଉଠାଇ ନୂଆ ଆଞ୍ଚଳିକ ଦଳଟିଏ ଗଠନ ହେଉ ବୋଲି ଭାବୁଛନ୍ତି। ଅନ୍ୟପଟେ କଂଗ୍ରେସରୁ ବହିଷ୍କୃତ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ବିରୋଧରେ ଥିବା ଏକ ମାମଲାରେ ସେ ଦୋଷୀସାବ୍ୟସ୍ତ ହୋଇ ଭାଜପାର ଲୁକ୍କାୟିତ ସହଯୋଗୀ ସାଜିଛନ୍ତି ବୋଲି ଶାସକ ଦଳର କେତେଜଣ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହୁଛନ୍ତି।

ସୂଚନାଯୋଗ୍ୟ, ଯଦି ୨୦୨୪ ପୂର୍ବ ପର୍ଯ୍ୟନ୍ତ ଦେଖାଯାଏ ଦେଶର ୩ଟି ଆଞ୍ଚଳିକ ଦଳ ଆନ୍ଧ୍ର ପ୍ରଦେଶର ଜଗନ ମୋହନ ରେଡ୍ଡିଙ୍କ ୱାଇଏସ୍ଆର୍ କଂଗ୍ରେସ, ତେଲଙ୍ଗାନାର କେ. ଚନ୍ଦ୍ରଶେଖର ରାଓଙ୍କ ଟିଆର୍ଏସ୍ ଏବଂ ଓଡ଼ିଶାର ବିଜେଡି ଅନେକ ସମୟରେ କେନ୍ଦ୍ର ସରକାରଙ୍କୁ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ସମର୍ଥନ ଦେଇ ଆସିଲେ। ଏହି ଦଳଗୁଡିକ ଭାଜପା ସହ ମେଣ୍ଟ କରିବାକୁ ମଧ୍ୟ ବାରମ୍ବାର ଆଗ୍ରହ ଦେଖାଇଲେ। କିନ୍ତୁ ଭାଜପାକୁ ସମର୍ଥନ କରି ଆସୁଥିବା ଏହି ୩ ଆଞ୍ଚଳିକ ଦଳ ଶେଷରେ ନିପାତ ହୋଇଯାଇଛନ୍ତି। ମାତ୍ର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହିସବୁ ଦଳ ପାଇଁ ଶିକ୍ଷଣୀୟ ହେବା ଦରକାର ବୋଲି ଏବେ ଚର୍ଚ୍ଚା ହେଉଛି। ନିକଟରେ ମମତାଙ୍କ ଦଳ ଟିଏମ୍ସି(ତୃଣମୂଳ କଂଗ୍ରେସ)ର ନିର୍ବାଚନୀ ରଣନୀତି ପ୍ରସ୍ତୁତ କରୁଥିବା ଆଇ-ପାକ୍ ସଂସ୍ଥା ଉପରେ ଭୋର୍ ସମୟରେ ଇଡି ପକ୍ଷରୁ ରେଡ୍ କରାଗଲା। ମମତା ସ୍ୱୟଂ ରେଡ୍ ଚାଲିଥିବା ସ୍ଥାନରେ ପହଞ୍ଚି ଇଡି ଚଢ଼ାଉ ନାଁରେ ତାଙ୍କ ବ୍ୟକ୍ତିଗତ ରଣନୈତିକ ଫାଇଲ୍ ନେବାକୁ ଚେଷ୍ଟା କରୁଥିବା ଅଭିଯୋଗକରି ସେଗୁଡିକ ସେଠାରୁ ନେଇ ଆସିଥିଲେ। ପରବର୍ତ୍ତୀ ସମୟରେ ଦେଶର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଭିନ୍ନ ପ୍ରକାର ରାଜନୈତିକ ମଞ୍ଚ ଜରିଆରେ ସିଧାସଳଖ ଟାର୍ଗେଟ କରୁଛନ୍ତି। ଏପରିକି ମମତାଙ୍କ ଦଳର ଏମ୍ପିମାନେ ନିକଟରେ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟରେ ଯାଇ ଭାରତୀୟ ନିର୍ବାଚନ କମିଶନଙ୍କୁ କିପରି ପ୍ରଶ୍ନକଲେ ଏବଂ ଇଡି ଚଢ଼ାଉ ବିରୋଧରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବାସଭବନ ଘେରିଲେ ସେକଥା ଦେଶବାସୀ ଦେଖିଲେ। ଭବିଷ୍ୟତରେ ଟିଏମ୍ସିର ପରିସ୍ଥିତି କେଉଁଭଳି ହେବ ସେକଥା କହିବା ଏବେଠାରୁ କଷ୍ଟକର, ହେଲେ ଗୋଟିଏ ଅଞ୍ଚଳିକ ଦଳ କିପରି ନିଜର କାର୍ଯ୍ୟକ୍ରମ କରିବା ଦରକାର ଏହା ମମତାଙ୍କ ଦଳର ଏମ୍ପିମାନେ ମଧ୍ୟ ଦେଖାଇଦେଲେ। ବିଗତ ଦିନରେ ଲୋକ ସଭାରେ ୨୧ରୁ ୨୦ ଏମ୍ପି ବିଜେଡିର ଜିତିଥିଲେ। ହେଲେ ସେମାନେ ସବୁ ସମୟରେ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍ଡିଏ ସରକାର ଆଣୁଥିବା ସବୁ ବିଲ୍କୁ ସମର୍ଥନ କରିଚାଲିଲେ। ଶେଷରେ ୨୦୨୪ରେ ଓଡ଼ିଶା ଲୋକମାନେ ଲୋକ ସଭାରେ ବିଜେଡିକୁ ଶୂନରେ ପହଞ୍ଚାଇବା ସହ ଯେଉଁ ଦଳକୁ ସମର୍ଥନ କରୁଥିଲେ ସେମାନଙ୍କ ସଂଖ୍ୟା ୨୦ କରିଦେଲେ।

କେତେକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ନବୀନଙ୍କ ଏକାନ୍ତ ଅନୁଗତ ଥିବା ପାଣ୍ଡିଆନ୍ ଏବେ ଭୁବନେଶ୍ୱରରେ ରହୁଛନ୍ତି। ତାଙ୍କ ସହ ଦଳର ଅନେକ ନେତା ଯୋଗାଯୋଗରେ ଅଛନ୍ତି। ବହୁ ନେତା ତାଙ୍କୁ ଭେଟିବା ଲାଗି ତାଙ୍କ ବାସଭବନକୁ ମଧ୍ୟ ଯାଉଛନ୍ତି। ଯେଉଁମାନେ ତାଙ୍କୁ ଭେଟୁଛନ୍ତି ସେ ସମସ୍ତଙ୍କୁ ପାଣ୍ଡିଆନ୍ ଯେଉଁ ଗୋଟିଏ ରାଜ୍ୟ ସଭା ଆସନ ପାଇଁ ରାଜନୀତି ହେବାକୁ ଅଛି ସେ କ୍ଷେତ୍ରରେ ଦଳ ସମଦୂରତା ନୀତି ଆପଣାଇବ ବୋଲି କହୁଛନ୍ତି। ଅନ୍ୟପଟେ ୨୦୨୯ରେ ଭାଜପା ସହ ମେଣ୍ଟ ହେବ ଏବଂ ଯେଉଁମାନେ ତାଙ୍କ ସହିତ ରହିବେ ସେମାନଙ୍କୁ କିପରି ଟିକେଟ ମିଳିବ ସେ ଦାୟିତ୍ୱ ତାଙ୍କର ବୋଲି କହୁଛନ୍ତି। ତାଙ୍କ ଉପରେ ଭରସା କରିବାକୁ ହେଲେ ଯେଉଁ ଅଫିସରମାନେ ବିଜେଡି ଶାସନ ସମୟରେ ପାୱାରଫୁଲ୍ ଥିଲେ ସେମାନେ ଏବେ ସୁବିଧାରେ ନା ଅସୁବିଧାରେ ଅଛନ୍ତି ସେକଥାକୁ ଲକ୍ଷ୍ୟ କରି ସବୁକିଛି ବୁଝିଯାଆନ୍ତୁ ବୋଲି ପାଣ୍ଡିଆନ୍ କହୁଛନ୍ତି। ତାଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ ସେକଥା ମଧ୍ୟ ପାଣ୍ଡିଆନ୍ କୁଆଡ଼େ କହି ଭାଜପା ସହ ବିଜେଡିର ସମ୍ପର୍କ ବିଷୟରେ ପରୋକ୍ଷରେ ପ୍ରଚାର ଆରମ୍ଭ କରିଦେଲେଣି।




## ଶିମିଳିପାଳରେ ପାରଦ ପୁଣି ୧ ଡିଗ୍ରୀକୁ ଖସିଲା

ବାରିପଦା, ୧୩।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନରେ ୩ ଦିନ ପରେ ପୁଣି ପାରଦ ନିମ୍ନଗାମୀ ରହିଛି। ଉପରବାରହାକାମୁଡ଼ାରେ ତାପମାତ୍ରା ୧ ଡିଗ୍ରୀରେ ରହିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି। ସେହିପରି ଶିମିଳିପାଳ ଅଭୟାରଣ୍ୟର ଚହଲାରେ ୮ ଡିଗ୍ରୀ, ବରେହିପାଣିରେ ୬ ଡିଗ୍ରୀ, ଗୁଡୁଗୁଡ଼ିଆରେ ୩ ଡିଗ୍ରୀ, ରାମତୀର୍ଥୀ, ସାତକୋଶିଆରେ ଏବଂ କିଆଝରୀରେ ୧୧ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଛି। ଫଳରେ ଶିମିଳିପାଳ ସଂଲଗ୍ନ ଜନବସତି ସମେତ ଜିଲାବ୍ୟାପୀ ଶୀତରପ୍ରକୋପ ପୁନଶ୍ଚ ବୃଦ୍ଧିପାଇଛି।


TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)
Dreaming of restarting your career? It's time to shine, again!
ନୂଆ ଆରମ୍ଭ A New Beginning

Applications are invited for
NUA AARAMBHA: A New Beginning!
Second Career for Women Candidates
JOB OPPORTUNITIES in The Tata Power Company for its Distribution Business in Odisha (TPCODL, TPNODL, TPSODL, TPWODL)

Tata Power, in joint venture with the Government of Odisha, manages power distribution through four DISCOMs (TPCODL, TPNODL, TPSODL, TPWODL) with a focus on reliability, customer service, and innovation across the state. Applications are invited from eligible women candidates currently on career break to apply for roles across four Odisha DISCOMs.

DEPARTMENTS
1. Operation & Maintenance 2. Commercial Function and Customer Services 3. Information Technology 4. Engineering & Quality 5. Contract & Procurement 6. HR & Administration 7. Finance & Accounts 8. Legal & Secretarial

ELIGIBILITY
- **Career Break:** Women candidates who are **currently on a career break** are encouraged to apply for the position in the departments listed above. **Note: Career break must have started on or before 1 January 2025.**
- **Professional Qualifications:** Applicants should have completed a regular full-time course in **B. Tech/ B.E/ Diploma in Electrical Engineering, MBA, LLB, MCA, CA, CS, ICWA** or any other equivalent professional qualification.
- **Academic Performance:** Candidates are required to have minimum 60% marks or above in all academic qualifications.
- **Work Experience: Minimum 2-year full time relevant work experience, post highest qualification** will be considered.
- **Age Limit:** Candidates must be **up to 40 years of age as on 1 January 2026.**

(Preference will be given to candidates who are domiciled in Odisha)

HOW TO APPLY
Last date for application: 23rd January 2026 at 11:59 PM. Scan the QR code to fill up the Application Form. You may reach out to **sandesh.centralhr@tpcentralodisha.com** for issues faced, if any. Please mention the subject as –
**"TP Odisha DISCOMs - Nua Aarambha: Second Career for Women Candidates".**
*Your Purpose.Full journey begins here!*
Scan this QR code to apply now!


## ଆଞ୍ଚଳିକ ବୈଷମ୍ୟ ଦୂରହେବ: ମୁଖ୍ୟମନ୍ତ୍ରୀ

### କେନ୍ଦୁଝରରେ ୧୯୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ

କେନ୍ଦୁଝର, ୧୩।୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର କେବଳ ଏକ ଜିଲା ନୁହେଁ ଏହା ଉତ୍କୃଷ୍ଟ ପ୍ରାକୃତିକ ସମ୍ପଦ, ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ କର୍ମଠ ଲୋକଙ୍କ ଭୂମି। ଏହି ମାଟି ଓଡ଼ିଶାର ଆର୍ଥିକ ଶକ୍ତିରେ ଅପାର ଅବଦାନ ରଖିଛି ବୋଲି ମଙ୍ଗଳବାର କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପାଇଁ ୧୯୦୦ କୋଟିରୁ ଊର୍ଦ୍ଧ୍ୱ ତଥା ୭୧ଟି ପ୍ରକଳ୍ପର ଉଦ୍ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, କେନ୍ଦୁଝରକୁ ପ୍ରାୟ ଅଧିକାଂଶ ରାସ୍ତା ୬ ଥାକିଆ ବିଶିଷ୍ଟ କରାଯିବ। ଆସନ୍ତା ୩/୪ ବର୍ଷ ଭିତରେ କେନ୍ଦୁଝର ରାଜ୍ୟର ଏକ ଶ୍ରେଷ୍ଠ ଜିଲା ଭାବରେ ପ୍ରତିଷ୍ଠା ହାସଲ କରିବ। ଭାଜପା ସରକାର ରାଜ୍ୟର ସନ୍ତୁଳିତ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। ୨୦୦୦ ମସିହା ପରେ ଅନେକ ବାର ବିଧାନସଭା ଭିତରେ ଏବଂ ବାହାରେ ଆଞ୍ଚଳିକ ବୈଷମ୍ୟତା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଭାଜପା ସରକାର ଆସିବା ମାତ୍ରେ ଲୋକଙ୍କ ଅଭିଯୋଗକୁ ସମାଧାନ ପାଇଁ ସରକାର ତୁରନ୍ତ ଉତ୍ତର ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ଏକ ଟାସ୍କଫୋର୍ସ ଗଠନ କରିଥିଲେ। ରିପୋର୍ଟ ଆସିଲା ପରେ ଏହି ୨ ବିକାଶ ପରିଷଦ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ହେବ। ଆଞ୍ଚଳିକ ବୈଷମ୍ୟ ଦୂରହେବ, ପ୍ରତ୍ୟେକ ଅଞ୍ଚଳ ବିକଶିତ ହେବ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର ଚଢ଼େଇ ନାମକ ଏକ କଫି ଟେବୁଲ ବୁକ୍ ଉନ୍ମୋଚନ କରିବା ସହ ବିଭିନ୍ନ ଏସ୍ଏଚ୍ଜି ଗ୍ରୁପ୍ର ମହିଳା ହିତାଧିକାରୀଙ୍କୁ ସହାୟତା ଚେକ୍ ବଣ୍ଟନ କରିଥିଲେ। ସୂଚନା ଅନୁଯାୟୀ, ସମୁଦାୟ ୧୬୦୮ କୋଟି ଟଙ୍କା ମୂଲ୍ୟର ୩୫ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ବେଳେ ପ୍ରାୟ ୧୯୪ କୋଟି ଟଙ୍କାରେ ୩୬ ପ୍ରକଳ୍ପର ଲୋକାର୍ପଣ କରାଯାଇଥିଲା। ଏଥିରେ କେନ୍ଦୁଝରର ସ୍କୁଲ, ହଷ୍ଟେଲ, ଇରିଗେଶନ, ପାର୍କିଂ ଜୋନ୍, ରାସ୍ତା ନିର୍ମାଣ, ପୋଖରୀ ଉନ୍ନତୀକରଣ, ପର୍ଯ୍ୟଟନ ପ୍ରକଳ୍ପ, ଲାଇବ୍ରେରି, କ୍ୟାରିଅର କାଉନସେଲିଂ ସେଣ୍ଟର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡ଼ି ବିଲ୍ଡିଂ ଇତ୍ୟାଦି ରହିଛି।

## ୭,୧୯୦ ନୂଆ ବୁଥ୍କୁ ଇସିଙ୍କ ଅନୁମୋଦନ

ଭୁବନେଶ୍ୱର, ୧୩।୧ (ରବିନାରାୟଣ ଜେନା)

ଓଡ଼ିଶାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକାର ସଂଶୋଧନ(ଏସ୍ଆଇଆର୍) ପୂର୍ବରୁ ୭,୧୯୦ଟି ନୂତନ ବୁଥ୍କୁ ଭାରତର ନିର୍ବାଚନ ଆୟୋଗ(ଇସି) ଅନୁମୋଦନ କରିଛନ୍ତି। ଏହି ନୂତନ ବୁଥ୍ ସହ ରାଜ୍ୟରେ ବୁଥ୍ସଂଖ୍ୟା ୪୫ ହଜାର ୨୫୭ରେ ପହଞ୍ଚିଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟ ଅତିରିକ୍ତ ନିର୍ବାଚନ ଅଧିକାରୀ ସୁଶାନ୍ତ ମିଶ୍ର ମଙ୍ଗଳବାର ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟରେ ପୂର୍ବରୁ ୩୮,୦୬୭ଟି ବୁଥ୍ ଥିଲା। ଏସ୍ଆଇଆର୍ ପାଇଁ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ସିଇଓଙ୍କ ତରଫରୁ ଭାରତର ନିର୍ବାଚନ ଆୟୋଗଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯାଇଥିଲା। ଆୟୋଗଙ୍କ ଅନୁମୋଦନକ୍ରମେ ବୁଥ୍ସଂଖ୍ୟା ଏବେ ୪୫ ହଜାର ୨୫୭ ହୋଇଛି। ଏହାଦ୍ୱାରା ଆଗାମୀ ଦିନରେ ନିର୍ବାଚନ ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଓ ଶୃଙ୍ଖଳା ଆସିପାରିବ ବୋଲି ମିଶ୍ର କହିଛନ୍ତି। ସେ ପୁଣି କହିଛନ୍ତି, ଓଡ଼ିଶାରେ ଏସ୍ଆଇଆର୍ ଲାଗୁହେବା ଲାଗି ଦୀର୍ଘ ୫ ମାସ ଧରି ପ୍ରସ୍ତୁତି ଆରମ୍ଭ ହୋଇଛି। ମାତ୍ର ନୂଆପଡ଼ା ଉପନିର୍ବାଚନ ଯୋଗୁ ଏସ୍ଆଇଆର୍ ଘୋଷଣା ତାଲିକାରୁ ଓଡ଼ିଶା ରହିଯାଇଥିଲା। ତେବେ ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗୋଟିଏ ବୁଥ୍ରେ ୧୨୦୦ରୁ ଅଧିକ ଭୋଟର ରହିପାରିବେ ନାହିଁ। ତା'ଠାରୁ କମ୍ ରହିଲେ ଚଳିବ, ମାତ୍ର ଅଧିକ ହେବନାହିଁ। ଏନେଇ ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁ ଜିଲାକୁ ତାଲିମ୍ ପ୍ରଦାନ କରାଯାଇଥିଲା।

## ୪ ଦିନରେ କେନ୍ଦ୍ର ଦେଲାଣି ୪,୬୦୦ କୋଟିର ଅନୁଦାନ

ଭୁବନେଶ୍ୱର, ୧୩।୧ (ରବିନାରାୟଣ ଜେନା)

ଡବଲ ଇଞ୍ଜିନ ସରକାରରେ ରାଜ୍ୟର ବିକାଶ କିଭଳି ତ୍ୱରାନ୍ୱିତ ହେବ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଏଥିପାଇଁ କେନ୍ଦ୍ରୀୟ ଅନୁଦାନର ବଡ଼ ଭୂମିକା ରହିଛି। ଏହି ପରିପ୍ରେକ୍ଷୀରେ ୨୦୨୬ ଜାନୁଆରୀରେ ମାତ୍ର ୪ ଦିନରେ ଯୋଜନାର ଅଂଶଧନ ବାବଦକୁ ୪ ହଜାର ୬୦୦ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ମିଳିଛି। ଏହାକୁ ନେଇ ସରକାରୀସ୍ତରରେ ଚର୍ଚ୍ଚା ଏବେ ଜୋର୍ ଧରିଛି। ପୋଲିସକୁ ଅଧିକ ଗତିଶୀଳ କରିବା ଏବଂ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ଲକ୍ଷ୍ୟ ନେଇ ଇଂଲିଶ ନୂଆବର୍ଷରେ କେନ୍ଦ୍ର ସରକାରଙ୍କ କେତେକ ଲୋକାଭିମୁଖୀ ଯୋଜନାରେ କେନ୍ଦ୍ରୀୟ ଅଂଶଧନ ବାବଦକୁ ଓଡ଼ିଶାକୁ ୪,୬୦୦ କୋଟି ଟଙ୍କାର ଅନୁଦାନ ଆସିଛି ବୋଲି ଅର୍ଥ ବିଭାଗ ପକ୍ଷରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଅର୍ଥ ମନ୍ତ୍ରଣାଳୟର ଅର୍ଥନୈତିକ ବ୍ୟାପାର ବିଭାଗ ପକ୍ଷରୁ ଜାନୁଆରୀ ୯ରେ ୭ଟି ପର୍ଯ୍ୟାୟରେ ପ୍ରାୟ ୪,୫୭୦ କୋଟି ମିଳିଥିବାବେଳେ ଅବଶିଷ୍ଟ ୩୦ କୋଟି ଟଙ୍କା ୧୨ ତାରିଖରେ ମିଳିଛି। ସେଥିମଧ୍ୟରେ ଗୃହ ବିଭାଗକୁ ଅଧିକ ଦକ୍ଷ କରିବା ପାଇଁ ଅସ୍ତ୍ରଶସ୍ତ୍ରର ଅତ୍ୟାଧୁନିକୀକରଣ ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ଲାଗି ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ପ୍ରଭୃତି ରହିଛି।

ଓଡ଼ିଶାକୁ ଆସିଥିବା କେନ୍ଦ୍ରୀୟ ଅନୁଦାନ ତଥ୍ୟ ଅନୁଯାୟୀ, ଜାନୁଆରୀ ୯ରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୭ଟି ପର୍ଯ୍ୟାୟ ଯଥାକ୍ରମେ ୧୭୧୪.୦୯ କୋଟି, ୧୨୮୪.୬୪ କୋଟି, ୧୩୩୯.୩୫ କୋଟି, ୨୧୧.୭୬ କୋଟି, ୪୩.୯୯ କୋଟି, ୬.୬୩କୋଟି ଏବଂ ୧୩ ଲକ୍ଷ ଟଙ୍କା ମିଳିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୧୨ରେ ଅବଶିଷ୍ଟ ଅର୍ଥ ଆସିଛି। ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ଯଦି ରାଜ୍ୟ ସରକାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥକୁ ଠିକ୍ବାଟରେ ଖର୍ଚ୍ଚ କରିବାରେ ସକ୍ଷମ ହେବେ ତେବେ କେନ୍ଦ୍ରୀୟ ଅନୁଦାନ ସେହି ହାରରେ ଅଧିକ ଆସିପାରିବ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ଯୋଜନା(ସ୍ପର୍ଶ) ମାଧ୍ୟମରେ ଟଙ୍କାର ଟିକିନିଖି ହିସାବ ରଖାଯାଉଛି। ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗ କେନ୍ଦ୍ରୀୟ ଅନୁଦାନକୁ କେତେପରିମାଣରେ ଖର୍ଚ୍ଚ କରୁଛି ତାହା 'ସ୍ପର୍ଶ' ମାଧ୍ୟମରେ ସେମାନେ ଅନ୍ଲାଇନ ଜରିଆରେ ସେଠାରେ ରହି ଜାଣିପାରୁଛନ୍ତି। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତା ଯୋଜନାକୁ ତ୍ୱରାନ୍ୱିତ କରିବାରେ ବିଭାଗୀୟ ଅଧିକାରୀଙ୍କ ପ୍ରମୁଖ ଭୂମିକା ରହିଛି। ଯଦି ଟଙ୍କା ଖର୍ଚ୍ଚରେ ରାଜ୍ୟ ବିଳମ୍ବ କରିବ ତେବେ ଅନୁଦାନ ହାତଛଡ଼ା ହେବାର ସମ୍ଭାବନା ରହିଛି। ଏହାବାଦ୍ ଯଦି କେନ୍ଦ୍ରୀୟ ଅନୁଦାନକୁ ଖର୍ଚ୍ଚ ନ କରି ଏକକ କ୍ଷେତ୍ରୀୟ ଆକାଉଣ୍ଟରେ ଗଚ୍ଛିତ ରଖିବ, ତେବେ ରାଜ୍ୟ ସରକାରଙ୍କୁ ଏହାର ପେନାଲ୍ଟି ବାବଦରେ ଦେୟ ଦେବାକୁ ହେବ, ଯାହା ଯୋଜନାର କେନ୍ଦ୍ରୀୟ ଅଂଶଧନରୁ ଆପଣାଛାଏଁ କଟିଯିବ। ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବାକୁ ହେଲେ କେନ୍ଦ୍ର ଅନୁଦାନକୁ ନିୟମ ଅନୁଯାୟୀ ଖର୍ଚ୍ଚ କରାଗଲେ ରାଜ୍ୟର ବିକାଶ ଅଗ୍ରଗତି ହୋଇପାରିବ ବୋଲି ବରିଷ୍ଠ ଅଧିକାରୀ ଜଣକ କହିଛନ୍ତି।




**ଭୁବନେଶ୍ୱର**
- ଶ୍ରୀ ଶ୍ରୀ ଠାକୁର ଗୋଖିବାବା ମେଳା କମିଟି ପକ୍ଷରୁ ମକର ଉତ୍ସବ ପାଳନ, ସ୍ଥାନ:ଗୋଖିବାବା ଆଶ୍ରମ, ସୁନ୍ଦରପଦା, ସମୟ: ସକାଳ ୬ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ବାଣୀବିହାର ମୁଖ୍ୟ ଫାଟକ, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ସକାଳ ୯ଟା ୩୦।
- ୨୦ ତମ ମକର ମହୋତ୍ସବ, ସ୍ଥାନ: ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ଅଧୀନ ଜିଡିକାର ସୁଆଲୋସ୍ଥିତ ବଟ ଗୋସାଇଁ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଜନମଙ୍ଗଳ ପରିଷଦ ପକ୍ଷରୁ ମକର ସଂକ୍ରାନ୍ତି ଉତ୍ସବ ପାଳନ, ସ୍ଥାନ: ଜନ ମଙ୍ଗଳ ପରିଷଦ ଧାରଣାସ୍ଥଳ, ସମୟ: ମଧ୍ୟାହ୍ନ ୧୨ଟା।
- କିଟ୍ ପକ୍ଷରୁ ଚେସ୍ ମହାକୁମ୍ଭ-ସାମାଜିକ ଏବଂ ଶିକ୍ଷାଗତ ଚେସ୍ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ମେ ଫେୟାର, ଅର୍କିଡ୍ ହଲ୍, ସମୟ: ଅପରାହ୍ନ ୧ଟା।
- ମକର ମେଳା ଉପଲକ୍ଷେ ବାଦୀ ଭଜନ, ସ୍ଥାନ: ବାଲିଅନ୍ତା ବ୍ଲକ କାକରୁଦ୍ରପୁର ପଞ୍ଚାୟତ ଅଧୀନ ସଠିଲୋ ଗ୍ରାମ ଗଡା, ସମୟ: ଅପରାହ୍ନ ୩ଟା।
- ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବାଣୀବିହାର ଛକ, ସମୟ: ସକାଳ ୮ଟା ୩୦, (ସଧାରଣ ସଭା), ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା।
- ଜନ ନେତ୍ରୀ ବୀଣାପାଣି ଦାସଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦସଭା ଗୃହ, ସମୟ: ଅପରାହ୍ନ ୪ଟା।
- ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳନ, ସ୍ଥାନ: ଜନମଙ୍ଗଳ କ୍ୟାମ୍ପ, ମହାତ୍ମାଗାନ୍ଧୀ ମାର୍ଗ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀମଦ୍ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ନହରକଣ୍ଟା (ଖ)ର ହନୁମାନଙ୍କ ପୀଠସ୍ଥଳୀସ୍ଥିତ ମାରୁତି ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**କଟକ**
- ନିଖିଳ ଉତ୍କଳ କଳା ନିକେତନ ପକ୍ଷରୁ ବୈଭବ ଲୋକନୃତ୍ୟ ମହୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ଥିଏଟର ବି ପ୍ରେକ୍ଷାଳୟ, ବାରପଥର, ସମୟ: ସକାଳ ୯ଟା।
- ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ, ସ୍ଥାନ: ସେକ୍ଟର-୭ ମର୍କତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ସିଂହନାଥ ଦେବଙ୍କ ପ୍ରସିଦ୍ଧ ମକରମେଳା ଉତ୍ସବ, ସ୍ଥାନ: ସିଂଘନାଥ ଦେବଙ୍କ ମନ୍ଦିର ପରିସର, ଗୋପୀନାଥପୁର, ବଡ଼ମ୍ବା, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ରେଭେନ୍ସା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ୩୪ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଅନୁଷ୍ଠାନ ପରିସର, ସିଡିଏ ସେକ୍ଟର-୬, ସମୟ: ସନ୍ଧ୍ୟା ୫ଟା ୩୦।

**ପୁରୀ**
- ସାକ୍ଷୀଗୋପାଳ ଠାକୁରଙ୍କ ମକର ବେଢ଼ା ଓ ମକର ଚାଉଳ ଭୋଗ, ସ୍ଥାନ: ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା।

**ଖୋର୍ଦ୍ଧା**
- ମା' ବୁଢ଼ୀ ଭୂଆଁଣୀ ଦେବୀଙ୍କ ମକର ଉତ୍ସବ, ସ୍ଥାନ: ବୋଲଗଡ଼, ସମୟ: ସକାଳ ୮ଟା।
- ନନ୍ଦିଘୋଷର ମକର ମିଳନ ଅବସରରେ କବିତା ପାଠୋତ୍ସବ ଓ ସାହିତ୍ୟ ସଭା, ସ୍ଥାନ: ନନ୍ଦିଘୋଷ ପ୍ରେକ୍ଷାଳୟ, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମକର ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଅତ୍ରି ଉଷ୍ମ ପ୍ରସ୍ରବଣ ପରିସର, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ୩୨ତମ ବାର୍ଷିକ ଉତ୍ସବ, ସ୍ଥାନ: କର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣ, ହଳଦୀପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ୩୫ତମ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାହାବଲପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସଭା, ସ୍ଥାନ: ବ୍ଲକ ପରିସର, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ପର୍ଶୁରାମ ମହାଯଜ୍ଞ, ସ୍ଥାନ: ମଇତାପୁର ମେଳନ ପଡିଆ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ଜିଲ୍ଲା କ୍ରିକେଟ୍ ଫାଇନାଲ ମ୍ୟାଚ୍, ସ୍ଥାନ: ଜହତା ଚଉଦମାଦଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।
- କ୍ରିକେଟ୍ ଓ ଫୁଟବଲ ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଦରଖୋଳି ଖେଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

**ଭଦ୍ରକ**
- ମା' ଦପନାୟକାଣୀଙ୍କ ମକର ମେଳା, ସ୍ଥାନ: ଈଶ୍ୱରପୁର, ତିହିଡ଼ି, ସମୟ: ସକାଳ ୬ଟା।
- ବଡଲାଶୁଣୀ ପୀଠରେ ମକର ମେଳା, ସ୍ଥାନ: ନିଲୋକ ବଡଲାଶୁଣୀ ପଡ଼ିଆ, ବନ୍ତ, ସମୟ: ସକାଳ ୭ଟା।
- ମକର ମେଳା, ସ୍ଥାନ: ବିଦେଇପୁର, ସୁଗୋ, କଇଥା, କୁସୁନିବିନ୍ଧା, ଦଧିବାମନପୁର ମୁନିପଡ଼ିଆ, ବାସୁଦେବପୁର, ସମୟ: ସକାଳ ୭ଟା।

# ଆଜି କ'ଣ କେଉଁଠି

**କେନ୍ଦୁଝର**
- ଶ୍ରୀ ଦଧିବାବାନ ଜୀଉ ବିଜେ ଉପଲକ୍ଷେ ୧୫ତମ ବାର୍ଷିକ ମହୋତ୍ସବ, ସ୍ଥାନ: ବଞ୍ଚୋ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଜଗନ୍ନାଥ ମନ୍ଦିରରେ ମକର ସଂକ୍ରାନ୍ତି, ସ୍ଥାନ: ଯୋଡ଼ା, ସମୟ: ଅପରାହ୍ନ ୨ଟା।
- ଭୀମ କୁଣ୍ଡ ମକର ମେଳା ଉଦ୍‌ଘାଟନ ସମାରୋହ, ସ୍ଥାନ: ପାଟଣା, ସମୟ: ଅପରାହ୍ନ ୨ଟା।

**ମୟୂରଭଞ୍ଜ**
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ୧୦ମ ଟୁସୁ ମହୋତ୍ସବ, ସ୍ଥାନ: ମେରୁ ମଠ, ସାରସକଣା, ସମୟ: ପୂର୍ବାହ୍ନ ୧୦ଟା।

**ବ୍ରହ୍ମପୁର**
- ଆନ୍ଧ୍ର ମହିଳା ସମାଜର ମକର ସଂକ୍ରାନ୍ତି, ସ୍ଥାନ: ପ୍ରକାଶମ ହଲ, ସମୟ: ସକାଳ ୭ଟା।

**ଗଞ୍ଜାମ**
- ହରିହର ଭେଟ ଏବଂ ମୁଆଁ ଫିଙ୍ଗା କାର୍ଯ୍ୟକ୍ରମ, ସ୍ଥାନ: ବାଲିପଦର ମକର ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ ଟା।

**ଢେଙ୍କାନାଳ**
- ସ୍ୱର୍ଣ୍ଣତାରା ପୂଜ୍ୟପୂଜା ସଂସଦ ପକ୍ଷରୁ ମକର ମିଳନ, ସ୍ଥାନ: ଶ୍ରୀହନୁମାନ ମନ୍ଦିର, ଅଉଖମା, ଭାପୁର, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ମହୋତ୍ସବ, ସ୍ଥାନ: ଅଉଖମା ସଦର ବ୍ଲକ ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।

**ଜଗତ୍‌ସିଂହପୁର**
- ମର୍ଣ୍ଣିଂ କ୍ରିକେଟ କ୍ଲବ ପକ୍ଷରୁ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଜୟଦେବ ସଦନ ପଡ଼ିଆ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୭ଟା।
- ସାହାଡ଼ା ସୁନ୍ଦରୀ ପୀଠରେ ମକରଯାତ୍ରା, ସ୍ଥାନ: ସିହା ଗ୍ରାମ, ଏରସମା, ସମୟ: ପୂର୍ବାହ୍ନ ୧୧ଟା।
- ତେଲୁଗୁ ସମ୍ପ୍ରଦାୟର ଲୋକମାନଙ୍କ ପକ୍ଷରୁ ପୋଙ୍ଗଲ କାର୍ଯ୍ୟକ୍ରମ, ସ୍ଥାନ: ନୋଳିଆସାହି, ଷଣ୍ଢକୁଦ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ମକର ସଂକ୍ରାନ୍ତି ଉତ୍ସବ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୪ଟା, ଶ୍ରୀଚନ୍ଦ୍ର ମୌଳେଶ୍ୱରୀ ମନ୍ଦିର, ଚନ୍ଦନନଗର, ପଟ୍ଟାମୁଣ୍ଡାଇ, ସମୟ: ପ୍ରାତଃ ୫ଟା।
- ସାର୍ବଜନୀନ ଗଙ୍ଗାପୂଜା ଓ ମକର ମେଳା, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତି, ମହାକାଳପଡ଼ା, ସମୟ: ସକାଳ ୬ଟା।
- ପଲ୍ଲିଶ୍ରୀ ମେଳା ଓ ଜିଲା ମହୋତ୍ସବ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଓଳାଶୁଣୀ ଗୁମ୍ଫା ମେଳା ଆରମ୍ଭ, ସ୍ଥାନ: ଓଳାଶୁଣୀ ପୀଠ ପରିସର, ସମୟ: ପ୍ରାତଃ ୫ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଛତ୍ରପତି ଶିବାଜୀ ଶାଖା ପକ୍ଷରୁ ମକର ସଂକ୍ରାନ୍ତି ଉତ୍ସବ, ସ୍ଥାନ : ଯାଜପୁର ରୋଡ ମୁଣ୍ଡମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୭ଟା୩୦।
- ମକର ଉତ୍ସବ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ପଳାଇସ୍ଥିତ ଗଙ୍ଗୀ ପାହାଡ଼, ସକାଳ: ୮ଟା।
- ମହାପୁରୁଷ ହାଡ଼ିଦାସଙ୍କ ୨୫୪ତମ ଜୟନ୍ତୀ ମହୋତ୍ସବ, ସ୍ଥାନ: ଚମ୍ପାପୁର, ଛତିଆ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସୁନ୍ଦରିଆ ପ୍ରିମିୟମ୍ ଲିଗ୍‌ର ଫାଇନାଲ୍ ମ୍ୟାଚ୍, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ସୁନ୍ଦରିଆ ମିନି ଷ୍ଟାଡିୟମ୍ ପରିସର, ସମୟ: ଅପରାହ୍ନ ୧ଟା।
- ଗୁରୁ ପଦ୍ମ ସମ୍ଭବଙ୍କୁ ନେଇ ଆଲୋଚନାଚକ୍ର, ସ୍ଥାନ: ବୌଦ୍ଧ ପୀଠ ଉଦୟଗିରି, ସମୟ: ଅପରାହ୍ନ ୨ଟା।
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳନ, ସ୍ଥାନ: ଜାରକାସ୍ଥିତ ଗାର୍ଡ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- ଅଖିଳଚକ୍ର ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ, ସ୍ଥାନ: ବରୁଣେଶ୍ୱର ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**
- ରାମ ଚରିତ ମାନସ ପାରାୟଣର ୫ମ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି ତୋଟା ହନୁମାନ ପୀଠ, ସମୟ:ସକାଳ ୭ଟା।
- ମକର ସକ୍ରାନ୍ତି ଅବସରରେ ଉତ୍ତରାୟଣୀ ପର୍ବ, ସ୍ଥାନ: କଣ୍ଟିଲୋ ନୀଳମାଧବ ସିଦ୍ଧେଶ୍ୱର ମନ୍ଦିର, ସମୟ: ସକାଳ ୭ଟା।
- ରାମ ଚରିତ ମାନସ ପାରାୟଣର ଅୟମାରମ୍ଭ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବାଣପୁର ପଞ୍ଚାୟତ ଚୈତନ୍ୟପୁର, ସମୟ:ସକାଳ ୭ଟା।
- ଭୂଆଁଣୀ ମକରଯାତ୍ରାର ଉଦ୍‌ଯାପନ ଦିବସ, ସ୍ଥାନ: ସୋଲପଟାର ମା' ଭୂଆଁଣୀଙ୍କ ପୀଠ, ସମୟ: ସକାଳ ୮ଟା।
- ମକରଯାତ୍ରା ଉଦ୍‌ଘାଟନ, ସ୍ଥାନ: ଗୋଡିପଡା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମନ୍ଦିର, ସମୟ: ସକାଳ ୮ଟା।
- ମକର ମେଳା ଅୟାମ୍ଭରମ୍ଭ, ସ୍ଥାନ: ଖଣ୍ଡପଡା ବାଉରୀ ଠାକୁରାଣୀ ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ମକର ଯାତ୍ରା ଅୟମାରମ୍ଭ, ସ୍ଥାନ: ଖଣ୍ଡପଡା ବ୍ଲକ ମୁରାରୀପୁର, ସମୟ: ଅପରାହ୍ନ ୪ଟା।
- ସୁଭଦ୍ରା ଶକ୍ତି ମେଳାର ୩ୟ ଦିବସ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟାରୁ ରାତି ୯ଟା ୩୦।
- ଶ୍ରୀରଘୁନାଥଙ୍କର ବିବିଧ ଅର୍ଜନ, ପୂଜନ, ହବନ, ସ୍ମରଣ, ବନ୍ଦନ କାର୍ଯ୍ୟକ୍ରମ, ସ୍ଥାନ: ଦଶପଲ୍ଲା ମହାବୀର ଖୋର୍ଦ୍ଧା, ସମୟ:ସନ୍ଧ୍ୟା ୭ରୁ ରାତି ୧୦ଟା।

**ରାୟଗଡ଼ା**
- ସ୍ୱଦେଶୀ ସଂକଳ୍ପ ରଥକୁ ସ୍ୱାଗତ, ସ୍ଥାନ: ଗୁଣପୁର କଲେଜ, ସମୟ: ସକାଳ ୯ଟା।
- ବ୍ରାହ୍ମଣ ସମାଜର ନଗର ସମ୍ମିଳନୀ, ସ୍ଥାନ: ଗୁଣ୍ଡିଚା ମନ୍ଦିର ନିକଟ ଆମ୍ବତୋଟା, ଗୁଣପୁର, ସମୟ: ସକାଳ ୯ଟା ୩୦।
- ପୋଙ୍ଗଲ ଉପଲକ୍ଷେ ଫ୍ୟାନ୍‌ସି ଡ୍ରେସ ଓ ପାରମ୍ପରିକ ପୋଷାକ ପ୍ରତିଯୋଗିତା, ସ୍ଥାନ: କନ୍ୟାକା ପରମେଶ୍ୱରୀ ମନ୍ଦିର ନିକଟ, ଗୁଣପୁର, ସମୟ: ଅପରାହ୍ନ ୪ ଟା।

**ନବରଙ୍ଗପୁର**
- ଫକୀର ମୋହନ ପାଠଶାଳର ୧୮ତମ ସ୍ୱନକ୍ଷତ୍ର ଦିବସ, ମକର ମିଳନ, ସ୍ଥାନ: ଉମରକୋଟ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଶହୀଦ ମିନାର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ପାପଡ଼ାହାଣ୍ଡି ଆଦିବାସୀ ସଂଗ୍ରାହଳୟ, ସମୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**
- ମକର ସଂକ୍ରାନ୍ତି ଉପଲକ୍ଷେ ଭୋଗି ପୋଡା, ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ପୋଲିସ ପଡିଆ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ ଟା।
- ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଦୋରା ସୁବୁଲାର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପୋଡ଼ାଗଡ଼, ଦଶମନ୍ତପୁର ବ୍ଲକ, ସମୟ: ଅପରାହ୍ନ ୧ଟା ୩୦।

**ସମ୍ବଲପୁର**
- ସଙ୍କଟମୋଚନ ହନୁମାନ ମହାଯଜ୍ଞ, ସ୍ଥାନ: ବୁଢ଼ାହିଲ ଶ୍ରୀଶ୍ରୀ ହନୁମାନ ମନ୍ଦିର, ସମୟ : ସକାଳ ୭ଟା।
- ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ତିନି ଦୀପ ମହାଯଜ୍ଞ ଓ ଚଣ୍ଡୀ ହୋମ, ସ୍ଥାନ: ସମଲେଇ ମନ୍ଦିର, ସମୟ: ସକାଳ ୭ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ-୨୦୨୬ ମଥୁରା ନଗରୀ ଓ ଗୋପପୁର କର୍ମକର୍ତ୍ତାଙ୍କ ବୈଠକ, ସ୍ଥାନ: ଚାଉଁରପୁର ଗ୍ରାମ, ସମୟ: ସକାଳ ୯ଟା।
- ଦଲେଇପଡା ହନୁମାନ ମନ୍ଦିର କମିଟି ଆୟୋଜନରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ଓ ହସ୍ତାକ୍ଷର ଲିଖନ ପ୍ରତିଯୋଗିତା, ସ୍ଥାନ: ଦଲେଇପଡା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରସିଦ୍ଧ ଠେମରା ମେଳା-୨୦୨୬ ଶୁଭାରମ୍ଭ, ସ୍ଥାନ : ଠେମରା ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା।

**ବଲାଙ୍ଗୀର**
- ଲନ୍ ବଲ ପ୍ରଶିକ୍ଷଣ, ସ୍ଥାନ: ଆର୍.ଏନ୍. ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।

**ରାଉରକେଲା**
- ଦିବ୍ୟକଲ୍ୟାଣମ୍, ସ୍ଥାନ: ଛେଣ୍ଡ ଶ୍ରୀ ବାଲାଜୀ ମନ୍ଦିର, ସମୟ: ସକାଳ ୮ଟା।
- ସୁବର୍ଣ୍ଣରେଖା ଅନୁଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: ବ୍ୟାସ ଭବନ, ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମକରପର୍ବ ପାଳନ, ସ୍ଥାନ: ଝିରପାଣି, ସମୟ ପୂର୍ବାହ୍ନ ୧୧ଟା।
- ଧାମରା ସଂଘ ପରିସରରେ ମକର ସଂକ୍ରାନ୍ତି ଉତ୍ସବ ପାଳିତ, ସ୍ଥାନ: ଛେଣ୍ଡ, ଧାମରା ସଂଘ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସବ୍‌ଜୁନିୟର କ୍ରିକେଟ୍ ମ୍ୟାଚ ଉଦ୍‌ଯାପନୀ, ସ୍ଥାନ: ଡିଏଭି ଖେଳପଡିଆ, ବାସନ୍ତୀ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମାନସ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଯବାଘାଟ, ସମୟ: ଅପରାହ୍ନ ୩ଟା।

**ବରଗଡ଼**
- ବିରାଟ ମକର ମହୋତ୍ସବ, ସ୍ଥାନ: ପୁଡାପାଲି, ବରଗଡ଼, ସମୟ: ଅପରାହ୍ନ ୨ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ମାଲିପାଲି, ବରଗଡ଼, ସମୟ: ଅପରାହ୍ନ ୩ଟା।
- ବିରାଟ ରାମଲୀଳା ମହୋତ୍ସବ, ସ୍ଥାନ:ଭେଡେନ,ସମୟ:ସନ୍ଧ୍ୟା ୭ଟା।

**କଳାହାଣ୍ଡି**
- ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଡୁକୁଲୁଣ୍ଡା ଗ୍ରାମରେ ମକର ସଂକ୍ରାନ୍ତି ଉତ୍ସବ ଓ କଳସ ଶୋଭାଯାତ୍ରା, ସ୍ଥାନ: ଡୁକୁଲୁଣ୍ଡା, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ପ୍ରାତଃ ୫ଟା।
- ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଯାତ୍ରା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

**ସୁବର୍ଣ୍ଣପୁର**
- ମକର ସଂକ୍ରାନ୍ତି ପାଳନ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ ଟା।
- ୨୪ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ପୁଲେଶର,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ମକର ମିଳନ ମହୋତ୍ସବ, ସ୍ଥାନ: ଡୁଙ୍ଗୁରିପାଲି ଆରଏମସି ପରିସର, ସମୟ: ପୂର୍ବାହ୍ନ ୧୧ଟା।

**ନୂଆପଡ଼ା**
- ବାନରସେନା ପକ୍ଷରୁ ମକର ସଂକ୍ରାନ୍ତି ପାଳନ, ସ୍ଥାନ: କୋମନା ବ୍ଲକ ପଣ୍ଡରାପଥର ଗାଁ, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅଷ୍ଟମସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ଆପଣଙ୍କ ମାନସିକ ସ୍ଥିତି ଭଲ ନ ରହିଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଊଣା ହେବନାହିଁ। ଦୀର୍ଘଦିନରୁ ଭଲ ସମ୍ପର୍କ ଥାଇ ମଧ୍ୟ ଦେଖି ପାରି ନ ଥିବା ପ୍ରିୟବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସୀ ହେବେ। ପୂର୍ବ ନିର୍ଦ୍ଧାରିତ ଆନୁଷ୍ଠାନିକ କାମରେ ସହଯୋଗୀର ଭୂମିକା ନିର୍ବାହ କରି ପ୍ରଶଂସିତ ହୋଇପାରନ୍ତି।

**ବୃଷ** ବନ୍ଧୁଙ୍କ ସାହାଯ୍ୟ,ସହଯୋଗ ଓ ସହାନୁଭୂତି ଆପଣଙ୍କ ଆଶା ଓ କାମନା ପୂରଣ ଦିଗରେ ସହାୟକ ହେବ। ଯେତେ ଭଲ କାମ କଲେ ମଧ୍ୟ ଆପଣ ସମସ୍ତଙ୍କୁ ସନ୍ତୁଷ୍ଟ କରିବାରେ ସଫଳ ହେବେ ନାହିଁ। କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ପଡ଼ିପାରେ।

**ମିଥୁନ** ଆଜି ଆପଣଙ୍କ ପୂର୍ବ ଯୋଜନା ଅନୁଯାୟୀ କର୍ମ ଯଥାବିଧି ସମ୍ପନ୍ନ ହେବାରେ କୌଣସି ପ୍ରତିବନ୍ଧକ ରହିବନାହିଁ। ଅନ୍ୟାନ୍ୟ କୌଣସି ଅସୁବିଧା ନ ଥିଲେ ମଧ୍ୟ ପୁରାତନ ରୋଗର ପୀଡ଼ା ଆପଣଙ୍କୁ ନିରୁତ୍ସାହିତ କରିବ। ବନ୍ଧୁ ଗହଣରେ ଭୁଲ୍ ବୁଝାମଣାଜନିତ ପାରସ୍ପରିକ ବିତର୍କଜନିତ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ** ସାମୟିକ ସ୍ୱାସ୍ଥ୍ୟ ସମସ୍ୟା ଆପଣଙ୍କୁ କାର୍ଯ୍ୟହାସଲ ଦିଗରେ ଅନ୍ତରାୟ ସୃଷ୍ଟି କରିବାର ସୂଚନା ରହିଛି। ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ କରିବା ପାଇଁ ମନସ୍ଥ କରିବେ। ଯାତ୍ରା, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ କୌଣସି ଅସୁବିଧା ରହିବନାହିଁ।

**ସିଂହ** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜର କାମଟି ଅଟକି ରହିଯିବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପ୍ରଶାସନ ପାଇଁ କୌଣସି ଅସୁବିଧା ହେବନି। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ସାମୟିକ ମତାନ୍ତର ସୃଷ୍ଟି ହୋଇପାରେ।

**କନ୍ୟା** ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ। ଆଜି ଯେକୌଣସି ବିବାଦୀୟ କଥାରେ କିମ୍ବା ସମସ୍ୟା ଥିବା ଘଟଣାରେ ମୁଣ୍ଡ ନ ପୂରାଇବା ଭଲ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ,ପରିବହନ,କଚେରି ମାମଲାରେ ଆଶାଜନକ ଫଳ ପାଇବେ।

**ତୁଳା** ଚନ୍ଦ୍ରଙ୍କ ସୁପ୍ରଭାବରୁ ଆପଣଙ୍କ ଆକର୍ଷଣୀୟ ବ୍ୟବହାର ବନ୍ଧୁ ପରିଜନଙ୍କ ପ୍ରୀତିବର୍ଦ୍ଧନ କରିବ। କିନ୍ତୁ ରାହୁଙ୍କ ପ୍ରଭାବରେ କୌଣସି ଦୀର୍ଘମିଆଦୀ ଯୋଜନା ଫସର ଫାଟିଯିବା କାରଣରୁ ମନ ଭଲ ରହି ନ ପାରେ। ଆଜି ଇଚ୍ଛା ନ ଥିଲେ ମଧ୍ୟ ହଠାତ୍ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବନ୍ଧୁଙ୍କ ଅଭିଯୋଗ ସକାଶେ ଚିନ୍ତିତ ରହିପାରନ୍ତି।

**ବିଛା** ଅନୁକୂଳଗ୍ରହ ପ୍ରଭାବରେ ଆଜି ଆପଣ ଯେଉଁ କାମରେ ହାତଦେଲେ ମଧ୍ୟ ସଫଳତା ନିଶ୍ଚିତ ପାଇବେ। ସାହିତ୍ୟ, ସଂଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବାର ସୌଭାଗ୍ୟ ଅର୍ଜନ କରିବେ। ଯାନବାହନରେ ଯିବା ଆସିବା ସମୟରେ ଜିନିଷପତ୍ର ଅଦଳବଦଳ ହୋଇଯାଇପାରେ।

**ଧନୁ** କର୍ମକ୍ଷେତ୍ରରେ ସାମ୍ୟତା ଅପରିବର୍ତ୍ତିତ ରହିବା କାରଣରୁ ମାନସିକ ଶାନ୍ତି ଅକ୍ଷୁଣ୍ଣ ରହିବ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇବାରେ କୌଣସି ଶୁଭେଚ୍ଛୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ସାମୂହିକ ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ମକର** ସକାଳୁ ସକାଳୁ ପ୍ରିୟଜନଙ୍କ ସହ ଭ୍ରମଣ ଓ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇ ଆନନ୍ଦ ଅନୁଭବ କରିବେ। ପାରିବାରିକ କ୍ଷେତ୍ରରୁ ସମର୍ଥନ ଲାଭକରି ଅଭିଳଷିତ କାମକୁ ଶେଷ ପର୍ଯ୍ୟାୟକୁ ନେବାପାଇଁ ଶ୍ରବଣା ଚେଷ୍ଟିତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ପ୍ରଲୋଭନ ପ୍ରତିଶ୍ରୁତି ଦେଇ ଆପଣଙ୍କୁ କାମରେ ନିୟୋଜିତ କରିବେ।

**କୁମ୍ଭ** ପାରିବାରିକ ଅସ୍ଥିରତା ଦୂର କରିବାରେ ଶୁଭଚିନ୍ତକ ମାର୍ଗଦର୍ଶକ ସାଜିପାରନ୍ତି। ଦୁର୍ବଳ ଆର୍ଥିକ ସ୍ଥିତି ହଠାତ୍ ବଦଳିଯିବା କାରଣରୁ ଅନେକ ଆଶା ଓ କଳ୍ପନା ମନରେ ଜାଗି ଉଠିବ। ଶିଳ୍ପ, ବାଣିଜ୍ୟ, ପରିବହନ, ପ୍ରଶାସନିକ କ୍ଷେତ୍ର ମନ୍ଦ ହେବନି। ରଚନାତ୍ମକ କାର୍ଯ୍ୟ, ସଙ୍ଗୀତ ସମାରୋହ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆହୂତ ହୋଇପାରନ୍ତି।

**ମୀନ** ଆଜି ନୂତନ ଯୋଜନାରମ୍ଭ ସକାଶେ ବନ୍ଧୁଙ୍କ ସହ ଆଲୋଚନା କଲେ ଉପକୃତ ହେବେ। ନିଜ ପରିସରରେ ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। କୌଣସି ବନ୍ଧୁ ପ୍ରତିଶ୍ରୁତି ଦେଇ ମଧ୍ୟ ଆସି ନ ପାରନ୍ତି। ପରିବାରରେ ଯୁକ୍ତିତର୍କଜନିତ ମତାନ୍ତରଜନିତ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

ଆଜି ଜାନୁୟାରୀ ୧୪ ତାରିଖ। ମକର ସଂକ୍ରାନ୍ତି, ଶ୍ରୀସୂର୍ଯ୍ୟଦେବଙ୍କର ଉତ୍ତରାୟଣ ବନ୍ଦାପନା, ଶୁକ୍ଳକାଳ ଆରମ୍ଭ, ମକରବୁଡ, ଗଙ୍ଗାସାଗର ସ୍ନାନ, ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ, ପୋଙ୍ଗଲ, ଓଳାଶୁଣି ଯାତ୍ରା, ମାଘ କୃଷ୍ଣପକ୍ଷର ସର୍ବସମ୍ମତ ଷଟ୍‌ତିଳା ଏକାଦଶୀ ବୁଧବାର। ରାଶିନକ୍ଷତ୍ର-ଅନୁରାଧା/ବିଛା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୭ମି. ଗତେ ଘ.୦୭.୫୫ମି. ମଧ୍ୟେ, ଘ.୧୦.୩୩ମି. ଗତେ ଘ.୧୧.୩୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୫୫ମି. ଗତେ ଘ.୦୧.୧୭ମି. ମଧ୍ୟେ ରାହୁ କାଳ।

# ଚାଷ ଉପରେ ନିର୍ଭରଶୀଳ ୭୦% ଲୋକ ପ୍ରତାରିତ: ବିଜେଡି

**ଭୁବନେଶ୍ୱର, ୧୩।୧ (ସୁନିତ୍ ମିଶ୍ର)**




ରାଜ୍ୟରେ ଧାନକିଣାକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଚାଷ ଉପରେ ନିର୍ଭର କରୁଥିବା ପ୍ରାୟ ୭୦% ଲୋକ ବର୍ତ୍ତମାନ ରାଜ୍ୟ ସରକାରଙ୍କ ପ୍ରତାରଣାର ଶିକାର ହୋଇଛନ୍ତି ବୋଲି ବିଜେଡି କହିଛି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା କହିଛନ୍ତି, ଓଡ଼ିଶାର ପ୍ରାୟ ୭୦% ଲୋକ ଚାଷ ଉପରେ ନିର୍ଭର କରୁଥିବାରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ଚଳିତ ବର୍ଷ ଧାନ ସଂଗ୍ରହ କାର୍ଯ୍ୟ ସମ୍ପୂର୍ଣ୍ଣ ଅବ୍ୟବସ୍ଥିତ ହୋଇପଡ଼ିଛି। ନିର୍ବାଚନ ସମୟରେ ଭାଜପା ଚାଷୀକୁଳକୁ ଆଶ୍ୱସ୍ତ କରିଥିଲା, ରାଜ୍ୟର ସମସ୍ତ ବଳକା ଧାନ କିଣାଯିବ। କିନ୍ତୁ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ନିର୍ଦ୍ଧାରିତ ହୋଇଥିବା ଧାନ ସଂଗ୍ରହ ହେଉନାହିଁ। ରାଜ୍ୟର ଧାନ ସଂଗ୍ରହ ସମ୍ପର୍କିତ ତଥ୍ୟ ଉପରେ ନଜର ପକାଇଲେ ନିଃସନ୍ଦେହରେ କୁହାଯାଇପାରିବ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ରାଜ୍ୟରେ ୧୯, ୬୬,୧୮୧ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଏବେ ସୁଦ୍ଧା ମାତ୍ର ୩, ୪୦, ୨୯୪ ଚାଷୀ ଧାନ ବିକ୍ରି ପାଇଁ ସକ୍ଷମ ହୋଇଛନ୍ତି। ରାଜ୍ୟ ସରକାର ସମୀକ୍ଷାକରି ଜାନୁଆରୀ ୧୦ ସୁଦ୍ଧା ରାଜ୍ୟର ସବୁ ଜିଲାରେ ମଣ୍ଡି ଖୋଲାଯିବ ବୋଲି କହିଥିଲେ। କିନ୍ତୁ ଏବେ ସୁଦ୍ଧା ୮ ଜିଲାରେ ମଣ୍ଡି ଖୋଲାଯାଇନାହିଁ। ଛତିଶଗଡ଼ରେ ୮୦ ଲକ୍ଷ ଟନ ଧାନ କିଣା ଟାର୍ଗେଟ ଥିଲା ବେଳେ ଏବେ ସୁଦ୍ଧା ୯୭ ଲକ୍ଷ ଟନ ଧାନ କିଣା ସରିଲାଣି। ଏହି ତଥ୍ୟ ପ୍ରମାଣିତ କରୁଛି ଧାନ ସଂଗ୍ରହ ବ୍ୟାପାରରେ ପଡ଼ୋଶୀ ଛତିଶଗଡ଼ ତୁଳନାରେ ଆମ ରାଜ୍ୟ ଓଡ଼ିଶାର ସ୍ଥିତି କେତେ ସଙ୍ଗିନ। ଯୋଗାଣ ମନ୍ତ୍ରୀ ନିକଟରେ ଦେଇଥିବା ମନ୍ତବ୍ୟ, ଜଣେ ଚାଷୀଙ୍କଠାରୁ ମାତ୍ର ୧୫୦ କୁଇଣ୍ଟାଲ ଧାନ ୩୧୦୦ ଟଙ୍କାରେ କିଣାଯିବ ଓ ବାକି ଧାନକୁ ସେ ବାହାରେ ବିକିବେ। ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଦୁର୍ଭାଗ୍ୟଜନକ ବୋଲି ସଞ୍ଜୟ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଇରାନ୍ ଯୋଗୁ...

ଚାଇନା, ତୁର୍କୀ, ଭାରତ, ୟୁଏଇ, ପାକିସ୍ତାନ ଏବଂ ଆର୍ମେନିଆ ରହିଛି। ତେଣୁ ଟ୍ରମ୍ପଙ୍କ ଟାରିଫ୍ ଲାଗୁ ହେଲେ ଭାରତ ପ୍ରଭାବିତ ହେବ। ଆମେରିକା ଭାରତ ଉପରେ ପୂର୍ବରୁ ୫୦ ପ୍ରତିଶତ ଶୁଳ୍କ ଲଗାଇଛି, ଯାହାକି ବିଶ୍ୱରେ ଅନ୍ୟତମ ସର୍ବାଧିକ। ସେଥିରୁ ୨୫ ପ୍ରତିଶତ ରେସିପ୍ରୋକାଲ ଟାରିଫ୍ ହୋଇଥିବାବେଳେ ରୁଷିଆରୁ ତୈଳ କିଣାକୁ ନେଇ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଦଣ୍ଡାତ୍ମକ ଟାରିଫ୍ ଲାଗୁ ହୋଇଛି।

ତେହରାନରେ ଥିବା ଭାରତୀୟ ଦୂତାବାସର ସୂଚନା ଅନୁଯାୟୀ, ଇରାନକୁ ଭାରତ ଚାଉଳ, ଚା', ଚିନି, ଔଷଧ, କୃତ୍ରିମ ଷ୍ଟାପଲ୍ ଫାଇବର, ଇଲେକ୍ଟ୍ରିକାଲ ଯନ୍ତ୍ରପାତି ଓ କୃତ୍ରିମ ଅଳଙ୍କାର ରପ୍ତାନି କରିଥାଏ। ଏହା ବଦଳରେ ସେଠାରୁ ନୂଆଦିଲ୍ଲୀ ଶୁଷ୍କ ଫଳ, ଅଜୈବିକ/ଜୈବିକ ରସାୟନ ଏବଂ ଗ୍ଲାସ୍‌ୱେର ଆମଦାନି କରିଥାଏ। ଅନ୍‌ଲାଇନ ଡାଟା ଭିଜୁଆଲାଇଜେଶନ ଆଣ୍ଡ୍ ଡିଷ୍ଟ୍ରିବ୍ୟୁଶନ ପ୍ଲାଟଫର୍ମ ଅବ୍‌ଜରଭେଟୋରି ଅଫ୍ ଇକୋନୋମିକ୍ କମ୍ପ୍ଲେକ୍ସିଟି (ଓଇସି) ଅନୁଯାୟୀ, ୨୦୨୩ରେ ଭାରତ ଇରାନକୁ ୧.୧୯ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିବାବେଳେ ୧.୦୨ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଆମଦାନୀ କରିଥିଲା। ସେହିବର୍ଷ ଇରାନକୁ ଭାରତ ୭୩୪ ନିୟୁତ ଡଲାରର ଚାଉଳ, ୯୬.୮ ନିୟୁତ ଡଲାର ମୂଲ୍ୟର ସୋୟାବିନ୍ ମିଲ୍, ୫୨ ନିୟୁତ ଡଲାର ମୂଲ୍ୟର କଦଳୀ ରପ୍ତାନି କରିଥିଲା। ଭାରତ ଏବଂ ଇରାନ ମଧ୍ୟରେ ଅନେକ ହଜାର ବର୍ଷର ପାରସ୍ପରିକ ସମ୍ପର୍କ ରହିଆସିଛି। ଐତିହାସିକ ଏବଂ ସଭ୍ୟତା ସଂଯୋଗର ଶକ୍ତି ସମ୍ପର୍କକୁ ମଜଭୁତ କରିଛି ଏବଂ ଉଚ୍ଚସ୍ତରୀୟ ଆଦାନପ୍ରଦାନ, ବ୍ୟବସାୟିକ ଏବଂ ଯୋଗାଯୋଗ ସହଯୋଗ, ସଂସ୍କୃତି ଯୋଗୁ ଏହା ବଢ଼ିଚାଲିଛି। ଭାରତ-ଇରାନ ସମ୍ପର୍କର ମୁଖ୍ୟ ବିଶେଷତ୍ୱ ହେଲା ଚାବାହର ବନ୍ଦରର ମିଳିତ ବିକାଶ। ଯୋଗାଯୋଗ ଏବଂ ବାଣିଜ୍ୟ ସମ୍ପର୍କ ବୃଦ୍ଧି ପାଇଁ ଭାରତ ଓ ଇରାନ ଏହି ବନ୍ଦରର ବିକାଶ କରିଛନ୍ତି।

## ଭାରତର ବାସମତି...

ଅନିଶ୍ଚିତତା ବଢ଼ିଚାଲିଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ମଧ୍ୟରେ ଭାରତ ଇରାନକୁ ୪୬୮.୧୦ ନିୟୁତ ଡଲାର ମୂଲ୍ୟର ୫.୯୯ ଲକ୍ଷ ଟନ୍ ବାସମତି ଚାଉଳ ରପ୍ତାନି କରିଥିବା ବାଣିଜ୍ୟ ତଥ୍ୟରୁ ଜଣାପଡ଼ିଛି। ଇରାନକୁ ଭାରତ ସର୍ବାଧିକ ବାସମତି ଚାଉଳ ରପ୍ତାନି କରିଥାଏ। ତେବେ ଚଳିତ ଆର୍ଥିକ ବର୍ଷ ଅସ୍ଥିରତା କାରଣରୁ ଅର୍ଡର ପଠାଇବା ଏବଂ ପେମେଣ୍ଟ ଏବଂ ଶିପ୍‌ମେଣ୍ଟ କାର୍ଯ୍ୟସୂଚୀରେ ଚାପ ବଢ଼ୁଥିବା ଦେଖାଦେଇଛି। ଏହାର ପ୍ରଭାବ ଘରୋଇ ମଣ୍ଡିଗୁଡ଼ିକରେ ସ୍ପଷ୍ଟ ଦେଖିବାକୁ ମିଳିଛି। ସପ୍ତାହେ ହେଲା ଦେଶରେ ବିଭିନ୍ନ ପ୍ରକାର ବାସମତି ଚାଉଳ ମୂଲ୍ୟ ଯଥେଷ୍ଟ ହ୍ରାସ ପାଇଛି।

## ୧୮ ସୁଦ୍ଧା ସୁଭଦ୍ରା...

ନୂଆ ହିତାଧିକାରୀଙ୍କୁ ୫୦୦୦ ଟଙ୍କା ଲେଖାଏ ଟଙ୍କା ଦିଆଯିବ। ସେହିପରି ଅଭିଯୋଗ ଶୁଣାଣିରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି। ତେଣୁ ମୋଟ ୪ଲକ୍ଷ ୫୭ହଜାର ୬୮୧ଜଣ ହିତାଧିକାରୀଙ୍କ ଖାତାକୁ ୨୫୦ କୋଟି ଟଙ୍କାର ସହାୟତା ରାଶି ଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।

## ଋଣ ଶୁଝିବା ପାଇଁ...

ସମ୍ପର୍କରେ ପୁଅବୋହୂଙ୍କୁ ପଚାରିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଧମକ ଦେଇଥିଲେ। ତାଙ୍କ ଘରେ ବୋହୂ ରୀନାଙ୍କ ମା'(ସମୁଦୁଣୀ) ରହୁଛନ୍ତି। ପୁଅବୋହୂ ଓ ସମୁଦୁଣୀ ମିଳିତ ଭାବେ ଷଡ଼ଯନ୍ତ୍ର କରି ନାତୁଣୀକୁ ବିକ୍ରି କରିଛନ୍ତି କିମ୍ବା ମାରି ଦେଇଛନ୍ତି ବୋଲି ସନ୍ଦେହ କରି ସେ ଥାନାରେ ଅଭିଯୋଗ କରିଥିବା ସାବିତ୍ରୀ କହିଛନ୍ତି। ଏନେଇ ଏକ ମାମଲା(ନଂ.୧୭/୨୬) ରୁଜୁ କରାଯାଇ ଶିଶୁକନ୍ୟାକୁ ଉଦ୍ଧାର ପାଇଁ ପୋଲିସ ଉଦ୍ୟମ ଆରମ୍ଭ କରିଛି ବୋଲି ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଆ ଚାଉଳର ମୁଣ୍ଡି**
**ସମସ୍ତେ ହେଲେ ଶୁକିଲା ଶୁକିଲି**
**ରାନ୍ଧୁଣୀ କରିଚି ଗଣ୍ଡି।**

ରାନ୍ଧୁଣୀ ମହିଳାର ବର୍ଦ୍ଧିତ ଚେହେରା ହିଁ ସମସ୍ତଙ୍କ ଆଖିରେ ସନ୍ଦେହ ଏବଂ ସମାଲୋଚନାର ଖୋରାକ ଯୋଗାଇଥାଏ। ଲୁଚେଇ ଛପେଇ ଖାଦ୍ୟ ଖାଉଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଆଁସୀ କନ୍ୟାକୁ ଜଗନ୍ନାଥ ବର**
**ତହିଁକି ଲାଗିଛି ମଲ୍ଲିଫୁଲ ହାର।**

ସାଧାରଣତଃ ଉଆଁସ ତିଥିରେ ଜନ୍ମଲାଭ କରିଥିବା କନ୍ୟାକୁ ବିବାହ କରିବା ପାଇଁ କେହି ରାଜି ହୋଇ ନ ଥାନ୍ତି। ଏପରିସ୍ଥଳେ ଉକ୍ତ କନ୍ୟାଟିକୁ ପରିକଳ୍ପନାରେ ଜଗତର ନାଥ ଜଗନ୍ନାଥଙ୍କ ସହ ବିବାହ କରିଦିଆଯାଏ। ଏହା ଫଳରେ ତା'ର ଦୋଷାଦୋଷ କଟିଯିବାର ଅନ୍ଧବିଶ୍ୱାସ ସମାଜରେ ଏବେବି ପ୍ରଚଳିତ ହୋଇ ଆସୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଝିଅ ନେବେ ନିଜ ବିବାହ ନିଷ୍ପତ୍ତି

# ସୁସ୍ଥ ବାତାବରଣରେ ସହାୟକ ହେବ

ଝିଅ ବିବାହ ଯୋଗ୍ୟା ହେଲେ, ମା'ବାପାଙ୍କ ମୁଣ୍ଡରେ ଚିନ୍ତା ପଶେ। କିପରି ଭଲ ପାତ୍ର ଦେଖି ଝିଅକୁ ବିବାହ ଦେଇଦେବେ। ଏଇ ଚିନ୍ତାଧାରା କେଉଁ କାଳୁ ଚାଲି ଆସିଛି। କିନ୍ତୁ ଏବେ ସମୟ ପରିବର୍ତ୍ତନ ହେଲାଣି। ଯୁବତୀମାନେ ନିଜେ ଉଚ୍ଚଶିକ୍ଷିତା ସହ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି। ଏଭଳି ସ୍ଥିତିରେ ମା'ବାପାଙ୍କ ପୁରୁଣାକାଳିଆ ମାନସିକତା ଆଉ ଚଳିବ ନାହିଁ। ଝିଅଙ୍କ ଇଚ୍ଛା ବିରୋଧରେ ମା'ବାପା ଚାପ ପକାଇ ବିବାହ ସ୍ଥିର କରିପାରିବେ ନାହିଁ। ଝିଅଙ୍କ ବିବାହ କରିବାକୁ ହେଲେ ତାଙ୍କ ସମ୍ମତି ନିତାନ୍ତ ଆବଶ୍ୟକ ବୋଲି ଓଡ଼ିଶା ହାଇକୋର୍ଟ ଏକ ମାମଲାର ଶୁଣାଣିରେ ରାୟ ପ୍ରଦାନ କରିଛନ୍ତି। ପୁରୀ ଜିଲା କାକଟପୁର ଥାନା ଅଞ୍ଚଳରେ ଜଣେ ଝିଅଙ୍କ ଇଚ୍ଛା ବିରୋଧରେ ତାଙ୍କ ମା'ବାପା ବିବାହ କରାଇ ଦେଇଥିଲେ। ଝିଅ ନିଜେ ସ୍ୱାବଲମ୍ବୀ ହେବାକୁ ଚାହୁଁଥିଲେ। ତେଣୁ ବିବାହ ପରେ ସେ ସ୍ୱାମୀଙ୍କ ସହ ରହିବେ ନାହିଁ ବୋଲି କହି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ତାଙ୍କ ମତକୁ ଗ୍ରହଣ କରି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଉଚ୍ଚ ଅଦାଲତଙ୍କ ଏଭଳି ଟିପ୍ପଣୀକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହାଦ୍ୱାରା ଝିଅମାନେ ନିଜ ବିବାହ ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଭବିଷ୍ୟତ ସୁରକ୍ଷିତ କରିପାରିବେ, ଯାହାକି ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟିରେ ସହାୟକ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।



## ସେମାନଙ୍କ ମତରେ...

### ଝିଅମାନେ ସୁରକ୍ଷିତ ଭବିଷ୍ୟତ ସହ ଆତ୍ମନିର୍ଭର ଚାହୁଁଛନ୍ତି



ସାମ୍ପ୍ରତିକ ପରିସ୍ଥିତିର ଆହ୍ୱାନକୁ ନେଇ ଅଧିକାଂଶ ଝିଅ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି। ସୁରକ୍ଷିତ ଭବିଷ୍ୟତ ସହିତ ସ୍ୱାଭିମାନ ଓ ଆତ୍ମସମ୍ମାନର ସହ ବଞ୍ଚିବା ଦିଗରେ ଆଜିର ଝିଅମାନେ ସଚେତନ ହେଲେଣି। ବିବାହ ପାଇଁ ସେମାନଙ୍କ ମାନସିକ ପ୍ରସ୍ତୁତି ଓ ମତ ଆବଶ୍ୟକ ମନେହୁଏ। ମାତାପିତା ଏ ଦିଗରେ ଯତ୍ନଶୀଳ ହେବା ଆବଶ୍ୟକ।

**– ମୀରା ବେଉରା, ସଙ୍ଗଠନ ସମ୍ପାଦିକା, ଓଡ଼ିଶା ନାରୀ ସେବା ସଂଘ, କଟକ**

### ଝିଅର ମତ ନେଇ ଦୁରୁପଯୋଗ କରା ନ ଯାଉ

ଭାରତୀୟ ସଂସ୍କୃତିରେ ବିବାହରେ ଝିଅର ମତ ରହିବା ଜରୁରୀ। ଝିଅର ମତ ବିରୋଧରେ ବିବାହ ହେବା ଦ୍ୱାରା ଉଭୟ ସାଂସାରିକ ଓ ସାମାଜିକ କ୍ଷେତ୍ରରେ ବିଭ୍ରାଟ ଦେଖାଦେଉଛି। ତେବେ ବିବାହ ପାଇଁ କାଗଜକଲମରେ ଝିଅର ମତ ନେଇ ଦୁରୁପଯୋଗ ନ ହେବା ଆବଶ୍ୟକ। ହାଇକୋର୍ଟଙ୍କ ରାୟ ଅତ୍ୟନ୍ତ ସ୍ୱାଗତଯୋଗ୍ୟ।



**–ସରୋଜିନୀ ମିଶ୍ର, ସମ୍ପାଦିକା, ଅନନ୍ତ ନିର୍ଝର, ମଧୁପାଟଣା, କଟକ**

### ବିବାହ ପୂର୍ବରୁ ମତ ନେବା ଜରୁରୀ



ମା'ବାପା ଝିଅର ବିବାହ ପୂର୍ବରୁ ମତ ନେବା ଉଚିତ। ଆଜିର ସମୟରେ ଝିଅଟିଏ ଆତ୍ମନିର୍ଭରଶୀଳ ହେବାର ଆବଶ୍ୟକତା ରହିଛି। ଏବେକାର ଝିଅ ଅନ୍ୟ ଉପରେ ବୋଝ ହେବାକୁ ଚାହାନ୍ତି ନାହିଁ। ତେଣୁ ଝିଅଟିଏ ବାହାହେବ ବା ନ ହେବ ସେ ଉପରେ ନିଜେ ମତ ରଖିବାର ଅଧିକାର ଝିଅର ରହିଛି। ନଚେତ୍ ସେ ସାରା ଜୀବନ କଷ୍ଟ ପାଇବ।

**– ରତ୍ନମୟୀ ବେହେରା, କର୍ମଜୀବୀ, ନେତାଜୀ ନଗର**

### ଝିଅର ଇଚ୍ଛାକୁ ସମ୍ମାନ ଦେଲେ ଅଦାଲତ



ମା'ବାପା ଝିଅର ଇଚ୍ଛା ବିରୋଧରେ ବିବାହ କରାଇ ଦେବା ପରେ ଝିଅଟି ସ୍ୱାମୀଙ୍କ ସହ ରହିବେ ନାହିଁ ବୋଲି ହାଇକୋର୍ଟରେ କହିଲେ। ଏହାକୁ ହାଇକୋର୍ଟ ସମ୍ବେଦନଶୀଳତାରେ ହୃଦୟଙ୍ଗମ କରି ଝିଅର ଇଚ୍ଛାକୁ ସମ୍ମାନ ଦେଲେ। ଏହି ମାମଲାଟିର ପରିଚାଳନାବେଳେ ମୋତେ ଖୁସି ଲାଗିଲା। ଏହା ନିଶ୍ଚିତ ଭାବେ ମା'ବାପାଙ୍କୁ ଝିଅର ବିବାହ ପ୍ରସଙ୍ଗରେ ଅଧିକ ସଚେତନ କରାଇବ ବୋଲି ଆଶା ରଖୁଛି।

**– ସଞ୍ଜୟ ରଥ, ଅତିରିକ୍ତ ସରକାରୀ ଓକିଲ, ଓଡ଼ିଶା ହାଇକୋର୍ଟ**

### ସହମତି ବିନା ବିବାହ ଅଶାନ୍ତି ଆଣିବ

ସବୁ ମା'ବାପା ନିଜ ସନ୍ତାନର ଖୁସି ଚାହାନ୍ତି। ମା'ବାପା ପ୍ରତ୍ୟେକ ପ୍ରସଙ୍ଗରେ ପିଲାମାନଙ୍କ ସହ ଆଲୋଚନାକରି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ବିଶେଷ କରି ବୈବାହିକ ପ୍ରସଙ୍ଗ ଅଧିକ ଗୁରୁତ୍ୱପୂର୍ଣ୍ଣ। ଝିଅର ସମ୍ମତିରେ ବିବାହ ନ ହେଲେ ତାହା ସମସ୍ତଙ୍କ ପାଇଁ ପାରିବାରିକ ଅଶାନ୍ତି, ସାମାଜିକ ନିନ୍ଦା ଆଣିବାର ଆଶଙ୍କା ରହିଛି।



**– ଅଳକା ମହାନ୍ତି, ଗୃହିଣୀ, ରାଜାବଗିଚା**

### ଝିଅମାନେ ଦୁନିଆକୁ ଜାଣିଲେଣି



ମା'ବାପାମାନେ ଆମକୁ ପାଠ ପଢ଼ାଇ ଉପଯୁକ୍ତ ଶିକ୍ଷା ପ୍ରଦାନ କରାଉଛନ୍ତି। ସେମାନେ ଆମ ଭବିଷ୍ୟତ ପାଇଁ ସବୁପ୍ରକାର ଚିନ୍ତା କରୁଛନ୍ତି। ଏବେକାର ଝିଅମାନେ ଦୁନିଆକୁ ଜାଣିଲେଣି। ତେଣୁ ବିବାହ କ୍ଷେତ୍ରରେ ବି ମା'ବାପା ଝିଅର ମତ ନେବା ନିହାତି ଦରକାର। ନ ହେଲେ ପରବର୍ତ୍ତୀ ସମୟରେ ସମସ୍ତେ ଦୁଃଖ ପାଇବେ।

**– ଅଙ୍କିତା ରାଉତ, ଛାତ୍ରୀ, ଦେଉଳସାହି, କଟକ**

### ବିବାହ ସଫଳ ପାଇଁ ଝିଅଙ୍କ ମତାମତ ଜରୁରୀ



ଗୋଟିଏ ବାହାଘରକୁ ସଫଳ କରିବା ପାଇଁ ହେଲେ ଅଭିଭାବକମାନେ ନିଜ ଝିଅର ମତାମତ ନେବାର ନିଶ୍ଚିତ ଆବଶ୍ୟକତା ରହିଛି। ଝିଅମାନେ ୧୮ବର୍ଷରେ ଭୋଟ୍ ଦେଇ ଦେଶର ନେତା ବାଛି ପାରୁଛନ୍ତି, ତେଣୁ ନିଜ ପସନ୍ଦରେ ଜୀବନସାଥୀ ବାଛିବା କିମ୍ବା କେବେ ବିବାହ କରିବେ ତାହାର ନିଷ୍ପତ୍ତି ସେମାନେ ନେଇ ପାରିବେ। ଅଭିଭାବକ ହିସାବରେ ସେମାନଙ୍କ ଉପରେ ଚାପ ପକାଇବା ଠିକ୍ ନୁହେଁ। ଯେଉଁ ଝିଅ ପାଠ ପଢ଼ି ନିଜ କ୍ୟାରିୟର ଗଢିବାକୁ ଚାହୁଁଥିବ କିମ୍ବା କେହି କେହି ନିଜ ପସନ୍ଦର ଜୀବନସାଥୀ ବାଛି ସାରିଥିବେ ଏଭଳି ସ୍ଥିତିରେ ମା' ବାପା ତାଙ୍କ ଇଚ୍ଛା ବିରୋଧରେ ବାହା କରିଦେଲେ, ଭବିଷ୍ୟତରେ ଅନେକ ସମସ୍ୟା ସୃଷ୍ଟି ହେବ।

**–ଶୁଭଶ୍ରୀ ଦାସ, ସାମାଜିକକର୍ମୀ, ଭୁବନେଶ୍ୱର**

### ବିବାହ ସମ୍ପର୍କରେ ନିଷ୍ପତ୍ତି ନେବାର ସୁଯୋଗ ମିଳିବା ଉଚିତ



ବିବାହ ଏକ ସାମାଜିକ ବ୍ୟବସ୍ଥା, ଜୀବନର ଲକ୍ଷ୍ୟ ନୁହେଁ। ତେଣୁ ଝିଅମାନଙ୍କୁ ସେମାନଙ୍କ ଜୀବନର ଲକ୍ଷ୍ୟ ପୂରଣ କରିବା ସହିତ ବିବାହ ନେଇ ନିଷ୍ପତ୍ତି ନେବାକୁ ସୁଯୋଗ ଦେବା ଆବଶ୍ୟକ। ସେହିପରି ସଫଳ ଦାମ୍ପତ୍ୟ ପାଇଁ ଝିଅ ପୁଅ ଏବଂ ଉଭୟ ପରିବାରର ସହମତି ଆବଶ୍ୟକ। ସାଧାରଣତଃ ବିବାହ ବେଳେ ପୁଅର ମତାମତ ନିଆଯାଉଥିବାବେଳେ ଝିଅର ମତ ପଚରାଯାଏନି। ଅନେକ ସମୟରେ ଝିଅଟିଏ କେବଳ ମା' ବାପାଙ୍କ ଚାପରେ ବିବାହ କରିଥାଏ। ଆଜିକାଲିର ଝିଅମାନେ ଉଚ୍ଚଶିକ୍ଷିତା ହେବା ସହ ନିଜେ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି। ତେଣୁ ନିଜକୁ ସେତିକି ସାମର୍ଥ୍ୟ କରିବା ପାଇଁ ତାଙ୍କୁ ଯେତିକି ସମୟ ଆବଶ୍ୟକ, ମାତାପିତା ହିସାବରେ ତାଙ୍କୁ ସେତିକି ସମୟ ଦେବା ଦରକାର।

**–ନବ କିଶୋର ବେହେରା, ବୁଦ୍ଧିଜୀବୀ, ଭୁବନେଶ୍ୱର**

### ଆମକୁ ଗ୍ରହଣ କରିବାକୁ ହେବ



ବିବାହ ବେଳେ ଝିଅଙ୍କ ସମ୍ମତି ଜରୁରୀ ବୋଲି ଉଚ୍ଚ ଅଦାଲତ ଦେଇଥିବା ରାୟ ପ୍ରଶଂସନୀୟ। ଏହାକୁ ସବୁ ବର୍ଗରେ ସ୍ୱାଗତ କରିବା ଜରୁରୀ। ଏହି ରାୟ ଦ୍ୱାରା ମହିଳାମାନେ ନିଜର ଇଚ୍ଛା ଏବଂ ଅଭିବ୍ୟକ୍ତିକୁ ପରିବାର ନିକଟରେ ଜାହିର କରିପାରିବେ। ବିଶେଷ କରି ଏହାଦ୍ୱାରା ମହିଳାମାନଙ୍କ ପ୍ରତି ନିର୍ଯାତନା କମିବ। ତେଣୁ ଏହି ରାୟକୁ ଗ୍ରହଣ କରିବା ସହ ଆମମାନଙ୍କ ମାନସିକତାରେ ପରିବର୍ତ୍ତନ ହେବା ଆବଶ୍ୟକ।

**–ପ୍ରୀତିଛନ୍ଦା ଧଳ, ସାମାଜିକ କର୍ମୀ**

## ମ୍ୟୁଜିୟମ ଭଳି ରହିବ ବିଧାନସଭା

**ଭୁବନେଶ୍ୱର, ୧୩।୧(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ଲୋକସେବା ଭବନ ଓ ବିଧାନସଭା ଗୋଟିଏ କ୍ୟାମ୍ପସ୍‌ରେ ରଖିବେ। ୭୧.୧୩ ଏକର ଜମିରେ ପ୍ରାୟ ୩୬୨୩ କୋଟି ଟଙ୍କା ଖର୍ଚ୍ଚରେ ଏହା ନିର୍ମାଣ କରାଯିବ। ତେବେ ଏତେ ଜମି କେଉଁଠାରୁ ଆସିବ ଏବଂ ଅନେକ ନୂତନ ଅଫିସ୍ ଥିବାବେଳେ ସେଗୁଡିକ ଭାଙ୍ଗିବ ନା ନାହିଁ ତାକୁ ନେଇ ଅନେକ ଦ୍ୱନ୍ଦ୍ୱ ରହିଛି। ଇତିମଧ୍ୟରେ ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ନିର୍ମାଣ ହେବ ଲୋକସେବା ଭବନ ମୁଖ୍ୟ ଅଫିସ୍। ଏହିପରି ୩ଟି ପର୍ଯ୍ୟାୟରେ କାର୍ଯ୍ୟ ହେବ। ଲୋକସେବା ଭବନର ମୁଖ୍ୟ ବିଲ୍ଡିଂ କଲେକ୍ଟରମାନଙ୍କ ଯେଉଁ କ୍ୟାମ୍ପ ଅଫିସ୍ ରହିଛି ସେଠାରେ ନିର୍ମାଣ ହେବାକୁ ଲକ୍ଷ୍ୟ ରଖାଯାଇଛି। ନୂଆ ବିଲ୍ଡିଂ ପାଇଁ ଯେତିକି ଜାଗା ଆବଶ୍ୟକତା ଅଛି ସେଠାରେ ତାହା ରହିଛି। ଲୋକସେବା ଭବନର ନୂତନ ବିଲ୍ଡିଂ କାର୍ଯ୍ୟ ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ତା'ପରେ ଧୀରେ ଧୀରେ ଅଫିସ୍‌ଗୁଡିକ ଶିଫ୍ଟିଂ ହେବ। ସେହିପରି ଲୋକସେବା ଭବନ ଏବଂ ବିଧାନସଭା ଭିତରେ ଯେଉଁ ଜାଗା ରହିଛି ତା' ମଧ୍ୟରେ ନୂତନ ବିଧାନସଭା ନିର୍ମାଣ କରାଯିବ। ଏହା ୩୦୦ ଆସନ ବିଶିଷ୍ଟ ହେବ। ହେଲେ ପୁରୁଣା ବିଧାନସଭା ବିଲ୍ଡିଂ ନ ଭାଙ୍ଗି ସେମିତି ରଖାଯିବ। ବିଧାନସଭା ମ୍ୟୁଜିୟମ ଭଳି ରହିବ। ଯଦି ଭବିଷ୍ୟତରେ କେବେ ବିଧାନ ପରିଷଦ ହୁଏ ତେବେ ସେଠାରେ ତାହା ଚାଲିବ ବୋଲି ମନ୍ତ୍ରୀ କହିଛନ୍ତି। ଏହାପରେ ପର୍ଯ୍ୟାୟକ୍ରମେ ଯେଉଁ ବିଲ୍ଡିଂଗୁଡିକ ବିପଦସଙ୍କୁଳ ଅବସ୍ଥାରେ ରହିଛି ବା ଅନ୍‌ସେଫ୍ ହୋଇଯାଇଛି ସେଗୁଡିକ ଭଙ୍ଗାଯିବ। ୯ ତାଲା ବିଲ୍ଡିଂ, ରାଜୀବ ଭବନ ଏବଂ ସେଚ ସଦନକୁ ସମ୍ପୂର୍ଣ୍ଣ ଭାଙ୍ଗି ନୂଆ କରାଯିବ। ଲୋକସେବା ଭବନର କନ୍‌ଭେନସନ ସେଣ୍ଟର, ଇଆଇସି ଅଫିସ୍ ଏବଂ ଖାରବେଳ ଭବନ ସେମିତି ରହିବ। କୃଷି ଭବନକୁ ମଧ ନ ଭାଙ୍ଗି ସେମିତି ରଖାଯିବ। ପରବର୍ତ୍ତୀ ସମୟରେ ଏଗୁଡିକ ଉପରେ ନିଷ୍ପତ୍ତି ହେବ। ଏହିସବୁ ଅଫିସ୍ ଯେଉଁସବୁ ଅଞ୍ଚଳରେ ରହିଛି ସେଗୁଡିକ ଗୋଟିଏ କ୍ୟାମ୍ପସ୍ ଭିତରେ ରହିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

## ୧୭ ଯାଏ ଶୀତ ପ୍ରଭାବ

**ଭୁବନେଶ୍ୱର,୧୩।୧ (ବନ୍ଦନା ସେଠୀ)**

ରାଜ୍ୟରେ ଶୀତ ଲହରୀ ଜାରି ରହିଛି। ଜାନୁଆରୀ ୧୭ ପର୍ଯ୍ୟନ୍ତ ଶୀତ ପ୍ରଭାବ ରହିବ ଏବଂ ପଶ୍ଚିମାଝଡ଼ ପ୍ରଭାବରେ ୧୮ରୁ ତାପମାତ୍ରା ବୃଦ୍ଧି ପାଇବ ବୋଲି ସୂଚନା ଦିଆଯାଇଛି। ତେବେ ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ଜି.ଉଦୟଗିରିରେ ୪.୬ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ସେହିପରି ଫୁଲବାଣୀରେ ୭, ରାଉରକେଲାରୁ ୭, ଝାରସୁଗୁଡାରେ ୭.୨, ଦାରିଙ୍ଗିବାଡ଼ିରେ ୮, ସେମିଳିଗୁଡାରେ ୮.୧, ଅନୁଗୋଳରେ ୮.୮, କିରେଇରେ ୮.୯, କେନ୍ଦୁଝରରେ ୯.୪, ଚିପିଲିମାରେ ୯.୫ ଏବଂ ସୁନ୍ଦରଗଡ଼ରେ ୯.୬ ଡିଗ୍ରୀ ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି।






ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। –ଶ୍ରୀମା

-ଉତ୍ତରାୟଣ ମକର ସଂକ୍ରାନ୍ତି, ପୋଙ୍ଗଲ, ଷଟ୍‌ତଲା ଏକାଦଶୀ, ଓଳାଶୁଣୀ ମେଳା ଓ ହଳ ନିଷେଧ



# ସୋର୍ସ କୋଡ୍

କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ପ୍ରଯୁକ୍ତିସମ୍ପନ୍ନ ଯୁଗରେ ଡାଟା ବା ତଥ୍ୟ ନୂଆ ଇନ୍ଧନ ଭାବେ ବିବେଚନା କରାଯାଉଛି। କୁହାଯାଉଛି ଯାହା ପାଖରେ ଯେତେ ତଥ୍ୟ ଅଛି ସେ ସେତେ ଧନୀ। ସେଥିପାଇଁ ତଥ୍ୟ ଗୋଟାଇବା ବା କାରସାଦି କରି ହାତେଇବା ଦିଗରେ ଗୁପ୍ତ ଭାବେ ଅନେକ ସଂସ୍ଥା କାର୍ଯ୍ୟ କରୁଛନ୍ତି। କିନ୍ତୁ ଯେତେବେଳେ ସରକାର ତା'ର ଜନସାଧାରଣଙ୍କ ତଥ୍ୟ ପାଇଁ ବ୍ୟାକୁଳ ହୋଇପଡ଼ିବ, ସେତେବେଳେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ। ସହଜରେ ସୂଚନା ନ ମିଳିଲେ ବିଧିବ୍ୟବସ୍ଥା କରି ନାଗରିକଙ୍କ ପ୍ରିଭେସି ବା ଅନ୍ତରଙ୍ଗ ତଥ୍ୟକୁ ସରକାର ନେଉଛନ୍ତି। ଭାରତରେ ଆଧାର ଏ ଦିଗରେ ସର୍ବାଗ୍ରେ ରହିଛି ଓ ଅଦ୍ୟାବଧି ଏହାର ବୈଧତା ଉପରେ ସାଧାରଣ ସ୍ତରରୁ କୋର୍ଟଯାଏ ଅନେକ ପ୍ରଶ୍ନ ପଚାରି ଚାଲିଛନ୍ତି। ଗତ କିଛି ବର୍ଷ ହେବ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ଉପରେ ଭାରତ ସରକାରଙ୍କ ନଜର ପଡ଼ିଛି। ୨୦୨୫ ନଭେମ୍ବର ୨୮ରେ ଦୂରସଞ୍ଚାର ବିଭାଗ (ଡଟ୍) ପକ୍ଷରୁ ସ୍ମାର୍ଟଫୋନ୍ ମୋବାଇଲ ପାଇଁ ଏକ ନିର୍ଦ୍ଦେଶାବଳୀ ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଥିଲା ଯେ, ଘରୋଇ ହେଉ ବା ବିଦେଶୀ, ସମସ୍ତ ସ୍ମାର୍ଟଫୋନ୍ ନିର୍ମାତା ସେମାନଙ୍କ ନୂଆ ଫୋନ୍‌ରେ ସଞ୍ଚାର ସାଥୀର ଆପ୍ ପ୍ରାକ୍-ଅବସ୍ଥାପନ କରିବେ। ଏହା ଦ୍ୱାରା ସନ୍ଦେହାତ୍ମକ ଫୋନ୍‌କୁ ଜାଣିବା ସହ ଡିଜିଟାଲ ଠକାମିକୁ ରୋକି ହେବ ବୋଲି ସରକାରୀ ଭାବେ କୁହାଯାଇଥିଲା। ହେଲେ ଚାରିଆଡ଼ୁ ଘୋର ବିରୋଧ ହେବାରୁ ସରକାର ବୁଝାଇବାକୁ ଯାଇ କହିଲେ ଯେ, ଉକ୍ତ ଆପ୍ ବାଧ୍ୟତାମୂଳକ ନୁହେଁ, ସ୍ମାର୍ଟଫୋନ୍ ବ୍ୟବହାରକାରୀ ତାହାକୁ ଚାହିଁଲେ ଫୋନ୍‌ରେ ଇନ୍‌ଷ୍ଟଲ ବା ଅନ୍‌ଇନ୍‌ଷ୍ଟଲ କରିପାରିବେ। ଏହି ଝଡ଼ ସରି ନାହିଁ। ଏବେ ପୁଣି କୁହାଗଲାଣି, ସ୍ମାର୍ଟଫୋନ୍ ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆଣି ସାଇବର ବିପଦକୁ ହ୍ରାସ କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ମୋବାଇଲ ଫୋନ୍ ନିର୍ମାତା କମ୍ପାନୀଗୁଡ଼ିକୁ ନିଜ ଅପରେଟିଂ ସିଷ୍ଟମ୍‌ର ସୋର୍ସ କୋଡ୍ ଶେୟାର କରିବାକୁ ପ୍ରସ୍ତାବ ଦିଆଯାଇଛି। ତାହାକୁ ନେଇ ବିବାଦ ଉଠିଲାଣି।

> **ଦୁଷ୍ଟ ପ୍ରକୃତିର ପୋଲିସ କିମ୍ବା ଅନ୍ୟ ସରକାରୀ କର୍ମଚାରୀ ସବୁବେଳେ ବ୍ୟକ୍ତିବିଶେଷଙ୍କର ପ୍ରତ୍ୟେକଟି ତଥ୍ୟ ଏହି ସୋର୍ସ କୋଡ୍ ମାଧ୍ୟମରେ ଜାଣିପାରିବ। ଅର୍ଥାତ୍ କୌଣସି ଲୋକର କୌଣସି ତଥ୍ୟ ସରକାରଙ୍କ ଦୃଷ୍ଟିରୁ ଦୂରେଇ ରଖି ହେବ ନାହିଁ। ଅନେକ ଅନଭିଜ୍ଞ, ବୋକା ନାଗରିକ ବାରମ୍ବାର କହୁଥିବାର ଶୁଣାଯାଏ ଯେ 'ଆମର ଭୟ ନାହିଁ, କାରଣ ଆମର କିଛି ଲୁଚାଇବାର ନାହିଁ'। ଏଭଳି ନାଗରିକ ଦୁଷ୍ଟ ବୁଦ୍ଧିର ସରକାରୀ କର୍ମଚାରୀଙ୍କ ଜାଲରେ ପଡ଼ିଲେ ବୁଝିବେ କେଉଁଭଳି ସମସ୍ୟା ନିଜ ପରିବାର ଓ ନିଜ ପାଇଁ ସୃଷ୍ଟି କରିଦେଲେ।**

ଏଠାରେ ସୋର୍ସ କୋଡ୍ କହିଲେ କୌଣସି ସଫ୍ଟୱେର, ଆପ୍ କିମ୍ବା ଅପରେଟିଂ ସିଷ୍ଟମ୍‌ର 'ମୂଳଲେଖା'କୁ ବୁଝାଏ। ଅଧିକ ପ୍ରାଞ୍ଜଳ କରି ବୁଝାଇଲେ ଜଣେ କମ୍ପ୍ୟୁଟର ପ୍ରୋଗ୍ରାମର୍ ଏକ ସଫ୍ଟୱେର ତିଆରି କରିବା ପାଇଁ ଯେଉଁ ନିର୍ଦ୍ଦେଶାବଳୀ ଲେଖନ୍ତି, ତାହାକୁ ସୋର୍ସ କୋଡ୍ କୁହାଯାଏ। ଏହା ବୈଷୟିକ ଭାଷା ହୋଇଥିବାରୁ ତାହାକୁ ସାଧାରଣରେ ବୁଝିବା କଷ୍ଟକର ହୋଇଥାଏ। ତେଣୁ ଉକ୍ତ କୋଡ୍‌କୁ ଏକ 'କମ୍ପାଇଲର୍' ସହଯୋଗରେ ବାଇନାରୀ କୋଡ୍ (୦ ଓ ୧)ରେ ପରିବର୍ତ୍ତନ କରାଯାଏ, ଯାହାକୁ ମେଶିନ ବୁଝିପାରେ। ସ୍ମାର୍ଟଫୋନ୍ ନିର୍ମାତାମାନେ ଉକ୍ତ କୋଡ୍‌କୁ ଗୁପ୍ତ ରଖିଥାଆନ୍ତି। ତାହା ହିଁ ସେମାନଙ୍କ ସମ୍ପତ୍ତି। ସେହି ମୌଳିକ ଗୁପ୍ତ କୋଡ୍‌କୁ ସରକାର ହାତେଇ ନେବା ପାଇଁ ଯେଉଁ ପଦକ୍ଷେପ ନେଉଛନ୍ତି, ତାହା ପଛରେ ମନ୍ଦ ଉଦ୍ଦେଶ୍ୟ ରହିଛି। ଅପରେଟିଂ ସିଷ୍ଟମ୍‌ର ସୋର୍ସ କୋଡ୍ ପାଇଗଲେ ସରକାର ତାଙ୍କ ମନଇଚ୍ଛାରେ ଯେକୌଣସି ବ୍ୟକ୍ତି ହାତରେ ଧରିଥିବା ଫୋନ୍‌ରୁ ସବୁ ତଥ୍ୟ ଉତାରି ନେଇପାରିବେ। ଏପରିକି ବ୍ୟକ୍ତିଗତ ଫଟୋ, ତଥ୍ୟ କିମ୍ବା ଅନ୍ୟ ଗୋପନୀୟ ଆର୍ଥିକ ସୂଚନା ମଧ୍ୟ ହାତେଇ ନେଇପାରିବେ। ଅପରପଟେ ସରକାର ସବୁ ନାଗରିକଙ୍କୁ ଆଧାର ପଞ୍ଜୀକରଣ କରିବାକୁ ବାଧ୍ୟ କରୁଛନ୍ତି। ନାଗରିକର ଆଧାର ନମ୍ବର ସହିତ ତାଙ୍କର ମୋବାଇଲ ନମ୍ବର, ବ୍ୟାଙ୍କ ଆକାଉଣ୍ଟ ସହିତ ଅନ୍ୟସବୁ ତଥ୍ୟ ଜଡ଼ିତ ରହୁଛି। ଦୁଷ୍ଟ ପ୍ରକୃତିର ପୋଲିସ କିମ୍ବା ଅନ୍ୟ ସରକାରୀ କର୍ମଚାରୀ ସବୁବେଳେ ବ୍ୟକ୍ତିବିଶେଷଙ୍କର ପ୍ରତ୍ୟେକଟି ତଥ୍ୟ ଏହି ସୋର୍ସ କୋଡ୍ ମାଧ୍ୟମରେ ଜାଣିପାରିବ। ଅର୍ଥାତ୍ କୌଣସି ଲୋକର କୌଣସି ତଥ୍ୟ ସରକାରଙ୍କ ଦୃଷ୍ଟିରୁ ଦୂରେଇ ରଖି ହେବ ନାହିଁ। ଅନେକ ଅନଭିଜ୍ଞ, ବୋକା ନାଗରିକ ବାରମ୍ବାର କହୁଥିବାର ଶୁଣାଯାଏ ଯେ 'ଆମର ଭୟ ନାହିଁ, କାରଣ ଆମର କିଛି ଲୁଚାଇବାର ନାହିଁ'। ଏଭଳି ନାଗରିକ ଦୁଷ୍ଟ ବୁଦ୍ଧିର ସରକାରୀ କର୍ମଚାରୀଙ୍କ ଜାଲରେ ପଡ଼ିଲେ ବୁଝିବେ କେଉଁଭଳି ସମସ୍ୟା ନିଜ ପରିବାର ଓ ନିଜ ପାଇଁ ସୃଷ୍ଟି କରିଦେଲେ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | | 8 | | 2 | 9 |
| | | | | 1 | | | | |
| 9 | | | | 3 | | 6 | | |
| 2 | | | 5 | 9 | | | | 4 |
| | 5 | | | | 2 | | | |
| | 6 | | | | | | 7 | |
| | | 2 | | | 3 | | | |
| | | | | | 7 | | 6 | 1 |
| 1 | | | | | | 4 | 3 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 6 | 7 | 3 | 5 | 2 | 1 | 4 |
| 3 | 7 | 4 | 2 | 9 | 1 | 8 | 5 | 6 |
| 2 | 1 | 5 | 6 | 8 | 4 | 7 | 9 | 3 |
| 7 | 6 | 1 | 5 | 4 | 2 | 9 | 3 | 8 |
| 5 | 8 | 2 | 9 | 6 | 3 | 1 | 4 | 7 |
| 4 | 3 | 9 | 1 | 7 | 8 | 5 | 6 | 2 |
| 9 | 4 | 3 | 8 | 5 | 7 | 6 | 2 | 1 |
| 6 | 2 | 7 | 4 | 1 | 9 | 3 | 8 | 5 |
| 1 | 5 | 8 | 3 | 2 | 6 | 4 | 7 | 9 |

ଗତକାଲିର ଉତ୍ତର

# ତଦନ୍ତ କମିଶନର ପରିଣାମ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଅନେକ ସମୟରେ ତଦନ୍ତ କମିଶନ ନିଯୁକ୍ତ କରାଯାଇଥାଏ ଅଧିକୃତ ସଂସ୍ଥା ଦ୍ୱାରା। ଏହି ଯାଞ୍ଚ ଆୟୋଗ ବିଶେଷ ଉଦ୍ଦେଶ୍ୟ ନେଇ ଗଠିତ ହୋଇଥାଏ। ଯାନବାହନରେ ଦୁର୍ଘଟଣା, ଦୁର୍ନୀତି, ମାନବ ଅଧିକାର ଉଲ୍ଲଂଘନ, ଅର୍ଥନୈତିକ ଅପରାଧ, ଆଇନ ଶୃଙ୍ଖଳା ରକ୍ଷକଙ୍କ ମାତ୍ରାଧିକ ବଳ ପ୍ରୟୋଗ, ବିଭ୍ରାନ୍ତିକର ଗୁଜବ ଇତ୍ୟାଦି ସମସ୍ୟା ଯୋଗୁ ଯେତେବେଳେ ଜନସାଧାରଣ ବିକ୍ଷୁବ୍ଧ, ଆନ୍ଦୋଳନରତ ହୋଇଥାନ୍ତି, ସେମିତି ଅସ୍ୱାଭାବିକ ପରିସ୍ଥିତିରେ ଯାଞ୍ଚ ଆୟୋଗ ଆବଶ୍ୟକ ହୋଇଥାଏ।

ଆୟୋଗ ପାରଦର୍ଶିତା ସହ ନିରପେକ୍ଷ ଭାବେ ପ୍ରସଙ୍ଗର ସତ୍ୟାସତ୍ୟ ନିରୂପଣ କରିବା ଆବଶ୍ୟକ। ତାହାହେଲେ ଏହାର ଅନୁସନ୍ଧାନରୁ ପ୍ରାପ୍ତ ସିଦ୍ଧାନ୍ତ ବିଶ୍ୱାସଯୋଗ୍ୟ ହେବ। ଏହା ଦୋଷୀକୁ ଚିହ୍ନଟ କରିବା ସହ ପୀଡ଼ିତ ପାଇଁ ନ୍ୟାୟ ପ୍ରଦାନ ସକାଶେ ମତ ଦେଇଥାଏ। ଭବିଷ୍ୟତରେ ଏହି ପ୍ରକାର ଅଘଟଣ ଯେମିତି ନ ଘଟିବ, ସେଥି ସକାଶେ ସୁପାରିସ କରିଥାଏ। ଆବଶ୍ୟକ ସ୍ଥଳେ ଆଇନରେ ପରିବର୍ତ୍ତନ, ନୀତିଗତ ସଂଶୋଧନ ଏବଂ ଅନ୍ୟ ପନ୍ଥାମାନ ଉଲ୍ଲେଖ କରିବା ଏହାର ପରିସରଭୁକ୍ତ।

ଆୟୋଗ ଏକ ବା ଏକାଧିକ ସଦସ୍ୟ ବିଶିଷ୍ଟ ହୋଇଥାଏ। ସଦସ୍ୟମାନଙ୍କ ଯୋଗ୍ୟତା ବିଷୟରେ ଧରାବନ୍ଧା ନିୟମ ନ ଥିଲେ ସୁଦ୍ଧା ଦେଖାଯାଏ ଯେ, ନିଯୁକ୍ତିଦାତା ଉପଯୁକ୍ତ ବ୍ୟକ୍ତିଙ୍କୁ ଏଥିପାଇଁ ମନୋନୀତ କରିଥାଏ। ଅଧିକାଂଶ ସ୍ଥଳରେ ସେବାନିବୃତ୍ତ ବା ସେବାରତ ବିଚାରପତି ପ୍ରଶାସନିକ ଅଧିକାରୀ, ସାମାଜିକ କର୍ମୀ 'ଉପଯୁକ୍ତ' ବୋଲି ବିବେଚନା କରାଯାଇଥାଏ । ତେବେ ଏମିତି କେତେକ ସମସ୍ୟା ପାଇଁ ଆୟୋଗ ଗଠନ କରାଯାଏ, ଯାହା ବିଶେଷଜ୍ଞଙ୍କ ସହାୟତା ଆବଶ୍ୟକ କରେ। ଏହି ପରିପ୍ରେକ୍ଷୀରେ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା, ପ୍ରଶାସନ, ଆଇନ, ଅର୍ଥ ଇତ୍ୟାଦି ବିଭାଗରେ କୁଶଳୀ ଏବଂ ଅଭିଜ୍ଞ ବ୍ୟକ୍ତିଙ୍କୁ ସଦସ୍ୟତା ପ୍ରଦାନ କରିବା ଯଥାର୍ଥ ମନେହୁଏ।

ଲକ୍ଷ୍ୟ କରାଯାଇଛି ଯେ, ଅନେକ କ୍ଷେତ୍ରରେ ଯେଉଁ ମହତ ଉଦ୍ଦେଶ୍ୟ ସକାଶେ କମିଶନ ବସାଯାଇଥାଏ ତାହା ନିଯୁକ୍ତିଦାତାଙ୍କ ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ଫଳାଫଳ ବିଷମ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଗୋଟିଏ ଦୃଷ୍ଟାନ୍ତ ହେଉଛି ଗୋଧ୍ରା ରେଳ ଅଗ୍ନିକାଣ୍ଡ। ୨୭ ଫେବୃୟାରୀ ୨୦୦୨ରେ ସାବରମତି ଏକ୍ସପ୍ରେସ ଟ୍ରେନର ଗୋଟିଏ ଡବାରେ ୫୯ ଜଣ ହିନ୍ଦୁ ତୀର୍ଥଯାତ୍ରୀ (କରସେବକ) ଅଯୋଧ୍ୟାର ରାମ ଜନ୍ମଭୂମି ଆନ୍ଦୋଳନରେ ଭାଗ ନେଇ ଗୁଜରାଟର ନିଜ ବାସସ୍ଥାନକୁ ଫେରୁଥିଲା ବେଳେ ଡବାରେ ଅଗ୍ନିକାଣ୍ଡ ଘଟି ସେମାନେ ଜୀବନ୍ତ ଦଗ୍ଧ ହେଲେ, ଅନ୍ୟ କେତେକେ ଆହତ ହେଲେ। ତେବେ ପ୍ରଶ୍ନ ଉଠିଲା ଏହି ଆକସ୍ମିକ ଅଘଟଣ ପଛରେ କାରଣ କ'ଣ? ଜନସାଧାରଣଙ୍କ ମନରେ ବାଦାନୁବାଦ ଦେଖାଦେଲା। ଦଳେ କହିଥିଲେ ଯେ, ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। କିନ୍ତୁ ଏହାକୁ ପ୍ରତ୍ୟାଖ୍ୟାନ କରି ଅନ୍ୟ କେତେଜଣ ମତ ଦେଲେ ଯେ, ଏହା ଏକ ଦୁର୍ଘଟଣା ଏବଂ ଏହା ପଛରେ କୌଣସି ଅଭିସନ୍ଧି ନଥିଲା। ପ୍ରସଙ୍ଗଟି ଗୁରୁତର ଆକାର ଧାରଣ କଲା, ଯେତେବେଳେ ଏହା ସାମ୍ପ୍ରଦାୟିକ ରୂପ ନେଲା।



ଏତାଦୃଶ ସଂକଟବେଳେ ସତ୍ୟାନୁସନ୍ଧାନ ପାଇଁ ମାର୍ଚ୍ଚ ୨୦୦୨ରେ ପ୍ରଥମେ ଗୁଜରାଟ ଉଚ୍ଚନ୍ୟାୟାଳୟର ପୂର୍ବତନ ବିଚାରପତି କେ.ଜି. ସାହା କମିଶନର ଦାୟିତ୍ୱ ବହନ କଲେ। କିନ୍ତୁ ଏହାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଯିବାରୁ ସୁପ୍ରିମକୋର୍ଟର ସେବାନିବୃତ୍ତ ବିଚାରପତି ଜି.ଟି. ନାନାବତୀ ଏହାର ଚେୟାରମ୍ୟାନ ହେଲେ। ଜଷ୍ଟିସ ନାନାବତୀଙ୍କ ମୃତ୍ୟୁ ପରେ ତାଙ୍କ ସ୍ଥାନ ଜଷ୍ଟିସ ଅକ୍ଷୟ ମେହେଟ୍ଟା ପୂରଣ କଲେ। ୨୦୦୮ରେ ନାନାବତୀ ମେହେଟ୍ଟା କମିଶନଙ୍କ ରିପୋର୍ଟ ପ୍ରକାଶ ପାଇଲା। ଏଥିରେ ଏହି ଅଗ୍ନିକାଣ୍ଡକୁ ଏକ ସୁନିୟୋଜିତ ଷଡ଼ଯନ୍ତ୍ର ବୋଲି ବିବେଚନା କରାଗଲା। କିନ୍ତୁ ଏହି ଅଘଟଣର ତଦନ୍ତ ଅନ୍ୟ ଏକ ଦିଗରୁ କରାଯାଇଥିଲା। ୨୦୦୪ରେ କେନ୍ଦ୍ରରେ ଏନ୍‌ଡିଏ ସରକାର ବଦଳି ୟୁପିଏ ସରକାର ଅଧିଷ୍ଠିତ ହେଲା। ରେଳ ବିଭାଗ ଦ୍ୱାରା ଏହାର ସ୍ୱତନ୍ତ୍ର ଭାବେ ତଦନ୍ତ ପାଇଁ ଜଷ୍ଟିସ ୟୁସି ବାନାର୍ଜୀଙ୍କୁ ନିଯୁକ୍ତ କରାଗଲା। ଏହି କମିଶନର ଅନ୍ତରୀଣ ରିପୋର୍ଟ ଅନୁସାରେ ଅଗ୍ନିକାଣ୍ଡ କୋଚ ଭିତରୁ ସୂତ୍ରପାତ ହୋଇଥିଲା, ବାହାରୁ ନୁହେଁ। ଏହା ଏକ ଦୁର୍ଘଟଣା। ଏହି ପ୍ରକାରେ ଦୁଇଟି କମିଶନ ସମ୍ପୂର୍ଣ୍ଣ ଓଲଟା ମତ ଦେଲେ। ଫଳରେ ଲୋକଙ୍କ ମନରେ ସମ୍ପନ୍ନ ଜାତ ହେଲା ଯେ, କମିଶନର ନିଷ୍କର୍ଷ ମାନ ପ୍ରଶ୍ନବାଚୀ।

ଏହି ପରିପ୍ରେକ୍ଷୀରେ ଅନ୍ୟ ଏକ ତଦନ୍ତ ରିପୋର୍ଟ ବିଷୟରେ ଅବତାରଣା କରାଯାଇପାରେ। ୨୮ ଜାନୁୟାରୀ ୧୯୮୬ରେ ଆମେରିକାର ଫ୍ଲୋରିଡ଼ା ସ୍ଥିତ କେପ୍ କେନାଭେରାଲ ସମୁଦ୍ର ତଟରୁ ସ୍ପେସ୍ ସଟଲ ଚାଲେଞ୍ଜର ଉତ୍‌କ୍ଷେପଣ କରାଯାଇଥିଲା। କିନ୍ତୁ ମାତ୍ର ୭୩ ସେକେଣ୍ଡ ପରେ ୪୬,୦୦୦ ଫୁଟ ଉପରୁ ଯାନରେ ବିସ୍ଫୋରଣ ଘଟି ସମୁଦ୍ର ବକ୍ଷକୁ ଖସିପଡ଼ିଲା। ସମସ୍ତ ସାତଜଣ ମହାକାଶଯାତ୍ରୀଙ୍କର ଦୁଃଖଦ ମୃତ୍ୟୁ ଘଟିଲା। ତନ୍ମଧ୍ୟରେ ଥିଲେ ବୋଷ୍ଟନରେ ୧୯୪୮ରେ ଜନ୍ମିତ ଶିକ୍ଷୟିତ୍ରୀ ସେବେନ କ୍ରିଷ୍ଟା, ମଇକ ଆଲିଫ। ତାଙ୍କର ଭୂମିକା ଥିଲା ଅନ୍ତରୀକ୍ଷରୁ ଶ୍ରେଣୀକକ୍ଷ। ପ୍ରୋଗ୍ରାମ ଅନୁସାରେ ପାଠ ପଢ଼ାଇବା। ଏହାଦ୍ୱାରା ମହାକାଶ ବିଜ୍ଞାନ ସମ୍ବନ୍ଧରେ ଜନସାଧାରଣ ବିଶେଷ ଭାବେ ଛାତ୍ର ସମାଜରେ ଆଗ୍ରହ ସୃଷ୍ଟି କରିବା। ଅବଶ୍ୟ ଏତଦବ୍ୟତୀତ ପ୍ରମୁଖ କାର୍ଯ୍ୟକ୍ରମ ଥିଲା ଧୂମକେତୁ ଅଧ୍ୟୟନ ଏବଂ କୃତ୍ରିମ ଉପଗ୍ରହ ସ୍ଥାପନ। ଯୁକ୍ତରାଷ୍ଟ୍ର ମହାକାଶ ଅଭିଯାନରେ ଏତାଦୃଶ ଦୁର୍ଘଟଣା ହେଉଛି ପ୍ରଥମ। କହିବାବାହୁଲ୍ୟ ଯେ ୧୯୭୮ ହିସାବନୁଯାୟୀ ଏହାର ନିର୍ମାଣ ପାଇଁ ୧.୭ ବିଲିୟନ( ଏକ ବିଲିୟନ ହେଉଛି ୧୦,୦୦୦ ଲକ୍ଷ) ଆମେରିକୀୟ ଡଲାର ବିନିଯୋଗ ହୋଇଥିଲା। ଏହାର ଗୁରୁତ୍ୱ ଦୃଷ୍ଟିରୁ ନାସା ତରଫରୁ ତଦନ୍ତ କମିଶନ ବସାଗଲା। ଏହା ଚରାଜେରସ କମିଶନ ଭାବେ ନାମିତ ହେଲା। ନୋବେଲ ବିଜେତା ରିଚାର୍ଡ ଫାଇନ୍‌ମ୍ୟାନ (୧୯୧୮ ରୁ ୧୯୮୮) ଏହାର ସଦସ୍ୟ ଥିଲେ। ନାସାର ଉଚ୍ଚ ମର୍ଯ୍ୟାଦା ରକ୍ଷା କରିବାକୁ ରିପୋର୍ଟ ପ୍ରସ୍ତୁତ କରିବାକୁ ପ୍ରଚେଷ୍ଟା କଲେ। କିନ୍ତୁ ଫାଇନ୍‌ମ୍ୟାନ ମିଳିତଭାବେ ସତ୍ୟ ପ୍ରକାଶ କରିବାକୁ ଚାହିଁଲେ। ତାଙ୍କ କଟୁ ମନ୍ତବ୍ୟ ରିପୋର୍ଟରେ ଅନ୍ତର୍ଭୁକ୍ତ କରିବାକୁ ଅନ୍ୟମାନଙ୍କୁ ସେ ବାଧ୍ୟ କଲେ। କିନ୍ତୁ ତାହା ଗ୍ରହଣ ନ କରିବାରୁ ସେ ସାମ୍ବାଦିକ ସମ୍ମିଳନୀରେ ନାସାର ତ୍ରୁଟିକୁ ପ୍ରକାଶ କଲେ। ସେ ଜଣାଇଲେ ଯେ ଦୀର୍ଘଦିନ ଧରି ଇଞ୍ଜିନିୟରମାନେ ସେହି ଯାନରେ ବ୍ୟବହୃତ ରବର ଓ ରିଙ୍ଗ ଏବର ମୁଢ଼ିପରି ଗୋଲାକାର। ସେ ବିପରୀତରେ ମତ ଦେଉଥିଲେ କାରଣ ତାହା ଅନ୍ତରୀକ୍ଷରେ ନିମ୍ନ ତାପମାତ୍ରା ଯୋଗୁ କଠିନ ହୋଇ ଫାଟିଯାଇପାରେ କିମ୍ବା ରନ୍ଧ୍ର ଜାତ ହୋଇପାରେ। ଫଳରେ ଉତ୍ତପ୍ତ ଦହନଶୀଳ ଗ୍ୟାସ ଛିଦ୍ରବାଟେ କ୍ଷରଣ ହୋଇ ଗ୍ୟାସ ଟାଙ୍କିକୁ ଜଳାଇବ। ଏଣୁ ବିସ୍ଫୋରଣ ଘଟିବ।

ଓ୍ୱାରିଙ୍ଗ ଖୁବ୍ ଶସ୍ତା। ପାଇପ ମିସ୍ତ୍ରି ଦୁଇଟି ପାଇପକୁ ଦ୍ରୁତ ଭାବେ ସଂଯୋଗ କରିବାକୁ ଏହା ବ୍ୟବହାର କରିଥାନ୍ତି। କିନ୍ତୁ ନାସା-କର୍ତ୍ତୃପକ୍ଷ ଏହାର ଭୂମିକା ପ୍ରତି ହେୟଜ୍ଞାନ କରି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଲକ୍ଷ ଲକ୍ଷ ଟଙ୍କା ବରବାଦ ହୋଇଗଲା। ଅବଶ୍ୟ ଫାଇନମେନଙ୍କ ମତକୁ ପରେ ଗ୍ରହଣ କରାଗଲା। ପ୍ରକାଶଥାଉକି ସେତେବେଳେ ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ମରଣ ଥିଲା ଅଳ୍ପ ଦୂରରେ। ବିଭିନ୍ନ ଯାଞ୍ଚ ଆୟୋଗର ସଦସ୍ୟମାନେ ଫାଇନମ୍ୟାନଙ୍କ ପରି ନିରପେକ୍ଷ, ନିର୍ଭୀକ, ସାଧୁ ହୁଅନ୍ତେ କି! ଦୁଃଖର ବିଷୟ ଯେ, ଉଦ୍ଦେଶ୍ୟପ୍ରଣୋଦିତ ନିଯୁକ୍ତିଦାତା ଯେଉଁ ଯାଞ୍ଚ ଆୟୋଗ ଗଠନ କରିଥାନ୍ତି, ତାଙ୍କୁ ସୁହାଇବା ପରି ରିପୋର୍ଟ ପ୍ରସ୍ତୁତ କରାଯାଏ; ତାହା ସାଧାରଣରେ ଅଗ୍ରହଣୀୟ ହୋଇଥାଏ। ପରିଣାମବଶତଃ ଖୋଦ ଯାଞ୍ଚ ଆୟୋଗ ବର୍ତ୍ତମାନ ବଦନାମ ତାଲିକାଭୁକ୍ତ ହୋଇଗଲାଣି।

ମୋ:୯୦୭୮୭୪୩୮୪୩

# ବର୍ଦ୍ଧିତ ଆୟ ଓ ଅଭାବୀ ଜୀବନ



ଅନନ୍ତ ଚରଣ ସ୍ୱାଇଁ

ଅଦ୍ଭୁତ ଏ ଦୁନିଆ । ଅଦ୍ଭୁତ ଆମ ବ୍ୟବହାର ଓ ମାନସିକତା। ଛୋଟ ବେଳେ ଦେଖିଛୁ, ଆମ ପିତାମାତା କିପରି ସେମାନଙ୍କର ଅର୍ଥ ପରିଚାଳନା କରୁଥିଲେ । ଘର ଖର୍ଚ୍ଚ, ପିଲାଙ୍କ ପାଠପଢ଼ା, ବିବାହ, ବ୍ରତ ପରି ସାମାଜିକ କର୍ମ, ସ୍ୱାସ୍ଥ୍ୟସେବା ଏବଂ ଅନେକ ଆନୁଷଙ୍ଗିକ ଖର୍ଚ୍ଚ ପରେ ମଧ୍ୟ ନିୟମିତ କିଛି ସଞ୍ଚୟ କରୁଥିଲେ । ନ ଥିଲା ଆଜି ପରି ମୋଟା ରୋଜଗାର, ସଞ୍ଚୟ ଓ ନିବେଶର ବିଶେଷ ସୁବିଧା । ଏହା ସତ୍ତ୍ୱେ ସେମାନେ ଭବିଷ୍ୟତ ସୁରକ୍ଷା ପାଇଁ ସଞ୍ଚୟର ଗୁରୁତ୍ୱ ଭଲଭାବେ ଉପଲବ୍ଧି କରିଥିଲେ ।

ଆଜିର ବ୍ୟସ୍ତବହୁଳ ଜୀବନରେ ଅନେକ ପରିବାର ଏକ ଅଦ୍ଭୁତ ବିରୋଧାଭାସର ସମ୍ମୁଖୀନ ହେଉଛନ୍ତି। ଯଥେଷ୍ଟ ମାସିକ ଆୟ ସତ୍ତ୍ୱେ ଅଭାବ ଅନୁଭବ କରିବା, ମାସ ଶେଷକୁ ଟଙ୍କାର ଅଭାବ ଏବଂ ଆୟ ବୃଦ୍ଧି ସହ ନିଜର ଆର୍ଥିକ ସ୍ଥିତିର ଉନ୍ନତି ନ ହେବା ଅନୁଭୂତି। ସ୍ଥାୟୀ ଚାକିରି, ନିୟମିତ ଆୟ, ଉଚ୍ଚ ଶିକ୍ଷା, ଘର , ଗାଡ଼ି ଏବଂ ସୁନ୍ଦର ଘର ଥାଇ ମଧ୍ୟ ମାନସିକ ଚାପ ଓ ଆର୍ଥିକ ଅସ୍ଥିରତା ରହିବା ଏକ ସାଧାରଣ ଘଟଣା ହୋଇଗଲାଣି। ତେବେ ପ୍ରଶ୍ନ ଉଠେ, ଯଦି ଆୟ ଭଲ, ତେବେ ଏହି ଅଭାବ କାହିଁକି ?

ମୋଟା ଆୟ ସତ୍ତ୍ୱେ ଅଭାବର କାରଣଗୁଡିକ ହେଉଛି: ପ୍ରଥମରେ ମହଙ୍ଗା ଜୀବନଶୈଳୀ: ଆୟ ବଢ଼ିଲେ ଖର୍ଚ୍ଚ ମଧ୍ୟ ବଢ଼ିଚାଲେ। ଏହାକୁ ଲାଇଫଷ୍ଟାଇଲ ଇନ୍‌ଫ୍ଲେଶନ କୁହାଯାଏ। ଯେତେବେଳେ ବେତନ ବଢ଼େ, ସେତେବେଳେ ନୂଆ ଗାଡ଼ି, ବଡ଼ ଘର, ମହଙ୍ଗା ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଭ୍ରମଣଜନିତ ଖର୍ଚ୍ଚ ଏବଂ ଦାମୀ ବ୍ରାଣ୍ଡେଡ୍ ପୋଷାକପତ୍ରରେ ଅଧିକ ବ୍ୟୟ ହୋଇଥାଏ । ଆୟ ବଢ଼ିବା ସହ ଜୀବନଧାରଣ ମଧ୍ୟ ଉନ୍ନତ ହେବା ଜରୁରୀ ବୋଲି ଧାରଣା ମନରେ ଆସେ । ଏପରି ମାନସିକତା ପାଇଁ ବ୍ୟୟ ବୃଦ୍ଧିପାଏ । ସଞ୍ଚୟ କ୍ଷମତାକୁ ନଷ୍ଟ କରିଦେଇଥାଏ। ଫଳସ୍ୱରୂପ ଆୟ ଯେତିକି ବଢ଼େ, ଖର୍ଚ୍ଚ ମଧ୍ୟ ସେତିକି ବଢ଼ିଚାଲେ ଏବଂ ଅଭାବ ଅନୁଭୂତ ହୋଇଥାଏ। ଦ୍ୱିତୀୟରେ ଋଣଯନ୍ତା: ଉଚ୍ଚ ଆୟର ଏକ ବଡ଼ ଅଂଶ ଘର ଋଣ, ଗାଡ଼ି ଋଣ, ବ୍ୟକ୍ତିଗତ ଋଣ, କ୍ରେଡିଟ୍ କାର୍ଡ ଦେୟରେ ସରିଯାଏ । ବେତନ ବଢ଼ିବା ସହ ନୂଆ ଏବଂ ବଡ଼ ଋଣ ନେବାର ପ୍ରବୃତ୍ତି ମଧ୍ୟ ବଢ଼ିଥାଏ। ଏହି ଋଣଗୁଡ଼ିକର ମାସିକ କିସ୍ତି ଏତେ ଅଧିକ ହୋଇଯାଏ ଯେ ବାକି ଟଙ୍କାରେ ପରିବାରର ମୌଳିକ ଚାହିଦା ପୂରଣ କରିବା କଷ୍ଟକର ହୋଇପଡ଼େ। ଋଣ ହେଉଛି ଏକ ଦ୍ୱିଧାରିଆ ତରବାରି। ଏହା ଆବଶ୍ୟକତା ପୂରଣ କରେ, କିନ୍ତୁ ଆୟର ଏକ ବଡ଼ ଅଂଶକୁ ଲଗାତର ବାନ୍ଧି ରଖେ। ଗୋଟିଏ ଋଣ ପରିଶୋଧ କରିବାକୁ ଅନ୍ୟ ଏକ ଋଣ କରିବାକୁ ପଡ଼େ। ଏପରି ଏକ ସମୟ ଆସେ ଯେ ଋଣ ମଧ୍ୟରୁ ବାହାରି ହୁଏ ନାହିଁ। ଋଣଯନ୍ତାରେ ପଡ଼ି ଛଟପଟ ହେବାକୁ ପଡ଼େ ।

ତତୀୟରେ ଅସ୍ପଷ୍ଟ ବଜେଟ, ଅନିୟମିତ ଖର୍ଚ୍ଚ, ପ୍ରେରଣା କ୍ରୟ( ଆକସ୍ମିକ କ୍ରୟ): ଭଲ ଆୟ ଥିବା ସତ୍ତ୍ୱେ ବ୍ୟବସ୍ଥିତ ବଜେଟ ବା ସୁକଳ୍ପିତ ଆୟ ଓ ବ୍ୟୟର ଯୋଜନାର ଅଭାବ। ମାସ ଆରମ୍ଭରେ କେଉଁ ଖର୍ଚ୍ଚ କେତେ ହେବ, କେତେ ସଞ୍ଚୟ ହେବ, କେତେ ନିବେଶ ପାଇଁ ରଖାଯିବ ଏସବୁର କୌଣସି ସ୍ପଷ୍ଟ ଯୋଜନା ନ ଥାଏ। ଫଳରେ ଅନିୟମିତ ଭାବରେ ଖର୍ଚ୍ଚ ହୋଇଯାଏ, ଯାହା ମାସ ଶେଷ ବେଳକୁ ଅଭାବ ସୃଷ୍ଟିକରେ। ଛୋଟ ଛୋଟ ଖର୍ଚ୍ଚ, ଯେପରିକି ବାରମ୍ବାର ବାହାରେ ଖାଇବା, ଅନ୍‌ଲାଇନ କିଣାକିଣି, ମନୋରଞ୍ଜନ ପାଇଁ ଅତ୍ୟଧିକ ଖର୍ଚ୍ଚ, ପୂର୍ବରୁ ଯୋଜନା ନ ଥାଇ ମନର ଆକର୍ଷଣ ପ୍ରଭାବରେ କିଣିବା ଦ୍ୱାରା ବଡ଼ ଅଙ୍କର ଟଙ୍କା ଖର୍ଚ୍ଚ ହୋଇଯାଏ ଓ ଅଭାବ ପଡ଼େ। ଚତୁର୍ଥ କାରଣ ହେଉଛି ସାମାଜିକ ଚାପ, ପଡ଼ୋଶୀ ପ୍ରଭାବ ଏବଂ ଦେଖାଇହେବା ପ୍ରବୃତ୍ତି : ପଡ଼ୋଶୀ ଓ ସାଙ୍ଗସାଥୀଙ୍କ ସହ ତୁଳନାକରି ଜୀବନଯାପନ କରିବାର ପ୍ରବୃତ୍ତି ଆର୍ଥିକ ସଙ୍କଟରେ ପକାଇଥାଏ । ଯଦି ପଡ଼ୋଶୀଙ୍କ ଘରେ ନୂଆ ଗାଡ଼ି ଆସିଲା, ତେବେ ଆମେ ମଧ୍ୟ ଗାଡ଼ି କିଣିବାକୁ ଚାହୁଁ; ସାଙ୍ଗମାନେ ମହଙ୍ଗା ଛୁଟିରେ ଯାଉଛନ୍ତି, ତେବେ ଆମେ ମଧ୍ୟ ଯିବାକୁ ଇଚ୍ଛାକରୁ ; ସାମାଜିକ ଗଣମାଧ୍ୟମ (ଯେପରି ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍) ଆଦିରେ ଲୋକମାନେ ନିଜର ସଫଳତା ଏବଂ ଭଲ ଜିନିଷ ଦେଖାଉଥିବାରୁ ଆମେ ମଧ୍ୟ ସେମିତି ଜୀବନଯାପନ କରିବାକୁ ଚାହୁଁ। ଏପରି ସାମାଜିକ ଚାପ, ପଡ଼ୋଶୀଙ୍କ ପ୍ରଭାବ ଏବଂ ନିଜକୁ ଦେଖାଇହେବା ପ୍ରବୃତ୍ତି ଆମକୁ ଆମର କ୍ଷମତାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ କରେ, ଫଳରେ ଆର୍ଥିକ ଅସ୍ଥିରତା ଦେଖାଦିଏ।



ପଞ୍ଚମରେ ଅପଚୟ ଏବଂ ଅନାବଶ୍ୟକ ଖର୍ଚ୍ଚ: ଭଲ ଆୟ ଥିବା ଲୋକମାନେ ମଧ୍ୟ ଅନେକ ସମୟରେ ଅପଚୟ କରିଥାନ୍ତି। ଯେପରିକି ଖାଦ୍ୟବସ୍ତୁ ନଷ୍ଟକରିବା, ଲାଇଟ-ପାଣି ବୃଥା ଖର୍ଚ୍ଚ, ଅଧିକ ସମୟ ପର୍ଯ୍ୟନ୍ତ ଏସି କିମ୍ବା ହିଟର ଚାଲୁରଖିବା, ଅନାବଶ୍ୟକ ମୋବାଇଲ ଫୋନ୍ କିମ୍ବା ଇଲେକ୍ଟ୍ରୋନିକ୍ ସାମଗ୍ରୀ କିଣିବା ଇତ୍ୟାଦି ଇତ୍ୟାଦି। ଷଷ୍ଠରେ ମୁଦ୍ରାସ୍ଫୀତି :ଆୟ ବଢୁନାହିଁ, କିନ୍ତୁ ଜିନିଷପତ୍ରର ଦାମ୍ ବଢୁଛି। ମୁଦ୍ରାସ୍ଫୀତି ଯୋଗୁ ପ୍ରତିବର୍ଷ ଖାଦ୍ୟଦ୍ରବ୍ୟ, ଇନ୍ଧନ, ଚିକିତ୍ସା, ଶିକ୍ଷା, ଏବଂ ଘରଭଡ଼ା ଆଦିର ମୂଲ୍ୟ ବଢ଼ିଚାଲିଥାଏ। କିନ୍ତୁ ସମସ୍ତଙ୍କ ଆୟ ସେହି ହାରରେ ବଢ଼େନାହିଁ। ଫଳରେ ଆୟ ବଢ଼ିଲେ ମଧ୍ୟ କ୍ରୟ କ୍ଷମତା ସମାନ ରହେ ନାହିଁ କିମ୍ବା କମିଯାଏ। ଅର୍ଥାତ୍ ଆଜି ଯେତେ ଟଙ୍କାରେ ଯାହା ମିଳୁଛି, ଆଗାମୀ ବର୍ଷ ସେଇ ଟଙ୍କାରେ ତାହା ମିଳିବ ନାହିଁ। ଏହା ଆର୍ଥିକ ଶକ୍ତିକୁ କ୍ଷୟ କରିଥାଏ।

ସପ୍ତମରେ ଅପ୍ରତ୍ୟାଶିତ ଖର୍ଚ୍ଚ, ପାରିବାରିକ ଦାୟିତ୍ୱ ଏବଂ କର ବୋଝ ବୃଦ୍ଧି ଓ ଏହିସବୁ ଖର୍ଚ୍ଚ ପାଇଁ ପ୍ରସ୍ତୁତ ନ ରହିବା ଅଭାବର କାରଣ ହୋଇଥାଏ।

ଅଷ୍ଟମ କାରଣ ହେଉଛି ନିବେଶ ଏବଂ ଭବିଷ୍ୟତ ପାଇଁ ସଞ୍ଚୟର ଅଭାବ : ଅନେକ ଉଚ୍ଚ ଆୟକାରୀ ଲୋକ କେବଳ ବର୍ତ୍ତମାନକୁ ଚିନ୍ତାକରି ଖର୍ଚ୍ଚ କରନ୍ତି, ଭବିଷ୍ୟତ ପାଇଁ ଯୋଜନା କରନ୍ତି ନାହିଁ। ସେମାନେ ନିବେଶ କରନ୍ତି ନାହିଁ, ଫଳରେ ଟଙ୍କାର ମୂଲ୍ୟ ସମୟ ସହ କମିଯାଏ। ଭବିଷ୍ୟତରେ ପିଲାଙ୍କ ଶିକ୍ଷା, ନିଜର ଅବସରକାଳୀନ ଜୀବନ ପାଇଁ ଟଙ୍କା ସଞ୍ଚୟ ନ ଥିଲେ ଆଜିର ଭଲ ଆୟ ମଧ୍ୟ ଭବିଷ୍ୟତରେ ଅଭାବ ସୃଷ୍ଟି କରିପାରେ। ନିବେଶ ନ କରି କେବଳ ସଞ୍ଚୟ କରିବା ମଧ୍ୟ ପର୍ଯ୍ୟାପ୍ତ ନୁହେଁ, କାରଣ ମୁଦ୍ରାସ୍ଫୀତି ସଞ୍ଚୟର ମୂଲ୍ୟକୁ କମାଇଦିଏ

ଭଲ ଆୟ ହେଉଛି ଏକ ବଡ଼ ସୁଯୋଗ, କିନ୍ତୁ ଏହା ଆପେ ଆପେ ଆର୍ଥିକ ସୁରକ୍ଷା ଦେଇପାରେ ନାହିଁ। ଆୟ ଯେତିକି ଗୁରୁତ୍ୱପୂର୍ଣ୍ଣ, ଟଙ୍କାକୁ ବୁଦ୍ଧିମତ୍ତାର ସହ ଖର୍ଚ୍ଚ କରିବା, ସଞ୍ଚୟ ଏବଂ ନିବେଶ କରିବା ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଅଭାବ ଅନୁଭବ ହେଉଛି ଆମର ଚିନ୍ତାଧାରା, ମାନସିକତା ଏବଂ ତ୍ରୁଟିପୂର୍ଣ୍ଣ ଅର୍ଥ ପରିଚାଳନାର ଫଳ। ଆୟ ବଢ଼ାଇବା ଉପରେ ଧ୍ୟାନଦେବା ସହ ଜୀବନର ବିଭିନ୍ନ ଲକ୍ଷ୍ୟ ପୂରଣ ପାଇଁ ଅର୍ଥ ନିୟୋଜନ, ଖର୍ଚ୍ଚ ନିୟନ୍ତ୍ରଣ ଏବଂ ଆର୍ଥିକ ସ୍ଥିତିର ନିୟମିତ ମୂଲ୍ୟାଙ୍କନ ଉପରେ ଧ୍ୟାନଦେଲେ ଆର୍ଥିକ ସ୍ୱାଚ୍ଛନ୍ଦ୍ୟ ଏବଂ ମାନସିକ ଶାନ୍ତି ଲାଭ କରିହେବ।

ପଲେଇ, ଚାନ୍ଦୋଳ, କେନ୍ଦ୍ରାପଡ଼ା

ମୋ: ୭୩୮୧୦୪୬୪୭୭

## ଏଇ ଭାରତରେ

ଉତ୍ତରପ୍ରଦେଶର ସୋତ ନଦୀ ଗଙ୍ଗାର ଏକ ଉପନଦୀ। ଏହା ସମ୍ଭଲ ଜିଲାର ଜୀବନ ରେଖା। ଏହି ନଦୀ ସମ୍ଭଲର ୫ଟି ବ୍ଲକ୍‌ର ୭୧ଟି ଗ୍ରାମପଞ୍ଚାୟତ ଦେଇ ୧୧୦ କି.ମି. ପ୍ରବାହିତ ହେଉଥିଲା। ସମୟ ସ୍ରୋତରେ ଜବରଦଖଲ ଯୋଗୁ ଏହାର ଧାରା ଅଟକି ଯାଇଥିଲା। ହେଲେ ୨୦୨୨ରେ ମନୀଷ ବଂଶଲ ସମ୍ଭଲର ଜିଲାପାଳ ଭାବେ ଯୋଗ ଦେବା ପରେ ସେହି ବର୍ଷ ଡିସେମ୍ବରରୁ ନଦୀର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସବୁଠୁ ବଡ଼ କଥା ହେଲା, ଜୁନ୍ ୨୦୨୩ ମଧ୍ୟରେ ମାତ୍ର ୬ ମାସରେ ପ୍ରୋଜେକ୍ଟ କାର୍ଯ୍ୟ ଶେଷ କରିପାରିଥିଲେ। ବିଶେଷକରି ଏମ୍‌ଜିଏନ୍‌ଆର୍‌ଇଜିଏ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ଶ୍ରମଶକ୍ତିକୁ ଆଧାରକରି ସୋତ ନଦୀ ପୁନରୁଦ୍ଧାର ସମ୍ଭବ ହୋଇଛି। ଏବେ ନଦୀ ଅବବାହିକା ଅଞ୍ଚଳରେ ଭୂତଳ ଜଳସ୍ତର ବୃଦ୍ଧିପାଇବା ସହ ସବୁ ପଞ୍ଚାୟତର ଲୋକ ଜଳସେଚନର ସୁବିଧା ପାଇପାରୁଛନ୍ତି। ଏହା ବ୍ୟତୀତ ମୃତ୍ତିକା ରକ୍ଷା ରୋକିବା ସକାଶେ ୧୦,୦୦୦ ବାଉଁଶ ଚାରା ନଦୀକଡ଼ରେ ଲଗାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୪ ଜାନୁଆରୀ ୧୯୭୬**

- ଲୋକ ସଭା ସଦସ୍ୟ ମୋହନ ଧରିଆ ଏବଂ ରାଜ୍ୟସଭା ସଭ୍ୟ ଚନ୍ଦ୍ରଶେଖରଙ୍କୁ ଖଲାସ କରି ଦିଆଯାଇଛି।
- ଭାରତର ଅନ୍ୟତମ ଶିଳ୍ପ ସମ୍ରାଟ୍ ସେଠ ରାମକୃଷ୍ଣ ଡାଲମିୟା, ତାଙ୍କର ସାନଭାଇ ଶିଳ୍ପପତି ଜୟଦୟାଲ ଡାଲମିଆ ଏବଂ ଜାମାତା ଶିଳ୍ପପତି ଶାନ୍ତିପ୍ରସାଦ ଜୈନଙ୍କୁ ଚକ୍ରାନ୍ତ, ବିଶ୍ୱାସଭଙ୍ଗ ଓ ଠକେଇ ଅଭିଯୋଗରେ ୨ ବର୍ଷ ସଶ୍ରମ କାରାଦଣ୍ଡ।
- ଜାଏର୍‌ର ପୂର୍ବାଞ୍ଚଳସ୍ଥିତ ନାଉରାଗଙ୍ଗୋ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ହେବା ଫଳରେ ପ୍ରାୟ ୨୦୦୦ ଲୋକଙ୍କ ପ୍ରାଣହାନି।

## ଚିରନ୍ତନୀ

ଝରଇ ଅହରହ ଧରଣୀ ଦୁରୁବହ
ବିପୁଳ ସ୍ୱେଦରାଶି ପରଶେ
ପତର ଲତା ପରେ କି ମୃଦୁ ବାଣୀ ଝରେ
ସବୁଜ-ଘାସ-ଲୋମହରଷେ ।
-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ରୀନ୍ ଷ୍ଟିକର: ଧର୍ମକୁ ଆଖିଠାର

ମହାଶୟ,

ଇ-ଚାଲାଣ ଅଫ୍‌ଲାଇନ ଜରିଆରେ ପୈଠ ବ୍ୟବସ୍ଥା, ଜରିମାନା କୋହଳର ଆଶ୍ୱସ୍ତି ଏବଂ ପ୍ରଦୂଷଣ ପ୍ରମାଣପତ୍ର ଥିବା ଗାଡ଼ିରେ ଗ୍ରୀନ୍ ଷ୍ଟିକର ଲଗାଇବା, ଜନସାଧାରଣ ଏବଂ ଆଞ୍ଚଳିକ ବାୟୁମଣ୍ଡଳକୁ କେତେଦିନ ଓ କିପରି ସ୍ୱସ୍ତି ଦେଇପାରିବ ଭାବି ବସିଲେ ବୋଧେ ନିରାଶ ହେବାକୁ ପଡ଼ିବ । କେବେ ପ୍ରମାଣପତ୍ର ଓ ଗ୍ରୀନ୍ ଷ୍ଟିକର କ'ଣ 'ଗ୍ରୀନ୍ ଓଡ଼ିଶା, କ୍ଲିନ୍ ଓଡ଼ିଶାର ସ୍ଲୋଗାନକୁ ସମ୍ଭାବନାରେ ରୂପାନ୍ତରିତ କରିବାକୁ ସମର୍ଥ ? ପ୍ରମାଣପତ୍ର ପ୍ରାପ୍ତି ପରେ ପେଟ୍ରୋଲ, ଡିଜେଲଚାଳିତ ଗାଡ଼ି କ'ଣ ଆଉ ବାୟୁମଣ୍ଡଳକୁ ଧୂଆଁ ଛାଡ଼ିବନି ? ପ୍ରକାଶ ଥାଉକି ସିଏନ୍‌ଜି ଏବଂ ବ୍ୟାଟେରିଚାଳିତ ଯାନ ପ୍ରତ୍ୟକ୍ଷରେ ବାୟୁମଣ୍ଡଳକୁ ଧୂଆଁ ଛାଡ଼ି ଦୂଷିତ ନ କଲେ ବି ଇ-ଯାନ ରିଜେକ୍ଟ (ପରିତ୍ୟକ୍ତ) ବ୍ୟାଟେରି ପରିବେଶ ପ୍ରତିକୂଳ । ଏ ପ୍ରେକ୍ଷାପଟରେ ସବୁ ଯାନ ପାଇଁ ନିୟମ ସମାନ ହେଉ ।

–ଦୁର୍ଗା ପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବାସୁ



@ ଜଗତ୍



@ ପ୍ରଦୀପ୍ତ



@ ଶୁଭ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିଜ ଭାଷାରେ ପାଠପଢ଼ିବେ ଅଙ୍ଗନୱାଡ଼ି ଶିଶୁ

**ଭୁବନେଶ୍ୱର, ୧୩।୧ (ସୁଚିସ୍ମିତା ସାହୁ)**

'ଆମେ ପଢ଼ିବା ଆମ ଭାଷାରେ' ନାମକ ପଞ୍ଚବର୍ଷୀୟ ଯୋଜନାର ଶୁଭାରମ୍ଭ ହୋଇଛି। ଏଣିକି ନିଜ ଭାଷାରେ ପାଠପଢ଼ିବେ ଅଙ୍ଗନୱାଡ଼ି ଶିଶୁ। ୨୧ଟି ଜନଜାତୀୟ ମାତୃଭାଷାରେ ୩ରୁ ୬ବର୍ଷ ବୟସର ଅଙ୍ଗନୱାଡ଼ି ଶିଶୁଙ୍କୁ ପାଠ ପଢ଼ାଯିବ। ଏନେଇ ଅଙ୍ଗନୱାଡ଼ି କର୍ମୀଙ୍କୁ ଭାଷା-ନିର୍ଦ୍ଦିଷ୍ଟ ତାଲିମ, ଶିକ୍ଷା ସାମଗ୍ରୀ ଏବଂ ଅଡିଓ- ଭିଜୁଆଲ ବିଷୟବସ୍ତୁ ପ୍ରଦାନ କରାଯିବ ବୋଲି ମଙ୍ଗଳବାର ବାଲ୍ୟବିବାହ ନିବାରଣ ପାଇଁ ରାଜ୍ୟବ୍ୟାପୀ ୧୦୦ ଦିନିଆ ଅଭିଯାନର ଶୁଭାରମ୍ଭ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଛନ୍ତି।

ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ଅଭିଯାନ, ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ଲୋକସେବା ଭବନସ୍ଥିତ କନ୍‌ଭେନଶନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଜାତୀୟ ଶିକ୍ଷା ନୀତି-୨୦୨୦ ସହ ସମନ୍ୱୟରେ ଶିଶୁଙ୍କୁ ମାତୃଭାଷାରେ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର, କନ୍ଧମାଳ, ଗଜପତି, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲାରେ ମୁଣ୍ଡା, କୁଇ, ସଉରା, କୁଭି, ଗୋଣ୍ଡି ଓ କୋୟା ଭାଷାରେ ଉକ୍ତ ଯୋଜନା କାର୍ଯ୍ୟକାରୀ ହେବ। ସୁଭଦ୍ରା ଯୋଜନା ପରି 'ଆମେ ପଢ଼ିବା ଆମ ଭାଷାରେ' ଯୋଜନାକୁ ଘରେ ଘରେ ସୁପରିଚିତ କରିବାକୁ ଉଦ୍ୟମ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଲେ, ମହିଳା ସଶକ୍ତୀକରଣ ହେଉଛି ବିକଶିତ ଓଡ଼ିଶାର ଚାବିକାଠି। ମହିଳା ଏବଂ ଶିଶୁଙ୍କୁ ସୁରକ୍ଷିତ, ସମାନ ଓ ସମ୍ମାନଜନକ ପରିବେଶ ଦେବା ରାଜ୍ୟ ସରକାରଙ୍କ ପ୍ରାଥମିକତା। ସେ ମାତୃଭାଷାରେ ଆଧାରିତ ପ୍ରାରମ୍ଭିକ ଶିକ୍ଷା, ବାଲ୍ୟ ବିବାହ ରୋକିବା, କିଶୋରୀ ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ, ସମୁଦାୟ ସଂପୃକ୍ତି ଓ ତଳସ୍ତରରେ କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବାଲ୍ୟ ବିବାହ ରୋକିବା ଅଭିଯାନରେ ସମୁଦାୟ, ଯୁବ ନେତୃତ୍ୱ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଏବଂ ସଂସ୍ଥାଗତ ମଞ୍ଚଗୁଡ଼ିକର ସକ୍ରିୟ ସଂପୃକ୍ତି ମାଧ୍ୟମରେ କନ୍ୟା ଶିକ୍ଷା, ସଚେତନତା ଓ ସୁରକ୍ଷାକୁ ମଜଭୁତ କରାଯିବ। ସାଇକେଲ ରାଲି, ଯୁବ ସମ୍ମିଳନୀ, ମାନବ ଶୃଙ୍ଖଳ, ସ୍କୁଲ-କଲେଜ ଭିତ୍ତିକ ପ୍ରାରମ୍ଭିକ ସତର୍କତା ବ୍ୟବସ୍ଥା ଓ ଡିଜିଟାଲ ସଚେତନତା ଭଳି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ମୟୂରଭଞ୍ଜ ଜିଲାରେ ୟୁନିସେଫ୍ ସହଯୋଗରେ କିଶୋରୀ ମାଆ ସହାୟତା ଓ କିଶୋରୀ ଗର୍ଭଧାରଣ ରୋକିବା ପାଇଁ ପାଇଲଟ୍ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ବରପାଲିସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନର ନୂତନ ପ୍ରଶାସନିକ ଭବନ ଏବଂ ବୌଦ୍ଧ ଓ କନ୍ଧମାଳ ଜିଲାରେ ଆଇସିଡିଏସ୍ କ୍ଷେତ୍ର ଅଧିକାରୀଙ୍କ ପାଇଁ ଆବାସିକ କ୍ୱାର୍ଟର୍ସର ଉଦ୍‌ଘାଟନ କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଆଭାସି ମାଧ୍ୟମରେ ଯୋଗଦେଇ ସ୍ଥାନୀୟ ଭାଷାରେ ପ୍ରାଥମିକ ଶିକ୍ଷାର ମହତ୍ତ୍ୱ ଏବଂ ଚରିତ୍ର ନିର୍ମାଣରେ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ଅତିରିକ୍ତ ଶାସନ ସଚିବ ଏନ୍.ସି. ଜ୍ୟୋତିରଞ୍ଜନ ନାୟକ, ଅତିରିକ୍ତ ଶାସନ ସଚିବ ସୁମିତ୍ରା କୁମାରୀ ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଅନନ୍ତ ନାରାୟଣ ସିଂ ଲାଗୁରୀ, ଓଏସ୍‌ଏଲ୍‌ଏସ୍‌ଏ ସଦସ୍ୟା ସଚିବ ଅରବିନ୍ଦ ପଟ୍ଟନାୟକ, ୟୁନିସେଫ୍‌ର ସିଏଫ୍‌ଓ ପ୍ରଶାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ବାଲ୍ୟବିବାହ ନିବାରଣ ପାଇଁ ୧୦୦ ଦିନିଆ ଅଭିଯାନର ଶୁଭାରମ୍ଭ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅଧିକାରୀମାନେ।

### ବାଲ୍ୟବିବାହ ରୋକିବା ପାଇଁ ୧୦୦ ଦିନିଆ କାର୍ଯ୍ୟକ୍ରମର ଶୁଭାରମ୍ଭ

# ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ୬ ସପ୍ତାହ ସମୟ

**କଟକ, ୧୩।୧ (କାର୍ତ୍ତିକ ସାହୁ)**

### ହାଇକୋର୍ଟରେ ଲୋକାୟୁକ୍ତ ଚେୟାରପର୍ସନ ଓ ସଦସ୍ୟ ନିଯୁକ୍ତି ମାମଲା

ଲୋକାୟୁକ୍ତ ଓଡ଼ିଶାରେ ଚେୟାରପର୍ସନ ଓ ସଦସ୍ୟ ନିଯୁକ୍ତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ବିରୋଧରେ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଆଡ୍‌ଭୋକେଟ ଜେନେରାଲ ଖଣ୍ଡପୀଠ ସମ୍ମୁଖରେ ଭିସି ମାଧ୍ୟମରେ ହାଜର ହୋଇ ଅଦାଲତଙ୍କୁ ଜଣାଇଥିଲେ ଯେ ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟଙ୍କ ନିଯୁକ୍ତି ପାଇଁ ସରକାର ଉଦାସୀନ ନୁହନ୍ତି। କିନ୍ତୁ ଓଡ଼ିଶା ଲୋକାୟୁକ୍ତ ଅଧିନିୟମ, ୨୦୧୪ରେ ସଂଶୋଧନ ପାଇଁ ସରକାର ଚିନ୍ତା କରୁଛନ୍ତି, ତେଣୁ ସରକାର ଆଉ କିଛି ସମୟ ଦରକାର କରୁଛନ୍ତି। ଖଣ୍ଡପୀଠ ଏଥିପାଇଁ ୬ ସପ୍ତାହ ସମୟ ଦେବା ସହିତ ସ୍ପଷ୍ଟ କରିଛନ୍ତି ଯେ, ୨୦୨୪ ଅଗଷ୍ଟ ୯ରୁ ଲୋକାୟୁକ୍ତ ଅଚଳ ହୋଇଯାଇଥିବାରୁ ସରକାର ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟଙ୍କ ନିଯୁକ୍ତି ପାଇଁ ତତ୍ପରତା ଦେଖାଇ ଉପଯୁକ୍ତ ପଦକ୍ଷେପ ନେବେ। ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ଫେବୃଆରୀ ୨୪ ତାରିଖକୁ ଧାର୍ଯ୍ୟ ହୋଇଛି। ଆଇନଜୀବୀ ପ୍ରବୀର କୁମାର ଦାସ, ମନୋରଞ୍ଜନ ସାହୁ ଓ ସତୀଶ ବିଶ୍ୱାଳଙ୍କ ଦ୍ୱାରା ପୃଥକ୍ ଭାବେ ରୁଜୁ ତିନିଟି ଜନସ୍ୱାର୍ଥ ମାମଲାର ଏକତ୍ର ଶୁଣାଣି ହୋଇଥିଲା।

ମାମଲାର ବିବରଣୀ ଅନୁସାରେ, ରାଜ୍ୟ ସରକାର ୨୦୧୯ ଫେବୃଆରୀ ୨୮ରେ ଲୋକାୟୁକ୍ତ ପ୍ରତିଷ୍ଠା କରିଥିଲେ। ଲୋକାୟୁକ୍ତରେ ଜଣେ ଚେୟାରପର୍ସନ ଓ ୫ ଜଣ ସଦସ୍ୟ ରହିବାର ନିୟମ ରହିଛି। ସଦସ୍ୟ ୫ଜଣ ମଧ୍ୟରୁ ୨ଜଣ ବିଚାର ବିଭାଗୀୟ ସଦସ୍ୟ ରହିବା ନିୟମ ମଧ୍ୟ ରହିଛି। ତଦନୁସାରେ ୨୦୧୯ରେ ଚେୟାରପର୍ସନଙ୍କ ସମେତ ସଦସ୍ୟମାନଙ୍କୁ ପର୍ଯ୍ୟାୟକ୍ରମେ ନିଯୁକ୍ତ କରାଯାଇଥିଲା। ମାତ୍ର ସେମାନଙ୍କ କାର୍ଯ୍ୟକାଳ ୫ ବର୍ଷ ହୋଇଥିବାରୁ ସେହି ଅବଧି ଶେଷ ହେବା ପରେ ୨୦୨୪ ମାର୍ଚ୍ଚ ୧୯ରୁ ଚେୟାରପର୍ସନ ଓ ସଦସ୍ୟମାନଙ୍କ କାର୍ଯ୍ୟକାଳ କ୍ରମାନ୍ୱୟରେ ଶେଷ ହୋଇଥିଲା। ଶେଷରେ ୨୦୨୪ ଅଗଷ୍ଟ ୮ରୁ ଲୋକାୟୁକ୍ତଙ୍କ ଚେୟାରପର୍ସନ ଓ ସଦସ୍ୟ ପଦ ଖାଲିପଡ଼ିଛି। ସରକାର ଏ ଦିଗରେ ତତ୍ପରତା ଦେଖାଉ ନ ଥିବାରୁ ହାଇକୋର୍ଟ ଏ ଦିଗରେ ଆଦେଶ ଦେବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି।

# ଦୁର୍ଘଟଣା: ଆଇଆଇଟି ଛାତ୍ରଙ୍କ ମୃତ୍ୟୁ, ଜଣେ ଗୁରୁତର

**ଜଟଣୀ, ୧୩।୧ (ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧା ଜିଲା ଜଟଣୀ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱର ପରିସରରେ ସୋମବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ସ୍କୁଟି ଡିଭାଇଡରରେ ପିଟିହୋଇଯିବାରୁ ଜଣେ ପିଏଚ୍‌ଡି ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପଶ୍ଚିମବଙ୍ଗର ଶଙ୍ଖ ଶୁଭ୍ର ଚକ୍ରବର୍ତ୍ତୀ(୨୭)। ଗୁରୁତର ଶକ୍ତି ଶ୍ରୀବାସ୍ତବ(୨୬)ଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସୋମବାର ରାତିରେ ଉଭୟ ଛାତ୍ର ଏକ ସ୍କୁଟିରେ ଯାଉଥିବା ବେଳେ କ୍ୟାମ୍ପସ୍ ପରିସରରେ ଥିବା ଡିଭାଇଡରରେ ପିଟିହୋଇଯାଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଉକ୍ତ ପ୍ରତିଷ୍ଠାନର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଉଭୟଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶଙ୍ଖଶୁଭ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆଇଆଇଟି ଭୁବନେଶ୍ୱରର ସିକ୍ୟୁରିଟି ଅଧିକାରୀ ରବିନନ୍ଦନ ବୈଶ୍ୟଙ୍କ ଅଭିଯୋଗ ଆଧାରରେ ଜଟଣୀ ଥାନାରେ ଏକ ମାମଲା(ନଂ.୨୧/୨୬)ରୁଜୁ ହୋଇଛି। ଏନେଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଷ୍ଟାଲିନ୍ ବିଶ୍ୱାଳ କହିଛନ୍ତି।


**ଆବଶ୍ୟକ**

ସିଲିଂ/ଟେବୁଲ୍ ଫ୍ୟାନ୍ ଗ୍ରାଇଣ୍ଡର ୨ଜଣ ଫ୍ୟାନ୍/ଗ୍ରାଇଣ୍ଡର ମେକାନିକ ୨ ଜଣ ସେଲ୍‌ସମ୍ୟାନ୍ ୨ଜଣ

ଯୋଗାଯୋଗ: 8328881723



**REQUIRED**

**Female Nurses (DMLT)**

for Fresher/ Experience Lab Testing in Bhubaneswar. Send resume on Whatsapp. or Contact- 8339966999


# 'ଆମ ବସ୍' ସେବା ପାଇଁ କ୍ୟୁ ଆର୍ କୋଡ୍ ଟିକେଟ୍ ବ୍ୟବସ୍ଥା ଆରମ୍ଭ

**ଭୁବନେଶ୍ୱର, ୧୩।୧ (ବନ୍ଦନା ସେଠୀ)**

ରାଜ୍ୟ ସରକାରଙ୍କ ପକ୍ଷରୁ 'ଓଡ଼ିଶା ଯାତ୍ରୀ'- ଗୋଟିଏ ଆପ୍, ଅନେକ ଯାତ୍ରା, ଏକ ସ୍ମାର୍ଟ ଓଡ଼ିଶାର ଶୁଭାରମ୍ଭ କରାଯାଇଛି। ଡିଜିଟାଲ ଶାସନ, ଯାତ୍ରୀଙ୍କ ସୁବିଧା ଏବଂ ଶେଷ ମାଇଲ ସଂଯୋଗୀକରଣ ଉପରେ ପ୍ରାଧାନ୍ୟ ଦେଇ ପ୍ରସ୍ତୁତ କରାଯାଇଥିବା 'ଓଡ଼ିଶା ଯାତ୍ରୀ' ଏକ ସମନ୍ୱିତ ଡିଜିଟାଲ ପରିବହନ ପ୍ଲାଟଫର୍ମ। ଗୋଟିଏ ଆପ୍ଲିକେଶନରେ ଏହା ପରିବହନର ଏକାଧିକ ମାଧ୍ୟମକୁ ସଂଯୋଗ କରୁଛି। ଏହି ପଦକ୍ଷେପର ଅଂଶସ୍ୱରୂପ 'ଆମ ବସ୍' ସେବା ପାଇଁ 'FASTicket' ନାମକ ଏକ କ୍ୟୁଆର୍-ଭିତ୍ତିକ ଇନ୍-ବସ୍ ଡିଜିଟାଲ ଟିକେଟ ବ୍ୟବସ୍ଥା ଆରମ୍ଭ କରାଯାଇଛି। ପ୍ରତ୍ୟେକ 'ଆମ ବସ୍' ଭିତରେ କ୍ୟୁ ଆର୍ କୋଡ୍ ଲଗାଯାଇଛି। ଏହାଦ୍ୱାରା ଯାତ୍ରୀମାନେ ବସ୍‌ରେ ଚଢ଼ିବା ପରେ 'ଓଡ଼ିଶା ଯାତ୍ରୀ' ଆପ୍ ମାଧ୍ୟମରେ ଟିକେଟ ବୁକ୍ କରିପାରିବେ। ସାଧାରଣତଃ ଟିକେଟ କାଟିବାକୁ ୩୦ ସେକେଣ୍ଡ ଲାଗିଥାଏ, ମାତ୍ର ଏହି ବ୍ୟବସ୍ଥା ଦ୍ୱାରା ମାତ୍ର ୩ ସେକେଣ୍ଡରେ ଟିକେଟ୍ ମିଳିପାରିବ। ଏଥିସହ ଏହି ବ୍ୟବସ୍ଥା ଲମ୍ବା ଧାଡ଼ି, ନଗଦ ଟଙ୍କା କାରବାର ଏବଂ ମାନୁଆଲ ଯାଞ୍ଚ ପ୍ରକ୍ରିୟାର ଆବଶ୍ୟକତାକୁ ଦୂର କରିଛି। ଏହି ପ୍ଲାଟଫର୍ମ ମାଧ୍ୟମରେ ଯାତ୍ରୀମାନେ ବର୍ତ୍ତମାନ ବସ୍, ଅଟୋ ଏବଂ କ୍ୟାବ୍ ସେବାକୁ ଏକସଙ୍ଗେ ଗୋଟିଏ ଡିଜିଟାଲ ମଞ୍ଚରେ ସହଜରେ ପାଇପାରୁଛନ୍ତି। ସୁଲଭ ଏବଂ ଅନ୍ତର୍ଭୁକ୍ତୀକରଣ ସାର୍ବଜନୀନ ପରିବହନକୁ ପ୍ରୋତ୍ସାହିତ କରିବା ପାଇଁ 'ଓଡ଼ିଶା ଯାତ୍ରୀ' ପୁରୁଷ ଯାତ୍ରୀଙ୍କ ପାଇଁ ୧୦% ଏବଂ ମହିଳା ଯାତ୍ରୀଙ୍କ ପାଇଁ ୧୫% ରିହାତି ପ୍ରଦାନ କରୁଛି। ଏନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, ସାଧାରଣ ପରିବହନ ବ୍ୟବସ୍ଥା ଏବଂ ନାଗରିକଙ୍କ ଘର ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା ପାଇଁ 'ଓଡ଼ିଶା ଯାତ୍ରୀ'କୁ ପ୍ରସ୍ତୁତ କରାଯାଇଛି।

# ଓଏସ୍‌ଏସ୍‌ସି ଆବେଦନ ଅବଧି ବୃଦ୍ଧି ପାଇଁ ଦାବି

**ଭୁବନେଶ୍ୱର, ୧୩।୧ (ସୁଚିସ୍ମିତା ସାହୁ):** ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ ୧୫୭୬ ସିଜିଏଲ୍ ପଦରେ ନିଯୁକ୍ତି ପାଇଁ ଆବେଦନ କରିବାକୁ ଆଶାୟୀମାନେ ବହୁ ହଇରାଣ ହେଉଛନ୍ତି। କେତେବେଳେ ୱେବ୍‌ସାଇଟ ଖୋଲୁନାହିଁ ତ ପୁଣି କେତେବେଳେ ଧିମେଇ ଚାଲୁଛି। ଏଥିଯୋଗୁ ଆଶାୟୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ପରୀକ୍ଷା ଫି' ଦାଖଲ ସମୟରେ ୱେବସାଇଟ୍ ମାତ୍ରାଧିକ ଧିମା ହେଉଥିବାରୁ ଟଙ୍କା କଟିଯାଉଥିଲେ ମଧ୍ୟ ଫି' ଦାଖଲ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଉନାହିଁ। ବିଭିନ୍ନ ବୈଷୟିକ ସମସ୍ୟାକୁ ସମାଧାନ କରିବା ସହ ଆବେଦନ ଅବଧି ବଢ଼ାଇବାକୁ ଆଶାୟୀମାନେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଓଏସ୍‌ଏସ୍‌ସି କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।


**Gangadhar Meher University,**
**Amruta Vihar, Sambalpur, Odisha-768001**
**Invitation of Expression of Interest for engagement as PMC for Construction of different buildings at G.M University, Sambalpur**

**Advt. No. 121/GMU** **Date 13.01.2026**

Gangadhar Meher University, Sambalpur invites Expression of Interest (EoI) from reputed public sector organization such as State PSU/ Central PSU for engagement as Project Management Consultant (PMC) for Construction of different buildings at the G.M. University, Sambalpur. Interested Agencies are requested to visit the official website **www.gmuniversity.ac.in** for details. The last date of submission of EoI is 12.02.2026.

Sd/-
**Registrar**



**Gangadhar Meher University,**
**Amruta Vihar, Sambalpur, Odisha-768001**
Invitation of Expression of Interest (EoI) for Empanelment of Vendors for Supply of various items/services

**Advt. No. 125/GMU** **Date 13.01.2026**

G.M. University, Sambalpur invites Expression of Interest (EoI) from reputed Manufacturer(s)/ Authorised Dealer(s)/ Distributor(s)/ Supplier(s) for Vendor Registration and Empanelment for supply of various items & services i.e. Accommodation for guests, supply of Tea, Snacks & water, Seminar gifts, Tent and Decorator, Travel Agency, Office stationaries, Flower decorators, Catering services, Printing services, Photography and Videography services, etc. as provided in the prescribed format. Interested vendor(s) are requested to visit the official website **www.gmuniversity.ac.in** for details. The last date of submission of EoI is 22.01.2026.

Sd/-
Registrar



No. O-2035 **GOVERNMENT OF ODISHA** eerwbnjr@gmail.com

**OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR**

**NATIONAL COMPETITIVE BIDDING THROUGH e-Procurement**

Identification No. Online Tender/24/RWDBNJ/2025-2026

Ltr. No. 114 Date: 07.01.2026

| Identification No. | Name of Work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ RWDBNJ/24/ 2025-26 | Road Work | 2 Nos. | 66.74 to 67.80 Lakhs | "B" Class as applicable | 02 (Three) Calendar Months |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, R.W. Division, Bhanjanagar | Online Tender/24/ RWDBNJ/2025-2026 | 15.01.2026 at 10.00 A.M. | 27.01.2026 upto 3.00 P.M. |

Further details can be seen from the website: **www.tendersodisha.gov.in**.

OIPR- Sd./- Executive Engineer, R.W. Division, Bhanjanagar



**PARADIP PORT AUTHORITY**

Tender No.ENG/CE/1523/NDC3/2024/375 Dt.08.01.2026

**DEVELOPMENT OF NORTH DOCK COMPLEX-3 (NDC-3) BERTH FOR HANDLING DRY BULK CARGO ON CAPTIVE BASIS**

**INVITATION OF REQUEST FOR QUALIFICATION (RFQ)**

Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app). Last date and time of submission of RFQ Applications is 24/02/2026 till 1400 hours.

Executive Engineer (C),
Project Implementation Office, PPA.

PPA/PR/64/2025-2026, dt.12/01/2026



**ଚେନ୍ନାଇ** (ଶ୍ରୀପେରୁମ୍ବୁଦୁର)ଠାରେ ଆମ ଗ୍ରାନାଇଟ୍ ୟୁନିଟ୍‌ରେ କାମ କରିବା ପାଇଁ **ପୁରୁଷ ହେଲ୍‌ପର୍** ପ୍ରାର୍ଥୀ ଆବଶ୍ୟକ । ପ୍ରାର୍ଥୀଙ୍କୁ ଫିନିଶ୍‌ଡ ଗ୍ରାନାଇଟ୍ ବୋଝେଇ ଓ ଖଲାସ କରିବା, ପ୍ୟାକିଂ ତଥା ଷ୍ଟାକିଂରେ ସାହାଯ୍ୟ କରିବାକୁ ହେବ । ଦରମା: **ଟ.14,000-15,000/-** । ରହିବା ଓ ଖାଇବା ସୁବିଧା ଦିଆଯିବ ।

**ଷ୍ଟୋନ୍ ଆର୍ଟ ପ୍ରା. ଲିଃ, ଚେନ୍ନାଇ**
ଯୋଗାଯୋଗ:
**8090890945, 8015654079**



GOVERNMENT OF ODISHA

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**

At: Chandikhole, P.O.: Sunguda, Jajpur - 754296, Email: serw_kpd@yahoo.com

Letter No. 66 Date: 09.01.26

**2nd Corrigendum Notice**

**2nd Corrigendum to Bid Identification No. Tender Online RCK-20/25 invited this office Letter No. 4008 Dt.27.11.2025.**

No. O-2034: The changes as detailed below are hereby made in the above N.I.T. for Sl. No. 12, 13, 22, 24, 25, 26, 28, 30, 31, 32, 33 & 34 (Annexure attached).

| Procurement Officer | Bid Identification No. | Availability of Tender Online for Bidding | | Last Date & Time of seeking tender clarification | | Date & Time of opening of Tender | | | |
|---|---|---|---|---|---|---|---|---|---|
| | | | | | | Technical Bid | | Financial Bid | |
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, R.W. Circle, Kendrapara-Jajpur | Tender Online RCK-20/25 | From 10.12.2025 at 11.00 A.M. to 12.01.2026 upto 05.00 P.M. | From 12.01.2026 at 11.00 A.M. to 27.01.2026 upto 05.00 P.M. | 12.01.2026 upto 02.00 P.M. | 27.01.2026 upto 02.00 P.M. | 13.01.2026 at 11.00 A.M. | 28.01.2026 at 11.00 A.M. | Will be intimated later | Will be intimated later |

All other conditions of NIT remain unaltered.

OIPR: Sd./- Chief Construction Engineer, Rural Works Circle, Kendrapara-Jajpur



**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୭-୧୧-୨୬, ତାରିଖ: ୦୯।୦୧।୨୦୨୬ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆରଏମ୍ (ଇଏନ୍‌ଜିଜି)/ଆଦ୍ରା, ଦକ୍ଷିଣ ପୂର୍ବ ରେଳପଥ ତଳେ ଦର୍ଶାଯାଇଥିବା ଅନୁଯାୟୀ ପି.ୱେ, ବାଲାଷ୍ଟ, ଏଫ୍‌ଓବି ଏବଂ ଡ୍ରେନେଜ୍, ବିବିଧ କାର୍ଯ୍ୟ ନିମନ୍ତେ ୦୫ (ପାଞ୍ଚ) ଗୋଟି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.-୧, ଟେଣ୍ଡର ନଂ.: ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୭-୨୬ । କାର୍ଯ୍ୟର ବର୍ଣ୍ଣନା: ଯେକୌଣସି କ୍ୱାରିରୁ ବିଷ୍ଣୁପୁର ଡିପୋଠାରେ ଷ୍ଟାକ୍‌ରେ ୫୦ ମିମି ଗେଜ୍ ମେଶିନ୍ କ୍ରଶ୍‌ଡ ବାଲାଷ୍ଟର ଯୋଗାଣ କରିବା ଓ ପହଞ୍ଚାଇବା ତଥା ତାହାକୁ ଯେକୌଣସି ପ୍ରକାର ରେଳ ୱାଗନ୍‌ରେ ବୋଝେଇ କରିବା । ଟେଣ୍ଡର ମୂଲ୍ୟ: ₹୨,୩୦,୪୨,୪୪୮। କ୍ର.ସଂ.-୨, ଟେଣ୍ଡର ନଂ.: ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୮-୨୬ । କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ପୁରୁଲିଆଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାଫିକ୍‌ର ସୁରକ୍ଷିତ ଚଳାଚଳ ଲାଗି ଟ୍ରାକ୍‌ର ସୁଦୃଢ଼ୀକରଣ ଓ ମାନକୀକରଣ ଲାଗି ବିବିଧ ପି.ୱେ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୪,୧୪,୦୬,୯୮୧.୪୬ । କ୍ର.ସଂ.-୩, ଟେଣ୍ଡର ନଂ.: ଇ-ଡିଆରଏମ୍-ଇଏନ୍‌ଜିଜି-ଏଡିଆର୍‌ଏ-୦୯-୨୬ । କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ପୂର୍ବ/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାଫିକ୍‌ର ସୁରକ୍ଷିତ ଚଳାଚଳ ଲାଗି ଟ୍ରାକ୍‌ର ସୁଦୃଢ଼ୀକରଣ ଓ ମାନକୀକରଣ ଲାଗି ବିବିଧ ପି.ୱେ କାର୍ଯ୍ୟ । [illegible]

www.ireps.gov.in (PR-1054)



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-BG-PURI-42-2026

କାର୍ଯ୍ୟର ନାମ : 04 (ଚାରି) ବର୍ଷର ଅବଧି ନିମନ୍ତେ କୋଚିଂ ଡିପୋ ପୁରୀ ଠାରେ କ୍ୟାରେଜ ମରାମତି କାରଖାନା, ମଞ୍ଚେଶ୍ୱର ପର୍ଯ୍ୟନ୍ତ BG କୋଚ ର ସମସ୍ତ ପ୍ରକାର ବଗିଗୁଡ଼ିକର ପରିବହନ ଏବଂ ଫେରିବା, ଯେଉଁଥିରେ ମେସିନକୃତ ଭରିବା / ଖାଲିକରିବା ଅନ୍ତର୍ଭୁକ୍ତ ଅଟେ ଏବଂ SS-I ସୂଚୀ ନିମନ୍ତେ ବନ୍ଦେ ଭାରତ ବଗିଗୁଡ଼ିକୁ ପୁରୀ ଠାରୁ ତିରୁପତି କାରଖାନା ପର୍ଯ୍ୟନ୍ତ ପରିବହନ ଏବଂ ଫେରିବା।

ଟେଣ୍ଡର ମୂଲ୍ୟ : ₹ 3,13,52,431.78, EMD : ₹ 3,06,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 48 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.15.01.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.01.2026 ରିଖ 1530 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

କୋଚିଂ ଡିପୋ ଅଧିକାରୀ/ ପୁରୀ

PR-1004/Q/25-26



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 58-SBP-TRD-OT-2025-26, ତା.07.01.2026ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ OHE ର ନିର୍ଭରଯୋଗ୍ୟତା (Reliability) ବୃଦ୍ଧି ନିମନ୍ତେ ଏଣ୍ଟି-ମଙ୍କି କ୍ଲାଇବିଂ (Climbing) ଡିଭାଇସ୍ ର ବ୍ୟବସ୍ଥା।

ଆନୁମାନିକ ମୂଲ୍ୟ : ₹ 84,56,508/-, EMD : ₹ 1,69,100/-, ଶେଷ ହେବା ଅବଧି : 08 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.01.2026ରିଖ 1530 ଘଟିକା ।

[illegible] www.ireps.gov.in

PR-1002/Q/25-26



**ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା - ୨୦୨୬**

ରାଇରଙ୍ଗପୁର ବନଖଣ୍ଡ ଓ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ମିଳିତ ଉଦ୍ୟମରେ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଆସନ୍ତା ଜାନୁୟାରୀ ୧୮ତାରିଖଠାରୁ ଜାନୁୟାରୀ ୨୨ତାରିଖ ପର୍ଯ୍ୟନ୍ତ ରାଇରଙ୍ଗପୁର କଚେରି ଷ୍ଟାଡିୟମଠାରେ ଆୟୋଜିତ ହେବାକୁ ଯାଉଛି। ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୪୦ରୁ ଊର୍ଦ୍ଧ୍ୱ ଅଭିଜ୍ଞ ବୈଦ୍ୟମାନଙ୍କର ସମାଗମ ହେବ। ପ୍ରାଚୀନ ଆୟୁର୍ବେଦିକ ଚିକିତ୍ସା ପ୍ରଣାଳୀକୁ ଆଧାରକରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଚେରମୂଳୀ ଓ ହର୍ବାଲ ଔଷଧ ଇତ୍ୟାଦି ବିକ୍ରୟ ହେବ। ଲୋକମାନଙ୍କ ମଧ୍ୟରେ ଆୟୁର୍ବେଦିକ ଚିକିତ୍ସାର ପ୍ରଚାର ପ୍ରସାର ପାଇଁ ଏହା ଏକ ପ୍ରୟାସ। ଏଥି ସହିତ ଅଭିଜ୍ଞ ସରକାରୀ ସ୍ୱୀକୃତିପ୍ରାପ୍ତ ଆୟୁର୍ବେଦିକ ଡାକ୍ତରମାନଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷାର ମଧ୍ୟ ସୁବିଧା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରି ଏହି ମେଳାକୁ ସାଫଲ୍ୟ ମଣ୍ଡିତ କରାନ୍ତୁ।

**ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ**
**ରାଇରଙ୍ଗପୁର ବନଖଣ୍ଡ**


See Career Appointment on every Wednesday & Saturday

# ରାଜଧାନୀରେ ବର୍ଷକରେ ୫୦୦ ଆତ୍ମହତ୍ୟା

■ ବିଷ ପିଇ ୩୦୦, ଝୁଲି ପଡ଼ିଛନ୍ତି ୨୦୦
■ ଆତ୍ମହତ୍ୟାକାରୀଙ୍କ ମଧ୍ୟରେ ୩୨୦ ଯୁବପିଢ଼ି

ଭୁବନେଶ୍ୱର,୧୩।୧ (ତ୍ରିନାଥ ମହାନ୍ତି)

ସଚେତନତା ସତ୍ତ୍ୱେ ରାଜଧାନୀରେ ଥମୁନି ଆତ୍ମହତ୍ୟା ପ୍ରବଣତା। ବିଶେଷକରି ଯୁବପିଢ଼ି ମଧ୍ୟରେ ବଢୁଛି ଏଭଳି ମାନସିକତା। ୨୦୨୫ରେ ୫୦୦ ଜଣ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ୩୦୦ ଜଣ ବିଷପାନ କରି ଜୀବନ ହାରିଥିବାବେଳେ ୨୦୦ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ବିଶେଷକରି ସେମାନଙ୍କ ମଧ୍ୟରେ ୩୨୦ଜଣ ଯୁବପିଢ଼ି ରହିଛନ୍ତି, ଯାହାକି ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ପ୍ରେମ ପ୍ରତାରଣା ଏବଂ ପାରିବାରିକ ବିବାଦକୁ କେନ୍ଦ୍ରକରି ଯୁବପିଢ଼ି ମଧ୍ୟରେ ବିଶେଷଭାବେ ଆତ୍ମହତ୍ୟା ପ୍ରବଣତା ବଢୁଥିବା ଅଧ୍ୟୟନରୁ ଜଣାପଡ଼ିଛି। କାରଣ ଅନେକ ସମୟରେ ଏବେ ଯୁବପିଢ଼ି ସୋସିଆଲ ମିଡିଆରେ ସର୍ବାଧିକ ସମୟ ବିତାଉଛନ୍ତି। ସେମାନେ ପରିବାରକୁ ସମୟ ଦେଉନାହାନ୍ତି। ଯେଉଁଥିପାଇଁ କୌଣସି ସମସ୍ୟା ଆସିଲେ ସେମାନେ କାହାରିକୁ କହିବା ବଦଳରେ ଆତ୍ମହତ୍ୟା ଭଳି ରାସ୍ତାକୁ ବାଛି ନେଉଛନ୍ତି। ଅନେକ ଯୁବକ ପ୍ରେମରେ ହାରିଯିବା ପରେ ମାନସିକ ବିଷାଦକୁ ଚାଲି ଯାଉଛନ୍ତି। ଫଳରେ ସାଙ୍ଗସାଥୀ ଏବଂ ବନ୍ଧୁମାନଙ୍କୁ ଏ ସମ୍ପର୍କରେ କିଛି ବି ଜଣାଉନାହାନ୍ତି।

ଏ ନେଇ ମନୋବିଜ୍ଞାନୀ ଅଭିନାଶ ଗୁରୁ କହିଛନ୍ତି, ଯୁବପିଢ଼ି ଏବେ ସମାଜର ମୁଖ୍ୟ ସ୍ରୋତଠାରୁ ଦୂରେଇ ଯାଉଛନ୍ତି। ସେମାନେ ବହି ପଢ଼ିବା ବଦଳରେ ସୋସିଆଲ ମିଡିଆରେ ସମୟ ବିତାଉଛନ୍ତି, ଯେଉଁଥିପାଇଁ ସେମାନେ ସୋସିଆଲ ମିଡିଆରୁ ଖରାପ ଶିକ୍ଷା ଗ୍ରହଣ କରୁଛନ୍ତି। ଯଦି ଜୀବନରେ କିଛି ବି ସମସ୍ୟା ଆସୁଛି, ସେମାନେ ସହଜରେ ଭାଙ୍ଗି ପଡୁଛନ୍ତି। ନିଜର ଧୈର୍ଯ୍ୟ ହରାଇ ଶେଷରେ ଆତ୍ମହତ୍ୟା ଭଳି ରାସ୍ତା ବାଛି ନେଉଛନ୍ତି। ତେଣୁ ଯୁବପିଢି ସୋସିଆଲ ମିଡିଆଠାରୁ ଦୂରେଇ ରହିବା ନିହାତି ଜରୁରୀ ବୋଲି ଗୁରୁ କହିଛନ୍ତି। ଡିସିପି ଜଗମୋହନ ମୀନା କହିଛନ୍ତି, ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ିବା ଠିକ୍ ନୁହେଁ। ସେମାନେ ପରିବାର ଲୋକଙ୍କୁ ସମୟ ଦେବା ଆବଶ୍ୟକ। ଯେଉଁ ସମୟ ସୋସିଆଲ ମିଡିଆ ଏବଂ ନିଶା ସେବନରେ ବିତାଉଛନ୍ତି, ସେହି ସମୟ ପରିବାର ଲୋକଙ୍କୁ ଦିଅନ୍ତୁ। ଯଦ୍ଵାରା ସେମାନେ ପରିବାର ସହିତ ରହିବା ସହ ମାନସିକ ଦୁଶ୍ଚିନ୍ତାରୁ ଦୂରେଇ ରହିବେ ବୋଲି ମୀନା କହିଛନ୍ତି।



| ୨୦୨୫ ବର୍ଷ | ଆତ୍ମହତ୍ୟା |
| --- | --- |
| ଜାନୁଆରୀ | ୪୧ |
| ଫେବୃଆରୀ | ୩୫ |
| ମାର୍ଚ୍ଚ | ୩୬ |
| ଏପ୍ରିଲ | ୩୨ |
| ମେ’ | ୩୯ |
| ଜୁନ୍ | ୪୯ |
| ଜୁଲାଇ | ୩୮ |
| ଅଗଷ୍ଟ | ୫୫ |
| ସେପ୍ଟେମ୍ବର | ୩୮ |
| ଅକ୍ଟୋବର | ୪୮ |
| ନଭେମ୍ବର | ୩୬ |
| ଡିସେମ୍ବର | ୫୩ |
| ମୋଟ | ୫୦୦ |

## ଚୋରାଗାଡ଼ି ଭାଙ୍ଗି ବିକ୍ରି ଅଭିଯୋଗ: ୨ ଗିରଫ

ବାରଙ୍ଗ,୧୩।୧ (ଲିଙ୍ଗରାଜ ରାଉତ)

ବିଭିନ୍ନ ସ୍ଥାନରୁ ଗାଡ଼ି ଚୋରି କରି ସେଗୁଡ଼ିକୁ ଭାଙ୍ଗି ବିକ୍ରି କରୁଥିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍କ୍ରାପ ଡିଲର ଆକାଶ ଗୁପ୍ତା ଓ ଉକ୍ତ ଥାନା ଅନ୍ତର୍ଗତ ନରାଜ ମାର୍ଥାପୁର ଅଞ୍ଚଳରେ ଭଡ଼ାରେ ରହୁଥିବା ଖୋର୍ଦ୍ଧା ଅଞ୍ଚଳର ସୌମ୍ୟରଞ୍ଜନ ପଣ୍ଡା। ଉଭୟଙ୍କ ନିକଟରୁ ୨ଟି ଓଲା ସ୍କୁଟର, ଓଲା ସ୍କୁଟରର ଗୋଟିଏ ବ୍ୟାଟେରି, ବିଭିନ୍ନ ମୋଟରସାଇକେଲ ଏବଂ ସ୍କୁଟରର ବଡି କଭର ବିନା ପାଞ୍ଚଟି ନମ୍ବରବିହୀନ ଚେସିସ, ଚାରି ନମ୍ବର ମୋଟରସାଇକେଲ/ସ୍କୁଟର ଟାୟାର, ସହ ସୌମ୍ୟରଞ୍ଜନଙ୍କ ଘରୁ ଏକ କାର ଓ ୫ଟି ବାଇକକୁ ପୋଲିସ ଜବତ କରିଛି। ଗୋଡ଼ିସାହି ଫାଣ୍ଡି ଅଧୀନ ନରାଜ ସିଦ୍ଧେଶ୍ୱର ହାଇସ୍କୁଲ ନିକଟରେ ଗାଡ଼ି ସ୍କ୍ରାପ ଦୋକାନ ମାଲିକ ଆକାଶ ବିଭିନ୍ନ ଚୋରାଗାଡ଼ିକୁ ଖଣ୍ଡ ଖଣ୍ଡ କରି ବିକ୍ରି କରନ୍ତି। ଗତ କିଛିଦିନ ତଳେ ଖାନନଗର ସର୍ଭିସ ସେଣ୍ଟରରୁ ଏକ ଓଲା ଚୋରି ହୋଇଥିଲା। ଗାଡ଼ିର ଜିପିଏସ୍ ଟ୍ରାକ ମାଧ୍ୟମରେ ଗାଡ଼ି ମାଲିକ, ସର୍ଭିସ ସେଣ୍ଟର ମାଲିକ ଜାଗାରେ ପହଞ୍ଚି ସ୍ଥାନୀୟ ଯୁବକ ଶିବ ସାହୁଙ୍କୁ ଧରି କବାଡିଆ ଆକାଶଙ୍କ ଦୋକାନରେ ଚଢ଼ାଉ କରିଥିଲେ। ପଚରାଉଚରା କରିବାରୁ ଆକାଶ ଦୋଷ ସ୍ୱିକାର କରିଥିଲେ। ପରେ ଗାଡ଼ି ମାଲିକ ଗୋଡ଼ିସାହି ଫାଣ୍ଡିକୁ ଖବର ଦେଇଥିଲେ।

## ପୂର୍ବାଞ୍ଚଳ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ପ୍ରସଙ୍ଗ: ଗୋବର ପାଣି ଛିଞ୍ଚି ବିରୋଧ କଲେ




ପୁରୁଣା ଭୁବନେଶ୍ୱର,୧୩।୧ (ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ବଉଳଗଡ଼ କ୍ଲବ ପକ୍ଷରୁ ଗତ ତିନିଦିନ ଧରି ପୂର୍ବାଞ୍ଚଳ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ମହିଳା ପ୍ରତିଯୋଗୀମାନେ ଭାଗ ନେଇଥିଲେ। ତେବେ ଏହା ନଗ୍ନତା ଦର୍ଶାଇ ମଙ୍ଗଳବାର ପୁରୁଣା ଭୁବନେଶ୍ୱର ସଚେତନତା ନାରରିକ ବୃନ୍ଦ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ପ୍ରଥମେ ସେମାନେ ଗୋବର ଛିଞ୍ଚି ଭଜନ ମଣ୍ଡପ ସ୍ଥାନକୁ ସଂସ୍କାର କରିଥିଲେ। ଏହାପରେ ବିଭିନ୍ନ ସ୍ଲୋଗାନ ଦେଇ ଉକ୍ତ ମଣ୍ଡପରେ ଏହାକୁ ନିଷେଧ କରାଯିବାକୁ ଦାବି କରିଥିଲେ। ୬୧ନଂ. ୱାର୍ଡର କର୍ପୋରେଟର ଶିବନାରାୟଣ ରାୟ, ସାମାଜିକ କର୍ମୀ ଛବି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ କର୍ପୋରେଟର ଶିବ ବେହେରା କହିଛନ୍ତି, ଏହି ମଣ୍ଡପର ସ୍ୱତନ୍ତ୍ରତା ରହିଛି। ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ହେଉ ମନା ନାହିଁ, ତେବେ ଏହାକୁ ଇଣ୍ଡୋର ଷ୍ଟାଡିୟମରେ କରାଯାଉ ବୋଲି ସେ କହିଛନ୍ତି।

# ଯୁବପିଢ଼ି ସେବା, ତ୍ୟାଗ ମନୋଭାବ ନେଇ କାର୍ଯ୍ୟ କରିବା ଉଚିତ

### କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ

ଭୁବନେଶ୍ୱର,୧୩।୧ (ସୌମ୍ୟରଞ୍ଜନ ରାଉତ)

କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ୍‌ରେ ଯୁଗପୁରୁଷ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସ୍ୱାମୀଜୀଙ୍କ ଆଦର୍ଶ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି। ଏକ ସମୃଦ୍ଧ ଜାତି ଓ ରାଷ୍ଟ୍ର ଗଠନ ପାଇଁ ଯୁବବର୍ଗଙ୍କ ସହଯୋଗ ଅପରିହାର୍ଯ୍ୟ। ଜୀବନରେ ସଫଳତା ପାଇବା ପାଇଁ ଶୃଙ୍ଖଳା ଜ୍ଞାନ ଓ ଆତ୍ମଶକ୍ତିର ଆବଶ୍ୟକତା ରହିଛି। କ୍ରୀଡ଼ାବିତ୍‌ମାନେ ପ୍ରତିଯୋଗିତାର ମୈଦାନକୁ ଓହ୍ଲାଇବାବେଳେ ସ୍ୱାମୀଜୀଙ୍କ କାଳଜୟୀ ଆହ୍ୱାନ ‘ଉଠ, ଜାଗ୍ରତ ହୁଅ ଏବଂ ଲକ୍ଷ୍ୟପ୍ରାପ୍ତି ନ ହେବା ପର୍ଯ୍ୟନ୍ତ ବିଶ୍ରାମ ନିଅ ନାହିଁ’କୁ ନିଜ ଜୀବନର ମୂଳମନ୍ତ୍ର କରିବା ଉଚିତ୍ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ରାମକୃଷ୍ଣ ମିଶନର ପ୍ରତିନିଧି ସ୍ୱାମୀ ଆତ୍ମପ୍ରଭାନନ୍ଦ ମହାରାଜ ଯୋଗଦେଇ ସ୍ୱାମୀଜୀଙ୍କ ଶିକ୍ଷା କୌଣସି ନିର୍ଦ୍ଦିଷ୍ଟ ପରିଧି ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଚରିତ୍ର ଗଠନ ଓ ଆତ୍ମବିଶ୍ୱାସ ଜାଗ୍ରତ କରିବାର ଏକ ମହାମନ୍ତ୍ର। ଯୁବପିଢ଼ି ସେବା ଓ ତ୍ୟାଗ ମନୋଭାବ ନେଇ କାର୍ଯ୍ୟ କଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ। ଆଧୁନିକ ଯୁଗର ପ୍ରତିଯୋଗିତାରେ କେବଳ ଶାରୀରିକ ସୁସ୍ଥତା ନୁହେଁ, ବରଂ ମାନସିକ ଦୃଢ଼ତା ଓ ସ୍ଥିରତା ହିଁ ଯୁବବର୍ଗଙ୍କୁ ବିଜୟୀ କରାଇଥାଏ ବୋଲି ସମ୍ ହସ୍ପିଟାଲ୍‌ର ମାନସିକ ରୋଗ ବିଶେଷଜ୍ଞ ଡା. ସ୍ନେହାଂଶୁ ଦେ କହିଥିଲେ। ଅନ୍ୟାନ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ବିଭାଗୀୟ ଉପଶାସନ ସଚିବ ପଦ୍ମଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ (ଜିସିପିଇ), ତମାଣ୍ଡୋ, ସ୍ପୋର୍ଟସ ହଷ୍ଟେଲ ଏବଂ ଏଚ୍‌ପିସିର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କଳା ନୈପୁଣ୍ୟ ଓ ଅନନ୍ୟ ପ୍ରଦର୍ଶନ ମାଧ୍ୟମରେ ମହୋତ୍ସବକୁ ସ୍ମରଣୀୟ କରିଥିଲେ।




କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜାତୀୟ ଯୁବ ଦିବସ ପାଳନ ଅବସରରେ ଆୟୋଜିତ ଶୋଭାଯାତ୍ରା।

## ଗୁଡ଼ିମାଞ୍ଜା ଲାଗି ଯୁବକ ଗୁରୁତର

### ଏକାଧିକ ଦୋକାନରେ ପୋଲିସ ଚଢ଼ାଉ

ଭୁବନେଶ୍ୱର,୧୩।୧ (ତ୍ରିନାଥ ମହାନ୍ତି)

ମକର ସଂକ୍ରାନ୍ତି ପୂର୍ବରୁ ଗୁଡ଼ି ମାଞ୍ଜାସୂତା ଲାଗି ଏୟାରପୋର୍ଟ ଥାନା ପୋଖରୀପୁଟ ଅଞ୍ଚଳର ଜଣେ ଯୁବକ ଗୁରୁତର ହୋଇଛନ୍ତି। ଆହତ ଯୁବକ ହେଲେ କମଳାକାନ୍ତ। ତାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଯୁବକଙ୍କ ଗୋଡ଼ ଓ ହାତରେ ଗଭୀର ଆଘାତ ଲାଗିଛି। ଖବରପାଇ ପୋଲିସ ହସ୍ପିଟାଲରେ ପହଞ୍ଚି ଘଟଣାର ଛାନ୍‌ଭିନ କରୁଛି। ସୂଚନା ଅନୁସାରେ, କମଳାକାନ୍ତ ଅପରାହ୍ନ ୪ଟାରେ ବାଇକ୍ ଯୋଗେ ଘରୁ ବାହାରି ପୋଖରୀପୁଟ ବଜାରକୁ ଯାଉଥିଲେ। ଏହି ସମୟରେ ହଠାତ୍ ଏକ ଗୁଡ଼ିର ମାଞ୍ଜାସୂତା ଆସି ଦେହରେ ଲାଗିଥିଲା। ଫଳରେ ତାଙ୍କ ଗୋଡ଼ ଏବଂ ହାତରେ ସୂତା ଲାଗିବାରୁ ତାହା କଟି ଯାଇଥିଲା। ସେ ବାଇକ୍‌ରୁ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯିବା ପରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏହି ଖବର ପାଇବାପରେ ଡିସିପି ଜଗମୋହନ ମୀନା ଭୁବନେଶ୍ୱରରେ ଥିବା ଏକାଧିକ ଗୁଡ଼ିସୂତା ବିକ୍ରି ଦୋକାନରେ ଚଢ଼ାଉ କରି ଯାଞ୍ଚ କରିଥିଲେ।

## ଖେଳପଡ଼ିଆରେ ମରଣାନ୍ତକ ଆକ୍ରମଣ: ୨ ଗିରଫ

ବାରଙ୍ଗ,୧୩।୧ (ଲିଙ୍ଗରାଜ ରାଉତ)

ଖେଳପଡ଼ିଆରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ବାରଙ୍ଗ ଥାନା ପୋଲିସ ୨ ଜଣଙ୍କୁ ଗିରଫକରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବାରଙ୍ଗ ସୀତାରାମ ବଜାରରେ ରହୁଥିବା ଚନ୍ଦକା ଥାନା ଅଧୀନ ଦାରୁଠେଙ୍ଗ ଗ୍ରାମର ରାହୁଲ ଶ୍ରୀଚନ୍ଦନ(୨୭) ଓ ନନ୍ଦନକାନନ ଥାନା ଅଧୀନ ମରିଚିଆ ଗ୍ରାମର ବୁଟୁ ରାଉତ(୨୩)। ଏନେଇ ପୋଲିସ ମାମଲା (ନଂ.୨୪/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରବିବାର ଅପରାହ୍ନରେ ବାରଙ୍ଗ ଥାନା ଅଧୀନସ୍ଥ ଫୁଲପୋଖରୀ ଗ୍ରାମର ଶୁଭମ ପାଣି ଗଦେଇକୁଦ ଖେଳପଡ଼ିଆରେ ଖେଳୁଥିଲେ। ଏହି ସମୟରେ ଦାରୁଠେଙ୍ଗ ଗ୍ରାମର ଚନ୍ଦନ ଓ ତାଙ୍କର ୩ ଜଣ ସହଯୋଗୀ ଖେଳପଡ଼ିଆକୁ ଆସି ଲୁହାରଡ୍‌ରେ ଶୁଭମଙ୍କୁ ଆକ୍ରମଣ କରିଥିଲେ। ଫଳରେ ଶୁଭମ ଗୁରୁତର ହୋଇ ଚେତାଶୂନ୍ୟ ହୋଇଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ସେଠାକୁ ଆସିଯିବାରୁ ଚନ୍ଦନ ଓ ସହଯୋଗୀମାନେ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଶୁଭମଙ୍କ ଚେତା ଫେରାଇବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ଶୁଭମ୍‌ଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇଥିବା ଶୁଭମ୍ ଅଭିଯୋଗରେ ଦର୍ଶାଇଛନ୍ତି।

## ଜେଲ ଗଲେ ଅଭିଯୁକ୍ତ ଡ୍ରାଇଭର

### ହଂସପାଳରେ କଣ୍ଟେନର ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟଣା

ଭୁବନେଶ୍ୱର,୧୩।୧ (ସତ୍ୟଜିତ ରାଉତ)

୧୬ ନଂ. ଜାତୀୟ ରାଜପଥ ହଂସପାଳ କୁଆଖାଇ ବ୍ରିଜ୍ ନିକଟ ଫ୍ଲାଏ ଓଭର ଗଡ଼ାଣିରେ ସୋମବାର କଣ୍ଟେନର ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ ଘଟଣାରେ ପୋଲିସ ଅଭିଯୁକ୍ତ କଣ୍ଟେନର ଚାଳକଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ରାଜସ୍ଥାନର କାଶ୍ମୀର ସିଂ(୫୨)। ତାଙ୍କଠାରୁ କଣ୍ଟେନର୍ ଜବତ କରାଯାଇଛି। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ରଙ୍ଗମିସ୍ତ୍ରି ଭାବେ କାମ କରୁଥିବା ଦିଲୀପ ବେହେରା ସୋମବାର ସନ୍ଧ୍ୟାରେ ସହଯୋଗୀ ସୁଶାନ୍ତଙ୍କ ସହ ବାଇକ୍ ଯୋଗେ ଭୁବନେଶ୍ୱର ଫେରୁଥିଲେ। ହଂସପାଳ ଫ୍ଲାଏ ଓଭର ବ୍ରିଜ୍ ନିକଟରେ ଏକ କଣ୍ଟେନର ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଦିଲୀପଙ୍କ ଉପରେ କଣ୍ଟେନରର ଚକା ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

# କାକରୁଦ୍ରପୁର ଓ ପ୍ରତାପରୁଦ୍ରପୁରରେ ଖୋଲିଲା ଧାନମଣ୍ଡି

ବାଲିଅନ୍ତା,୧୩।୧ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ଅନ୍ତର୍ଗତ କାକରୁଦ୍ରପୁର ଓ ପ୍ରତାପରୁଦ୍ରପୁର ସେବା ସମବାୟ ସମିତିରେ ଚାଷୀଙ୍କଠାରୁ ଧାନ କ୍ରୟ ପାଇଁ ସରକାରଙ୍କ ପକ୍ଷରୁ ଧାନମଣ୍ଡି ଖୋଲାଯାଇଛି। ସୋମବାର ଏହି ୨ଟି ସମିତିର ଧାନମଣ୍ଡିକୁ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଉଦ୍‌ଘାଟନ କରିଛନ୍ତି। ବାଲିଅନ୍ତା ବ୍ଲକର ପ୍ରଥମ ଧାନ ମଣ୍ଡି କାକରୁଦ୍ରପୁରରେ ଶୁଭାରମ୍ଭ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଡିଆର୍‌ସିଏସ ଅଲକା ନନ୍ଦ ଜେନା, ବରିଷ୍ଠ ସହକାରୀ ନିବନ୍ଧକ ପ୍ରିୟବ୍ରତ ପଣ୍ଡା, ଉପସହକାରୀ ନିବନ୍ଧକ ଅମିୟ କୁମାର ଖୁଣ୍ଟିଆ, ସରପଞ୍ଚ ସସ୍ମିତା ମଲ୍ଲିକ, ଗୀତାଞ୍ଜଳି ସାହୁ, ସମିତି ସଭ୍ୟା ମିଳିତା ବେହେରା ଓ ସମିତି ସମ୍ପାଦକ ହେମନ୍ତ କୁମାର ନାୟକଙ୍କ ସମେତ ସମିତି ଡାଇରେକ୍ଟରମାନେ ଯୋଗଦେଇଥିଲେ। ସେହିପରି ପ୍ରତାପରୁଦ୍ରପୁର ସେବା ସମବାୟ ସମିତି ପରିସରରେ ଖୋଲାଯାଇଥିବା ଧାନମଣ୍ଡିରେ ସ୍ଥାନୀୟ ସରପଞ୍ଚ ଶ୍ରଦ୍ଧେୟା ପାତ୍ର, ସମିତି ସଭ୍ୟା ଓମାରାଣୀ ମହାନ୍ତି ଓ ସମିତି ସଭାପତି ସଧୀର ଚରଣ ପ୍ରଧାନ, ସମ୍ପାଦକ ବିଶ୍ୱନାଥ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।



## ‘ବିଶାଳ ଭାରତ’ ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର,୧୩।୧ (ସୁଚିସ୍ମିତା ସାହୁ)

ଫୋରମ୍ ଫର୍ ଆୱାରନେସ୍ ଅଫ୍ ନ୍ୟାଶନାଲ ସିକ୍ୟୁରିଟି କଟକ ଚାପ୍ଟର ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ‘ବିଶାଳ ଭାରତ’ ଶୀର୍ଷକ ଆଲୋଚନାଚକ୍ର ବିଭାଗ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତାଭାବେ ଫୋରମ୍ ଫର୍ ଆୱାରନେସ୍ ଅଫ୍ ନ୍ୟାଶନାଲ ସିକ୍ୟୁରିଟି ଜାତୀୟ ସଙ୍ଗଠକ ସମ୍ପାଦକ ବିକ୍ରମାଦିତ୍ୟ ସିଂ ଯୋଗଦେଇ ବିଶାଳ ଭାରତର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପିଜି କାଉନ୍‌ସିଲ୍‌ର ପ୍ରଫେସର ମିତାଲି ଚିନାରା ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଓଲୋଜି ବିଭାଗ ମୁଖ୍ୟ ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ ଓ ପ୍ରଫେସର ହିମାଂଶୁ ଶେଖର ରାଉତ ଯୋଗଦେଇଥିଲେ। ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଜୟନ୍ତୀ ଦୋରା ସ୍ୱାଗତ ଭାଷଣ ଓ ସହକାରୀ ପ୍ରଫେସର ଡ. ପାରେଶ୍ୱର ସାହୁ ଅତିଥି ପରିଚୟ ଦେଇଥିଲେ। ତୁଳସୀ ଗୌଡ଼ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଅର୍ପିତା, ସୋମେଶଙ୍କୁ ହାଇକୋର୍ଟଙ୍କ ଅନ୍ତରୀଣ ସୁରକ୍ଷା

### ହ୍ୟୁମାନ ସାଗର ମୃତ୍ୟୁ ମାମଲା

କଟକ,୧୩।୧ (କାର୍ତ୍ତିକ ସାହୁ)

ଓଡ଼ିଆ ସଙ୍ଗୀତ ଜଗତର ପ୍ରତିଷ୍ଠିତ ଗାୟକ ହ୍ୟୁମାନ ସାଗର ମୃତ୍ୟୁ ମାମଲାରେ ଓଲିଉଡ ଗାୟିକା ଅର୍ପିତା ଚୌଧୁରୀ ଓ ସଙ୍ଗୀତକାର ସୋମେଶ ଶତପଥୀଙ୍କୁ ହାଇକୋର୍ଟ ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମେଶ ଓ ଅର୍ପିତାଙ୍କ ପକ୍ଷରୁ ଦାଏର ଆଗୁଆ ଜାମିନ ଆବେଦନର ଶୁଣାଣି କରି ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ମର୍କତନଗର ଥାନାର ଏହି ମାମଲାରେ ଆବେଦନକାରୀଙ୍କୁ ହେପାଜତକୁ ନ ନେବାକୁ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ତଦନ୍ତକାରୀ ଏଜେନ୍ସିକୁ ତଦନ୍ତରେ ସହଯୋଗ କରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଫେବୃଆରୀ ୧୬କୁ ଧାର୍ଯ୍ୟ କରାଯାଇଛି। ସୂଚନାନୁସାରେ, ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ନେଇ ତାଙ୍କ ମା’ ଶେଫାଳି ସୁନା ମର୍କତନଗର ଥାନାରେ ୯ଜଣଙ୍କ ନାମରେ ଏତଲା ଦେଇଥିଲେ। ଉକ୍ତ ଏତଲାରେ ଗତ ୩ରୁ ୪ ବର୍ଷ ଭିତରେ ହ୍ୟୁମାନଙ୍କ ନିକଟତର ହୋଇଥିବା ବ୍ୟକ୍ତିଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ସେ ଦାବି କରିଥିଲେ। ହ୍ୟୁମାନଙ୍କ ସ୍ତ୍ରୀ ଶ୍ରେୟା ମିଶ୍ର ଓ ତାଙ୍କ ପରିବାର ସଦସ୍ୟ, ଡାକ୍ତର ଶୁଭେନ୍ଦୁ ମିଶ୍ର, କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର, ସୋମେଶ ଶତପଥୀ, ଦିନେଶ ବେହେରା, ମହମ୍ମଦ ଅବିତ(ବବଲୁ), ପ୍ରଶାନ୍ତ ବେହେରା, ଲୁଲୁ ମହାନ୍ତି, ଜଗଦୀଶ ମହାନ୍ତିଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ସେ ଏତଲାରେ ଦର୍ଶାଇଥିଲେ। ଏଥିସହ ଅର୍ପିତା ନିକଟରେ ଅଧିଗ୍ରହଣ କରିଥିବା ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି, ଅର୍ପିତାଙ୍କ ସହିତ ସୋମେଶଙ୍କ ସମ୍ପର୍କ, ଭୁବନେଶ୍ୱରରେ ଥିବା ଅଡିଓ ଷ୍ଟୁଡିଓର ଆର୍ଥିକ କାରବାର ଯାଞ୍ଚ କରିବାକୁ ସେ ଦାବି କରିଛନ୍ତି।


ସୋମେଶ ଶତପଥୀ


ଅର୍ପିତା ଚୌଧୁରୀ

## ପଚରାଉଚରା କଲା ପୋଲିସ

କଟକ,୧୩।୧ (କାର୍ତ୍ତିକ ସାହୁ)

କଣ୍ଠଶିଳ୍ପୀ ହ୍ୟୁମାନ ସାଗର ମୃତ୍ୟୁ ମାମଲାରେ ପୋଲିସର ତଦନ୍ତ ଆଗେଇଛି। ମଙ୍ଗଳବାର ପୋଲିସ ବିଭିନ୍ନ ବ୍ୟକ୍ତିଙ୍କୁ ପଚରାଉଚରା କରିଛି। କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଏବଂ ସୋମେଶ ଶତପଥୀଙ୍କୁ ମଧ୍ୟ ପଚରାଉଚରା କରାଯିବା ସହ ସେମାନଙ୍କ ନିକଟରୁ ତଥ୍ୟ ନେଇଛି ପୋଲିସ। ଉଭୟଙ୍କ ବ୍ୟାଙ୍କ ପାସ୍‌ବୁକ ଯାଞ୍ଚ କରାଯିବା ସହ ପୋଲିସ ଇନ୍‌କମ ଟ୍ୟାକ୍ସ ବିଭାଗ ନିକଟରୁ ତଥ୍ୟ ସଂଗ୍ରହ କରିଛି। ସେହିପରି ହ୍ୟୁମାନ୍‌ଙ୍କ ମ୍ୟାନେଜର ଦିନେଶ ବେହେରାଙ୍କୁ ପଚରାଉଚରା କରିବା ସହ ଆର୍ଥିକ କାରବାର ଏବଂ ସମସ୍ତ ପ୍ରୋଗ୍ରାମ ବାବଦକୁ କେତେ ଟଙ୍କା ହ୍ୟୁମାନ ନେଉଥିଲେ, ସେ ତଥ୍ୟ ପଚାରିବା ସହ ଆବଶ୍ୟକ କାଗଜପତ୍ର ଦାଖଲ କରିବା ପାଇଁ ପୋଲିସ କହିଛି। ଇନ୍‌କମ ଟ୍ୟାକ୍ସ ଏବଂ ହ୍ୟୁମାନଙ୍କ ସମସ୍ତ ବ୍ୟାଙ୍କ ସମ୍ପର୍କିତ ତଥ୍ୟ ମାଗିଛି ପୋଲିସ। ଏମ୍‌ସର ଡାକ୍ତରଙ୍କଠାରୁ ମଧ୍ୟ ପୋଲିସ ଟିମ ତଥ୍ୟ ନେବା ସହ ଚିକିତ୍ସା ସମ୍ପର୍କିତ କାଗଜପତ୍ର ଆଣିଛି।

**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
Pin:751012, Tel.No.(0674) 2562020, e-Mail:theoccltd@odishaconstruction.com
No.CAD-2999 GSTIN- 21AAACO2571K2ZM
“e-Procurement Notice No.56/OCCL/2025-26 (Online)

| Sl. No. | Name of Assignment | Bid Identification No. | Cost of Bid document (including GST) (through online transfer) (in Rs.) | Bid Security (through on-line transfer) (in Rs.) | Period of Completion | Availability of Tender (Online) |
| --- | --- | --- | --- | --- | --- | --- |
| 1 | Request For Proposal (RFP) for engagement of Consultant for Implementation of Indian Accounting Standards (IND AS) in Odisha Construction Corporation Ltd. | OCCL-FACAO/ 02/ 2025-26 | Rs.2360/- | Rs.10,000/- | 45 (Forty Five) Days | From 16.01.2026 03.30 PM to 27.01.2026, 5.30 PM |

Procurement Officer: Managing Director, OCCL
Date of Opening of the Technical Bid: 28.01.2026, 12.00 Noon onwards
Further details can be seen from the e-procurement portal: https://www.tendersodisha.gov.in
OIPR- Sd./- MANAGING DIRECTOR

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BERHAMPUR
(At/Po- Ambapua, Near Income Tax Office, Berhampur - 760011, Ganjam, Odisha)
(E-Mail:- serwbpr2004@yahoo.com, Tel.No.:- 0680-2404287)
No.e-tender//158//RWC//BAM//Dated 09.01.2026
1st Corrigendum to Bid Identification No.Online Tender/56-2025-26/BPR
**No.O-2043:** 1) The partial modification of Road Works under **IMPROVEMENT TO EXISTING RD ROADS for the year 2025-26** vide above identification has been made as follows.

| | | | |
| --- | --- | --- | --- |
| 1 | Date of availability of tender | :: | **29.01.2026 to 12.02.2026 upto 5.30 PM instead of 08.01.2026 to 22.01.2026 upto 5.30 PM** |
| 2 | Last Date & Time of seeking tender clarification | :: | **10.02.2026 at 5.30 PM** instead of 20.01.2026 at 5.30 PM |
| 3 | Date of Opening of Technical Bid | :: | **13.02.2026 at 11.00 AM** instead of 27.01.2026 at 11.00 AM |
| 4 | Date of Opening of Financial Bid | :: | **Will be intimated later on.** |

All other contents will remain unchanged.
OIPR- Sd./- Chief Construction Engineer, R.W.Circle, Berhampur

GOVERNMENT OF ODISHA No. O-1918
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH**
At/P.O.: Sankara, Sundargarh - 770020, E-mail address: serw_sundargarh@yahoo.com
No. Tender Online RWCCESNG-28 of 2025-26 Letter No. 4358 Date: 31.12.2025
e-Procurement NOTICE
1. Type of the Work : Roads
2. Class of Contractor : As specified in the Column-6 of the Annexure
3. Time of Completion : As specified in the Column-5 of the Annexure
4. Detail Projects : As per Annexure attached
5. Estimated Cost : As specified in the Column-4 of the Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender | |
| --- | --- | --- | --- | --- | --- | --- |
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 28 of 2025-26 | 15.01.2026 2.00 P.M. | 31.01.2026 5.00 P.M. | 30.01.2026 5.00 P.M. | 01.02.2026 11.00 A.M. | Will be intimated separately |

Further details can be seen from the website **www.tendersodisha.gov.in**.
OIPR- Sd./- Chief Construction Engineer, Rural Works Circle, Sundargarh

## ୪୦୦ କୁଇଣ୍ଟାଲ ଧାନ ବିକ୍ରିକଲେ ଚାଷୀ

ବାଙ୍କୀ, (ଶୁଭେନ୍ଦୁ ମହାପାତ୍ର): ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ସାହାଡ଼ା ପଦା ସମବାୟ ସେବା ସମିତିରେ ମଙ୍ଗଳବାର ପ୍ରଥମ ଧାନମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଯୋଗଦେଇ ପୂଜାକରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ୧୧ ଜଣ ଚାଷୀଙ୍କଠାରୁ ୪୦୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଉପସଭାପତି ପିତେଇ ସ୍ୱାଇଁ, ସୁବାସିନୀ ମହାପାତ୍ର, ଅନିଲ କୁମାର ଲେଙ୍କା, ଦୁର୍ଯ୍ୟୋଧନ ସ୍ୱାଇଁ, ଧର୍ମାନନ୍ଦ ଅନିଲ କୁମାର ଲେଙ୍କା, କୁଳମଣି ମଲିକ, ପ୍ରେମାନନ୍ଦ ମହାପାତ୍ର, ଅକ୍ଷୟ ଲେଙ୍କା, ନବକିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସଂକ୍ଷେପରେ

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ଚୌଦ୍ୱାର, ୧୩।୧ (ଆଶୁତୋଷ ଦାସ)

ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କୁ ନିଶାଦେଇ ବଳାତ୍କାର କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ମୁଣ୍ଡମାଳ ଗ୍ରାମର ମଳୟ କୁମାର ସ୍ୱାଇଁ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇବା ସହିତ ଶାରୀରିକ ସମ୍ପର୍କ ରଖି ତାକୁ ବ୍ଲାକ୍‌ମେଲ କରି ଆସୁଥିଲେ। ଘଟଣା ଗତ ୨ସପ୍ତାହ ପୂର୍ବର ହୋଇଥିବାବେଳେ ପୀଡ଼ିତାଙ୍କ ପରିବାର ପକ୍ଷରୁ ସୋମବାର ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା (ନଂ.୨୨/୨୬) ରୁଜୁକରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଖେଳପଡ଼ିଆରେ ମରଣାନ୍ତକ ଆକ୍ରମଣ: ୨ ଗିରଫ

ବାରଙ୍ଗ, ୧୩।୧ (ଲିଙ୍ଗରାଜ ରାଉତ):

ଖେଳପଡ଼ିଆରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ବାରଙ୍ଗ ଥାନା ପୋଲିସ ୨ ଜଣଙ୍କୁ ଗିରଫକରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବାରଙ୍ଗ ସୀତାରାମ ବଜାରରେ ରହୁଥିବା ଚନ୍ଦକା ଥାନା ଅଧୀନ ଦାରୁଠେଙ୍ଗ ଗ୍ରାମର ରାହୁଲ ଶ୍ରୀଚନ୍ଦନ(୨୭) ଓ ନନ୍ଦନକାନନ ଥାନା ଅଧୀନ ମରିଚିଆ ଗ୍ରାମର ବୁଟୁ ରାଉତ(୨୩)। ଏନେଇ ପୋଲିସ ମାମଲା (ନଂ.୨୪/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରବିବାର ଅପରାହ୍ନରେ ବାରଙ୍ଗ ଥାନା ଅଧୀନସ୍ଥ ଫୁଲପୋଖରୀ ଗ୍ରାମର ଶୁଭମ ପାଣି ଗଦେଇକୁଦ ଖେଳପଡ଼ିଆରେ ଖେଳୁଥିଲେ। ଏହି ସମୟରେ ଦାରୁଠେଙ୍ଗ ଗ୍ରାମର ଚନ୍ଦନ ଓ ତାଙ୍କର ୩ ଜଣ ସହଯୋଗୀ ଖେଳପଡ଼ିଆକୁ ଆସି ଲୁହାରଡ୍‌ରେ ଶୁଭମଙ୍କୁ ଆକ୍ରମଣ କରିଥିଲେ। ଫଳରେ ଶୁଭମ ଗୁରୁତର ହୋଇ ଚେତାଶୂନ୍ୟ ହୋଇଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ସେଠାକୁ ଆସିଯିବାରୁ ଚନ୍ଦନ ଓ ସହଯୋଗୀମାନେ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଶୁଭମଙ୍କ ଚେତା ଫେରାଇବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ଶୁଭମ୍‌ଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇଥିବା ଶୁଭମ୍ ଅଭିଯୋଗରେ ଦର୍ଶାଇଛନ୍ତି।

## ସୁଜିତ୍ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ବାଙ୍କୀ, ୧୩।୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଡମପଡ଼ା ବ୍ଲକ୍ ଅନ୍ତର୍ଗତ ତାଳବସ୍ତ ହାଇସ୍କୁଲ ପଡ଼ିଆରେ ମଙ୍ଗଳବାର ୭ମ ବାର୍ଷିକ ସୁଜିତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ଭାଇ ଭାଇ କ୍ଲବ ତାଳବସ୍ତ ଓ ଦଳେଇପୁଟ ମଧ୍ୟରେ ହୋଇଥିଲା। ଏଥିରେ ଭାଇ ଭାଇ ଟିମ୍ ବିଜୟଲାଭ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଯୋଗମାୟା କ୍ଲବ ସହିତ ଭଗିପୁର ଦଳ ମଧ୍ୟରେ ହୋଇଥିଲା। ଏଥିରେ ଭଗିପୁର ଦଳ ବିଜୟଲାଭ କରିଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଶ୍ରୀରାମ କମିଟି ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ ଓ ସମ୍ମାନିତ ଅତିଥିଭାବେ ରୁଦ୍ର ନାରାୟଣ ଦାସ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ଗ୍ରାମାଞ୍ଚଳରେ ମହିଳାଙ୍କ ଭୂମିକାକୁ ଗୁରୁତ୍ୱ

ବାରଙ୍ଗ, ୧୩।୧ (ଲିଙ୍ଗରାଜ ରାଉତ):

କୁଞ୍ଜବିହାରୀ ମହାବିଦ୍ୟାଳୟରେ ମଙ୍ଗଳବାର ରାଜନୀତି ବିଭାଗ ଦ୍ୱାରା ଦିନିକିଆ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରେ ମହିଳାମାନଙ୍କ ଭୂମିକା ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ରାଜନୀତି ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନ ଓ ଅଧ୍ୟକ୍ଷ ଡ. ଶେଖ୍ ନୈମୁଦ୍ଦିନ୍‌ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସେମିନାରରେ ଅଧ୍ୟାପକ ପ୍ରକାଶ କୁମାର ପରିଡ଼ା ଭିତ୍ତିପ୍ରବନ୍ଧ ପାଠ କରିବା ସହ ଅଭିଭାଷଣ ରଖିଥିଲେ। ନାକ୍ କୋଅର୍ଡିନେଟର ପ୍ରାଧ୍ୟାପକ ଅନିଲ କୁମାର ପାଢ଼ୀ, ପ୍ରଫେସର ଡ. ବ୍ରହ୍ମାନନ୍ଦ ଶତପଥୀ ଓ ପ୍ରଫେସର ଡ. ରତ୍ନାକର ରାୟ ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟାପିକା ସେଲିନା ତରାଇ ମଞ୍ଚ ପରିଚାଳନା ଓ ଅଧ୍ୟାପକ ବିଜୟ କୁମାର ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ସୁଶ୍ରୀ ଶୁଭଶ୍ରୀ, ସ୍ୱପ୍ନା, ଶ୍ୱାତୀ ନିଜସ୍ୱ ପ୍ରବନ୍ଧ ପାଠ କରିଥିଲେ। ଏହି ସେମିନାରରେ ସମସ୍ତ ବିଭାଗର ଛାତ୍ରଛାତ୍ରୀଙ୍କ ସମେତ ହିମାଂଶୁ ଶେଖର ନାୟକ, ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ପଣ୍ଡା, ଡ. ସୁରେନ୍ଦ୍ର ସାହୁ, ମାନସ କୁମାର ପାତ୍ର, ସୁକାନ୍ତ କୁମାର ରାଉତ, ଡ. ପ୍ରବୀର କୁମାର ମହାନ୍ତି ପ୍ରମୁଖ ଅଧ୍ୟାପିକା ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ଅର୍ପିତା, ସୋମେଶଙ୍କୁ ହାଇକୋର୍ଟଙ୍କ ଅନ୍ତରୀଣ ସୁରକ୍ଷା



ଅର୍ପିତା ଚୌଧୁରୀ।



ସୋମେଶ ଶତପଥୀ।

## ହ୍ୟୁମାନ ସାଗର ମୃତ୍ୟୁ ମାମଲା

କଟକ, ୧୩।୧ (କାର୍ତ୍ତିକ ସାହୁ):

ଓଡ଼ିଆ ସଙ୍ଗୀତ ଜଗତର ପ୍ରତିଷ୍ଠିତ ଗାୟକ ହ୍ୟୁମାନ ସାଗର ମୃତ୍ୟୁ ମାମଲାରେ ଓଲିଉଡ ଗାୟିକା ଅର୍ପିତା ଚୌଧୁରୀ ଓ ସଙ୍ଗୀତକାର ସୋମେଶ ଶତପଥୀଙ୍କୁ ହାଇକୋର୍ଟ ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମେଶ ଓ ଅର୍ପିତାଙ୍କ ପକ୍ଷରୁ ଦାଏର ଆଗୁଆ ଜାମିନ ଆବେଦନର ଶୁଣାଣି କରି ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ମର୍କତନଗର ଥାନାର ଏହି ମାମଲାରେ ଆବେଦନକାରୀଙ୍କୁ ହେପାଜତକୁ ନ ନେବାକୁ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ତଦନ୍ତକାରୀ ଏଜେନ୍ସିକୁ ତଦନ୍ତରେ ସହଯୋଗ କରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଫେବୃଆରୀ ୧୬କୁ ଧାର୍ଯ୍ୟ କରାଯାଇଛି।

ସୂଚନାନୁସାରେ, ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ନେଇ ତାଙ୍କ ମା' ଶେଫାଳି ସୁନା ମର୍କତନଗର ଥାନାରେ ୯ଜଣଙ୍କ ନାମରେ ଏତଲା ଦେଇଥିଲେ। ଉକ୍ତ ଏତଲାରେ ଗତ ୩ରୁ ୪ ବର୍ଷ ଭିତରେ ହ୍ୟୁମାନଙ୍କ ନିକଟତର ହୋଇଥିବା ବ୍ୟକ୍ତିଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ସେ ଦାବି କରିଥିଲେ। ହ୍ୟୁମାନଙ୍କ ସ୍ତ୍ରୀ ଶ୍ରେୟା ମିଶ୍ର ଓ ତାଙ୍କ ପରିବାର ସଦସ୍ୟ, ଡାକ୍ତର ଶୁଭେନ୍ଦୁ ମିଶ୍ର, କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର, ସୋମେଶ ଶତପଥୀ, ଦିନେଶ ବେହେରା, ମହମ୍ମଦ ଅବିତ(ବବଲୁ), ପ୍ରଶାନ୍ତ ବେହେରା, ଲୁଲୁ ମହାନ୍ତି, ଜଗଦୀଶ ମହାନ୍ତିଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ସେ ଏତଲାରେ ଦର୍ଶାଇଥିଲେ। ଏଥିସହ ଅର୍ପିତା ନିକଟରେ ଅଧିଗ୍ରହଣ କରିଥିବା ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି, ଅର୍ପିତାଙ୍କ ସହିତ ସୋମେଶଙ୍କ ସମ୍ପର୍କ, ଭୁବନେଶ୍ୱରରେ ଥିବା ଅଡିଓ ଷ୍ଟୁଡିଓର ଆର୍ଥିକ କାରବାର ଯାଞ୍ଚ କରିବାକୁ ସେ ଦାବି କରିଛନ୍ତି। ଏସବୁ ଦିଗକୁ ତଦନ୍ତ ପରିସରଭୁକ୍ତ କରିବା ସହିତ ପ୍ରମାଣ ନଷ୍ଟ ହେବା ପୂର୍ବରୁ ଏହାକୁ ରୋକିବାକୁ ମା' ଶେଫାଳି ଏତଲାରେ ଉଲ୍ଲେଖ କରିଥିଲେ। ସେ ଏତଲାର ନକଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ୍ୟ ପଠାଇଥିଲେ। ତେବେ ପୋଲିସ ତାଙ୍କ ଏତଲା କ୍ରମେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ତଦନ୍ତ ସମୟରେ ସମ୍ଭାବ୍ୟ ଗିରଫଦାରିକୁ ଏଡ଼ାଇବା ପାଇଁ ଅର୍ପିତା ଓ ସୋମେଶ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ।

## ଅର୍ପିତା, ସୋମେଶଙ୍କୁ ପଚରାଉଚରା

କଟକ, ୧୩।୧ (କାର୍ତ୍ତିକ ସାହୁ):

କଣ୍ଠଶିଳ୍ପୀ ହ୍ୟୁମାନ ସାଗର ମୃତ୍ୟୁ ମାମଲାରେ ପୋଲିସର ତଦନ୍ତ ଆଗେଇଛି। ମଙ୍ଗଳବାର ପୋଲିସ ବିଭିନ୍ନ ବ୍ୟକ୍ତିଙ୍କୁ ପଚରାଉଚରା କରିଛି। କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଏବଂ ସୋମେଶ ଶତପଥୀଙ୍କୁ ମଧ୍ୟ ପଚରାଉଚରା କରାଯିବା ସହ ସେମାନଙ୍କ ନିକଟରୁ ତଥ୍ୟ ନେଇଛି ପୋଲିସ। ଉଭୟଙ୍କ ବ୍ୟାଙ୍କ ପାସବୁକ ଯାଞ୍ଚ କରାଯିବା ସହ ପୋଲିସ ଇନ୍‌କମ ଟ୍ୟାକ୍ସ ବିଭାଗ ନିକଟରୁ ତଥ୍ୟ ସଂଗ୍ରହ କରିଛି। ସେହିପରି ହ୍ୟୁମାନ୍‌ଙ୍କ ମ୍ୟାନେଜର ଦିନେଶ ବେହେରାଙ୍କୁ ପଚରାଉଚରା କରିବା ସହ ଆର୍ଥିକ କାରବାର ଏବଂ ସମସ୍ତ ପ୍ରୋଗ୍ରାମ ବାବଦକୁ କେତେ ଟଙ୍କା ହ୍ୟୁମାନ ନେଉଥିଲେ, ସେ ତଥ୍ୟ ପଚାରିବା ସହ ଆବଶ୍ୟକ କାଗଜପତ୍ର ଦାଖଲ କରିବା ପାଇଁ ପୋଲିସ କହିଛି। ଇନ୍‌କମ ଟ୍ୟାକ୍ସ ଏବଂ ହ୍ୟୁମାନଙ୍କ ସମସ୍ତ ବ୍ୟାଙ୍କ ସମ୍ପର୍କିତ ତଥ୍ୟ ମାଗିଛି ପୋଲିସ। ଏମ୍‌ସର ଡାକ୍ତରଙ୍କଠାରୁ ମଧ୍ୟ ପୋଲିସ ଟିମ ତଥ୍ୟ ନେବା ସହ ଚିକିତ୍ସା ସମ୍ପର୍କିତ କାଗଜପତ୍ର ଆଣିଛି। ଯାହା ନାଁରେ ଅଭିଯୋଗ ହୋଇଛି, ସମସ୍ତଙ୍କୁ ପର୍ଯ୍ୟାୟକ୍ରମେ ପଚରାଉଚରା କରାଯିବ ବୋଲି ଏସ୍‌ପି ଅନନ୍ୟା ଅବସ୍ଥି ସୂଚନା ଦେଇଛନ୍ତି।

## ତାଳବସ୍ତ ପିଏମ୍‌ଶ୍ରୀ ସରକାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ମନମୋହିଲା ଛାତ୍ରୀଛାତ୍ରଙ୍କ ଜ୍ଞାନକୌଶଳ ଷ୍ଟଲ



ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ବିଭିନ୍ନ ଷ୍ଟଲ ପରିଦର୍ଶନ କରୁଛନ୍ତି।

ତାଳବସ୍ତ, ୧୩।୧ (ସୁବ୍ରତ କୁମାର ନାୟକ):

ବାଙ୍କୀ ଡମପଡ଼ା ବ୍ଲକର ତାଳବସ୍ତ ସରକାରୀ ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ଦୋକାନ ଓ ଶିକ୍ଷାମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପିଲାମାନଙ୍କର ବୌଦ୍ଧିକ, ଶୈକ୍ଷିକ ଏବଂ ଆଧ୍ୟାତ୍ମିକ ମାର୍ଗକୁ ବିକଶିତ କରିବା ପାଇଁ ଜ୍ଞାନ କୌଶଳର ଷ୍ଟଲଗୁଡ଼ିକୁ ଅତିଥିମାନେ ପରିଦର୍ଶନ କରି ଉଚ୍ଚ ପ୍ରଶଂସା କରିଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବାଶିଷ ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥିଭାବେ ତାଳବସ୍ତ ସରପଞ୍ଚ ଜ୍ୟୋତିର୍ମୟୀ ସାହୁ, ସମିତି ସଭ୍ୟା ସଂଯୁକ୍ତା ବରାଡ଼, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ ଅଭିଭାଷଣରେ ବିଦ୍ୟାର୍ଥୀମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପାଠ ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜନ ଜାଗରଣ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ମା' ମାଟିର ଅଞ୍ଚଳରେ ନିର୍ମିତ ହେଉଥିବା ଉତ୍ପାଦକୁ ନେଇ ସ୍ୱାବଲମ୍ବୀ ହେବା ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ।

ଶିକ୍ଷକ ମାନସ କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରବୀନ୍ଦ୍ର କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦୀପ୍ତ କୁମାର ପୋଥାଳ, ଶ୍ରାବଣୀ ମହାପାତ୍ର, ସଂଗୀତା ନାଏକ, ପ୍ରଜ୍ଞା ପାରମିତା ସାହୁ, ନିରଞ୍ଜୟ ତ୍ରିପାଠୀ, ରତି ରଞ୍ଜନ ପାଣିଗ୍ରାହୀ, ଗିତାଞ୍ଜଳି ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ବିଜେତାଙ୍କୁ ପ୍ରଶଂସା ପତ୍ର ଏବଂ ଟ୍ରଫି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀ ତେଜସ୍ୱିନୀ ରାଜଙ୍କ ଓଡ଼ିଶୀ ନୃତ୍ୟ, ବିଷ୍ଣୁପ୍ରିୟା ସାହୁ, ପୂର୍ଣ୍ଣିମା ପ୍ରିୟଦର୍ଶିନୀ ସାଥିଙ୍କ ଦ୍ୱାରା ଫକୀର ମୋହନ ସେନାପତିଙ୍କ ନାଟକ ପେଟେଣ୍ଟ ମେଡିସିନର ଅଭିନୟକୁ ଅତିଥି, ଅଭିଭାବକମାନେ ଉଚ୍ଚ ପ୍ରଶଂସା କରିଥିଲେ।

# ଉନ୍ନୟନମୂଳକ କାମକୁ ନେଇ ବିଜେଡି -ଭାଜପା ମୁହାଁମୁହିଁ



ବୈଠକରେ ଯୋଗଦେଇଥିବା ବିଧାୟକ, ବ୍ଲକ ଅଧକ୍ଷା ଓ ପ୍ରଶାସନିକ ଅଧିକାରୀମାନେ।

## ବାଙ୍କୀ ପଞ୍ଚାୟତ ସମିତିର ୧୧ତମ ବୈଠକ

ବାଙ୍କୀ, ୧୩।୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ପଞ୍ଚାୟତ ସମିତି ସଭାଗୃହରେ ୧୧ତମ ସମିତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିଜେଡି ଓ ଭାଜପା ନେତା ଏବଂ କର୍ମୀ ମୁହାଁମୁହିଁ ହୋଇଛନ୍ତି। ବିଶେଷକରି ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ସଭାଗୃହରେ ଲୋକପ୍ରତିନିଧିମାନେ ପରସ୍ପରକୁ ଦୋଷାରୋପ କରିଥିବାବେଳେ ବ୍ଲକ କାର୍ଯ୍ୟାଳୟ ବାହାରେ ଉଭୟ ଦଳର କର୍ମୀ ପରସ୍ପରକୁ ବିରୋଧକରି ନାରାବାଜି କରିଥିଲେ। ଘଟଣାସ୍ଥଳରେ ବାଙ୍କୀ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ ବୈଠକରେ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇଥିବାବେଳେ ବିଡିଓ ସଂଗ୍ରାମ କେଶରୀ ଭୋଳ, ଜିଲା ପରିଷଦ ସଦସ୍ୟ, ଏମ୍‌ପିଙ୍କ ପ୍ରତିନିଧିଙ୍କ ସମେତ ବାଙ୍କୀ ବ୍ଲକର ୨୦ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବୈଠକରେ ପୂର୍ବ ସଭାର ବିବରଣୀ ପାଠ କରାଯାଇଥିଲା। ଏହାପରେ ପଞ୍ଚାୟତ ଜନପ୍ରତିନିଧିମାନେ ବୈଠକରେ ଗତ ରିଜୋଲୁଶନ ପ୍ରଦାନ କରା ନ ଯିବା ନେଇ ଅଭିଯୋଗ କରିଥିଲେ। କେତେଜଣ ଲୋକପ୍ରତିନିଧି ପଞ୍ଚାୟତସ୍ତରୀୟ ଉନ୍ନୟନମୂଳକ କାର୍ଯ୍ୟରେ ପ୍ରଶାସନିକ ଅଧିକାରୀମାନେ ଅସହଯୋଗ କରୁଥିବା ନେଇ ଅଭିଯୋଗ କରି ହୋହାଲ୍ଲା କରିଥିଲେ। ବ୍ଲକ କାର୍ଯ୍ୟାଳୟ ବାହାରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ବିଡିଓ ଭୋଳଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ, ଗୁରୁପୂଜନ

ବାଙ୍କୀ, ୧୩।୧ (ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ମହାବେରଣା ବିଦ୍ୟାଳୟର ୧୯୮୩ ମସିହା ଶିକ୍ଷା ବର୍ଷ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ବନ୍ଧୁ ମିଳନ ଓ ଗୁରୁପୂଜନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମା' ମହାବେରଣାଙ୍କ ପୀଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ରମାନେ ଏକାଠି ହୋଇ ପୁରୁଣା ସ୍ମୃତିକୁ ମନେପକାଇ ଭାବ ବିହ୍ୱଳ ହୋଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସ୍ୱର୍ଗତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ସ୍ମୃତିଚାରଣ କରିଥିଲେ। ଏଥିସହିତ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁପୂଜନ କରାଯାଇଥିଲା। ଶିକ୍ଷକ ଶରତ ଚନ୍ଦ୍ର ପଟ୍ଟନାୟକ, ଭିକାରୀ ଚରଣ, ଦୀନବନ୍ଧୁ ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ, ଚନ୍ଦନ, ସିନ୍ଦୂର, ଓ ବସ୍ତ୍ର ପରିଧାନ କରି ଗୁରୁ ଶିଷ୍ୟଙ୍କ ନିଆରା ପରମ୍ପରା ପାଳନ କରିବା ସହ ଭାବ ବିହ୍ୱଳ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ କାହ୍ନୁ ଚରଣ ସିଂହ, କୁମର ସ୍ୱାଇଁ, ମିନି ମନ୍ତ୍ରୀ, ଅଜୟ ପ୍ରଧାନ, ଦେବରାଜ ଦାଶ, ଗୀତାଞ୍ଜଳି ପଡ଼ିଆରୀ, ସୁବାସିନୀ ଦେବୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାହ୍ନୁ ଚରଣ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଉପଖଣ୍ଡସ୍ତରୀୟ ବକ୍ତୃତା ପ୍ରତିଯୋଗିତା



ବାଙ୍କୀ, ୧୩।୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ଉପଖଣ୍ଡସ୍ତରୀୟ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ମଙ୍ଗଳବାର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରରେ ବାଙ୍କୀ କଲେଜର ସତ୍ୟଭାମା ନାୟକ ପ୍ରଥମ, ବାଙ୍କୀ କଲେଜର ନିର୍ମଳ କୁମାର ନାୟକ ଦ୍ୱିତୀୟ ଓ ବୈଦ୍ୟେଶ୍ୱର କଲେଜର ରାଜଲକ୍ଷ୍ମୀ ବେହେରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମହାବିଦ୍ୟାଳୟସ୍ତରରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସନ୍ଧ୍ୟାରାଣୀ କର ପ୍ରଥମ, ଲକ୍ଷ୍ମୀପ୍ରିୟା ଜେନା ଦ୍ୱିତୀୟ ଓ ବାଙ୍କୀ କଲେଜର ଈପ୍‌ସିତା ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଆଗାମୀ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ପ୍ରଶାସନ ତରଫରୁ ପ୍ରମାଣପତ୍ର, ଟ୍ରଫି ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ପ୍ରତିଯୋଗିତାର ବିଚାରକ ଭାବେ କୌଶିକ ନାୟକ ଓ ସମରେନ୍ଦ୍ର ମହାପାତ୍ର ଉପସ୍ଥିତ ରହି ମୂଲ୍ୟାଙ୍କନ କରିଥିଲେ। ଭାରତର ସମ୍ବିଧାନିକ ବ୍ୟବସ୍ଥାରେ ନାଗରିକ ସୁରକ୍ଷା ସମ୍ପର୍କରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଚହଟାର ୬-ଲେନ କାର୍ଯ୍ୟର ସମୀକ୍ଷା କଲେ ବିଧାୟିକା ସୋଫିଆ



ବିଧାୟିକା ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

କଟକ, ୧୩।୧ (ଶିଳ୍ପା ପ୍ରିୟଦର୍ଶିନୀ)

ଚହଟାରୁ ମଧୁସୂଦନ ସେତୁ ଯାଏ ରିଂରୋଡ଼ କାମରେ ଅହେତୁକ ବିଳମ୍ବ ହେଉଛି। ଏହାସହ ରାସ୍ତା ନିର୍ମାଣ ପାଇଁ ବାଲି ଜମା ହୋଇ ରହିଥିବାବେଳେ ଏଥିରେ ପାଣି ସିଞ୍ଚନ ନ ହେବାରୁ ପ୍ରଦୂଷଣ ବଢ଼ି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ଚହଟା ଅଞ୍ଚଳରେ ଚାଲିଥିବା ୬-ଲେନ ବିଶିଷ୍ଟ ରାସ୍ତା ନିର୍ମାଣ କାର୍ଯ୍ୟଗୁଡ଼ିକୁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୌସ ପରିଦର୍ଶନ କରିବା ସହ ଏଭଳି ଅବ୍ୟବସ୍ଥା ଦେଖି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାସହ କାର୍ଯ୍ୟ ବିଳମ୍ବ କେଉଁଥିପାଇଁ ହେଉଛି ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି ବିଧାୟିକା। ପରେ ସର୍କିଟ ହାଉସଠାରେ ରାଜ୍ୟ ସରକାରଙ୍କ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ବିଭାଗୀୟ ଅଧିକାରୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ବିଧାୟିକା ସୋଫିଆ କଟକ ସହରରେ ଆରଆଣ୍ଡବି ବିଭାଗ ଅଧୀନରେ ଥିବା ସମସ୍ତ ରାସ୍ତାଘାଟ ଓ କୋଠାବାଡ଼ିର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବିସ୍ତୃତ ଭାବେ ପଚାରି ବୁଝିବା ସହ ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଏହାସହ ବୈଠକରେ ଉପସ୍ଥିତ ଥିବା ଚିଫ୍ କନଷ୍ଟ୍ରକଶନ ଇଞ୍ଜିନିୟର ତ୍ରିନାଥ ବେହେରା ଏବଂ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ମହମ୍ମଦ ସେହେବାଜ ସହରର ସମସ୍ତ ପ୍ରମୁଖ ରାସ୍ତା ମରାମତି ଓ ନିର୍ମାଣ କାର୍ଯ୍ୟର ବିବରଣୀ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ଉନ୍ନତମାନର କାର୍ଯ୍ୟ ସମ୍ପାଦନ କରିବାକୁ ବିଧାୟିକା ସୋଫିଆ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ସୋଫିଆ କହିଛନ୍ତି, ଚହଟାର ୨.୬ କି.ମି. କାର୍ଯ୍ୟ ରହିଛି, ଏହି କାମରେ ବିଳମ୍ବ କରାଯାଉଛି। ମୋରମ ଅଭାବ ଯୋଗୁ କାର୍ଯ୍ୟରେ ବାଧା ହେଉଥିବା ଜଣାଯାଇଛି। ମୋରମ କିପରି ଠିକ୍ ଭାବେ ମିଳିପାରିବ ସେ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଏହି କାମ ଯୋଗୁ ପ୍ରଦୂଷଣ ମାତ୍ରା ବଢ଼ିଯାଇଛି। ଏପରିକି ଦିଲ୍ଲୀକୁ କଟକ ଏବେ ଟପିଯାଇଛି। ଏହାକୁ ରୋକିବା ପାଇଁ ନିୟମିତ ରାସ୍ତାରେ ପାଣି ସିଞ୍ଚନ କରାଯିବ ଏବଂ ଏହି କାମକୁ ୩ରୁ ୪ ମାସ ମଧ୍ୟରେ ସାରିବାକୁ କୁହାଯାଇଛି। ସମସ୍ତ ବିଭାଗୀୟ ଅଧିକାରୀଙ୍କୁ କାର୍ଯ୍ୟ ପ୍ରତି ତତ୍ପରତା ଦେଖାଇବାର ଆବଶ୍ୟକ ରହିଛି ବୋଲି ସେ କହିଛନ୍ତି।


**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**

Pin:751012, Tel.No.(0674) 2562020, e-Mail:theoccltd@odishaconstruction.com
No.CAD-2999 GSTIN- 21AAACO2571K2ZM

**"e-Procurement Notice No.56/OCCL/2025-26 (Online)**

| Sl. No. | Name of Assignment | Bid Identification No. | Cost of Bid document (including GST) (through online transfer) (in Rs.) | Bid Security (through online transfer) (in Rs.) | Period of Completion | Availability of Tender (Online) |
|---|---|---|---|---|---|---|
| 1 | Request For Proposal (RFP) for engagement of Consultant for Implementation of Indian Accounting Standards (IND AS) in Odisha Construction Corporation Ltd. | OCCL-FACAO/ 02/ 2025-26 | Rs.2360/- | Rs.10,000/- | 45 (Forty Five) Days | From 16.01.2026 03.30 PM to 27.01.2026, 5.30 PM |

Procurement Officer: **Managing Director, OCCL**
Date of Opening of the Technical Bid: **28.01.2026, 12.00 Noon onwards**
Further details can be seen from the e-procurement portal: **https://www.tendersodisha.gov.in**
OIPR- **Sd./- MANAGING DIRECTOR**

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
(At/Po- Ambapua, Near Income Tax Office, Berhampur - 760011, Ganjam, Odisha)
(E-Mail:- serwbpr2004@yahoo.com, Tel.No.:- 0680-2404287)

**No.e-tender//158//RWC//BAM//Dated 09.01.2026**

**1st Corrigendum to Bid Identification No.Online Tender/56-2025-26/BPR**

**No.O-2043:** 1) The partial modification of Road Works under **IMPROVEMENT TO EXISTING RD ROADS for the year 2025-26** vide above identification has been made as follows.

| | | | |
|---|---|---|---|
| 1 | Date of availability of tender | :: | **29.01.2026 to 12.02.2026 upto 5.30 PM instead of 08.01.2026 to 22.01.2026 upto 5.30 PM** |
| 2 | Last Date & Time of seeking tender clarification | :: | **10.02.2026 at 5.30 PM** instead of 20.01.2026 at 5.30 PM |
| 3 | Date of Opening of Technical Bid | :: | **13.02.2026 at 11.00 AM** instead of 27.01.2026 at 11.00 AM |
| 4 | Date of Opening of Financial Bid | :: | **Will be intimated later on.** |

All other contents will remain unchanged.
OIPR- **Sd./- Chief Construction Engineer, R.W.Circle, Berhampur**

**GOVERNMENT OF ODISHA** No. O-1918
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH**
At/P.O.: Sankara, Sundargarh - 770020, E-mail address: serw_sundargarh@yahoo.com
No. Tender Online RWCCESNG-28 of 2025-26 Letter No. 4358 Date: 31.12.2025

**e-Procurement NOTICE**

1. Type of the Work : Roads
2. Class of Contractor : As specified in the Column-6 of the Annexure
3. Time of Completion : As specified in the Column-5 of the Annexure
4. Detail Projects : As per Annexure attached
5. Estimated Cost : As specified in the Column-4 of the Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 28 of 2025-26 | 15.01.2026 2.00 P.M. | 31.01.2026 5.00 P.M. | 30.01.2026 5.00 P.M. | 01.02.2026 11.00 A.M. | Will be intimated separately |

Further details can be seen from the website **www.tendersodisha.gov.in**.
OIPR- **Sd./- Chief Construction Engineer, Rural Works Circle, Sundargarh**

# 'ଜଳର ସୁବିନିଯୋଗ ସମସ୍ତଙ୍କ ଦାୟିତ୍ୱ'

## ଖୋର୍ଦ୍ଧା ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ

**ଖୋର୍ଦ୍ଧା, ୧୩।୧ (ପ୍ରଭାତ ପାଣିଗ୍ରାହୀ)**


ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

ଜଳ ହିଁ ଜୀବନ। ଜଳର ସୁବିନିଯୋଗ, ସୁରକ୍ଷା ସମସ୍ତଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱ। ପ୍ରତ୍ୟେକ କ୍ଷେତ୍ରରେ ଜୀବନଧାରଣ ଓ ବଞ୍ଚିବା ପାଇଁ ଯେଉଁ ଉତ୍ସଗୁଡ଼ିକ ଅଛି ତନ୍ମଧ୍ୟରୁ ଜଳ ଏକ ମୁଖ୍ୟ ସମ୍ବଳ। ତେଣୁ ଜଳର ସର୍ବୋତ୍ତମ ବ୍ୟବହାର ଚାଷୀଭାଇ ଏବଂ ଜନସାଧାରଣ ନିଜ କ୍ଷେତ୍ରରେ କରିପାରିଲେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ସମ୍ଭବ ହୋଇପାରିବ ବୋଲି ମଙ୍ଗଳବାର ଜଳ ସମ୍ପଦ ବିଭାଗ ଆନୁକୂଲ୍ୟରେ ଜିଲା ସଂସ୍କୃତି ବିଭାଗ ପରିସରରେ ଆୟୋଜିତ ଜିଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଏହା କହିଛନ୍ତି।

ଜଳ ସମ୍ପଦ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନସିଂହ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଖୋର୍ଦ୍ଧା ଜିଲାର ଅଧିକାଂଶ ଲୋକେ କୃଷି ଉପରେ ନିର୍ଭରଶୀଳ। ତେଣୁ ବର୍ଷା ଜଳ, ପୋଖରୀ ଜଳ ସଂରକ୍ଷଣ, ଖରିଫ ଓ ରବି ଚାଷ ସମୟରେ ଜଳର ଆବଶ୍ୟକତା ପୂର୍ଣ୍ଣ ହୋଇପାରିଲେ ସମଗ୍ର ଖୋର୍ଦ୍ଧା ଜିଲା ଆହୁରି ଶସ୍ୟ ଶ୍ୟାମଳା ହୋଇପାରିବ। ଚାଷୀଙ୍କ ଆର୍ଥିକ ପ୍ରଗତି ହେବ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଜିଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା ଯୋଗଦେଇ କହିଥିଲେ ଯେ, ବିଭିନ୍ନ ଚାଷ କାର୍ଯ୍ୟରେ ପାଣିର ଅଭାବ ଯୋଗୁ ଚାଷୀକୁଳ କୃଷି କାର୍ଯ୍ୟରେ ଆଶାନୁରୂପ ଉତ୍ପାଦ ପାଇ ପାରୁ ନାହାନ୍ତି। ତେଣୁ ଜଳ ସମ୍ପଦ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ ବିଭାଗ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ।

କେନ୍ଦ୍ରୀୟ ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ସଭାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶାଳିଆ ଜଳ ସମ୍ପଦ ବିଭାଗ ସୁରେନ୍ଦ୍ର କୁମାର ସାହୁ, ମୁଖ୍ୟ ଜିଲା କୃଷି ଅଧିକାରୀ ରବି ନାରାୟଣ ସେନାପତି ସମ୍ମାନିତ ଅତିଥିଭାବେ ଯୋଗଦେଇ ପାଣି ପଞ୍ଚାୟତର ସୁଦୃଢୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଖୋର୍ଦ୍ଧା ଜିଲାରେ ଜଳସମ୍ପଦ ବିଭାଗ ଅଧୀନରେ ୨୨ଟି ପାଣି ପଞ୍ଚାୟତ, କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ୯୩ଟି ପାଣି ପଞ୍ଚାୟତ, ଉଠା ଜଳସେଚନ ବିଭାଗ ଅଧୀନରେ ୪୬୧ଟି ପାଣି ପଞ୍ଚାୟତ ରହିଛି । ବିଭାଗୀୟ ଅଧିକାରୀ ଏବଂ ସମସ୍ତ ପାଣି ପଞ୍ଚାୟତ ମଧ୍ୟରେ ସମନ୍ୱୟ ରହିଲେ କ୍ଷେତ ବାରମାସୀ ସବୁଜିମା ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ଜଳ ସୁପରିଚାଳନା ପାଇଁ ପାଣି ପଞ୍ଚାୟତ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। କୃଷି କ୍ଷେତ୍ରରେ ସଫଳତା ଆଣିଥିବା ଚାଷୀ ଅଭିମନ୍ୟୁ ବେହେରା ତାଙ୍କର ଅଭିଜ୍ଞତା ଅନୁଭୂତି କହିଥିଲେ। ଜଳସମ୍ପଦ ସହକାରୀ ନିର୍ବାହୀ ଯନ୍ତ୍ରୀ ପାକିଜା ହୁସେନ ସ୍ୱାଗତ ଭାଷଣ ଦେଇଥିଲେ। କେନାଲ ଡିଭିଜନ, ପ୍ରାଚୀ ଜଳ ସମ୍ପଦ ଖଣ୍ଡ, ଅଧିକାରୀ, କର୍ମଚାରୀ, ଚାଷୀ ପ୍ରମୁଖ ଯୋଗଦେଇଥିଲେ।

# ନିମ୍ନମାନର ରାସ୍ତା କାମକୁ ନେଇ ଅସନ୍ତୋଷ


ନିମ୍ନମାନର ରାସ୍ତା କାମକୁ ଜଣେ ଗ୍ରାମବାସୀ ଦେଖାଉଛନ୍ତି।

**ନିରାକାରପୁର, ୧୩।୧ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଜନସାଧାରଣ ସୁବିଧାରେ ଯାତାୟାତ ପାଇଁ ସହର ଠାରୁ ଗ୍ରାମରେ ମଧ ପକ୍କା ସଡ଼କ ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ କେତେଜଣ ବିଭାଗୀୟ ଅଧିକାରୀଙ୍କ ଅବହେଳା ଏବଂ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ରାସ୍ତା ନିମ୍ନମାନର ହେବା ସହ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏଭଳି ଦୃଶ୍ୟ ଟାଙ୍ଗୀ ବ୍ଲକ ଡିଆ ପଞ୍ଚାୟତ ଭୋଇସାହି ଗ୍ରାମରେ ହୋଇଥିବା ରାସ୍ତା କାମରେ ଦେଖିବାକୁ ମିଳିଛି। ଉକ୍ତ ଗ୍ରାମରେ କଂକ୍ରିଟ ରାସ୍ତା ନିର୍ମାଣ ନିମନ୍ତେ ୨୦୨୨-୨୩ରେ ୨ଲକ୍ଷ ମଞ୍ଜୁର ହୋଇଥିଲା। ସେହିପରି ଉକ୍ତ ରାସ୍ତାର ମରାମତି ପାଇଁ ୨୦୨୪-୨୫ରେ ୧ଲକ୍ଷ ୯୯ହଜାର ଟଙ୍କା ମଞ୍ଜୁର ହୋଇଥିଲା। ତେବେ ରାସ୍ତା ନିମ୍ନମାନର ହୋଇଥିବାରୁ ଶୋଚନୀୟ ହୋଇପଡିଛି। ଏପରିକି ପବନ ହେଲେ ସେଥିରୁ ବାହାରୁଥିବା ଡଷ୍ଟ ଯୋଗୁ ଗ୍ରାମବାସୀମାନେ ଅଣନିଶ୍ୱାସୀ ହୋଇପଡୁଛନ୍ତି। ନିମ୍ନମାନର କାର୍ଯ୍ୟକୁ ନେଇ ଗ୍ରାମବାସୀ ବାରମ୍ବାର ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ ସତ୍ତ୍ୱେ ଏଥିପ୍ରତି କେହି ଦୃଷ୍ଟି ନ ଦେବା ବିଡମ୍ବନାର ବିଷୟ ବୋଲି ପୂର୍ବତନ ୱାର୍ଡସଭ୍ୟ ସୁଶାନ୍ତ କୁମାର ମହାନ୍ତି, ଅଶୋକ କୁମାର ମହାପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଦୀପକ ରାଜଙ୍କୁ ପଚାରିବାରେ ନିମ୍ନମାନର କାର୍ଯ୍ୟ ନ କରିବା ପାଇଁ ତାଗିଦ କରାଯିବା ସହଉନ୍ନତମାନର ସିମେଣ୍ଟ ବ୍ୟବହାର ପାଇଁ କୁହାଯାଇଛି ବୋଲି କହିଥିଲେ। ଅନ୍ୟପଟେ ନକଲି ସିମେଣ୍ଟର ବ୍ୟବହାରକୁ ନେଇ ଗ୍ରାମବାସୀଙ୍କଠାରୁ ଖବରପାଇ ଉକ୍ତ ସିମେଣ୍ଟ କମ୍ପାନୀର ବିଭାଗୀୟ ଅଧିକାରୀ ପହଞ୍ଚି ସ୍ଥିତି ପରଖିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରର ରଜତ ଜୟନ୍ତୀ ସମାରୋହ



ରଜତ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ବୋଲଗଡ଼, ୧୩।୧ (ଦେବବ୍ରତ ହୋତା)**

ବୋଲଗଡ଼ ସଦରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ରଜତ ଜୟନ୍ତୀ ସମାରୋହ ବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି ଉତ୍ସବର ଉଦ୍‌ଘାଟନୀ ଦିବସରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ଉପସଭାପତି ଡ.ଯତୀନ ମହାନ୍ତି ଯୋଗଦେଇ ସୁସ୍ଥ, ସମୃଦ୍ଧ ଓ ଶୃଙ୍ଖଳିତସମାଜ ଗଠନ କରେ ଶିକ୍ଷା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଆରଏସ୍‌ଏସ୍ ର ଅସିତ କୁମାର ସାହୁ ଏବଂ ସମ୍ମାନିତ ବକ୍ତାଭାବେ ଗୋଷ୍ଠୀଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶିଶୁମନ୍ଦିର ସଭାପତି ଗାନ୍ଧୀକୁମାର ସାହୁ ସ୍ୱାଗତ ଭାଷଣ, ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି କୁମାର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ ଓ ସମ୍ପାଦକ ରାମଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ସହିତ ପରିଚାଳନା କମିଟି ସଦସ୍ୟ, ଗୁରୁଜୀ ଗୁରୁମା, ଅନୁଷ୍ଠାନ କର୍ମଚାରୀ, ଥାନା ଅଧିକାରୀ, ଅଗ୍ନିଶମ ଅଧିକାରୀ ଓ ଖବରଦାତାଙ୍କୁ ଶିଶୁମନ୍ଦିର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା କମିଟି ସଦସ୍ୟା ଗୀତାଞ୍ଜଳି ନରେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ସରକାରୀ ଓକିଲ ଭାବେ ପ୍ରଦୀପ କୁମାର ପଟ୍ଟନାୟକ ନିଯୁକ୍ତ

**କଳାପଥର, ୧୩।୧ (ଗଙ୍ଗାଧର ସାହୁ)**

ଓଡ଼ିଶା ସରକାରଙ୍କ ଆଇନ ବିଭାଗ ପତ୍ର ସଂଖ୍ୟା ୯୫୯, ତା. ୧୩. ୧. ୨୬ ଅନୁଯାୟୀ ମଙ୍ଗଳବାର ରାଜ୍ୟ ସରକାର କଟକ ଜିଲା ପାଇଁ ସରକାରୀ ଓକିଲ ନିଯୁକ୍ତି ଘୋଷଣା କରିଛନ୍ତି। ସେହି ପ୍ରକ୍ରିୟାରେ ବାଙ୍କୀର ସିଭିଲ କୋର୍ଟ (ସିନିଅର ଡିଭିଜନ) ପାଇଁ ଏ.ଜି.ପି ଭାବେ ଆଡ଼ଭୋକେଟ ପ୍ରଦୀପ କୁମାର ପଟ୍ଟନାୟକ ନିଯୁକ୍ତି ପାଇଛନ୍ତି। ସେହିପରି କୈଳାସ ମହାପାତ୍ର ଆସୋସିଏଟ ଲୟର, ଅଜୟ ପଟ୍ଟନାୟକ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟରଭାବେ ନିଯୁକ୍ତି ପାଇଥିବା ବେଳେ ଏସ୍‌ଡିଜେଏମ ଅଦାଲତ ପାଇଁ ଦେବାଶିଷ ମାନସିଂ, ଉତ୍କଳ ମଣି ମନ୍ତ୍ରୀ, ଶୁଶାନ୍ତ କୁମାର ଭଞ୍ଜ, ଅମୂଲ୍ୟ ପ୍ରଧାନ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଭାବେ ନିଯୁକ୍ତି ପାଇଛନ୍ତି। ନୂତନ ଭାବେ ନିଯୁକ୍ତ ସମସ୍ତ ସରକାରୀ ଓକିଲଙ୍କୁ ବାଙ୍କୀର ବିଭିନ୍ନ ସାମାଜିକ ଅନୁଷ୍ଠାନ, ସଙ୍ଗଠନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ୨୦୦ରୁ ଉର୍ଦ୍ଧ୍ୱ ଗଣିତ ପୁସ୍ତକ ପ୍ରଦର୍ଶିତ




**ବୋଲଗଡ଼, ୧୩।୧ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାୟାପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଗଣିତ ପୁସ୍ତକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦାଶରଥି ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଉକ୍ତ ପ୍ରଦର୍ଶନୀକୁ ଶିକ୍ଷାବିତ୍ ବିଜୟ କୁମାର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସାମାଜିକକର୍ମୀ ଦୈତାରି ବେହେରା ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ସାନନ୍ଦ କୁମାର ସାହୁଙ୍କ ଦ୍ୱାରା ଲିଖିତ ଓ ସଂଗୃହୀତ ୨୦୦ରୁ ଉର୍ଦ୍ଧ୍ୱ ଗଣିତ ପୁସ୍ତକ ପ୍ରଦର୍ଶିତ ହୋଇଥିଲା। ସ୍ଥାନୀୟ ଉ.ପ୍ରା ବିଦ୍ୟାଳୟ, ସରସତୀ ଶିଶୁ ବିଦ୍ୟା ମନ୍ଦିର, ବିଶ୍ୱେଶ୍ୱର ଦେବ ବିଦ୍ୟାପୀଠର ଛାତ୍ରୀଛାତ୍ରଙ୍କ ସମେତ ବାୟାପଲ୍ଲୀ ଓ ବିଶ୍ୱନାଥପୁର ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଏହି ପ୍ରଦର୍ଶନୀରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରବୀନ୍ଦ୍ର ନାୟକ, ସନ୍ତୋଷ ନାୟକ, ସୁରେଶ ଶତପଥୀ, ମୀନକେତନ ସାହୁ, ସିନାରାଣୀ ସାହୁ, ସୁଷମା ଦେଇ, ଲକ୍ଷ୍ମୀପ୍ରିୟା ନାୟକ, ସତ୍ୟ ରଞ୍ଜନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା

**ବେଗୁନିଆ, ୧୩।୧ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଚିରାମାରୁ ଗ୍ରାମର ଆଦିବାସୀ ସାହିରେ ଗତ ୧୦ତାରିଖରେ ଅଗ୍ନିକାଣ୍ଡ ଘଟି ୬ ପରିବାରର ଘର ସହିତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ସମ୍ପୃକ୍ତ ବିପନ୍ନ ପରିବାରଙ୍କୁ ଜରିପାଲ ଯୋଗାଇ ଦେଇଥିବା ବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହଯୋଗ ଜାରି ରହିଛି। ବିଧାୟକ ପ୍ରଦୀପ କୁମାର ସାହୁ, ସରପଞ୍ଚ, ସମିତି ସଭ୍ୟ ଓ ପୂର୍ବତନ ସରପଞ୍ଚ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଶୀତରୁ ରକ୍ଷା ପାଇବା ପାଇଁ କମ୍ବଳ ଓ ଲୁଗା ବଣ୍ଟନ କରିଥିଲେ।

# ଅର୍ପିତା, ସୋମେଶଙ୍କୁ ପଚରାଉଚରା

**କଟକ, ୧୩।୧ (କାର୍ତ୍ତିକ ସାହୁ)**

କଣ୍ଠଶିଳ୍ପୀ ହ୍ୟୁମାନ ସାଗର ମୃତ୍ୟୁ ମାମଲାରେ ପୋଲିସର ତଦନ୍ତ ଆଗେଇଛି। ମଙ୍ଗଳବାର ପୋଲିସ ବିଭିନ୍ନ ବ୍ୟକ୍ତିଙ୍କୁ ପଚରାଉଚରା କରିଛି। କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଏବଂ ସୋମେଶ ଶତପଥୀଙ୍କୁ ମଧ୍ୟ ପଚରାଉଚରା କରାଯିବା ସହ ସେମାନଙ୍କ ନିକଟରୁ ତଥ୍ୟ ନେଇଛି ପୋଲିସ। ଉଭୟଙ୍କ ବ୍ୟାଙ୍କ ପାସବୁକ ଯାଞ୍ଚ କରାଯିବା ସହ ପୋଲିସ ଇନ୍‌କମ ଟ୍ୟାକ୍ସ ବିଭାଗ ନିକଟରୁ ତଥ୍ୟ ସଂଗ୍ରହ କରିଛି। ସେହିପରି ହ୍ୟୁମାନ୍‌ଙ୍କ ମ୍ୟାନେଜର ଦିନେଶ ବେହେରାଙ୍କୁ ପଚରାଉଚରା କରାଯାଇଛି।

# ପୋଚ ନଷ୍ଟ ସହ ଦେଶୀ ମଦ ଜବତ, ୪ ଗିରଫ

**ବେଗୁନିଆ, ୧୩।୧ (ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ଅବକାରୀ ଥାନା ପକ୍ଷରୁ ସୋମବାର ବିଳମ୍ବିତ ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ୧ ହଜାର ଲିଟର ପୋଚ ନଷ୍ଟ କରାଯିବା ସହ ୨୫୦ ଲିଟର ଦେଶୀ ରନ୍ଧା ମଦ ଓ ୧୦ ଲିଟର ବିଦେଶୀ ମଦ ଜବତ ହୋଇଛି। ଦେଶୀ ମଦ ପ୍ରସ୍ତୁତି ଓ ବିଦେଶୀ ମଦ କାରବାରରେ ସମ୍ପୃକ୍ତି ନେଇ ବୈଦେଶ୍ୱର ଥାନା କରଡ଼ାପଲ୍ଲୀ ଗ୍ରାମର ରାଜ କିଶୋର ପଣ୍ଡା (୫୭)ଙ୍କୁ ଗିରଫ କରାଯାଇଛି। ସେହିପରି ବେଗୁନିଆ ଥାନା ଅଞ୍ଚଳରୁ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାଦବାରବାଟୀ ଗ୍ରାମର ପ୍ରଭାତୀ ରାୟ (୩୯), ଛତ୍ରପଡା ଗ୍ରାମର ଭାସ୍କର ରଣସିଂହ (୬୦) ଏବଂ ଗେଡିଆପଲ୍ଲି ଗ୍ରାମର ରାଜୀବ ଲୋଚନ ସାହୁ (୩୫)। ଏନେଇ ବେଗୁନିଆ ଅବକାରୀ ଥାନାରେ ପୃଥକ ଭାବେ ୪ଟି ମାମଲା ରୁଜୁ କରାଯାଇ ଗିରଫ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି ବୋଲି ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ ସୁବୁଦ୍ଧି କହିଛନ୍ତି।

# ବର୍ଜ୍ୟବସ୍ତୁ, ଜଳ, ଶକ୍ତି ସଂରକ୍ଷଣ ବାର୍ତ୍ତାଦେଲେ କୁନି ବୈଜ୍ଞାନିକ



ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ ମଞ୍ଚାସୀନ ଅତିଥିମାନେ।

**ଖୋର୍ଦ୍ଧା, ୧୩।୧ (ପ୍ରଭାତ ପାଣିଗ୍ରାହୀ)**

## ପ୍ରାକୃତିକ ଜୀବନଶୈଳୀ ଓ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ

ଖୋର୍ଦ୍ଧା ଜିଲା ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ସିଂହ ଏହି ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଉପରେ ସୂଚନା ଦେଇଥିଲେ। ମୁଖ୍ୟ ବକ୍ତା ରାଜ୍ୟ ପରିବେଶ ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମ ଅଧିକାରୀ ବୈଜ୍ଞାନିକ ପ୍ରଭାତ ମୋହନ ଦାଶ ବିଜ୍ଞାନର ଉପକାରିତା ଓ ଦୈନନ୍ଦିନ ଜୀବନରେ ଏହାର ବ୍ୟବହାର ସମ୍ପନ୍ଧରେ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରଶ୍ମୀବାଳା ପରିଡା, ବିଜୟ କୁମାର ବେହେରା ଓ ପ୍ରଜ୍ଞା ପରମିତା ଜେନା, ବିଜେବି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ସେନାପତି, ଖୋର୍ଦ୍ଧା ବିଇଓ ସୁଶ୍ରୀ ଯାଜ୍ଞସେନି ସାହୁ ଉପସ୍ଥିତ ଥିଲେ।

ମୋଟ୍ ୭ଟି ବିଜ୍ଞାନ ଉପବିଭାଗ ଉତ୍ତମ ସ୍ୱାସ୍ଥ୍ୟ, ଖାଦ୍ୟ ପ୍ରକ୍ରିୟା ଓ ଜୀବନଶୈଳୀ, ପ୍ଲାଷ୍ଟିକର ମୁକ୍ତ ବ୍ୟବହାର, ବୈଦ୍ୟୁତିକ ବର୍ଯ୍ୟବସ୍ତୁ ହ୍ରାସ, ସାଧାରଣ ବର୍ଯ୍ୟ ବସ୍ତୁର ହ୍ରାସ, ଜଳ ସଂରକ୍ଷଣ ଓ ଶକ୍ତି ସଂରକ୍ଷଣ ଉପରେ ପ୍ରକଳ୍ପଗୁଡିକ ପ୍ରଦର୍ଶିତ ହୋଇଥିଲା। ଭୁବନେଶ୍ୱର ମହାନଗର ନିଗମ ସହିତ ୧୦ ବ୍ଲକରୁ ୭୦ଟି ପ୍ରକଳ୍ପ କୁନି ବୈଜ୍ଞାନିକଙ୍କ ସହିତ ଗାଇଡ୍ ଶିକ୍ଷକ ଯୋଗଦେଇଥିଲେ। ପରେ ଏକ ବିଜ୍ଞାନ ସେମିନାର ଜିଲାର ବିଜ୍ଞାନ ଶିକ୍ଷକମାନଙ୍କ ଦ୍ୱାରା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଜଟଣୀ ବ୍ଲକ ଶିକ୍ଷା ଅଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତ ସିଂହାର ଏବଂ ବାଣପୁର ବ୍ଲକ ଶିକ୍ଷା ଅଧିକାରୀ ସନାତନ ଜାଲି ପରିଚାଳନା କରିଥିଲେ। ଅପରାହ୍ନରେ ପ୍ରତ୍ୟେକ ବିଷୟ ବସ୍ତୁର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ମୋଟ୍ ୨୧ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକରାୟପୁରର ଛାତ୍ର ଅଭିନାଶ ପରିଡ଼ା ଏଲିମିନେଟ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ପାଇଁ ୪ ହଜାର ଟଙ୍କା, ବିଜେବି ଉଚ୍ଚ ବିଦ୍ୟାଳୟର ଛାତ୍ର ଅବିନାଶ ବଳିୟାରସିଂହ ବର୍ଜ୍ୟବସ୍ତୁର ହ୍ରାସ ପ୍ରକଳ୍ପ ପାଇଁ ଦ୍ୱିତୀୟ ସ୍ଥାନ ଅଧିକାର କରି ୩ହଜାର ଟଙ୍କା, ସେହିପରି ଓଏଭି ପିଚୁକୁଳିର ଛାତ୍ର ସିଦ୍ଧି ଶ୍ରେୟାସ ଶ୍ରୀଚନ୍ଦନ ତୃତୀୟ ସ୍ଥାନ ଅଧିକାର କରି ୨ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାକର ମହାପାତ୍ର, ଅମ୍ବିକା ପ୍ରସାଦ ପଟ୍ଟନାୟକ, ସନ୍ତୋଷ ପଟ୍ଟନାୟକ, ମାନସ ପଣ୍ଡା, ମୃତ୍ୟୁଞ୍ଜୟ ମହାପାତ୍ର, ରବୀନ୍ଦ୍ର ପ୍ରଧାନ, ରବିନାରାୟଣ ସାହୁ, ବଦ୍ରି ନାରାୟଣ ରଥ, ପ୍ରଫୁଲ୍ଲ କୁମାର ବେହେରା, ଅଗାଧୁ ସେଠି ପ୍ରମୁଖ ପରିଚାଳନା କରିଥିବା ବେଳେ ସିଆର୍‌ସିସି ରେବତୀ ପଣ୍ଡା ସଂଯୋଜନା କରିଥିଲେ। ବିଜେବି ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।


**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
Pin:751012, Tel.No.(0674) 2562020, e-Mail:theoccltd@odishaconstruction.com
GSTIN- 21AAACO2571K2ZM
No.CAD-2999
"e-Procurement Notice No.56/OCCL/2025-26 (Online)

| Sl. No. | Name of Assignment | Bid Identification No. | Cost of Bid document (including GST) (through online transfer) (in Rs.) | Bid Security (through on-line transfer) (in Rs.) | Period of Completion | Availability of Tender (Online) |
|---|---|---|---|---|---|---|
| 1 | Request For Proposal (RFP) for engagement of Consultant for Implementation of Indian Accounting Standards (IND AS) in Odisha Construction Corporation Ltd. | OCCL-FACAO/ 02/ 2025-26 | Rs.2360/- | Rs.10,000/- | 45 (Forty Five) Days | From 16.01.2026 03.30 PM to 27.01.2026, 5.30 PM |

Procurement Officer: Managing Director, OCCL
Date of Opening of the Technical Bid: 28.01.2026, 12.00 Noon onwards
Further details can be seen from the e-procurement portal: https://www.tendersodisha.gov.in
OIPR- Sd./- MANAGING DIRECTOR

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
(At/Po- Ambapua, Near Income Tax Office, Berhampur - 760011, Ganjam, Odisha)
(E-Mail:- serwbpr2004@yahoo.com, Tel.No.:- 0680-2404287)
**No.e-tender//158//RWC//BAM//Dated 09.01.2026**
**1st Corrigendum to Bid Identification No.Online Tender/56-2025-26/BPR**
**No.O-2043:** 1) The partial modification of Road Works under **IMPROVEMENT TO EXISTING RD ROADS for the year 2025-26** vide above identification has been made as follows.

| | | | |
|---|---|---|---|
| 1 | Date of availability of tender | :: | **29.01.2026 to 12.02.2026 upto 5.30 PM instead of 08.01.2026 to 22.01.2026 upto 5.30 PM** |
| 2 | Last Date & Time of seeking tender clarification | :: | **10.02.2026 at 5.30 PM** instead of 20.01.2026 at 5.30 PM |
| 3 | Date of Opening of Technical Bid | :: | **13.02.2026 at 11.00 AM** instead of 27.01.2026 at 11.00 AM |
| 4 | Date of Opening of Financial Bid | :: | **Will be intimated later on.** |

All other contents will remain unchanged.
OIPR- Sd./- Chief Construction Engineer, R.W.Circle, Berhampur

GOVERNMENT OF ODISHA No. O-1918
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH**
At/P.O.: Sankara, Sundargarh - 770020, E-mail address: serw_sundargarh@yahoo.com
No. Tender Online RWCCESNG-28 of 2025-26 Letter No. 4358 Date: 31.12.2025
**e-Procurement NOTICE**
1. Type of the Work : Roads
2. Class of Contractor : As specified in the Column-6 of the Annexure
3. Time of Completion : As specified in the Column-5 of the Annexure
4. Detail Projects : As per Annexure attached
5. Estimated Cost : As specified in the Column-4 of the Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 28 of 2025-26 | 15.01.2026 2.00 P.M. | 31.01.2026 5.00 P.M. | 30.01.2026 5.00 P.M. | 01.02.2026 11.00 A.M. | Will be intimated separately |

Further details can be seen from the website **www.tendersodisha.gov.in**.
OIPR- Sd./- Chief Construction Engineer, Rural Works Circle, Sundargarh

## ସଂକ୍ଷେପରେ

### ଗୋଲାପ ଦେଇ ଭିନ୍ନ ଶୈଳୀରେ ସଡ଼କ ସୁରକ୍ଷା ସଚେତନତା

କାକଟପୁର/ଅସ୍ତରଙ୍ଗ, ୧୩।୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଗୋଲାପ ଫୁଲ ଏବଂ ଚକୋଲେଟ ଦେଇ ଭିନ୍ନ ଶୈଳୀରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦିଆଯାଇଛି। କାକଟପୁର ଥାନା ପୋଲିସ ଓ ଛାତ୍ରୀଛାତ୍ର ମିଳିତ ହୋଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହିତ କାକଟପୁର ଥାନାଧିକାରୀ ବସନ୍ତ କୁମାର ସାହୁ ସାମିଲ୍ ହୋଇ ରାସ୍ତାରେ ଯାତାୟାତ କରୁଥିବା ବାଇକ୍ ଚାଳକ ଓ ମୋଟର ଚାଳକଙ୍କୁ ଗୋଲାପ ଫୁଲ ଏବଂ ଚକୋଲେଟ ପ୍ରଦାନ କରି ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସଡ଼କ ସୁରକ୍ଷା ନିୟମ ମାନିବା ସହ ବାଇକ୍ ଚଳାଇବା ସମୟରେ ହେଲ୍‌ମେଟ ପିନ୍ଧିବା, ମୋଟର ଚାଳକଙ୍କୁ ସିଟ୍ ବେଲ୍ଟ ବାନ୍ଧି ନିୟମ ମାନିବାକୁ ପରାମର୍ଶ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ କାକଟପୁର ଅଞ୍ଚଳର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ଖାତକୁ ଖସିଲା କାର୍, ଅଳ୍ପକେ ବର୍ତ୍ତିଲେ ୫ ଛାତ୍ର

ଗୋପ, ୧୩।୧ (ଭାରତୀ ଭୂଷଣ ଉପାଧ୍ୟାୟ)

ମଙ୍ଗଳବାର ଭୋର ସମୟରେ ଗୋପ-କୋଣାର୍କ ରାସ୍ତାର ବାହାଣିଆ ଛକ ନିକଟରେ ଗୋଟିଏ କାର୍ (ଓଡ଼ି- ୦୯-ଏସି- ୦୧୧୪) ଖାତକୁ ଖସି ପଡ଼ିଥିବା ଜଣାପଡ଼ିଛି। ଏହି କାର୍‌ରେ ଥିବା ୫ ଜଣ ଫାର୍ମାସିଷ୍ଟ ଛାତ୍ର ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଏହି ଦୁର୍ଘଟଣା ପରେ ଗୋପ ଥାନା ଏସ୍‌ଆଇ ବୁଲୁ ସେଠୀ ଘଟଣାସ୍ଥଳରେ ପହଞ୍ଚି କାର୍ ଥାନାକୁ ଆଣି ତଦନ୍ତ କରୁଥିବା ଜଣାପଡ଼ିଛି। ପ୍ରକାଶ ଯେ, ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଫାର୍ମାସିଷ୍ଟ ପାଠ ପଢୁଥିବା ୫ଜଣ ଛାତ୍ର କୋଣାର୍କ-ପୁରୀ ବୁଲିବା ପାଇଁ ମଙ୍ଗଳବାର ରାତି ୨ଟାରେ କୋଣାର୍କ ବାହାରିଥିଲେ। ହେଲେ କୌଣସି କାରଣରୁ ଏହି କାର୍‌ଟି ଭାରସାମ୍ୟ ହରାଇ କୁସୁପୁର ନିକଟସ୍ଥ ବାହାଣିଆ ଛକ ନିକଟ ରାସ୍ତା କଡ଼ ଖାତକୁ ଖସି ପଡ଼ିଥିବା ଜଣାପଡ଼ିଛି।

### ଆସ ଆମେ ସ୍କୁଲ ଯିବା କାର୍ଯ୍ୟକ୍ରମରେ ୪୧ ଜଣଙ୍କ ନାମଲେଖା

ସାକ୍ଷୀଗୋପାଳ, ୧୩।୧ (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଆସ ଆମେ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ ଯୋଗଦେଇ ବ୍ଲକରେ ଯେଉଁଳି ଗୋଟିଏ ହେଲେ ପିଲା ପାଠ ଛାଡୁଥିବା କିମ୍ବା ଶିକ୍ଷାଦାନରୁ ବଞ୍ଚିତ ନ ହେବେ ସେଥିପାଇଁ ଅଧିକ ଯତ୍ନବାନ ହେବା ପାଇଁ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଏହି ଯୋଜନା ମାଧ୍ୟମରେ ମୁଖ୍ୟତଃ ୬ରୁ ୧୮ ବର୍ଷ ପର୍ଯ୍ୟନ୍ତ ଅଧାରୁ ପାଠ ଛାଡ଼ିଥିବା ପିଲାମାନେ ଶିକ୍ଷାଦାନ ସହିତ ସିଧାସଳଖ ଯୋଡ଼ି ହେବେ। ଆୟୋଜିତ ନାମଲେଖା ଶିବିର (ଏସ୍‌ଆଇଓଏସ୍)ରେ ୫ ଜଣ ଓ ଏନ୍‌ଆଇଓଏସ୍‌ରେ ୩୬ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ବ୍ଲକ ସହ ଶିକ୍ଷାଧିକାରୀ ପ୍ରଭାସ ଚନ୍ଦ୍ର କରଣ, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସେନାପତି ଓ ବ୍ଲକର ସମସ୍ତ ସିଆର୍‌ସିସି, ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ ।

### 'ରାଷ୍ଟ୍ର ଶକ୍ତି, ଯୁବ ଶକ୍ତି' ଶୀର୍ଷକ ଆଲୋଚନାଚକ୍ର

କୋଣାର୍କ, ୧୩।୧ (ଜ୍ୟୋତିରାଜ ମହାନ୍ତି)

ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ସାମୁଖ୍ୟ ଦ ବେଲ୍ ୟୁଥ୍ କ୍ଲବ ପୁରୀ ଓ ଉତ୍କଳ ୟୁଥ୍ ଫାଉଣ୍ଡେଶନ କୋଣାର୍କ ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଯୁବ ଦିବସ ଆୟୋଜିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ଦ ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ଶିକ୍ଷାବିତ୍ ଭାଗିରଥି ପାଇକରାୟ, ସାମାଜିକ କର୍ମୀ ଶୁଭ୍ରାଂଶୁ ସେଠୀ, ସୁନିଲ କୁମାର ନାୟକ, ରାଜଲକ୍ଷ୍ମୀ ଦାସ ପ୍ରମୁଖ ଯୋଗଦେଇ ଯୁବକଙ୍କ ମଧ୍ୟରେ ଆଧ୍ୟାତ୍ମ ଭାବ, ଆତ୍ମ ଶୃଙ୍ଖଳା ଓ ସେବା ଭାବନା ବୃଦ୍ଧି ପାଇଲେ ହିଁ ରାଷ୍ଟ୍ରଶକ୍ତି ସମୃଦ୍ଧ କରିବାରେ ସହାୟ ହେବ ବୋଲି ମତପ୍ରକାଶ କରିଥିଲେ। ଉଲ୍ଲେଖନୀୟ ସେବାକାର୍ଯ୍ୟ ଓ ବିବିଧ ପ୍ରତିଭା ପାଇଁ ଆକାଶ ସିଂ ଓ ସାମାଜିକ କର୍ମୀ ପ୍ରଦୀପ କୁମାର ପ୍ରଧାନଙ୍କୁ 'ଦ ବେଲ୍ ଯୁବଶ୍ରୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଦ ବେଲ୍ ୟୁଥ କ୍ଲବ ସହ ସଂଯୋଜିକା ମୋନାଲିସା ଜେନା, ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ବେହେରା ସଂଯୋଜନା କରିଥିଲେ।

# ପିପିଲି ଏନ୍‌ଏସିରୁ ଜବରଦଖଲ ଉଚ୍ଛେଦ ଆରମ୍ଭ

ପିପିଲି, ୧୩।୧ (ଦୁର୍ଗା ମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)



ଏନ୍‌ଏସି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି ।

ପିପିଲି ଏନ୍‌ଏସି ଅନ୍ତର୍ଗତ ବଜାରରୁ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ନିମାପଡ଼ା ଛକ (ଚାନ୍ଦୁଆ ବଜାର) ଠାରୁ କୋଣାର୍କ ରାସ୍ତାର ପଣ୍ଡାବଜାର ପର୍ଯ୍ୟନ୍ତ ବୁଲ୍‌ଡୋଜର ସାହାଯ୍ୟରେ ଜବରଦଖଲ ହଟିଛି। ପୋଲିସ ଅଧିକାରୀ ଓ ଫୋର୍ସ, ପ୍ରଶାସନିକ ଅଧିକାରୀ, ରାଜସ୍ୱ କର୍ମଚାରୀ, ଏନ୍‌ଏସି ଅଧିକାରୀଙ୍କ ଉପସ୍ଥିତିରେ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜାଗାରେ ସ୍ଥାୟୀ, ଅସ୍ଥାୟୀ ସମସ୍ତ ନିର୍ମାଣକୁ ଭଙ୍ଗାଯାଇଛି। ସରକାରୀ ଜାଗାରୁ ଅସ୍ଥାୟୀ ଓ ସ୍ଥାୟୀ ନିର୍ମାଣ ହଟାଇନେବା ପାଇଁ ଦୋକାନୀ ଓ ଘରମାଲିକଙ୍କୁ ସୋମବାର ପର୍ଯ୍ୟନ୍ତ ମହଲତ ଦିଆଯାଇଥିଲା। ଦୋକାନୀମାନେ ସ୍ୱେଚ୍ଛାକୃତ ଭାବେ ବାସଗୃହ ଓ ଦୋକାନର ଅସ୍ଥାୟୀ ନିର୍ମାଣ ଭାଗକୁ ଖୋଲାଖୋଲି କରୁଥିବାବେଳେ ପ୍ରଶାସନ ଜେସିବି ଲଗାଇ କଂକ୍ରିଟ ନିର୍ମାଣକୁ ଭାଙ୍ଗିଥିଲା। ଆଇନ ଶୃଙ୍ଖଳା ଦୃଷ୍ଟିରୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ପିପିଲିର ଅତିରିକ୍ତ ତହସିଲ୍‌ଦାର ବସନ୍ତ କୁମାର ବେହେରା ଉପସ୍ଥିତ ଥିଲେ। ଉଚ୍ଛେଦ ସମୟରେ ପିପିଲି ଥାନାଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଥାନାର ଅନ୍ୟ ଅଧିକାରୀ ଏବଂ ୩ ପ୍ଲାଟୁନ ଫୋର୍ସ ଉପସ୍ଥିତ ରହି ଉଚ୍ଛେଦ ସମୟରେ ଶୃଙ୍ଖଳା ରକ୍ଷା କରିଥିଲେ। ଅନ୍ୟପଟେ ସରକାରୀ ଜାଗା ଚିହ୍ନଟ କରାଯିବା ପାଇଁ ପ୍ରାଥମିକ ଭାବେ ତହସିଲ କର୍ମଚାରୀ ମାପ କରି ବିଭିନ୍ନ ବାସଗୃହ, ଦୋକାନ ନିକଟରେ ନାଲି ଗାରର ସଙ୍କେତ ଦେଇଥିଲେ। ଏହା ଠିକ୍ ନ ଥିବା ଏବଂ ଉଚ୍ଛେଦରେ ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତିବିଶେଷଙ୍କୁ ଅନୁକମ୍ପା ଦେଖାଯାଇଥିବା ଦର୍ଶାଇ ଅନେକ ସ୍ଥାନରେ ଅସନ୍ତୋଷ ପ୍ରକାଶ ପାଇବା ସହ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।

# ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ଶିଶୁ ଓ ଯୁବ ମହୋତ୍ସବ

ନିମାପଡ଼ା, ୧୩।୧ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାର ଅଗ୍ରଣୀ ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ ପକ୍ଷରୁ ଏକ ଶିଶୁ ଓ ଯୁବ ମହୋତ୍ସବ, ସମ୍ବର୍ଦ୍ଧନା ସମାରୋହ ସ୍ଥାନୀୟ ଅଣ୍ଡିଆସାହି ମା' ଦକ୍ଷିଣେଶ୍ୱରୀ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଲିଟିଲ୍ ଷ୍ଟାର ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣା ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ଖ୍ୟାତନାମା ଯାତ୍ରା କଳାକାର ଗୌର ଦାସ, କାବେରୀ ପାଢ଼ୀ, ବରିଷ୍ଠ ଶିକ୍ଷାବିତ୍ ହରିହର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ରାଉତ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯୁବନେତା ସନ୍ତୋଷ ଓଝା ପ୍ରମୁଖ ଯୋଗଦେଇ ଆଜିର ଶିଶୁ ଆଗାମୀକାଲିର ଭବିଷ୍ୟତ, ଶିଶୁ ହସିଲେ ଦୁନିଆ ହସିବ, ଶିଶୁଙ୍କର ବିକାଶ ହେଲେ ସମାଜ ବିକଶିତ ହେବ, ଶିଶୁମାନଙ୍କୁ ଏବେଠାରୁ ଠିକ୍ ଭାବେ ଗଢ଼ିତୋଳିବା ପ୍ରତ୍ୟେକ ମା ବାପା, ଶିକ୍ଷକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଲିଟିଲ୍ ଷ୍ଟାର ଗ୍ରୁପର ଶିଶୁକିଶୋର ପତ୍ରିକା 'ମୋ ଆଶା' ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ, ସଙ୍ଗୀତ, ପତ୍ରଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୧୫ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ବରିଷ୍ଠ ଶିକ୍ଷାବିତ୍ ବସନ୍ତ ସ୍ୱାଇଁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ଶତାଧିକ ଶିଶୁ ଛାତ୍ରୀଛାତ୍ର, ଯୁବକ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।



ଅତିଥିମାନେ ଶିଶୁକିଶୋର ପତ୍ରିକା 'ମୋ ଆଶା'କୁ ଉନ୍ମୋଚନ କରୁଛନ୍ତି।

# ଶ୍ରୀମନ୍ଦିରକୁ ମକର ତାଡ଼ ବିଜେ


ଶ୍ରୀମନ୍ଦିରକୁ ତାଡ ବିଜେ କରାଯାଉଛି ।

ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)

ବୁଧବାର ମକର ସଂକ୍ରାନ୍ତି ଥିବାରୁ ମଙ୍ଗଳବାର ପରମ୍ପରା ଅନୁଯାୟୀ, ମକର ତାଡ଼ ଶ୍ରୀମନ୍ଦିରକୁ ବିଜେ କରାଯାଇଛି। ମହାପ୍ରଭୁଙ୍କ ପାଖରେ ପବିତ୍ର ମକର ସଂକ୍ରାନ୍ତିରେ ମକର ଚାଉଳ ଭୋଗ ହେବା ସହ ଓ ଶ୍ରୀବିଗ୍ରହମାନେ ମକର ଚଉରାଶୀ ବେଶରେ ଦର୍ଶନ ଦେବେ। ମହାପ୍ରଭୁଙ୍କୁ ମକର ତାଡ଼ରେ ହିଁ ମକର ଚାଉଳ ଭୋଗ କରାଯିବ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଦ୍ୱିପ୍ରହର ଧୂପ ବଢ଼ିଲା ପରେ ଶ୍ରୀମନ୍ଦିରରୁ ଘଣ୍ଟ, ଓଲାର, କାହାଳୀ ଅଠରନଳା ସ୍ଥିତ ଆଲାମଚଣ୍ଡୀ ମନ୍ଦିରକୁ ବିଜେ କରାଯାଇଥିଲା। ସେଠାରେ କୁମ୍ଭକାର ସେବକମାନେ ମା' ଆଲାମଚଣ୍ଡୀ ଠାକୁରାଣୀଙ୍କ ନିକଟରେ ନୂଆ ତାଡ଼ ରଖିଥିଲେ। ପରେ ମା'ଙ୍କ ନିକଟରେ ବିଶେଷ ପୂଜା ଅନୁଷ୍ଠିତ ହେବା ସହ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ୪ଜଣ କୁମ୍ଭାର ବିଶୋୟୀ ସେବକମାନେ ମୁହଁରେ ବାଘତୁଣ୍ଡି ବା ବାଘମୁହାଁ ବାନ୍ଧି ମା' ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ଘଣ୍ଟ, ଓଲାର (ଛତା), କାହାଳି ସହିତ ୪ଟି ମକର ତାଡ଼ ଶ୍ରୀମନ୍ଦିରକୁ ବିଜେ କରାଇଥିଲେ। ମକର ତାଡ଼ ଶ୍ରୀମନ୍ଦିର ଭିତର ବେଢ଼ାରେ ଗୋଟିଏ ଥର ବୁଲାଇ ଅଚିନ୍ତା ପହଣ୍ଡି ରୋଷ ବେହେରଣ ଠାରେ ରଖାଯାଇଛି। ମକର ସଂକ୍ରାନ୍ତି ଅବସରରେ ଉକ୍ତ ତାଡ଼ରେ ଶ୍ରୀବିଗ୍ରହଙ୍କୁ ମକର ଚାଉଳ ଭୋଗ ମଣୋହି କରାଯିବ। ଅପରପକ୍ଷରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ପ୍ରତିବର୍ଷ ପରି ଚଳିତ ବର୍ଷ ମକର ସଂକ୍ରାନ୍ତି ପୂର୍ବଦିନ ଅର୍ଥାତ ମାସନ୍ତ ତିଥିରେ ନୀଳଚକ୍ର ଅଁଳାବେଢ଼ାକୁ ଶ୍ରୀମନ୍ଦିରର ଚୂନରା ସେବକମାନେ ଚୂନ ରଙ୍ଗ କରିଛନ୍ତି। ସେହିଭଳି ମକର ସଂକ୍ରାନ୍ତିରେ ପରମ୍ପରା ଅନୁଯାୟୀ, ସୁନା ଗୋସେଇଁଙ୍କ ପକ୍ଷରୁ ଗେରୁ ଚୂନରା ସେବାୟତଙ୍କୁ ଯୋଗାଇ ଦିଆଯିବ।

### ସ୍ୱଚ୍ଛତା ହିଁ ରୋଗୀଙ୍କ ମନୋବଳ ବଢ଼ାଇଥାଏ

ଗୋପ, ୧୩।୧ (ଭାରତୀ ଭୂଷଣ ଉପାଧ୍ୟାୟ)

ସ୍ୱଚ୍ଛତା ରହିଲେ ସମସ୍ତଙ୍କୁ ଶାନ୍ତି ଅନୁଭବ ଲାଗିଥାଏ। ତା'ସହିତ ସ୍ୱଚ୍ଛତା ହିଁ ଡାକ୍ତରଖାନାକୁ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଆସୁଥିବା ରୋଗୀମାନଙ୍କ ମନୋବଳ ବଢ଼ାଇଥାଏ ବୋଲି ମଙ୍ଗଳବାର ଗୋପ ଡାକ୍ତରଖାନା ଅଧିକାରିଣୀ ଡ. ଯସ୍ମିନୀ ଆଫ୍ରୋଜ କହିଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରିଣୀ ଆଫ୍ରୋଜ୍‌ଙ୍କ ସହିତ ସମସ୍ତ କର୍ମଚାରୀ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇ ଡାକ୍ତରଖାନାକୁ ସଫାସୁତୁରା କରିଥିଲେ। ଗୋପ ଡାକ୍ତରଖାନା ଏକ ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବା ବେଳେ ଏହି ଡାକ୍ତରଖାନାକୁ ଦୈନନ୍ଦିନ ଶତାଧିକ ରୋଗୀ ଆସିଥାନ୍ତି। ଏପରି ବିଭିନ୍ନ ସମୟରେ ବଡ଼ ଦୁର୍ଘଟଣା ସହିତ ପୁରୀ-କୋଣାର୍କ ବୁଲି ଆସୁଥିବା ଦେଶବିଦେଶର ପର୍ଯ୍ୟଟକମାନେ ମଧ୍ୟ ଏହି ଡାକ୍ତରଖାନାରେ ଭର୍ତ୍ତି ହୋଇଥାନ୍ତି। ବିଶେଷ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଡାକ୍ତରମାନେ ଉଚିତ ଭାବେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିବାବେଳେ ସଫେଇ କର୍ମଚାରୀ ମଧ୍ୟ ସବୁ ସମୟରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ସଫାସୁତୁରା କରିଥାନ୍ତି। ହେଲେ ସ୍ୱଚ୍ଛତାକୁ ଆହୁରି ଅଧିକ ମାତ୍ରାରେ ଗୁରୁତ୍ୱ ଦେଇ ଏପରି ସଫେଇ କାର୍ଯ୍ୟକ୍ରମ ହାତକୁ ନେଇ ନ ଥିବା ଜଣାପଡ଼ିଛି। ଏହି ସଫେଇ କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ସୁଶାନ୍ତ କୁମାର ରାଉତ, ମନୋଜ କୁମାର ମହାନ୍ତି, କ୍ଷେତ୍ରମଣି ସେଠୀ, ରାଜେଶ କୁମାର ପାଇକରାୟ, ସମ୍ପଦ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ମକରଭାର ସହ ବାହୁଡ଼ିଲେ ମହାଲକ୍ଷ୍ମୀ

ସାକ୍ଷୀଗୋପାଳ, ୧୩।୧ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

**ଶ୍ରଦ୍ଧାଳୁଙ୍କ ନବାଙ୍କ ବେଢ଼ା ପରିକ୍ରମା**

ପୁଷମାସ ଶେଷରେ ବାପଘରୁ ମନ୍ଦିରକୁ ଫେରିଛନ୍ତି ମହାଲକ୍ଷ୍ମୀ। ସାଙ୍ଗରେ ଆଣିଛନ୍ତି ମକରଭାର। ପ୍ରତିବର୍ଷ ପରି ମଙ୍ଗଳବାର ମାସାନ୍ତ ଅପରାହ୍ନରେ ଦାସବିଦ୍ୟାଧରପୁର ପଞ୍ଚାୟତ ବସନ୍ତପୁର ଗ୍ରାମର ଦେବରାଜ ସାହୁଙ୍କ ଘରୁ ସାକ୍ଷୀଗୋପାଳ ମନ୍ଦିର ଅଭିମୁଖେ ମକରଭାର ବାହାରିଥିଲା। ଦୁଇଟି ଓଳିଆରେ ନୂଆ ଅରୁଆ ଚାଉଳ, ନଡ଼ିଆ, ପାଚିଲା କଦଳୀ, ଧନୁମୁଆଁ, ଫୁଲମାଳ ଏବଂ ଠାକୁରଙ୍କ ଲାଗି ନିମନ୍ତେ ନୂତନବସ୍ତ୍ର ସହ ମନ୍ଦିର ନିକଟସ୍ଥ ଦୋଳବେଦୀରେ ପହଞ୍ଚିଥିଲେ। ମନ୍ଦିରରେ ଗୋଧନବାହୁଡ଼ା ଭୋଗ ପରେ ସନ୍ଧ୍ୟା ଧୂପ ବେଶ କରାଯାଇଥିଲା। ବିଜେ ପ୍ରତିମା ମଦନମୋହନ ଗରୁଡ଼ସ୍ତମ୍ଭ ନିକଟକୁ ବିଜେ କରିଥିଲେ। ଏହାପରେ ଛତିତ୍ରାସ, ଘଣ୍ଟ, ବାଜା, ମହୁରୀ, ବିଜେ କାହାଳୀ ଓ ଛାମୁ ମଶାଲ ସହିତ ସେବାୟତ ଓ ମନ୍ଦିର କର୍ମଚାରୀ ମକର ଭାରୁଆଙ୍କ ସହ କୁଣିଆଙ୍କୁ ମନ୍ଦିରକୁ ପାଛୋଟି ଆଣିଥିଲେ। ମହାଲକ୍ଷ୍ମୀଙ୍କ ଭାର ମନ୍ଦିରରେ ପ୍ରବେଶ କରିବା ମାତ୍ରେ ଗୁଆପାହାଚରେ କ୍ଷୀର ଉତୁରା ପର୍ବ ଆରମ୍ଭ ହୋଇଥିଲା। ଏଭଳି ଶୁଭ ଦୃଶ୍ୟ ଦେଖି ଭାର ମନ୍ଦିର ଭଣ୍ଡାରକୁ ଯାଇଥିଲା। ମନ୍ଦିର ସିଂହାସନ ଚାରିପାଖେ ତିନିଘେରା ଓ ବେଢ଼ାରେ ୬ ଘେରା ଏପରି ନବାଙ୍କ ବେଢ଼ା ନୀତି ସମ୍ପନ୍ନ କରାଯାଇଛି। ଏହି ଅବସରରେ ଶରୀରରୁ ପୀଡ଼ା ଲାଘବ ଏବଂ ଶ୍ରଦ୍ଧାଭକ୍ତିରେ ଶ୍ରଦ୍ଧାଳୁମାନେ ମନ୍ଦିର ବେଢ଼ା ୯ଥର ପରିକ୍ରମା କରିଥିଲେ। ଆଦୌ ଚାଉଳ ଭୋଗ ଲାଗି କରାଯାଉ ନ ଥିବା ସାକ୍ଷୀଗୋପାଳ ଠାକୁରଙ୍କୁ ମକର ଭାରରେ ପ୍ରସ୍ତୁତ ମକର ଚାଉଳ ବର୍ଷକୁ ଗୋଟିଏ ଦିନ ମକର ସଂକ୍ରାନ୍ତି ପର୍ବରେ ସ୍ୱତନ୍ତ୍ର ଲାଗି କରାଯିବ।


ବେଢା ପରିକ୍ରମା କରାଯାଉଛି ।

# କ୍ରୟ ପୂର୍ବରୁ ଚାଷୀଙ୍କୁ ଦିଆଯିବ ଝୋଟ ଅଖା

ଡେଲାଙ୍ଗ, ୧୩।୧ (ରଶ୍ମିରଞ୍ଜନ ପ୍ରଧାନ)

**ଧାନ ମଣ୍ଡି ଖୋଲିବା ନେଇ ସମବାୟ ସମିତି ସମ୍ପାଦକଙ୍କ ବୈଠକ**

ଧାନମଣ୍ଡି ଖୋଲିବା ନେଇ ୨୦୨୫-୨୬ କେଏମ୍‌ଏସ ପାଇଁ ଧାନମଣ୍ଡି ଖୋଲିବାକୁ ଅନୁମତିପ୍ରାପ୍ତ ୨୧ ପ୍ରାଥମିକ ସମବାୟ ସମିତି ସମ୍ପାଦକଙ୍କ ବୈଠକରେ ସରକାରୀ ମାର୍ଗଦର୍ଶିକା ଅନୁପାଳନ ପାଇଁ ବିଡିଓ ସମୀର ବେହେରା ପରାମର୍ଶ ଦେଇଛନ୍ତି। ଡେଲାଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଡିଓ ବେହେରାଙ୍କ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ବ୍ଲକ ବିପଣନ ଅଧିକାରୀ ଚୁନିମଣି ସାହୁ, ସମବାୟ ସମିତି ସମୂହ ଉପସହକାରୀ ନିବନ୍ଧକ ଅସିତ୍ କୁମାର ସାହୁ ଓ ୨୧ ସମବାୟ ସମିତି ସମ୍ପାଦକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବଡ଼ ଚାଷୀଙ୍କୁ ପଛରେ ରଖି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କଠାରୁ ଅଗ୍ରାଧିକାର ଭିତ୍ତିରେ ଧାନକ୍ରୟ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶନାମା ଅନୁପାଳନ ନିମନ୍ତେ ସମିତି ସମ୍ପାଦକମାନେ ଯତ୍ନବାନ ହେବାକୁ ବିଡିଓ ବେହେରା ପରାମର୍ଶ ଦେବା ସହ ମଣ୍ଡି ସ୍ଥାନରେ ଗୁପ୍ତ କ୍ୟାମେରା (ସିସିଟିଭି) ଲଗାଇବା ବାଧ୍ୟତାମୂଳକ, ଅସ୍ଥାୟୀ ଛାମୁଣ୍ଡିଆ ସହିତ ତଳେ ବଡ଼ ପାଲ ପକାଇ ଧାନ ରଖିବା, ନିର୍ଦ୍ଧାରିତ ବାର ଓ ସମୟରେ ଧାନ ମଣ୍ଡି ଖୋଲାଯିବା, ବୈଦ୍ୟୁତିକ ଓଜନ ଯନ୍ତ୍ର, ଧାନର ମାନ ନିର୍ଦ୍ଧାରଣ ଉପକରଣ ରଖିବା, ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା କରିବାକୁ ସମ୍ପାଦକଙ୍କୁ ପରାମର୍ଶ ଦିଆଯାଇଛି। ପଲିଥିନ ବସ୍ତା ପରିବର୍ତ୍ତେ ପର୍ଯ୍ୟାପ୍ତ ଝୋଟବସ୍ତା ଯୋଗାଇବାକୁ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମିଲର୍‌ମାନେ ଝୋଟ ଅଖା ଯୋଗାଇ ନ ପାରିଲେ ସମିତି ସମ୍ପାଦକମାନେ ଏହା କ୍ରୟ କରି ଚାଷୀଙ୍କୁ ଯୋଗାଇବା ନିର୍ଦ୍ଦେଶ ରହିଥିବା ବିଡିଓ ସୂଚନା ଦେଇଥିଲେ। ଧାନର ମାନକୁ ନେଇ ଚାଷୀ, ସମ୍ପାଦକ ଓ ମିଲର୍ ପ୍ରତିନିଧିଙ୍କ ମଧ୍ୟରେ ବିବାଦ ସୃଷ୍ଟି ନ ହେବା ପାଇଁ ବ୍ଲକ ବିପଣନ ଅଧିକାରୀ ନିୟମିତ ମଣ୍ଡି ପର୍ଯ୍ୟବେକ୍ଷଣ କରିବାକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ସାହୁ ପରାମର୍ଶ ଦେଇଥିଲେ।


ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ ଓ ବିଡିଓ ସମୀର ବେହେରାଙ୍କ ସମେତ ଅନ୍ୟମାନେ ।


**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
Pin:751012, Tel.No.(0674) 2562020, e-Mail:theoccltd@odishaconstruction.com
GSTIN- 21AAACO2571K2ZM
No.CAD-2999
"e-Procurement Notice No.56/OCCL/2025-26 (Online)

| Sl. No. | Name of Assignment | Bid Identification No. | Cost of Bid document (including GST) (through online transfer) (in Rs.) | Bid Security (through on-line transfer) (in Rs.) | Period of Completion | Availability of Tender (Online) |
|---|---|---|---|---|---|---|
| 1 | Request For Proposal (RFP) for engagement of Consultant for Implementation of Indian Accounting Standards (IND AS) in Odisha Construction Corporation Ltd. | OCCL-FACAO/ 02/ 2025-26 | Rs.2360/- | Rs.10,000/- | 45 (Forty Five) Days | From 16.01.2026 03.30 PM to 27.01.2026, 5.30 PM |

Procurement Officer: **Managing Director, OCCL**
Date of Opening of the Technical Bid: **28.01.2026, 12.00 Noon onwards**
Further details can be seen from the e-procurement portal: **https://www.tendersodisha.gov.in**
OIPR- **Sd./- MANAGING DIRECTOR**

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
(At/Po- Ambapua, Near Income Tax Office, Berhampur - 760011, Ganjam, Odisha)
(E-Mail:- serwbpr2004@yahoo.com, Tel.No.:- 0680-2404287)
**No.e-tender//158//RWC//BAM//Dated 09.01.2026**
**1st Corrigendum to Bid Identification No.Online Tender/56-2025-26/BPR**
**No.O-2043:** 1) The partial modification of Road Works under **IMPROVEMENT TO EXISTING RD ROADS for the year 2025-26** vide above identification has been made as follows.

| | | | |
|---|---|---|---|
| 1 | Date of availability of tender | :: | **29.01.2026 to 12.02.2026 upto 5.30 PM instead of 08.01.2026 to 22.01.2026 upto 5.30 PM** |
| 2 | Last Date & Time of seeking tender clarification | :: | **10.02.2026 at 5.30 PM** instead of 20.01.2026 at 5.30 PM |
| 3 | Date of Opening of Technical Bid | :: | **13.02.2026 at 11.00 AM** instead of 27.01.2026 at 11.00 AM |
| 4 | Date of Opening of Financial Bid | :: | **Will be intimated later on.** |

All other contents will remain unchanged.
OIPR- **Sd./- Chief Construction Engineer, R.W.Circle, Berhampur**

**GOVERNMENT OF ODISHA** No. O-1918
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH**
At/P.O.: Sankara, Sundargarh - 770020, E-mail address: serw_sundargarh@yahoo.com
No. Tender Online RWCCESNG-28 of 2025-26 Letter No. 4358 Date: 31.12.2025
**e-Procurement NOTICE**
1. Type of the Work : Roads
2. Class of Contractor : As specified in the Column-6 of the Annexure
3. Time of Completion : As specified in the Column-5 of the Annexure
4. Detail Projects : As per Annexure attached
5. Estimated Cost : As specified in the Column-4 of the Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 28 of 2025-26 | 15.01.2026 2.00 P.M. | 31.01.2026 5.00 P.M. | 30.01.2026 5.00 P.M. | 01.02.2026 11.00 A.M. | Will be intimated separately |

Further details can be seen from the website **www.tendersodisha.gov.in**.
OIPR- **Sd./- Chief Construction Engineer, Rural Works Circle, Sundargarh**

# ମକରମେଳା ପାଇଁ ହଟକେଶ୍ୱର ପୀଠ ଚଳଚଞ୍ଚଳ




ଖୋର୍ଦ୍ଧା/ବାଘମାରୀ, ୧୩।୧ (ପ୍ରଭାତ ପାଣିଗ୍ରାହୀ/ମିହିର ରଞ୍ଜନ ମହାପାତ୍ର)

■ ଠାକୁରଙ୍କ ସ୍ୱତନ୍ତ୍ର ନୀତକାନ୍ତି ଚୂଡ଼ାନ୍ତ
■ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା

ମକର ସଂକ୍ରାନ୍ତି ତଥା ବୁଧବାରଠାରୁ ଖୋର୍ଦ୍ଧା ଜିଲାର ପ୍ରସିଦ୍ଧ ଶୈବପୀଠ ଅବସ୍ଥିତ ଶ୍ରୀହଟକେଶ୍ୱରଙ୍କ ପୀଠରେ ମକର ମେଳା ଅନୁଷ୍ଠିତ ହେବ। ଏଥିସହ ଉଷ୍ଣ ପ୍ରସ୍ରବଣ ଠାରେ ମକର ମହୋତ୍ସବ ଆୟୋଜିତ ହେବ। ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ଗହଳି ରହିବ। ଏନେଇ ମନ୍ଦିର ପରିଚାଳନା କମିଟି, ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମକର ମେଳା ନେଇ ମନ୍ଦିର କମିଟି ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ଭୋର ୩ଟାରେ ଠାକୁରଙ୍କ ଦ୍ୱାରଫିଟା ପରେ ଅବକାଶ, ମଇଲମ, ତଡ଼ପଲାଗି ଆଦି ନୀତି ହୋଇ ୪ଟାରେ ଗଜପତି ମହାରାଜ ପକ୍ଷରୁ ଅଡ଼ି ବଦବେହେରାଙ୍କ ପହିଲି ଭୋଗ, ମର୍ଦ୍ଦନ, ଜଳରାଶି ଓ ଭୋଗଲାଗି କରାଯିବ। ଠାକୁରଙ୍କ ଅବକାଶ ଜଳଲାଗିର ଜେଉଡ଼ା ପାଣି ପାଦୁକ ବାହାର କରାଯିବ। ଏହି ପାଦୁକାରେ ମାନସିକଧାରୀମାନେ ଠାକୁରଙ୍କ ଚନ୍ଦନ ପୁଷ୍କରିଣୀରେ ପାଦୁକା ସ୍ନାନ କରି ଏକ ମୁହାଁ ହୋଇ ଉଷ୍ଣ ପ୍ରସ୍ରବଣ ଠାରେ ପହଞ୍ଚି ଦହନ କୁଣ୍ଡରେ ଗୁଆ ଖୋଜିବାକୁ ଯିବେ। ଏହି ସମୟରେ ପାର୍ଶ୍ୱ ଦେବଦେବୀଙ୍କ ସ୍ନାନ ବିଧି କରାଯାଇ ଚନ୍ଦନ ଲାଗି କରାଯିବ। ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ରାତ୍ରି ସାଢ଼େ ୮ଟା ପର୍ଯ୍ୟନ୍ତ ଚାଲିବ। ମଧ୍ୟାହ୍ନରେ ଆଳତି, ସକାଳଧୂପ(ଭୋଗ) ଅପରାହ୍ନ ୨ଟା ପୂର୍ବରୁ ସରିବ। ଅପରାହ୍ନ ୩ଟା ପରେ ଠାକୁର ଦୋଳ ବିମାନରେ ବିଜେ କରି ଉଷ୍ଣ ପ୍ରସ୍ରବଣକୁ ଯାତ୍ରା କରିବେ। ସେଠାରେ ଦହନ କୁଣ୍ଡ(ଗୁଆ ବା ଯଜ୍ଞ କୁଣ୍ଡ) ୩ଥର ପରିକ୍ରମା ପରେ ବିଜେ ମଣ୍ଡପରେ ବିଜେ କରିବେ। ଧୂପ ପରେ ପ୍ରତ୍ୟାବର୍ତ୍ତନ କରିବେ। ମନ୍ଦିର ବିଜେ ପରେ ଗଜପତିଙ୍କ ମହାରାଜଙ୍କ ପକ୍ଷରୁ ରଣା ପରିବାର ପକ୍ଷରୁ ମକର ଚାଉଳ, ବାଳଭୋଗ, ଚୁଡ଼ା ଘସା ଓ ଛେନା ପଣା ଧୂପ କରାଯିବ। ରାତ୍ର ୯ଟାରେ ଧୂପରେ ସଂଖୁଡ଼ି ଭୋଗ, ଆଳତ କରାଯିବ। ରାତି ୧୦ଟାରେ ବଡ଼ସିଂହାର ବେଶରେ ବଡ଼ସିଂହାର ଖଜା ଭୋଗ ଲାଗି ପରେ ଠାକୁରଙ୍କ ପହୁଡ଼ନୀତି ସମ୍ପନ ହେବ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତ ସଂଘ ବରିଷ୍ଠ ସେବାୟତ ଦିଲୀପ ପଣ୍ଡା ସୂଚନା ଦେଇଛନ୍ତି। ତେବେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୩ଜଣ ଆଡ଼ିସନାଲ ଏସ୍‌ପି, ୨ପ୍ଲାଟୁନ ଫୋର୍ସ, ୪ଜଣ ଡିଏସପି, ୩୨ ଏସ୍‌ଆଇ, ୪୦ କନଷ୍ଟେବଳ, ୬୦ଜଣ ହୋମଗାର୍ଡ ମୁତୟନ ହେବେ। ଉଷ୍ଣ ପ୍ରସ୍ରବଣ ପରିସର ଏବଂ ମନ୍ଦିର ନିକଟରେ ଦୁଇଟି ପୋଲିସ ଅସ୍ଥାୟୀ ସହାୟତା କେନ୍ଦ୍ର ଖୋଲାଯାଇଛି। ବେଗୁନିଆ ବିଧାୟକ ପ୍ରଦୀପ ସାହୁ କହିଛନ୍ତି ଯେ, ମକର ମହୋତ୍ସବ ଆୟୋଜନ ନେଇ ସମସ୍ତ ପ୍ରସ୍ତୁତି ସରିଛି। ଲୋକକଳା, ସଂସ୍କୃତି ପରମ୍ପରା ଉଜ୍ଜୀବିତ ଏହି ମହୋତ୍ସବର ଲକ୍ଷ୍ୟ ରହିଛି। ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକ ମୌଳିକ ସୁବିଧା ଉପଲବ୍ଧ ସହ ପାନୀୟଜଳ, ଅସ୍ଥାୟୀ ମେଡିକାଲ କ୍ୟାମ୍ପ, ଆଲୋକୀକରଣ କରାଯାଇଛି।

## ସଙ୍କଳ୍ପ କଲେ ମାନସିକଧାରୀ, ଆଜି ଗୁଆ ଖୋଜିବେ

ମକର ସଂକ୍ରାନ୍ତିରେ ଉଷ୍ଣ ପ୍ରସ୍ରବଣରେ ଶରାଧିକ ପର୍ଯ୍ୟଟକଙ୍କ ଗହଳି ରହିଥାଏ। ଏହି ସମୟରେ ଉଷ୍ଣ କୁଣ୍ଡରେ ସ୍ନାନ କଲେ ଚର୍ମରୋଗ ଓ ଗୁଆ କୁଣ୍ଡ ପାଦୁକା ଗ୍ରହଣ କଲେ ପେଟ ରୋଗ ଦୂର ହୁଏ ବୋଲି ବିଶ୍ୱାସ ରହିଛି। ସେହିପରି ଶ୍ରୀହଟକେଶ୍ୱରଙ୍କଠାରେ ସଙ୍କଳ୍ପ ପୂର୍ବକ ଦହନ କୁଣ୍ଡରେ ଗୁଆ ଖୋଜି ଭକ୍ଷଣ କଲେ ଅପୁତ୍ରିକନାରୀ ବର୍ଷକ ମଧ୍ୟରେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ମଙ୍ଗଳବାର ଅପରାହ୍ନରୁ ମାନସିକଧାରୀ ମହିଳାମାନେ ପରିବାର ସହ ମନ୍ଦିରରେ ପହଞ୍ଚିଛନ୍ତି। ସେମାନଙ୍କ ପାଇଁ ମନ୍ଦିର ଯାତ୍ରୀ ବିଶ୍ରାମଗାରରେ ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟାରେ ମାନସିକଧାରୀ ମହିଳା ମାନେ ହଟକେଶ୍ୱରଙ୍କ ନିକଟରେ ସନ୍ତାନପ୍ରାପ୍ତି ଲାଗି ସଙ୍କଳ୍ପ କରିଥିଲେ। ସଂକ୍ରାନ୍ତିରେ ଦହନ କୁଣ୍ଡରେ ଗୁଆ ଖୋଜିବେ ବୋଲି ଜଣାପଡ଼ିଛି। ପ୍ରାଚୀନକାଳରୁ ଏହି ପରମ୍ପରା ଚାଲିଆସିଛି ବୋଲି ବରିଷ୍ଠ ସେବାୟତ ଗୋପୀନାଥ ମହାପାତ୍ର କହିଛନ୍ତି।

# ମା'କାଳିଜାଇଙ୍କ ପୀଠରେ ମକରମେଳା ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

କୃଷ୍ଣପ୍ରସାଦ, ୧୩।୧ (କୈଳାସ ଚନ୍ଦ୍ର ପଟ୍ଟନାୟକ)



ମକରମେଳା ପାଇଁ ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦ ଅଞ୍ଚଳର ଇଷ୍ଟଦେବୀ ଦେବୀ ମା'କାଳିଜାଇଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ମା'ଙ୍କ ମୁଖ୍ୟ ସେବକ ଧର୍ମେନ୍ଦ୍ର ପଣ୍ଡା, ଜଗନ୍ନାଥ ଦାଶଙ୍କ ତତ୍ତ୍ୱାବଧାନରେ ମା'ଙ୍କୁ ଗୁଆ ସିନ୍ଦୂରରେ ମାଜଣା କରିବା ସହ ନୂତନ ବସ୍ତ୍ର ପରିଧାନ କରି ଝୁଣାଧୂପ ଓ ଆଳତି ପରେ ଭୋରରୁ ନୀତିକାନ୍ତି ସାରି ଭକ୍ତଙ୍କ ଦର୍ଶନ ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। କୃଷ୍ଣପ୍ରସାଦ ତହସିଲଦାର ବିକାଶ ସେଠୀ, ବିଡିଓ ଅମୀୟ କୁମାର ପଣ୍ଡା, କୃଷ୍ଣପ୍ରସାଦ ଥାନା ପୋଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ତତ୍ତ୍ୱାବଧାନରେ ୩ ପ୍ଲାଟୁନ ଫୋର୍ସ, ୧୩ ଜଣ ପୋଲିସ ଅଧିକାରୀ, ମହିଳା ପୋଲିସ, ସାଦା ପୋଷାକଧାରୀ ପୋଲିସ, ହୋମଗାର୍ଡ, ଓଡ୍ରାଫ ଟିମ, ଅଗ୍ନିଶମ ବିଭାଗ ନିୟୋଜିତ ହୋଇଥିବା ଜଣାପଡ଼ିଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ କାଳିଜାଇ ସାଂସ୍କୃତିକ ପରିଷଦ ପକ୍ଷରୁ ଭଜନ ସମାରୋହ ସହିତ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ।

# ୧୭.୫୪୦ ଗ୍ରାମ୍ ସୁନା ଜବତ, ପୁଷ୍ପା ଟ୍ରେଡ଼ର୍ସ ମାଲିକ ଗିରଫ

ଖୋର୍ଦ୍ଧା, ୧୩।୧ (ପ୍ରଭାତ ପାଣିଗ୍ରାହୀ)

**ସୁନା ଅଳଙ୍କାର ଦୋକାନରୁ ଚୋରି ଘଟଣା**

ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସର ଏକ ସୁନା ଦୋକାନରୁ ଅଳଙ୍କାର ଚୋରି ଘଟଣାରେ ମଙ୍ଗଳବାର ଆଦର୍ଶ ଥାନା ପୋଲିସ ପୁଷ୍ପା ଟ୍ରେଡ଼ର୍ସ ମାଲିକ ବିକାଶ ଅଗ୍ରୱାଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ନିକଟରୁ ୧୭.୫୪୦ଗ୍ରାମ ସୁନା ଜବତ କରାଯାଇଛି। ତେବେ ଚୋରି ସୁନାଗହଣା ରଖିବା ଅଭିଯୋଗରେ ବିକାଶଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସୂଚନାଥାଉ କି, ନୂଆ ବସଷ୍ଟାଣ୍ଡ ନିକଟ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସରେ ବିନେଶ ସାହୁଙ୍କର ସୁନା ଅଳଙ୍କାର ଦୋକାନ ରହିଛି। ଗତ ଡିସେମ୍ବର ୧୪ ବିଳମ୍ବିତ ରାତିରେ ତାଙ୍କ ଦୋକାନର ଗ୍ରୀଲ୍ ତାଡ଼ି ଜଣେ ଦୁର୍ବୃତ୍ତ ସୁନାଅଳଙ୍କାର ନେଇଯାଇଥିଲେ। ଏନେଇ ବିନେଶଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୫୩୩/୨୫) ରୁଜୁକରି ଘଟଣାର ତଦନ୍ତ ଚଳାଇ ଗତ ୯ ତାରିଖରେ ଗଡ଼ଖୋର୍ଦ୍ଧା ହାଉସିଂବୋର୍ଡ କଲୋନୀର ଚନ୍ଦନ ନାୟକଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ଅଢ଼େଇ କେଜିରୁ ଊର୍ଦ୍ଧ୍ୱ ରୁପା ଗହଣା ଜବତ ହୋଇଥିଲା। ଅଭିଯୁକ୍ତ ଚନ୍ଦନଙ୍କ ବୟାନକୁ ଆଧାର କରି ଚୋରି ସୁନା ରଖିବା ଅଭିଯୋଗରେ ବିକାଶଙ୍କୁ ଗିରଫ କରାଯିବା ସହ ତରଳା ଯାଇଥିବା ସୁନା ଜବତ କରାଯାଇଛି ବୋଲି ଥାନା ଅଧିକାରୀ ସଞ୍ଜୟ ନାୟକ ସୂଚନା ଦେଇଛନ୍ତି।

# ୪୦ କେଜି ଗଞ୍ଜେଇ ସହ କାର୍ ଜବତ, ବେପାରୀ ଗିରଫ



ଖୋର୍ଦ୍ଧା, ୧୩।୧ (ପ୍ରଭାତ ପାଣିଗ୍ରାହୀ)

ସମ୍ବଲପୁର ଜିଲା ଧାମ ଥାନା ଚକୁଳି ଗ୍ରାମର ସତ୍ୟମ ପଟ୍ଟନାୟକଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ମୋବାଇଲ ଫୋନ ଜବତ ହୋଇଛି। ସୂଚନା ମୁତାବକ, ନୟାଗଡ଼ରୁ ଖୋର୍ଦ୍ଧା ଅଭିମୁଖେ ଗଞ୍ଜେଇ ଆସୁଥିବା ଖବରପାଇ ଭାରପ୍ରାପ୍ତ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇ ସ୍ୱାଗତିକା ଦାସଙ୍କ ନେତୃତ୍ୱରେ ଏକ ଟିମ୍ ମୁକୁନ୍ଦପ୍ରସାଦ ଚୋରଖଙ୍କ ନିକଟରେ ଜଗି ରହିଥିଲେ। ନୟାଗଡ଼ ପଟୁ ଆସୁଥିବା କାର୍ (ଓଡି ୧୫କ୍ୟୁ ୧୬୫୮) ଉପରେ ସନ୍ଦେହ ହେବାରୁ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ଗାଡ଼ି ଭିତରୁ ୪୦କେଜି ୨୫୦ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ମୁକୁନ୍ଦପ୍ରସାଦ ଚୋରଖଙ୍କ ନିକଟରୁ ମଙ୍ଗଳବାର ଶିଳ୍ପାଞ୍ଚଳ ଥାନା ପୋଲିସ ୪୦କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ସହିତ କାର୍ ଜବତ କରିଛି। ଏଥିରେ ସମ୍ପୃକ୍ତ ନେଇ

# ସାହିତ୍ୟିକଙ୍କ ଲେଖାରେ ସମାଜର ପ୍ରତିରୂପ ପ୍ରକାଶିତ ହୁଏ



ମାଣିକ୍ୟ ସାହିତ୍ୟ ସଂସଦର ବାର୍ଷିକ ସାରସ୍ୱତ ଉତ୍ସବରେ ଅତିଥିଙ୍କ ସହ କବି ଓ କବୟିତ୍ରୀମାନେ।

ବୋଲଗଡ଼, ୧୩।୧ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିକାଗୋଡ଼ାରେ ପ୍ରତିଷ୍ଠିତ ମାଣିକ୍ୟ ସାହିତ୍ୟ ସଂସଦର ବାର୍ଷିକ ସାରସ୍ୱତ ଉତ୍ସବ 'କାକର' ଶିକ୍ଷାବିତ୍ ପୁରେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଭୀମପଡ଼ାସ୍ଥିତ ଗିରି ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କବି ତଥା ପ୍ରକାଶକ ସରୋଜ ବଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାହିତ୍ୟ ପ୍ରାଣ ବ୍ୟକ୍ତି ହିଁ ସମାଜରେ ମୈତ୍ରୀ, ବନ୍ଧୁତା ଓ ସଂହତି ପ୍ରତିଷ୍ଠା କରେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାଭାବେ ଗାଳ୍ପିକ ସୀମାଞ୍ଚଳ ଦାଶ ଯୋଗଦେଇ କହି, ସାହିତ୍ୟିକଙ୍କ ଲେଖାରେ ସମାଜର ପ୍ରତିରୂପ ପ୍ରକାଶ ପାଇବା ଦ୍ୱାରା ଏକ ସାମାଜିକ ବାତାବରଣ ସୃଷ୍ଟି ହୁଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପ୍ରଫୁଲ୍ଲ କୁମାର ମହାପାତ୍ର, ଶେଖ ଅବଦୁଲ ଖାଲିକ, ନିର୍ମଳ ଚନ୍ଦ୍ର ଶ୍ରୀଚନ୍ଦନ, ବିଶ୍ୱନାଥ ମହାପାତ୍ର ଯୋଗଦେଇ ସାହିତ୍ୟ ଆଲୋଚନା କରିଥିଲେ। ସମ୍ପାଦକ ମହମ୍ମଦ ଆଜାଦ ଅତିଥି ପରିଚୟ ଓ ସ୍ୱାଗତ ଅଭିନନ୍ଦନ ଜ୍ଞାପନ କରିଥିଲେ। କବିତା ଆସରରେ ଅଧ୍ୟାପିକା ଗୀତାଶ୍ରୀ ପ୍ରିୟମ୍ବଦା, କବି ତ.ଶୀତୁ ପ୍ରକାଶ ରଥ, ନିଶିପଦ୍ମା ଶୁଭଦର୍ଶିନୀ, ହରପ୍ରିୟା ଦ୍ୱିବେଦୀ ପ୍ରମୁଖ ସଂଯୋଜନା କରିଥିଲେ। ବିଦଗ୍ଧବାଣୀ ଉତ୍ସବରେ ଶତାଧିକ କବି କବିତାପାଠ କରିଥିଲେ। କବୟିତ୍ରୀ ବସିରନ ବିବି, ଔପନ୍ୟାସିକ ତଥା ନାଟ୍ୟକାର କମ୍ରେଡ ବିଶ୍ୱନାଥ ମହାପାତ୍ର, ବରିଷ୍ଠ କବୟିତ୍ରୀ ପ୍ରଭାତୀ କୁମାରୀ ରଥ, କବଯିତ୍ରୀ ଗୁଲହଦ୍ ରେଜୁମ, ଲୋକକବି ପ୍ରଫୁଲ୍ଲ ମହାନ୍ତିଙ୍କୁ ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ମହମ୍ମଦ ଆଜାଦଙ୍କ କବିତା ପୁସ୍ତକ 'କଙ୍କି ଓ କଣ୍ଢେଇବାଡ଼' ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ପ୍ରିୟବ୍ରତ ଦାଶ, ପ୍ରମୋଦିନୀ ମହାପାତ୍ର, ଭାରତୀ ସ୍ୱାଇଁ, ପ୍ରଭାସ ଚନ୍ଦ୍ର ଷଡ଼ଙ୍ଗୀ, ସନାତନ ପରିଡ଼ା, ପୁଷ୍ପଲତା ଚୌଧୁରୀ, ସୁବାସିନୀ ମହାରଣା, ମନସ୍ୱିନୀ ମାନସିଂହ ପ୍ରମୁଖ ଉତ୍ସବରେ ସଂଯୋଜନା କରିଥିଲେ। ଶିକ୍ଷାବିତ୍ ତଥା ସଙ୍ଗଠକ ମନୋଜ କୁମାର ଗୁମାନସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଫ୍ୟୁଚର ଫୁଟବଲ ଏକାଡେମୀ ମଣିପୁର ସେମିରେ



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଜଟଣୀ, ୧୩।୧ (ରବୀନ୍ଦ୍ରନାଥ ମହାକୁଡ଼)

**ଶ୍ରୀବତ୍ସ ସ୍ମାରକୀ ଅଲ୍ ଓଡ଼ିଶା ଫୁଟବଲ ଟୁର୍ଣ୍ଣାମେଣ୍ଟ**

ଜଟଣୀର ଫ୍ରେଣ୍ଡସ ପାରାଡାଇସ କ୍ରୀଡ଼ାସଂଘ ପକ୍ଷରୁ କୁଶମାଟି ଛକଠାରେ ଖେଳପଡ଼ିଆରେ ଚାଲିଥିବା ଶ୍ରୀବତ୍ସ ସ୍ମାରକୀ ଅଲ୍ ଓଡ଼ିଶା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଫ୍ୟୁଚର ଫୁଟବଲ ଏକାଡେମୀ ମଣିପୁର ଏବଂ ଆୟୋଜକ ଫ୍ରେଣ୍ଡସ ପାରାଡାଇସ ଜଟଣୀ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟାଇବ୍ରେକରରେ ୪-୩ ଗୋଲରେ ଫ୍ୟୁଚର ଫୁଟବଲ ଏକାଡେମୀ ମଣିପୁର ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ପୂର୍ବତନ ଓଡ଼ିଶା ଖେଳାଳି ଡାନିଏଲ ରାଉତ ଏବଂ ନବକିଶୋର ବଳିୟାରସିଂ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚରେ ରେଫରିଭାବେ ସେଖଥିଡ଼ ଖାନ, ରମେଶ ପାଇକରାୟ, ପ୍ରିୟବ୍ରତ ବାହିନୀପତି ଏବଂ ଦେବାଶ ବରାଳ ମ୍ୟାଚ ପରିଚାଳନା କରିଥିଲେ।

# ଶ୍ରୀଲିଙ୍ଗରାଜଙ୍କ ନବାଙ୍କ ବେଢ଼ା, ନୀତି ବନ୍ଦ

ପୁରୁଣା ଭୁବନେଶ୍ୱର, ୧୩।୧ (ସୁବାସ ଚନ୍ଦ୍ର ପ୍ରଧାନ)

ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡର ଅବହେଳା ପାଇଁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବିଭିନ୍ନ ଯାନିଯାତ୍ରାରେ ବିଶୃଙ୍ଖଳା ସୃଷ୍ଟି ହେବା ସହ ନୀତିକାନ୍ତିରେ ବିଭ୍ରାଟ ଦେଖାଦେଉଥିବା ନଜିର ରହିଛି। ମଙ୍ଗଳବାର ଶ୍ରୀଲିଙ୍ଗରାଜଙ୍କ ନବାଙ୍କ ବେଢ଼ା ବନ୍ଦ ହୋଇଛି। ଶ୍ରୀଲିଙ୍ଗରାଜଙ୍କ ସନ୍ଧ୍ୟାଧୂପ ଅର୍ଥାତ୍ ରାତି ୮ଟା ୩୫ରୁ ନୀତି ବନ୍ଦ ରହିଛି। ସୂଚନା ମୁତାବକ, ସନ୍ଧ୍ୟାଧୂପ ପରେ ନବାଙ୍କ ବେଢ଼ା ହୋଇଥାଏ। ମେଘ ଡମ୍ବରୁ ଏବଂ ଘଣ୍ଟ ଶୋଭାଯାତ୍ରାରେ ସେବାୟତମାନେ ଯାଇ ସାମନ୍ତରା ଘରେ ପହଞ୍ଚିଥାନ୍ତି। ସେଠାରେ ସାମନ୍ତରା ଘରୁ କ୍ଷୀର ନେଇ ଆସିବା ପରେ ଠାକୁରଙ୍କ ନବାଙ୍କ ବେଢ଼ା ହୋଇଥାଏ। ହେଲେ ମଙ୍ଗଳବାର ଏଥିରେ ବ୍ୟତିକ୍ରମ ଦେଖାଦେଇଥିଲା। କ୍ଷୀର ପାଇଁ ନିର୍ଦ୍ଦିଷ୍ଟ ମାଠିଆ ସାମନ୍ତରା ଘର ପାଳିଆ ସେବାୟତ ଗ୍ରହଣ କରି ନ ଥିଲେ। ଏପଟେ ଠା' ସରିବା ସହ ଠାକୁରଙ୍କ ବେଶ ମଧ୍ୟ ସରିଥିଲା। ହଠାତ୍ ଚର୍ଚ୍ଚେଇଙ୍କ ସେବାୟତ ଭୋଗ ହେବନାହିଁ ବୋଲି ମନା କରିଥିଲେ। ପରେ ପାଳିଆବଡ଼ୁ ସେବାୟତ ଦକ୍ଷିଣ ଘରେ ତାଲା ପକାଇଦେଇ ଠାକୁରଙ୍କ ନୀତି ବନ୍ଦ ହୋଇଥିଲା ବୋଲି ପୂଜାପଣ୍ଡା ନିଯୋଗ ସଭାପତି ପ୍ରସନ୍ନ ପୂଜାପଣ୍ଡା କହିଛନ୍ତି। ସେ ଆହୁରି କହିଛନ୍ତି, ଏହି ଘଟଣା ନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏଡିଏମ୍ ରୁଦ୍ର ନାରାୟଣ ମହାନ୍ତିଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେ ଏଥିରେ କିଛି କରିପାରିବେ ନାହିଁ ବୋଲି କହିଥିବା ପୂଜାପଣ୍ଡା କହିଛନ୍ତି।

# ଅଧାପନ୍ତରିଆ ଡ୍ରେନ୍ କାର୍ଯ୍ୟକୁ ନେଇ ଅସନ୍ତୋଷ

ବେଗୁନିଆ, ୧୩।୧ (ସନ୍ଧ୍ୟାରାଣୀ ମିଶ୍ର)



ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଜାମୁସାହି ଗ୍ରାମର ପାଣି ନିଷ୍କାସନ ହେବା ପାଇଁ ନରାଉମ ବେହେରାଙ୍କ ଘରଠାରୁ ଶ୍ମଶାନ ପର୍ଯ୍ୟନ୍ତ ଏକ ଡ୍ରେନ୍ ଗତବର୍ଷ ନିର୍ମାଣ କରାଯାଇଥିଲା। ତେବେ ଡ୍ରେନ୍‌ର ଉଭୟ ପାର୍ଶ୍ୱ ପ୍ଲାଷ୍ଟର କରାଯାଇ ନ ଥିବା ବେଳେ ତଳେ ମଧ୍ୟ ଢଳେଇ ପକାଯାଇ ନାହିଁ। ଏପରିକି ଡ୍ରେନ୍ ଉପରେ ସ୍ଲାବ୍ ନ ପକାଇ ବିଲ୍ କରିନେଇଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ଡ୍ରେନ୍ ଉପରେ ସ୍ଲାବ ପଡ଼ି ନ ଥିବାରୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଧାପନ୍ତରିଆ କାମ ଯୋଗୁ ଡ୍ରେନଟି ପୋତି ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ତୁରନ୍ତ ଉକ୍ତ ଡ୍ରେନ୍ କାମ ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ଜାଣିବା ପାଇଁ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଆଦିତ୍ୟ ସିଂଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ତେବେ ଏନେଇ ସହକାରୀ ଯନ୍ତ୍ରୀ ଐଶ୍ୱର୍ଯ୍ୟା ଭଞ୍ଜଦେଓ କହିଛନ୍ତି ଯେ, କ'ଣ କାମ ହୋଇଛି ଦେଖିଲେ କହିବି। ସେହି କାମ ଉପରେ ଆଉ ଅର୍ଥ ଅଛି କି ନାହିଁ, ଯଦି ନ ଥିବ ତାହେଲେ ଅନ୍ୟ କେଉଁଥିରେ ଭର୍ତ୍ତି କରିବାକୁ ପଡ଼ିବ ବୋଲି କହିଥିଲେ।

**ମା'ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ସେମିଫାଇନାଲରେ ଅଟ୍ରି

ବୋଲଗଡ଼, ୧୩।୧ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ କାଦୁଅବେରେଣୀ ଖେଳପଡ଼ିଆରେ ଚାଲିଥିବା ଚତୁର୍ଦ୍ଦଶତମ ମା'ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅଟ୍ରି ଏବଂ ମଞ୍ଜେଶ୍ୱର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ମଞ୍ଜେଶ୍ୱର ଟିମ ବୋଲିଂ ନିଷ୍ପତ୍ତି ନେଇଥିଲା। ଅଟ୍ରି ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ଉଇକେଟ ବିନିମୟରେ ୨୭୨ରନ ସଂଗ୍ରହ କରିଥିଲା। ଜବାବରେ ମଞ୍ଜେଶ୍ୱର ଟିମ୍ ୧୭. ୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୭୮ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଅଟ୍ରି ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ବିନୟ ପାଇକରାୟ ଏବଂ କବିନ୍ଦ୍ର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଅଟ୍ରି ଟିମର ରୁଦ୍ର ଖଣ୍ଡୁଆ ୪୭ ବଲରେ ଅପରାଜିତ ୯୧ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କାର ଗ୍ରହଣ କରିଥିଲେ। କୋଦୁଅବେରେଣୀ ମା' ରାମଚଣ୍ଡୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ବୁଧବାର ନୟାଗଡ଼ ଏବଂ ଢେଙ୍କାନାଳ ଟିମ୍ ମଧ୍ୟରେ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।




ଅତିଥିଙ୍କଠାରୁ ଖେଳାଳି ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: ଅହମଦିଆ ଏଫ୍‌ସି କେରଙ୍ଗ ବିଜୟୀ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ବେଗୁନିଆ, ୧୩।୧ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକଲିପ୍ରିତ ଚନ୍ଦ୍ରଶେଖର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ରାଇଙ୍ଗ ସ୍ପୋର୍ଟ ଯୁଥ୍ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସରେ ସେମିଫାଇନାଲ ମ୍ୟାଚ୍ ଏସ୍‌ଏସ୍ ଶରଧାପୁର ଏବଂ ଅହମଦିଆ ଏଫ୍‌ସି କେରଙ୍ଗ ମଧ୍ୟରେ ହୋଇଥିଲା। ଏଥିରେ ୩-୨ ଗୋଲରେ ଅହମଦିଆ ଏଫ୍‌ସି ବିଜୟୀ ହୋଇଥିଲା। ସୁଶାନ୍ତ କୁମାର ମିଶ୍ର, ଏମ୍.ଏସ୍.ବେଗ, ବିଶ୍ୱଭୂଷଣ ମହାପାତ୍ର ଏବଂ ଚିତ୍ତରଞ୍ଜନ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ। ଶରତଚନ୍ଦ୍ରୀ ସମିତିସଭ୍ୟ ଦୁର୍ଗାଚରଣ ମଙ୍ଗରାଜ ମୁଖ୍ୟ ଅତିଥି, ଚନ୍ଦ୍ରଶେଖରଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା କୁମାରୀ ମହାପାତ୍ର, ସାମାଜିକ କର୍ମୀ ବିଶ୍ୱଜିତ୍ ବଳବନ୍ତରାୟ, ବିନୋଦ ବିହାରୀ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଜ୍ଜ୍ୱଳ ଛୋଟରାୟ ଏବଂ ସଚ୍ଚିକାନ୍ତ ରାୟ ମଞ୍ଚ ପରିଚାଳନା କରିଥିଲେ।

# କୋଟୋଲାଙ୍କୁ ହରାଇ ଗେଡ଼ିଆପଲ୍ଲୀ ବିଜୟୀ

ବାଘମାରୀ, ୧୩।୧ (ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଗ୍ରାମ ଖେଳପଡ଼ିଆରେ ମା'ଗମେଇଁ କ୍ରିକେଟ କ୍ଲବର ପଞ୍ଚମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଲିଗ୍ ମ୍ୟାଚ୍ କୋଟୋଲାଙ୍କ କ୍ରିକେଟ କ୍ଲବ ଏବଂ ଫ୍ରେଣ୍ଡସ କ୍ରିକେଟ କ୍ଲବ ଗେଡ଼ିଆପଲ୍ଲୀ ମଧ୍ୟରେ ହୋଇଥିଲା। ଟସ୍ ଜିତି ଫ୍ରେଣ୍ଡସ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୩୫ ରନ ସଂଗ୍ରହ କରିଥିଲା। ଜବାବରେ କୋଟୋଲାଙ୍କ କ୍ରିକେଟ କ୍ଲବ ୧୭.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଫ୍ରେଣ୍ଡସ କ୍ରିକେଟ କ୍ଲବ ଗେଡ଼ିଆପଲ୍ଲୀ ବିଜୟୀ ହୋଇଛି। ଅତିଥିଭାବେ ଜିତେନ୍ଦ୍ର ବେହେରା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ନରେଶ ଜେନା ଏବଂ ତରୁଣ ପ୍ରହରାଜ ମ୍ୟାଚ୍ ପରିଚାଳନା କରିଥିଲେ। ରାଜା ଏବଂ ଦେବାଶିଷ ସ୍ୱାଇଁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପ୍ରକାଶ ମାଝୀ ମ୍ୟାନର ଧାରାବିବରଣୀ ପ୍ରଦାନ କରିଥିଲେ। ବୁଧବାର ଗଡ଼ମାଣିତ୍ରୀ ଏବଂ ମାଟିଆପଲ୍ଲୀ ମଧ୍ୟରେ ସପ୍ତମ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବର ସଞ୍ଜୟ ପରିଡ଼ା ସୂଚନା ଦେଇଛନ୍ତି।

**ଷ୍ଟୁଆର୍ଟ ସ୍କୁଲରେ ବିଜ୍ଞାନ ଓ କଳା ପ୍ରଦର୍ଶନୀ**

ଭୁବନେଶ୍ୱର,(ସୁଚିସ୍ମିତା ସାହୁ): ଷ୍ଟୁଆର୍ଟ ସ୍କୁଲରେ ବାର୍ଷିକ ବିଜ୍ଞାନ ଓ କଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟର ସିନିୟର ଇଞ୍ଜିନିୟର ଆସିକ ରସିଦ ଯୋଗଦେଇଥିଲେ। ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରମାନେ ସୋଲାର ସିଷ୍ଟମ, ଜଳ ସଂରକ୍ଷଣ, ପରିବେଶ ସୁରକ୍ଷା ଏବଂ ରୋବଟ ମଡେଲ ଇତ୍ୟାଦି ପ୍ରଦର୍ଶନ କରିଥିଲେ। କଳା ବିଭାଗରେ ଚିତ୍ରକଳା, ହସ୍ତଶିଳ୍ପ, ମାଟି କାର୍ଯ୍ୟ, ପୋଷ୍ଟର, ରଙ୍ଗୋଲି ଆଦି ଦେଖିବାକୁ ମିଳିଥିଲା। ଅଧକ୍ଷା ମଧୁସ୍ମିତା ପ୍ରମାଣିକ ଓ ସମ୍ପାଦକ ଏଫ୍.ସି. ନର୍ଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡ଼ିଆ ଭାଷା, ଇତିହାସ ସଚେତନତାକୁ ଗୁରୁତ୍ୱ ଦେଉଥିଲେ ରାମଚନ୍ଦ୍ର

**ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

ଭୁବନେଶ୍ୱର,୧୩।୧(ସୌମ୍ୟରଞ୍ଜନ ରାଉତ)



ଜୟନ୍ତୀ ଉତ୍ସବରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଅନ୍ୟ ଅତିଥିବୃନ୍ଦ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସୂଚନା ଭବନରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ପୁରୋଧା, ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଗଞ୍ଜାମ ଜିଲାକୁ ସଶକ୍ତ କରିବା ସହ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ପ୍ରତୀକ ବୋଲି କହିଥିଲେ। ମାଟିକୁ ଭଲପାଇବା, ଓଡ଼ିଆ ଭାଷା ପ୍ରତି ଆତ୍ମିକ ସମର୍ପଣ ଏବଂ ଓଡ଼ିଶାର ଇତିହାସ ସମ୍ପର୍କରେ ସଚେତନତା ସୃଷ୍ଟିର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଉତ୍କଳ ପ୍ରଦେଶ ଗଠନରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଅବଦାନକୁ ସ୍ମରଣ କରିଥିଲେ। ମାତୃଭାଷା ଓ ଆତ୍ମୀୟତା ଓଡ଼ିଆ ଜାତିକୁ ଏକ ସୂତ୍ରରେ ବାନ୍ଧି ରଖିଛି। ଭାଷା ଓ ସଂସ୍କୃତିର ମହତ୍ତ୍ୱ ଓଡ଼ିଆ ଅସ୍ମିତାର ମୂଳ ଆଧାର ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା ଏବଂ ଖଲ୍ଲିକୋଟ ରାଜପରିବାର ସଦସ୍ୟ ଡା. ସାକେତ ରାମରାଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗଞ୍ଜାମର ପ୍ରାଚୀନ ଲୋକନୃତ୍ୟ 'ଭାରତ ଲୀଳା' ପରିବେଷିତ ହୋଇଥିଲା। ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଏବଂ ସଂସଦର ସମ୍ପାଦକ ମହେଶ୍ୱର ବରାଡ଼ ଧନ୍ୟବାଦ ଦେଇଥିଲେ। ସକାଳେ ଭୁବନେଶ୍ୱରସ୍ଥିତ ଏଜି ଛକରେ ଥିବା ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଉପନିର୍ଦ୍ଦେଶକ ଅଶ୍ୱିନୀ ଭୋଇ, ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଏବଂ ସଂଗଠନର ପ୍ରତିନିଧି ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଶ୍ରୀଲିଙ୍ଗରାଜଙ୍କ ନବାଙ୍କ ବେଢ଼ା, ନୀତି ବନ୍ଦ

ପୁରୁଣା ଭୁବନେଶ୍ୱର,୧୩।୧(ସୁବାସ ଚନ୍ଦ୍ର ପ୍ରଧାନ)

ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡର ଅବହେଳା ପାଇଁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବିଭିନ୍ନ ଯାନିଯାତ୍ରାରେ ବିଶୃଙ୍ଖଳା ସୃଷ୍ଟି ହେବା ସହ ନୀତିକାନ୍ତିରେ ବିଭ୍ରାଟ ଦେଖାଦେଉଥିବା ନଜିର ରହିଛି। ମଙ୍ଗଳବାର ଶ୍ରୀଲିଙ୍ଗରାଜଙ୍କ ନବାଙ୍କ ବେଢ଼ା ବନ୍ଦ ହୋଇଛି। ଶ୍ରୀଲିଙ୍ଗରାଜଙ୍କ ସନ୍ଧ୍ୟାଧୂପ ଅର୍ଥାତ୍ ରାତି ୮ଟା ୩୫ରୁ ନୀତି ବନ୍ଦ ରହିଛି। ସୂଚନା ମୁତାବକ, ସନ୍ଧ୍ୟାଧୂପ ପରେ ନବାଙ୍କ ବେଢ଼ା ହୋଇଥାଏ। ମେଘ ଡମ୍ବରୁ ଏବଂ ଘଣ୍ଟ ଶୋଭାଯାତ୍ରାରେ ସେବାୟତମାନେ ଯାଇ ସାମନ୍ତରା ଘରେ ପହଞ୍ଚିଥିଲେ। ସେଠାରେ ସାମନ୍ତରା ଘରୁ କ୍ଷୀର ନେଇ ଆସିବା ପରେ ଠାକୁରଙ୍କ ନବାଙ୍କ ବେଢ଼ା ହୋଇଥାଏ। ହେଲେ ମଙ୍ଗଳବାର ଏଥିରେ ବ୍ୟତିକ୍ରମ ଦେଖାଦେଇଥିଲା। କ୍ଷୀର ପାଇଁ ନିର୍ଦ୍ଦିଷ୍ଟ ମାଠିଆ ସାମନ୍ତରା ଘର ପାଳିଆ ସେବାୟତ ଗ୍ରହଣ କରି ନ ଥିଲେ। ଏପଟେ ଠା' ସରିବା ସହ ଠାକୁରଙ୍କ ବେଶ ମଧ୍ୟ ସରିଥିଲା। ହଠାତ୍ ଚର୍ଚ୍ଚେଇତ ସେବାୟତ ଭୋଗ ହେବନାହିଁ ବୋଲି ମନା କରିଥିଲେ। ପରେ ପାଳିଆବଡୁ ସେବାୟତ ଦକ୍ଷିଣ ଘରେ ତାଲା ପକାଇବାରୁ ଠାକୁରଙ୍କ ନୀତି ବନ୍ଦ ହୋଇଥିଲା ବୋଲି ପୂଜାପଣ୍ଡା ନିଯୋଗ ସଭାପତି ପ୍ରସନ୍ନ ପୂଜାପଣ୍ଡା କହିଛନ୍ତି। ସେ ଆହୁରି କହିଛନ୍ତି, ଏହି ଘଟଣା ନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏଡିଏମ୍ ରୁଦ୍ର ନାରାୟଣ ମହାନ୍ତିଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେ ଏଥିରେ କିଛି କରିପାରିବେ ନାହିଁ ବୋଲି କହିଥିବା ପୂଜାପଣ୍ଡା କହିଛନ୍ତି।

## ଆଜି ଶିଶିର ସରସ ମେଳାରେ ଉଡ଼ିବ ଗୁଡ଼ି

ଭୁବନେଶ୍ୱର,୧୩।୧(ସୁଚିସ୍ମିତା ସାହୁ)

ଶିଶିର ସରସ ମେଳାରେ ଉଡ଼ିବ ଗୁଡ଼ି। ରାଜଧାନୀବାସୀ ଗୁଡ଼ିର ମଜା ନେବେ। ମକର ସଂକ୍ରାନ୍ତିରେ ଗୁଡ଼ି ଉଡ଼ାଇବାର ଲୋକ ପରମ୍ପରା, ଆନନ୍ଦ ଓ ଉତ୍ସାହକୁ ନୂଆପିଢ଼ିଙ୍କ ସହ ଯୋଡ଼ିବାକୁ ପ୍ରୟାସ କରାଯାଉଛି। ଏନେଇ ଓର୍ମାସ୍ ଏବଂ ସୁଭଦ୍ରା ଶକ୍ତି ପକ୍ଷରୁ 'ଶିଶିର ସରସ-୨୦୨୬' ମେଳା ପରିସରରେ ବୁଧବାର 'କାଇଟ ଶୋ' ଆୟୋଜନ କରାଯିବ।

ଏହି 'କାଇଟ୍ ଶୋ' ଅପରାହ୍ନ ୪ଟାରୁ ୫ଟା ପର୍ଯ୍ୟନ୍ତ ଚାଲିବ। ଯେଉଁଠାରେ ପାରମ୍ପରିକ ଓ ଆଧୁନିକ ଡିଜାଇନର ବିଭିନ୍ନ ପ୍ରକାର ଗୁଡ଼ିରେ ଆକାଶ ରଙ୍ଗିନ ହେବ। ଏଥିସହ ପଶୁପକ୍ଷୀ ଆକୃତିର ବେଲୁନ ଗୁଡ଼ି ପିଲାଙ୍କ ମନ ମୋହିବ। ଚଳିତବର୍ଷ ସମସ୍ତ ପରିଦର୍ଶକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କୌଣସି ମାଞ୍ଜା ବ୍ୟବହାର କରାଯିବ ନାହିଁ, ଯାହା ମେଳାକୁ ଏକ ସୁରକ୍ଷିତ ଉତ୍ସବର ରୂପ ଦେବ। ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ଗୁଡ଼ି ତିଆରି କଳାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏକ ବିଶେଷ କର୍ମଶାଳା ମଧ୍ୟ ଆୟୋଜନ ହେବ, ଯେଉଁଠାରେ ଶିଶୁ ଓ ଯୁବପିଢ଼ି ପାରମ୍ପରିକ ଓ ସୃଜନାତ୍ମକ ଗୁଡ଼ି ତିଆରିର ପ୍ରାୟୋଗିକ ଜ୍ଞାନ ଅର୍ଜନ କରି ନିଜେ ତିଆରି କରିଥିବା ଗୁଡ଼ି ଉଡ଼ାଇ ମକର ପର୍ବର ଆନନ୍ଦ ଉଠାଇବେ। ଏମାନଙ୍କ ମଧ୍ୟରୁ ଦକ୍ଷ ଗୁଡ଼ି ଉଡ଼ାଳିଙ୍କୁ ନେଇ ଗୁରୁବାର ଏକ ପ୍ରତିଯୋଗିତା ଆୟୋଜନ ହେବ। ସରକାର ସବୁ ସମୟରେ ରାଜ୍ୟର ସାଂସ୍କୃତିକ ପରମ୍ପରାର ସୁରକ୍ଷା ଓ ପ୍ରଚାର-ପ୍ରସାର ପାଇଁ ପ୍ରୟାସରତ ଥିବାବେଳେ ଓର୍ମାସ୍‌ର ଏହି ଉଦ୍ୟମକୁ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ସ୍ୱାଗତ କରିଛନ୍ତି। ରାଜଧାନୀବାସୀଙ୍କୁ ମେଳାରେ ଯୋଗଦେଇ ମକର ସଂକ୍ରାନ୍ତିକୁ ଆନନ୍ଦ ଓ ଉତ୍ସାହର ସହ ପାଳନ କରିବାକୁ ଆହ୍ୱାନ ଦେଇ ସେ କହିଛନ୍ତି, ମେଳାରେ ଭିଡ଼ ଜମିଲେ ଗ୍ରାମୀଣ ଉତ୍ପାଦର ବିକ୍ରୟ ବୃଦ୍ଧି ପାଇବା ସହ ମକର ପର୍ବର ଖୁସି ଗାଁ-ଗାଁରେ ପହଞ୍ଚିବ। ଉଲ୍ଲେଖନୀୟ ଯେ, 'ମିନି ଇଣ୍ଡିଆ ଫେୟାର' ଭାବେ ପରିଚିତ ଏହି ମେଳାରେ କେବଳ ଓଡ଼ିଆ ସଂସ୍କୃତି ନୁହେଁ, ଦେଶର ବିଭିନ୍ନ ଅଞ୍ଚଳର ସାଂସ୍କୃତିକ ପରମ୍ପରାକୁ ମଧ୍ୟ ଆପଣାଇବାର ପ୍ରୟାସ କରାଯାଉଛି। ମେଳାର ପ୍ରଥମ ତିନି ଦିନରେ ବିକ୍ରୟ ରାଶି ୩.୬ କୋଟି ଟଙ୍କା ପାର ହୋଇଥିବାବେଳେ ଆଗାମୀ ଦିନରେ ଏହା ଆହୁରି ବଢ଼ିବାର ଆଶା କରାଯାଉଛି।

## କୃଷି କ୍ଷେତ୍ରରେ ମହିଳାଙ୍କ ଭୂମିକା, ବଜାର ସୁବିଧା ନେଇ ଆଲୋଚନା

ଭୁବନେଶ୍ୱର, ୧୩।୧(ବନ୍ଦନା ସେଠୀ)

ଫ୍ରେଣ୍ଡସ୍ ଅଫ୍ ଓମେନ୍ସ ୱାର୍ଲ୍ଡ ବ୍ୟାଙ୍କିଙ୍ଗ (ଏଫ୍‌ଡବ୍ଲ୍ୟୁଡବ୍ଲ୍ୟୁବି) ଭାରତ ପକ୍ଷରୁ 'କୃଷି, ଖାଦ୍ୟ ବ୍ୟବସ୍ଥା ଏବଂ ଜଳବାୟୁ ପରିବର୍ତ୍ତନରେ ଲିଙ୍ଗଗତ ଭୂମିକା' ଶୀର୍ଷକ ଦ୍ୱିତୀୟ ଓଡ଼ିଶା ରାଜ୍ୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କର୍ମଶାଳାରେ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ କମିଶନର ତଥା ସଚିବ ଗୁହା ପୁନମ ତାପସ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ କୃଷି ଓ କୃଷକ ଗୋଷ୍ଠୀରେ ମହିଳା ଚାଷୀଙ୍କ ଭୂମିକା, ଆର୍ଥିକ ଉପଲବ୍ଧତା, ବଜାର ସଂଯୋଗ, କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ପାଇଁ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଉପରେ ବିସ୍ତୃତ ପ୍ୟାନେଲ ଏବଂ ଗୋଷ୍ଠୀ ଆଲୋଚନା କରାଯାଇଥିଲା। ଏହାସହିତ ଗ୍ରାମୀଣ ମହିଳାମାନେ ବିଶେଷକରି କୃଷିକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଏଫ୍‌ପିଓ ଏବଂ ସ୍ଥାନୀୟ ଅନୁଷ୍ଠାନ ମଧ୍ୟରେ ମହିଳା ନେତୃତ୍ୱ ଓ ନିଷ୍ପତ୍ତି ଗ୍ରହଣ ଭୂମିକାକୁ ସୁଦୃଢ଼ କରି ଲିଙ୍ଗ ମୁଖ୍ୟଧାରାର ଗୁରୁତ୍ୱକୁ ସଫଳତାର ସହିତ ଉଜ୍ଜ୍ୱଳ କରିଥିଲା। ପ୍ୟାନେଲ ଆଲୋଚନାକୁ କିଟ୍ ସ୍କୁଲ ଅଫ୍ ରୁରାଲ ମ୍ୟାନେଜମେଣ୍ଟର ସହଯୋଗୀ ପ୍ରଫେସର ଡ. ଦେବାଶିଷ ମହାପାତ୍ର ପରିଚାଳନା କରିଥିଲେ। କର୍ମଶାଳାରେ ଏଫ୍‌ପିଓ, ଏନ୍‌ଜିଓ, ସିବିବିଓ, ରାଜ୍ୟ ଏବଂ କେନ୍ଦ୍ର ସରକାରୀ ଏଜେନ୍ସିଗୁଡ଼ିକର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ମକର ମହକ


ମହିଳାମାନେ ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରଦର୍ଶନ କରୁଛନ୍ତି। (ଫଟୋ-ମନୋରଞ୍ଜନ ମିଶ୍ର)

ଭୁବନେଶ୍ୱର,୧୩।୧(ସୌମ୍ୟରଞ୍ଜନ ରାଉତ)

ସଂଭାବନା ପକ୍ଷରୁ ଏକାମ୍ର ହାଟରେ ମଙ୍ଗଳବାରଠାରୁ ମକର ମହକ ଆରମ୍ଭ ହୋଇଛି। ଏହି ଅବସରରେ ଓଡ଼ିଆଣୀଙ୍କ ମଧ୍ୟରେ ଓଡ଼ିଆ ବ୍ୟଞ୍ଜନ ଥାଳି, ଫୁଲସଜ୍ଜା ସହ ଶିଶୁ-କିଶୋରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ସମ୍ଭାବନା ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମା, ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀ ରୀତା ଶଙ୍ଖୁଆ, ୨୦୨୪ର ଶ୍ରେଷ୍ଠ ଓଡ଼ିଆଣୀ ଜ୍ୟୋସ୍ନାମୟୀ ସେନାପତି, ୨୦୧୯ର ଶ୍ରେଷ୍ଠ ଓଡ଼ିଆଣୀ ମୀନା ପାଣିଗ୍ରାହୀ, ୨୦୧୨ର ଶ୍ରେଷ୍ଠ ଓଡ଼ିଆଣୀ ନିବେଦିତା ନାୟକ ପ୍ରମୁଖ ଯୋଗଦେଇଥିଲେ। ସମ୍ଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ଉପସ୍ଥାପନାରେ ଛନ୍ଦା ମିଶ୍ର ଗଳ୍ପ କଥନ କାର୍ଯ୍ୟକ୍ରମରେ 'ମିମିର ସାହିତ୍ୟ ଶିକ୍ଷା' ଗଳ୍ପ ଶୁଣାଇଥିଲେ। ସେହିଭଳି ବନ୍ଧୁତ୍ୱ ଆଧାରିତ ସଙ୍ଗୀତ ଓ ପଲ୍ଲୀଗୀତ ଆରେ ମିତ ଆ ସଙ୍ଗାତ, ଆ ବଉଳ ବୋହ ବୋହୂକା ଖେଳ ଖେଳିବା, ସାଥୀରେ ଆମ ଗୀତିରେ, କିଏ ସାତ କିଏ ସତର, ମୋର ମନ ଉଡ଼ି ଯାଏରେ, କହନା ଏ ଫୁଲ କହନା ଆଦିକୁ କଣ୍ଠଶିଳ୍ପୀମାନେ ପରଷିଥିଲେ। କବିତା ପାଠୋତ୍ସବରେ ଆମନ୍ତ୍ରିତ କବିମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଓ ସଙ୍ଗୀତରେ ଅଂଶଗ୍ରହଣ କରିଥିବା ଓଡ଼ିଆଣୀମାନେ ହେଲେ ପଦ୍ମାଳୟା ଶତପଥୀ, ବିଜୟଲକ୍ଷ୍ମୀ ପତି, ସଂଯୁକ୍ତା ସ୍ୱାଇଁ, ଜ୍ୟୋସ୍ନାମୟୀ ସେନାପତି, ବିଦ୍ୟୁଲତା ବେହେରା, ପାର୍ବତୀ ମହାନ୍ତି, ଶ୍ୱେତପଦ୍ମା ମିଶ୍ର, ସନ୍ଧ୍ୟା ରଥ, ସୌଦାମିନୀ ମହାନ୍ତି, ରାଜଶ୍ରୀ ଶତପଥୀ ଓ ଲକ୍ଷ୍ମୀପ୍ରିୟା ତ୍ରିପାଠୀ। ବିଚାରକ ଭାବେ ଗଜେନ୍ଦ୍ର ପାଢ଼ୀ, ସୁବ୍ରତ ମଲ୍ଲିକ, ଡ. ସୁଶାନ୍ତ ଚଇନି, ସପନ କୁମାର ସାଡିଆଲ, ରମେଶ ଚନ୍ଦ୍ର ଦାସ ଏବଂ ହରପ୍ରିୟା ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ପରିଜା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଭ୍ୟା ମୀନାକ୍ଷୀ ପଟ୍ଟନାୟକ, ପ୍ରଫୁଲ୍ଲ ଦେ, ଅଭିରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବାଲକାଟୀ ବଜାର ମଝିରୁ ଉଚ୍ଛେଦ ହେଲା

ବାଲକାଟୀ,୧୩।୧(ମନୋଜ ମଣ୍ଡଳ)

ରାସ୍ତା ସମ୍ପ୍ରସାରଣ ପାଇଁ ବାଧକ ସାଜିଥିବା ବାଲକାଟୀ ବଜାର ଉଚ୍ଛେଦ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଶାସନ ପକ୍ଷରୁ ଏହି ଉଚ୍ଛେଦ ବଜାରର ମଝିରୁ ଏକ ଦୋକାନକୁ ଭଙ୍ଗାଯାଇଛି। ଉଚ୍ଛେଦ ପ୍ରକ୍ରିୟା ପ୍ରଥମେ ମଝିରୁ ଆରମ୍ଭ ହେବା ଚର୍ଚ୍ଚାର ବିଷୟ ପାଲଟିଛି।

ବାଲକାଟୀ ବଜାର ଜୟଦେବ ନିର୍ବାଚନମଣ୍ଡଳୀର ପ୍ରବେଶ ପଥ ହୋଇଥିବା ବେଳେ ଏକ ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳ ଓ ବ୍ୟସ୍ତବହୁଳ ଅଞ୍ଚଳ। ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ଥିବା ବେଳେ ଦୈନିକ ବାଲକାଟୀ ବଜାର ଦେଇ ଶହ ଶହ ଗାଡ଼ିମୋଟର ଯାତାୟାତ କରିଥାଏ। ଭୁବନେଶ୍ୱରରୁ ବାଲକାଟୀ ବଜାର ରାସ୍ତା ଦେଇ ବାଲିପାଟଣା, ବନମାଳୀପୁର, ଭିଙ୍ଗାରପୁର, ନିଆଳି, ନିମାପଡ଼ା, ଗୋପ, କାକଟପୁର, କୋଣାର୍କ, ଅସ୍ତରଙ୍ଗ, ଜଗତ୍‌ସିଂହପୁର, ପାରାଦୀପ ଆଦି ସ୍ଥାନକୁ ଦୈନିକ ଲୋକେ ଯାତାୟାତ କରିଥାନ୍ତି। ମାତ୍ର ବିଡ଼ମ୍ବନାର ବିଷୟ ବଜାର ରାସ୍ତା ଜବରଦଖଲ ଓ ସଂକୁଚିତ କରି କେତେଜଣ ବ୍ୟବସାୟୀ ଦୀର୍ଘ ଦିନ ହେଲା ବ୍ୟବସାୟ କରିଆସୁଥିଲେ, ଯାହାଫଳରେ ରାସ୍ତା ସଂକୁଚିତ ହେଇ ଯାନ ବାହନ ଚଳାଚଳରେ ଅସୁବିଧା ସୃଷ୍ଟି ହେଉଥିଲା। ଟ୍ରାଫିକ୍ ସମସ୍ୟା ସୃଷ୍ଟି ସହ ଦୁର୍ଘଟଣା ମଧ୍ୟ ହେଉଥିଲା। ଏଥିପାଇଁ ଜନଅସନ୍ତୋଷ ଲାଗିରହିଥିଲା। ବଜାର ଭାଙ୍ଗିବା ପାଇଁ ପୂର୍ବରୁ ପ୍ରଶାସନ ପକ୍ଷରୁ ବାରମ୍ବାର ଉଦ୍ୟମ କରାଯାଇଥିଲେ ମଧ୍ୟ ବିଭିନ୍ନ କାରଣରୁ ସଫଳ ହୋଇପାରି ନ ଥିଲା। ନୂତନ ସରକାର ଆସିବା ପରେ ବାଲକାଟୀ ବଜାର ରାସ୍ତା ସମ୍ପ୍ରସାରଣ ପାଇଁ ବଜାରରେ ଥିବା ଦୋକାନଗୁଡ଼ିକ ଭାଙ୍ଗି ସରକାରୀ ଜାଗା ଜବରଦଖଲ ଉଚ୍ଛେଦ ପାଇଁ ନିଷ୍ପତ୍ତି ହୋଇଥିଲା। ଗତ ଦୁଇ ମାସ ହେଲା ବାଲିଅନ୍ତା ତହସିଲ ପକ୍ଷରୁ ପ୍ରତାପ ଶାସନ ରାଜସ୍ୱ କାର୍ଯ୍ୟାଳୟ ତରଫରୁ ବଜାର ମାପଚୁପ କରାଯାଇ ବ୍ୟବସାୟୀମାନଙ୍କୁ ଜରିମାନା ନୋଟିସ କରାଯାଇ ହଟିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କେତେଜଣ ବ୍ୟବସାୟୀ ସ୍ୱେଚ୍ଛାକୃତ ଭାବେ ଜବରଦଖଲରୁ ହଟିଯାଇ ଦୋକାନ ଭାଙ୍ଗି ଦେଇଥିଲେ। ତେବେ ଆଉ କେତେଜଣ ନିର୍ଦ୍ଦେଶନାମାକୁ ମାନି ନ ଥିଲେ। ପ୍ରଶାସନକୁ ଅଦାଲତର ଡର ଦେଖାଇଥିବା ଜଣେ ଘର ମାଲିକଙ୍କ ଘରକୁ ପ୍ରଥମ ବୁଲଡୋଜର ଚଢ଼ାଇ ଭାଙ୍ଗି ଦିଆଯାଇଥିଲା।

# ୧୮ରେ ଦ୍ୱିତୀୟ ପଥ ଉତ୍ସବ

ଭୁବନେଶ୍ୱର,୧୩।୧(ବନ୍ଦନା ସେଠୀ)

ଚଳିତବର୍ଷର ଦ୍ୱିତୀୟ ପଥ ଉତ୍ସବ ଆସନ୍ତା ୧୮ ତାରିଖ ସକାଳେ ବରମୁଣ୍ଡା-ଜାଗମରା ନୂଆ ରାସ୍ତାରେ ଅନୁଷ୍ଠିତ ହେବ। ଏଥିପାଇଁ ବିଏମ୍‌ସି ପକ୍ଷରୁ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମେୟର ସୁଲୋଚନା ଦାସ ଅଧ୍ୟକ୍ଷତା କରିଥିବାବେଳେ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ସଦସ୍ୟ ମିହିର କୁମାର ରାଉତ, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତୀୟ ପଥ ଉତ୍ସବରେ ଆଉ କେତେକ ନୂଆ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସାମିଲ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବିଶେଷକରି ପିଲାଙ୍କ ପାଇଁ ଏଥର ଅଧିକ ଖେଳକୁଦ ବ୍ୟବସ୍ଥା ହୋଇଥିବାବେଳେ ଯୁବଗୋଷ୍ଠୀଙ୍କ ମନ ମୋହିବେ ପ୍ଲେ ବ୍ୟାକ ସିଙ୍ଗର ଦୀପ୍ତିରେଖା ପାଢ଼ୀ ଓ ଜୟଶ୍ରୀ ଧଳ। ସେହିପରି 'ଭୁବନେଶ୍ୱର ଗଟ୍ ଟ୍ୟାଲେଣ୍ଟ' ସହ ଦ୍ୱିତୀୟ ମଞ୍ଚରେ ପାରମ୍ପରିକ ନୃତ୍ୟ, ଗୀତ ଓ ଖେଳକୁଦ ସହ ମାଲଖମ୍ବ, ଯୋଗ ଆଦି ପ୍ରଦର୍ଶନ କରାଯିବ।

## ଜଳସମ୍ପଦ ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୩।୧ (ସୌମ୍ୟରଞ୍ଜନ ରାଉତ)


'ମତେ ଘୁଙ୍ଗୁର ପିନ୍ଧିବା ମନା' ନାଟକର ଏକ ଦୃଶ୍ୟ।

ଜଳସମ୍ପଦ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ୨୨ତମ ବାର୍ଷିକ ଉତ୍ସବ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଭାଗର ଅତିରିକ୍ତ ଶାସନ ସଚିବ ନରହରି ସେଠୀ, ସ୍ୱତନ୍ତ୍ର ଶାସନ ସଚିବ ଅଶୋକ କୁମାର ବେହେରା, ସ୍ୱତନ୍ତ୍ର ଶାସନ ସଚିବ ମୁକୁଳ ଚନ୍ଦ୍ର ବେରା ଯୋଗଦେଇଥିଲେ। ଏହି ଅବସରରେ ପରିଷଦ ଦ୍ୱାରା କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ 'ମତେ ଘୁଙ୍ଗୁର ପିନ୍ଧିବା ମନା' ପରିବେଷିତ ହୋଇଥିଲା। ଏହି ନାଟକକୁ ତ୍ରିନାଥ ବାରିକ ନିର୍ଦ୍ଦେଶନା ଓ ଧନେଶ୍ୱର ସାହୁ ସହନିର୍ଦ୍ଦେଶନା ଦେଇଥିଲେ। କଳାକାରଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ସେହିପରି ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ମାଧ୍ୟମରେ ଓଡ଼ିଆ ସାହିତ୍ୟ, ନାଟ୍ୟ ଓ କଳାକୃତି ପ୍ରତି ସେମାନଙ୍କ ସୃଜନଶୀଳତା ଓ ପ୍ରତିଭା ପ୍ରତିଫଳିତ ହୋଇଥିଲା। ପରିଷଦ ସଭାପତି ଜୟକିଶୋର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପରିଷଦର ସଭାପତି ଜୟକିଶୋର ମିଶ୍ର ସହଯୋଗ କରିଥିଲେ।

## ହାଇଟେକ୍‌ରେ ଜାତୀୟ ଦନ୍ତ ଚିକିତ୍ସା ସମ୍ମିଳନୀ

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)

ହାଇଟେକ୍ ଡେଣ୍ଟାଲ କଲେଜ ଓ ହସ୍ପିଟାଲରେ ଜାତୀୟ ସମନ୍ୱିତ ଅର୍ଥୋଡୋକ ଦକ୍ଷତା କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମଶାଳାରେ ସାରା ଭାରତରୁ ସୁଦକ୍ଷ ଦନ୍ତ ଚିକିତ୍ସକମାନେ ଯୋଗଦେଇ ଦନ୍ତ ଚିକିତ୍ସା ପ୍ରଣାଳୀର ବୈଜ୍ଞାନିକ ପଦ୍ଧତି ଉପରେ ବିଶେଷାତ୍ମକ ଗବେଷଣାର ସନ୍ଦର୍ଭ ପାଠ କରିଥିଲେ। ଦାନ୍ତ କେବଳ ମୁହଁର ଶୋଭା ବର୍ଦ୍ଧନ କରି ନ ଥାଏ, ଖାଦ୍ୟ ହଜମରେ ମଧ୍ୟ ସହାୟକ ହୋଇଥାଏ। ବର୍ତ୍ତମାନ ଦାନ୍ତ ଓ ମାଢ଼ିରେ ଦେଖାଦେଉଥିବା ଅନେକ ପ୍ରକାର ରୋଗକୁ ଅଣଦେଖା କରି ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ଅଙ୍କାବଙ୍କା ଦାନ୍ତ, ଦାନ୍ତର ଆକାର ଅନୁସାରେ ମାଢ଼ି ଛୋଟ ଥିଲେ। ଆଧୁନିକ ଚିକିତ୍ସା ପଦ୍ଧତିରେ ଏଭଳି ସମସ୍ୟାର ସମାଧାନ କରାଯାଇପାରୁଛି ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। କର୍ମଶାଳାରେ ଅତିଥି ଭାବେ ହାଇଟେକ୍ ଡେଣ୍ଟାଲ କଲେଜ ଓ ହସ୍ପିଟାଲର କାର୍ଯ୍ୟକାରୀ ଅଧ୍ୟକ୍ଷା ଇଂ. ମଧୁସ୍ମିତା ପାଣିଗ୍ରାହୀ, ହାଇଟେକ୍ ଗ୍ରୁପ୍ ଟ୍ରଷ୍ଟି ଡ. ରାକେଶ କୁମାର ପାଣିଗ୍ରାହୀ, ଆଇଓଏସ୍ ସଭାପତି ପ୍ରଫେସର୍ ଡ. ଶ୍ରୀଦେବୀ ପଦ୍ମନାଭନ, ଉପସଭାପତି ପ୍ରଫେସର୍ ଡ. ସର୍ବରାଜ କୋହଲି, ନିର୍ବାଚିତ ସଭାପତି ପ୍ରଫେସର୍ ଡ. ସୂର୍ଯ୍ୟକାନ୍ତ ଦାସ, ହାଇଟେକ୍ ଡେଣ୍ଟାଲ କଲେଜ ଓ ହସ୍ପିଟାଲର ପ୍ରିନ୍ସିପାଲ ପ୍ରଫେସର ଡ. ସଂଗ୍ରାମ ପାତ୍ର, ଏସ୍‌ସିବି ଡେଣ୍ଟାଲ କଲେଜର ପ୍ରିନ୍ସିପାଲ ପ୍ରଫେସର୍ ଡ. ପ୍ରଭାସ କୁମାର ମହାନ୍ତି, ଓଡ଼ିଶା ରାଜ୍ୟ ଡେଣ୍ଟାଲ କାଉନ୍‌ସିଲ୍ ସଭାପତି ପ୍ରଫେସର୍ ଡ. ଆଶିଷ କୁମାର ବାରିକ, ଆୟୋଜକ ଅଧ୍ୟକ୍ଷ ପ୍ରଫେସର ଡ. ସୁବାସ ଚନ୍ଦ୍ର ନାୟକ, ସଙ୍ଗଠନ ସଚିବ ପ୍ରଫେସର ଡ. ଆନନ୍ଦ ଗରାବଡୁ ଯୋଗଦେଇଥିଲେ।


କର୍ମଶାଳାରେ ଯୋଗ ଦେଇଥିବା ଅତିଥି ଏବଂ ଦନ୍ତ ଚିକିତ୍ସକମାନେ।

# ସାଂସ୍କୃତିକ ପରିବେଶରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ପ୍ରୟୋଗକୁ ଗୁରୁତ୍ୱ

**ଓଟିକନ୍-୨୦୨୬ ଉଦ୍‌ଯାପିତ**

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)


ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

ଅଲ୍ ଇଣ୍ଡିଆ ଅକ୍ୟୁପେଶନାଲ ଥେରାପିଷ୍ଟସ ଆସୋସିଏଶନ ଏବଂ ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରେନିଂ ଆଣ୍ଡ୍ ରିସର୍ଚ୍ଚର ମିଳିତ ସହଯୋଗରେ ସୋଆ ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ୩ଦିନିଆ ୬୩ତମ ବାର୍ଷିକ ଜାତୀୟ ସମ୍ମିଳନୀ 'ଓଟିକନ୍-୨୦୨୬' ଉଦ୍‌ଯାପିତ ହୋଇଯାଇଛି। 'ପରମ୍ପରାରୁ ପ୍ରଯୁକ୍ତି: ଅକ୍ୟୁପେଶନାଲ ଥେରାପିରେ ସାଂସ୍କୃତିକ ବିବିଧତା' ବିଷୟବସ୍ତୁକୁ ନେଇ ଅନୁଷ୍ଠିତ ସମ୍ମିଳନୀରେ ବିଭିନ୍ନ ରାଜ୍ୟରୁ ୧୫୦୦ ଚିକିତ୍ସକ, ଗବେଷକ ଏବଂ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଭାରତର ବିଭିନ୍ନ ସାଂସ୍କୃତିକ ପରିବେଶରେ ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ କିପରି ପ୍ରୟୋଗ କରାଯାଇପାରିବ, ସେ ନେଇ ଗୁରୁତ୍ୱ ଦିଆଯାଇଥିଲା। ଏଆଇ ଓ ରୋବଟ୍ ବ୍ୟବହାର ଦ୍ୱାରା ସ୍ନାୟୁ ସମ୍ବନ୍ଧୀୟ ରୋଗୀଙ୍କ ଚିକିତ୍ସାକୁ କିପରି ଆହୁରି ଉନ୍ନତ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିଶୁ ଚିକିତ୍ସାଠାରୁ ଆରମ୍ଭ କରି ବୃଦ୍ଧଙ୍କ ମାନସିକ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ବିଭିନ୍ନ ବିଷୟକୁ ନେଇ ୫୦ରୁ ଅଧିକ ଗବେଷଣାପତ୍ର ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ପ୍ୟାନେଲରେ ସମସ୍ତ ରାଜ୍ୟରେ ଅକ୍ୟୁପେଶନାଲ ଥେରାପିଷ୍ଟଙ୍କ ପାଇଁ ସମାନ କ୍ୟାଡର୍ ନିୟମ କରାଯିବା ଆବଶ୍ୟକ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଆଇଓଟିଏ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ କାମ କରିଥିବା ବ୍ୟକ୍ତି ଏବଂ ଟିମ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ଲୋକଙ୍କ ପାଇଁ କମ ଖର୍ଚ୍ଚରେ ସହାୟକ ଉପକରଣ ଉପରେ ଗବେଷଣା କରିଥିବା ବ୍ୟକ୍ତିଙ୍କୁ ଶ୍ରେଷ୍ଠ ଗବେଷଣାପତ୍ର ପୁରସ୍କାର ମିଳିଥିଲା। ଗ୍ରାମାଞ୍ଚଳର ସେବାଦାତାଙ୍କୁ ସ୍ଥାନୀୟ ଭାଷାରେ ସହଯୋଗ କରିବା ପାଇଁ ଏକ ମୋବାଇଲ ଆପ୍ ତିଆରି କରିଥିବା ଛାତ୍ର ଟିମକୁ ଅକ୍ୟୁପେଶନାଲ ଥେରାପିରେ ନୂତନ ଉଦ୍ଭାବନ ପାଇଁ ପୁରସ୍କୃତ କରାଯାଇଥିଲା। ଦୀର୍ଘ ବର୍ଷ ଧରି ଅକ୍ୟୁପେଶନାଲ ଥେରାପିକୁ ଆଗେଇ ନେଇଥିବା ବ୍ୟକ୍ତିମାନଙ୍କୁ ଲାଇଫ ଟାଇମ ଆଚିଭମେଣ୍ଟ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଆଇଓଟିଏ ଅଧ୍ୟକ୍ଷ ଡା. ପଙ୍କଜ ବାଜପେୟୀ, ଏଆଇଓଟିଏ ଉପାଧ୍ୟକ୍ଷା ଡା. ପ୍ରତିଭା ମିଲିନ୍ଦ ବୈଦ୍ୟ, ଏଆଇଓଟିଏ ଅବୈତନିକ ସଚିବ ଡା. ଯୋଶେଫ ସନ୍ନି କୁନ୍ନାଚେରୀ, ଓଟିକନ୍‌ର ବୈଜ୍ଞାନିକ ସଭାପତି ଡା. ପ୍ରଜ୍ଞାନ ସିଂହ, ସହ ନିଯୁକ୍ତ କାର୍ଯ୍ୟକାରୀ ସଦସ୍ୟ ଭବ୍ୟ ଗୌର ଚନ୍ଦ୍ରକର, ଏଆଇଓଟିଏ କୋଷାଧ୍ୟକ୍ଷ ସତୀଶ ଏସ୍. ମାସଲେକରଙ୍କ ସମେତ ଓଟିକନ୍ ଆୟୋଜକ ସଚିବ ଡା. ଅନୁରୂପା ସେନାପତି ଉପସ୍ଥିତ ଥିଲେ।




୧୩।୧।୨୦୨୬

| | |
|---|---|
| ୫,୪୮,୮୯୧ ଟଙ୍କା | |
| ସୁନା | ୧୦୦ ମିଲିଗ୍ରାମ୍ |
| ରୁପା | ୫୪.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ମକର ସଂକ୍ରାନ୍ତିକୁ ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ

ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)

ମକର ସଂକ୍ରାନ୍ତିକୁ ନେଇ କୌଣସି ଦ୍ୱନ୍ଦ୍ୱ ନ ଥିବା ସ୍ପଷ୍ଟ କରିଛନ୍ତି ପାଞ୍ଜି ସମୀକ୍ଷକ। ସିଦ୍ଧ ଗଣନା ଅନୁଯାୟୀ ଅପରାହ୍ନ ୩ଟା ପରେ ସୂର୍ଯ୍ୟ ଧନୁ ରାଶି ଛାଡ଼ି ମକର ରାଶିରେ ପ୍ରବେଶ କରୁଥିବାରୁ ଏହି ସମୟ ପୁଣ୍ୟକାଳ। ଏହି ପୁଣ୍ୟକାଳ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ରହିବ। ଏହି ସମୟରେ ଲୋକମାନେ ହୋମ, ଯଜ୍ଞ ଓ ଶୁଭ କାର୍ଯ୍ୟ କରିପାରିବେ। ପାରମ୍ପରିକ ଗଣନାରେ ରାତ୍ର ୧୦ଟା ପରେ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରୁଥିବାରୁ କୌଣସି ପୁଣ୍ୟ କାର୍ଯ୍ୟ ରାତ୍ରରେ କରାଯାଇପାରିବ ନାହିଁ। ତେଣୁ ସୂର୍ଯ୍ୟ ଉଦୟ ଠାରୁ ଆରମ୍ଭ କରି ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ପୁଣ୍ୟ ତିଥି ରହିଛି ବୋଲି କହିଛନ୍ତି ଜ୍ୟୋତିର୍ବିଦ୍। ୧୪ ତାରିଖରେ ଶ୍ରୀମନ୍ଦିର ସମେତ ରାଜ୍ୟର ଚାରିଆଡ଼େ ମକର ସଂକ୍ରାନ୍ତି ପାଳନ କରାଯିବ।

### ଆଇନଗତ ଅଧିକାର, ସୁରକ୍ଷା ସମ୍ପର୍କିତ ସଚେତନତା

ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)

ସଦଭାବନା ସଭାଗୃହ ଠାରେ ମଙ୍ଗଳବାର ପୂର୍ବାହ୍ନରେ ବରିଷ୍ଠ ନାଗରିକଙ୍କ ଲାଗି ଏକ ଆଇନଗତ ଅଧିକାର ଏବଂ ସୁରକ୍ଷା ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ପ୍ରୋଟୋକଲ) ନୀଳମାଧବ ଭୋଇ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ ସରକାରଙ୍କ ମାର୍ଗଦର୍ଶିକା ଅନୁପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକମାନେ ସମାଜ ପାଇଁ ବୋଝ ନୁହନ୍ତି। ସେମାନଙ୍କ ଅନୁଭବ ଓ ଅଭିଜ୍ଞତାକୁ ଆଧାର କରି ଆମେ ସମାଜରେ ଅଧିକ ବିକାଶ କରିପାରିବା ବୋଲି ସେ କହିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ସଞ୍ଜୁ ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଚନ୍ଦ୍ରପ୍ରଭା ଦେଇ, ଜିଲା ବରିଷ୍ଠ ନାଗରିକ କମିଟିର ସଦସ୍ୟ ହରିଶଙ୍କର ମିଶ୍ର, ସବିତା ମିଶ୍ର, ସିଦ୍ଧାର୍ଥ ରାୟ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନମିତା ଚାନ୍ଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହେଲ୍ପ ଏଜ୍ ଇଣ୍ଡିଆ ସ୍ୱେଚ୍ଛାସେବୀ ସଂସ୍ଥା ତରଫରୁ ଦେବଶ୍ରୀ ବ୍ରହ୍ମା ପିତାମାତା ତଥା ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ ୨୦୦୭ରେ ଥିବା ପ୍ରାବଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେମାନଙ୍କ ପାଇଁ ରହିଥିବା ବ୍ୟବସ୍ଥା ଓ ସୁରକ୍ଷା ଆଇନ ସମ୍ପର୍କରେ ଅବଗତ ହେବା ସହ ଆବଶ୍ୟକତା ସମୟରେ ତାହାର ଉପଯୋଗ ପାଇଁ ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳାଚଳ ବରିଷ୍ଠ ନାଗରିକ ସଂଘର ସଭାପତି ବୀରେନ୍ଦ୍ର ଭୂଷଣ ହୋତା, ସହ ସମ୍ପାଦକ ବିଦ୍ୟୁତଲତା ଆଚାର୍ଯ୍ୟ, ସତ୍ୟବାଦୀ ବିକାଶ ମଞ୍ଚର ସଭାପତି ଗୁଣ୍ଡିଚା ବରାଳ, ବରିଷ୍ଠ ନାଗରିକ ସନ୍ତୋଷ କୁମାର ମହାନ୍ତି, ଦେବେନ୍ଦ୍ର ନାଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନବାଙ୍କ ବେଶ

ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)



ମକର ସଂକ୍ରାନ୍ତି ପୂର୍ବଦିନ ଅର୍ଥାତ ପୌଷମାସ ମାସନ୍ତ ତିଥି ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନବାଙ୍କ ବେଶ ଅନୁଷ୍ଠିତ ହୋଇଛି। ଏଥିସହ ଚାଉଳ ମେଳାଣ ଓ ଫୁଲ ମେଳାଣ ଉତ୍ସବ ସମ୍ପନ୍ନ ହୋଇଛି। ଖୁଣ୍ଟିଆ ଓ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କ ସନ୍ଧ୍ୟା ଆଳତି ବେଶରେ ମାଳଚୂଳମାନ ଠାକୁରଙ୍କୁ ଲାଗି କରାଯାଇଥିଲା। ବଡ଼ସିଂହାର ବେଶରେ ସୋଲ ଓ ଜରି, କଇଁଥ ଅଠାରେ ପ୍ରସ୍ତୁତ ଶଙ୍ଖ, ଚକ୍ର, ହଳ, ମୁଷକ, କୁଣ୍ଡଳ ତଡ଼ଗୀ ଇତ୍ୟାଦି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଲାଗି କରାଯାଇଥିଲା। ଏହି ବେଶ ନବାଙ୍କ ବେଶ ରୂପେ ପରିଚିତ। ନବାଙ୍କ ବେଶର ପ୍ରବର୍ତ୍ତକ ହେଉଛନ୍ତି ଚୈତନ୍ୟ ଦେବ। ସନ୍ଧ୍ୟା ଆଳତୀ ଧୂପ ଓ ଚନ୍ଦନ ଲାଗି ସରିବା ପରେ ଭୋଗମଣ୍ଡପ ଘର ଧୋପଖାଳ ହୋଇ ଚାନ୍ଦୁଆ ବନ୍ଧା ଯାଇଥିଲା।

ପର୍ବ ଯାତ୍ରା ଯୋଗାଣିଆ ସେବକ ୩ଟି ବାଉଁଶିଆରେ ଚାଉଳ ପୂରାଇ କୋଠ ସୁଆଁସିଆ ଦେଇଥିବା ଭଦ୍ରାସନ ଉପରେ ପୂଜାପଣ୍ଡା ମୁରୁଜ ପକାଇବା ପରେ ଚାଉଳ ବାଉଁଶିଆମାନ ଏହା ଉପରେ ରଖି ଚେମେଡ଼ି, ପତନୀ, ପୁଷ୍ପ ଚନ୍ଦନ ଦେଇ ଅଧିବାସ ହୋଇଥିଲା। ପରେ ଭୋଗମଣ୍ଡପ ଗୃହକୁ ତଢ଼ଉକରଣ ସେବକ ମୁଦ ଦେଇଥିଲେ। ସେହିପରି ବଡ଼ସିଂହାର ବେଶରେ ମହାପ୍ରଭୁଙ୍କ ନବାଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ନବାଙ୍କ ବେଶରେ ଠାକୁରଙ୍କ ଶିରରୁ ରତ୍ନସିଂହାସନ ଚଟାଣ ଯାଏଁ ଗେଣ୍ଡୁଫୁଲ ମାଳରେ ସୁସଜ୍ଜିତ କରାଯାଇଥିଲା। ବଡ଼ସିଂହାର ବେଶରେ ଦେବତାଙ୍କୁ ଅଲଙ୍କୃତ କରୁଥିବା ଚିତା, ଗୁଣା, କରପଲ୍ଲବ, ଅଧରମାଳା ଓ ଶ୍ରୀପୟର ମାଳା ମଧ୍ୟ ପ୍ରଧାନତଃ ଗେଣ୍ଡୁ ଫୁଲରେ ନିର୍ମିତ ହୋଇଥିଲା। ହୃଦ୍ ପଦକରେ ଗେଣ୍ଡୁ ଫୁଲ ସହିତ ଗୋଲାପ ଫୁଲର ସମ୍ମିଶ୍ରଣରେ ନିର୍ମିତ ହୋଇଥିଲା। ସାଧାରଣ ଦିନଗୁଡ଼ିକରେ ୪/୫ଟି ମାଳ ଲାଗୁଥିଲେ ମଧ୍ୟ ନବାଙ୍କ ବେଶ ଦିନ ୧୦/୧୫ଟି ମାଳ ଲାଗି କରାଯାଇଥିଲା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ଼ସିଂହାର ଭୋଗ ପରେ ମଦନମୋହନ ଦକ୍ଷିଣ ଘରୁ ବିଜେ କରି ରତ୍ନସିଂହାସନକୁ ଆସିଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଆଜ୍ଞାମାଳ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନଙ୍କୁ ପ୍ରଦାନ କରିଥିଲେ। ଆଜ୍ଞାମାଳ ପାଇ ରତ୍ନସିଂହାସନକୁ ସାଢ଼େ ଚାରିଥର ପ୍ରଦକ୍ଷିଣ କରି ବଟମୂଳେ ଥିବା ପାଲିଙ୍କିରେ ବିଜେ କରିଥିଲେ। ପରେ ଭିତର ବେଢ଼ାରେ ସାଢ଼େ ଚାରିଥର ପ୍ରଦକ୍ଷିଣ କରିଥିଲେ। ଶ୍ରୀମନ୍ଦିରରେ ସାଢ଼େ ଚାରିଘେରା ବେଢ଼ା ପରିକ୍ରମା କରିବା ପରେ ମହାଜନ ସେବାୟତ ମଦନମୋହନଙ୍କୁ ହାତରେ ବିଜେ କରାଇ ଜୟବିଜୟ ଦ୍ୱାର ଲଣ୍ଡାବର୍ତ୍ତ ଉପରେ ରହିଥିବା ବେଳେ ପ୍ରସାଦ ଲାଗି ବନ୍ଦାପନା ଆଦି ଅନୁଷ୍ଠିତ ହୋଇଥିଲା। ଏହାପରେ ମଦନମୋହନଙ୍କୁ ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରାଯାଇଥିଲା।

# ବାଲୁଖଣ୍ଡକୁ କୋର୍ଟ ସ୍ଥାନାନ୍ତର ବିରୋଧରେ ବାମପନ୍ଥୀ ଦଳଗୁଡ଼ିକର ପ୍ରତିବାଦ, ଧାରଣା

ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)

ପୁରୀର ଐତିହ୍ୟ କୋର୍ଟକୁ କଚେରିଠାରୁ ଅଲଗା କରି ବାଲୁଖଣ୍ଡ ଅଭୟାରଣ୍ୟକୁ ସ୍ଥାନାନ୍ତର ବିରୋଧରେ ଜିଲାପାଳ ଅଫିସ ସମ୍ମୁଖରେ ସିପିଆଇଏମ୍, ସିପିଆଇ, ସିପିଏମ୍ଏଲ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବାଲୁଖଣ୍ଡ ଅଭୟାରଣ୍ୟ, ମଧୁରଜଳ, ସିଆର୍‌ଜେଡ ଅଞ୍ଚଳ ପୁରୀ ଲୋକଙ୍କର ଜୀବନ ରେଖା। ତାହା ଜାଣି ମଧ୍ୟ ତହସିଲ୍‌ଦାର, ସବ୍‌କଲେକ୍ଟର, ଜିଲାପାଳ, ଆର୍‌ଡିସି କିପରି ପଟ୍ଟା ଦେଇଦେଲେ ତାହା ତଦନ୍ତ ସାପେକ୍ଷ। ଏହା କେବଳ ଓକିଲଙ୍କ ସମସ୍ୟା ନୁହେଁ ଲକ୍ଷାଧିକ ମହକିଲ, ସାଧାରଣ ଲୋକେ ସେ ସ୍ଥାନକୁ ଯିବେ କିପରି। ବର୍ତ୍ତମାନ କୋର୍ଟ ଥିବା ସ୍ଥାନ କେଉଁ ଉଦ୍ଦେଶ୍ୟରେ ବ୍ୟବହାର ହେବ ସରକାର ସ୍ପଷ୍ଟ କରନ୍ତୁ। ଓକିଲ ସଂଘ ୧୦ ମାସରୁ ଊର୍ଦ୍ଧ୍ୱ ସମୟ ହେବ ସତ୍ୟାଗ୍ରହ ଜାରି ରଖିଥିଲେ ସୁଦ୍ଧା ରାଜସ୍ୱ ମନ୍ତ୍ରୀ କଥା ଦେଇ କଥା ରଖିଲେ ନାହିଁ। ଲୋକଙ୍କ ସମସ୍ୟା ବୁଝିବା ହେଉଛି ସରକାରଙ୍କ ଦାୟିତ୍ୱ। ବର୍ତ୍ତମାନ ସ୍ଥାନରେ କୋର୍ଟ ରହିଲେ ଲୋକେ ଗୋଟିଏ ସ୍ଥାନରେ ଜିଲାର ସରକାରୀ ଅଫିସ ଓ କୋର୍ଟ କାର୍ଯ୍ୟ ଏକ ସମୟରେ କରିପାରିବେ।

ଏ ସମ୍ପର୍କିତ ଦାବିପତ୍ର ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଛି। ଏଥିରେ ଜଗନ୍ନାଥ ଦେଓ, ପ୍ରଦୀପ୍ତ ମହାନ୍ତି, ମୋହନ ନାଇଡୁ, ପୀତବାସ ବେହେରା, ହରିହର ସେନାପତି, ମନୋରଞ୍ଜନ ମହାରଣା, ସୁନୀଲ ମହାରଣା, ଶ୍ରୀକାନ୍ତ ପରିଜା, ଗୋବିନ୍ଦ ନାୟକ, ଟୁନା ନାୟକ, ରଶ୍ମିତା ଗୋଛିକାର ପ୍ରମୁଖ ନେତୃତ୍ୱ ନେଇଥିଲେ। ନିମନ୍ତ୍ରଣକ୍ରମେ ପୁରୀ ଓକିଲ ସଂଘ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ସୁକାନ୍ତ ପ୍ରଧାନ, ବୈଦ୍ୟନାଥ ପାଣି ପ୍ରତିବାଦ, ଧାରଣାକୁ ସ୍ୱାଗତ କରିଥିଲାବେଳେ କୋର୍ଟ ସ୍ଥାନାନ୍ତର କେବଳ ଓକିଲଙ୍କ ପ୍ରସଙ୍ଗ ନୁହେଁ ଲୋକଙ୍କ ପ୍ରସଙ୍ଗ ବୋଲି ପ୍ରମାଣିତ ହେଉଥିବା ଜଣାଯାଏ। ଆସନ୍ତା ଦିନରେ ସରକାର ନ ଶୁଣିଲେ ଲୋକଙ୍କୁ ନେଇ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଜିଲାସ୍ତରୀୟ ବନାଟି ପ୍ରତିଯୋଗିତା

ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ୨୦୨୬ ପାଳନ ଉପଲକ୍ଷେ ବନାଟି ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ପରାମର୍ଶକ୍ରମେ ସ୍ଥାନୀୟ ସୁଖଲତା ସ୍ମୃତି ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବନାଟି ସାଧାରଣ ଘୂର୍ଣ୍ଣନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବାଳିକାସ୍ତରରେ ସୁଖଲତା ସ୍ମୃତି ସରକାରୀ ଉଚ୍ଚବିଦ୍ୟାଳୟର କବିତା ମହାନ୍ତି ପ୍ରଥମ, ଏଲ୍ ବର୍ଷା ବେହେରା ଦ୍ୱିତୀୟ ଏବଂ ରିୟା ଦେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଳକ ବିଭାଗରେ ସାରସ୍ୱତ ବିଦ୍ୟାନିକେତନର ତ୍ରିବିକ୍ରମ ପଣ୍ଡା ପ୍ରଥମ, ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ପାପାଇ ଶାହା ଦ୍ୱିତୀୟ ଏବଂ ସମ୍ରାଟ ଦେବନାଥ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାକୁ ଶ୍ରୀଜଗନ୍ନାଥ ସମର କଳା ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ ତରଫରୁ ବିଚାରକ ଭାବେ ବନାଟି ଆଚାର୍ଯ୍ୟ ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ, ବନାଟି ବିଶାରଦ ଜଗନ୍ନାଥ ସୁଆର, ସାମ୍ବାଦିକ କୈଳାସ ଚନ୍ଦ୍ର ପଣ୍ଡା, ଶିକ୍ଷକ ଧର୍ମେନ୍ଦ୍ର ହାଁସଦା, କ୍ରୀଡ଼ା ଶିକ୍ଷକ ରବୀନ୍ଦ୍ର ବେହେରା ଏବଂ ପିଣ୍ଟୁ ଜେନା ପ୍ରମୁଖ ବିଚାରକ ରୂପେ କାର୍ଯ୍ୟ ତୁଲାଇଥିଲେ। ଏଥିସହିତ ଦୀର୍ଘ ୨୪ ମିନିଟ୍ ଧରି ବନାଟି କ୍ରୀଡ଼ା ପ୍ରଦର୍ଶନ କରିଥିବା କୃତୀ ଖେଳାଳିଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିଯୋଗିତା ସ୍ଥଳରେ ଉପସ୍ଥିତ ଥିବା ପ୍ରଧାନ ଶିକ୍ଷୟିତ୍ରୀ ସୁଚରିତା ପ୍ରତିହାରୀଙ୍କ ଦ୍ୱାରା ୨ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯିବା ସହ ପ୍ରତିଯୋଗିତାକୁ ଉତ୍ସାହିତ କରୁଥିବା ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ବିସ୍କୁଟ ବଣ୍ଟନ କରାଯାଇଥିଲା। ବିଜୟୀ ପ୍ରତିଯୋଗୀଙ୍କୁ ଆଗାମୀ ଜିଲାସ୍ତରୀୟ ପରେଡ୍ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସୂଚନା ଦେଇଛନ୍ତି।



ସାଧାରଣତନ୍ତ୍ର ଦିବସ ପାଇଁ ବନାଟି ପ୍ରତିଯୋଗିତା କରାଯାଉଛି ।

## ଗୋବିନ୍ଦ, ଗୋଧାମ, ଗୋଶାଳାରେ ମହର୍ଷି ମହେଶ ଯୋଗୀଙ୍କ ଜୟନ୍ତୀ

ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)

ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଆଳିପଡ଼ା ଗ୍ରାମ ସ୍ଥିତ ଗୋବିନ୍ଦ, ଗୋଧାମ, ଗୋଶାଳାରେ ମହର୍ଷି ମହେଶ ଯୋଗୀଙ୍କ ୧୦୯ତମ ଜୟନ୍ତୀ ପାଳିତ ହୋଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ଓ ସମ୍ପାଦକ ତଥା ମହର୍ଷିଙ୍କ ଶିଷ୍ୟ ପଣ୍ଡିତ ବିଷ୍ଣୁଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପଣ୍ଡିତ ବଳରାମ ମିଶ୍ର, ପଣ୍ଡିତ ସୌମ୍ୟ ରଞ୍ଜନ ଆଚାର୍ଯ୍ୟ, ମହନ୍ତ କୃଷ୍ଣ ଚନ୍ଦ୍ର ଦାସ ଜୀ ମହାରାଜ, ଉତ୍ତରାଖଣ୍ଡର ଅମୃତାନନ୍ଦ ଗିରି ଜୀ ମହାରାଜ, ଇନ୍ଦୋରର ଶ୍ୟାମ ସୁନ୍ଦର ଶାସ୍ତ୍ରୀ ପ୍ରମୁଖ ଯୋଗଦେଇ ମହର୍ଷିଙ୍କ ଦ୍ୱାରା ବେଦର ବିଶ୍ୱରେ ପ୍ରଚାର, ପ୍ରସାର କରିବା ସହ ବ୍ରାହ୍ମଣଙ୍କ ଉନ୍ନତି ବିଷୟରେ ଆଲୋକପାତ କରିଥିଲେ। ଶେଷରେ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡାଙ୍କ ଦ୍ୱାରା ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ ପରିଚାଳନା କରିଥିଲେ।

# କଲ୍ୟାଣମଣ୍ଡପର ନୂତନ ଗୃହ, ଜିମ୍ ଗୃହ ଉଦ୍‌ଘାଟିତ



କଲ୍ୟାଣମଣ୍ଡପର ନୂତନ ଗୃହକୁ ଏମ୍‌ପି ସମ୍ବିତ ପାତ୍ର ଉଦ୍‌ଘାଟନ କରୁଛନ୍ତି ।

ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)

ସୂର୍ଯ୍ୟମୁଖୀ ମହାବୀର ତାପଙ୍ଗ ଜାଗା ପଞ୍ଚାୟତ କଲ୍ୟାଣମଣ୍ଡପର ନୂତନ ଗୃହ, ଜିମ୍ ଗୃହ, ଦୋକାନ ଗୃହ ଏବଂ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ମାଙ୍ଗାନିଜ ଏବଂ ଇଣ୍ଡିଆ ଲିମିଟେଡ୍ ସହଯୋଗରେ ବିବାହ, ବ୍ରତ ଓ ଉତ୍ସବ ଆଦି ଆୟୋଜନ ପାଇଁ ଆବଶ୍ୟକ ଭିତ୍ତିଭୂମି ସ୍ଥାପନ ହୋଇଛି। ଗତବର୍ଷ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି ଡ. ସମ୍ବିତ ପାତ୍ର, ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ମହାପ୍ରବନ୍ଧକ (ପର୍ସନେଲ) ନୀତିନ ପେଟ୍ରିସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜାଗା ପଞ୍ଚାୟତ ସଭାପତି ପଦ୍ମନାଭ ମହାସୁଆରଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ସମ୍ପାଦକ ଜଗନ୍ନାଥ ଖୁଣ୍ଟିଆ ସ୍ୱାଗତ ଭାଷଣ ଦେଇଥିଲେ ଓ ବରିଷ୍ଠ ସେବାୟତ ନାରାୟଣ ମହାସୁଆର, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ ବାଦଲ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଏଥିସହ ହରଚଣ୍ଡୀସାହି ଆଖଡ଼ା ବୈଠକ ଘରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। କାର୍ଯ୍ୟକ୍ରମରେ ସେବାୟତ, ବୁଦ୍ଧିଜୀବୀ ଏବଂ ପଞ୍ଚାୟତର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଗୁଣ୍ଡିଚା ମନ୍ଦିର ନିକଟରୁ ଗଡ଼ିଲା ସ୍ୱଦେଶୀ ସଂକଳ୍ପ ରଥ

## 'ରନ୍ ଫର ସ୍ୱଦେଶୀ'ରେ ଚାଲିଲେ ଶତାଧିକ ଛାତ୍ରୀଛାତ୍ର

ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)

ଭାରତକୁ ସ୍ୱଦେଶୀ ଓ ସ୍ୱାବଲମ୍ବନରେ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ 'ଅନ୍ତଃରାଷ୍ଟ୍ରୀୟ ଯୁବ ଦିବସ' ଅବସରରେ ସ୍ୱଦେଶୀ ସଂକଳ୍ପ ରଥ ଯାତ୍ରା ଗୁଣ୍ଡିଚା ମନ୍ଦିର ନିକଟରୁ ସୋମବାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଗୁଣ୍ଡିଚାମନ୍ଦିର ଠାରୁ ମାର୍କେଟ ଛକ ଯାଏଁ ଏକ ଗଣଦୌଡ଼ର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କଲେଜର ଶତାଧିକ ଛାତ୍ରୀଛାତ୍ର ଓ ଯୁବକ ପୋଷ୍ଟର ବ୍ୟାନର ଧରି ଗଣଦୌଡ଼ରେ ଭାଗ ନେଇ ମାର୍କେଟ ଛକ ପର୍ଯ୍ୟନ୍ତ ଯାଇଥିଲେ। ସ୍ୱାବଲମ୍ବୀ ଭାରତ ଅଭିଯାନର କ୍ଷେତ୍ରୀୟ ସମନ୍ୱୟକ ସାରଦା ପ୍ରସାଦ ଶତପଥୀ ଓ ଅଖିଳ ଭାରତ ସଂଘର୍ଷ ବାହିନୀ ପ୍ରମୁଖ ଅନ୍ନଦା ଶଙ୍କର ପାଣିଗ୍ରାହୀ ପତାକା ଦେଖାଇ ରଥର ଶୁଭ ଉଦ୍‌ଘାଟନ କରିବା ସହ ଗଣଦୌଡ଼ରେ ସାମିଲ ହୋଇଥିଲେ। ଯାତ୍ରା ପୂର୍ବରୁ ଏକ ପଥପ୍ରାନ୍ତ ସଭାରେ ଶତପଥୀ କହିଥିଲେ ଯେ, ବର୍ତ୍ତମାନ ବିଶ୍ୱର ୪ର୍ଥ ଆର୍ଥିକ ଶକ୍ତି ଭାବେ ଉଭା ଭାରତ ଅଳ୍ପ କିଛିବର୍ଷ ଭିତରେ ୩ୟ ଆର୍ଥିକ ଶକ୍ତି ହେବାକୁ ଯାଉଛି। ନିଜସ୍ୱ ଜ୍ଞାନ କୌଶଳରେ ଉତ୍ପାଦିତ ଦ୍ରବ୍ୟର ବହୁଳ ବ୍ୟବହାର ହେଲେ ଦେଶ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ସହ ବିଶ୍ୱର ପ୍ରଥମ ଆର୍ଥିକ ଶକ୍ତି ହେବା ବି କିଛି ବଡ଼କଥା ନୁହେଁ। ତେଣୁ ଦେଶକୁ ବିଶ୍ୱର ପ୍ରଥମ ଆର୍ଥିକ ଶକ୍ତି କରିବାକୁ ହେଲେ ସ୍ୱଦେଶୀ ବସ୍ତୁର ନିର୍ମାଣ ସଙ୍ଗେ ସଙ୍ଗେ ବ୍ୟବହାର ହିଁ ଏକମାତ୍ର ପନ୍ଥା। ଆମ ନିକଟରେ ପ୍ରଯୁକ୍ତି ଜ୍ଞାନ କୌଶଳର ମଧ୍ୟ ଅଭାବ ନାହିଁ। ଏହି ଜ୍ଞାନ କୌଶଳକୁ ଉପଯୋଗ କରି ନିର୍ମାଣ କରିବାର ଇଚ୍ଛା ଶକ୍ତି ଥରେ ଜାଗ୍ରତ କରିଦେଲେ, ଦେଶରେ ବେକାରି ସମସ୍ୟା ରହିବ ନାହିଁ ବୋଲି ପୂର୍ବପ୍ରାନ୍ତ ସହ ସଂଯୋଜକ ପ୍ରସନ୍ନ ଛୋଟରାୟ ପ୍ରକାଶ କରିଥିଲେ। ଶିକ୍ଷାବିତ୍ ଅମୀୟ ମିଶ୍ର, ଡ. ଦେବେନ୍ଦ୍ର ତରେଇ, ପ୍ରଶାନ୍ତ ଭୂୟାଁ, ସୁଶ୍ରୀ ପାଣି, ବିଶ୍ୱନାଥ ପଣ୍ଡା, ଲକ୍ଷ୍ମୀପ୍ରିୟା ସାହୁ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱଦେଶୀ ଜାଗରଣ ମଞ୍ଚ ଜିଲା ବିଚାର ପ୍ରମୁଖ ସରୋଜ କୁମାର ମିଶ୍ର, ଜିଲା ପ୍ରଚାର ପ୍ରମୁଖ ସଞ୍ଜୟ ମହାନ୍ତି, ସହ ସଂଯୋଜକ ଉପେନ୍ଦ୍ର ବିଶୋଇ, ବରିଷ୍ଠ ସଭ୍ୟ ତରଣାଦିତ୍ୟ ମିଶ୍ର ପ୍ରମୁଖ ସଂକଳ୍ପ ଯାତ୍ରା ପରିଚାଳନା କରିଥିଲେ। ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ଏହି ୧୦ଦିନିଆ ରଥଯାତ୍ରା ରାଜ୍ୟ ପୂର୍ବପ୍ରାନ୍ତର ୧୭ଟି ଜିଲା ଅତିକ୍ରମ କରି ଚଳିତ ମାସ ୨୨ ତାରିଖ ଭୁବନେଶ୍ୱରରେ ପହଞ୍ଚିବ।

## ପ୍ରଭୁ ଶନିଶ୍ଚର ଠାକୁରଙ୍କ ବାର୍ଷିକୋତ୍ସବ

ଚାରିଛକ, ୧୩।୧ (ଶିଶିର କୁମାର ସ୍ୱାଇଁ)

ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତର ଶିରିକୋଇଲି ଦଣ୍ଡିକିରା ଠାରେ ପୂଜା ପାଉଥିବା ପ୍ରଭୁ ଶନିଶ୍ଚର ଠାକୁରଙ୍କ ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୦୮ ଜଣ ଶ୍ରଦ୍ଧାଳୁ ପୁଣ୍ୟତୋୟା ପ୍ରାଚୀନଦୀର ବନ୍ଦେଶ୍ୱର ଘାଟଠାରୁ କଳସରେ ପାଣିତୋଳି ଆସି ମନ୍ଦିର ନିକଟରେ ସ୍ଥାପନା କରିବା ପରେ ଅକ୍ଷୟ କୁମାର ଆଚାର୍ଯ୍ୟ(ବ୍ରହ୍ମା), ସୂର୍ଯ୍ୟ ନାରାୟଣ ଦାଶ (ମୁଖ୍ୟ ପଣ୍ଡିତ), ପ୍ରକାଶ କୁମାର ଦୀକ୍ଷିତ, ପ୍ରଦୀପ ମିଶ୍ର, ବିକ୍ରମ ପାଢ଼ୀ, କାହ୍ନୁଚରଣ ଦାଶ, ରାଜ କିଶୋର ଦାଶ ପ୍ରମୁଖ ପଣ୍ଡିତମଣ୍ଡଳୀଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅକ୍ଷୟ ପରିଡ଼ା କର୍ତ୍ତା ଭାବେ କାର୍ଯ୍ୟ କରିଥିବାବେଳେ ସୁଚିସ୍ମିତା ପରିଡ଼ା କର୍ତ୍ତୀ ଭାବେ କାର୍ଯ୍ୟ କରିଥିଲେ। ମଙ୍ଗଳବାର ବିଶ୍ୱଶାନ୍ତି ମହାଯଜ୍ଞରେ ପୂର୍ଣ୍ଣାହୁତି ହୋଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପାଲା, ଭଜନ ପ୍ରଭୃତି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଦଣ୍ଡିକିରା ଓ ଶିରିକୋଇଲି ଗ୍ରାମବାସୀଙ୍କ ମିଳିତ ତତ୍ତ୍ୱାବଧାନରେ ଠାକୁରଙ୍କ ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ଆନନ୍ଦବଜାରରେ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଶନିଶ୍ଚର ଠାକୁରଙ୍କ ପ୍ରଥମ ବାର୍ଷିକୋତ୍ସବ ପାଇଁ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଉଦ୍‌ଯାପିତ



ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

## ଗୌରାଙ୍ଗ, ବୀରେନ୍ଦ୍ର, ପୂର୍ଣ୍ଣଚନ୍ଦ୍ର ଓ ପବିତ୍ର ମୋହନଙ୍କୁ ସାରସ୍ୱତ ସମ୍ମାନ

ପୁରୀ, ୧୩।୧ (ଅଜିତ୍ କୁମାର ମହାନ୍ତି)

ବହିର ବାସ୍ନା ଓ ପାଠକଙ୍କ କୋଳାହଳ ଭିତରେ ମଙ୍ଗଳବାର ସନ୍ଧ୍ୟାରେ ୩୦ତମ ପୁସ୍ତକ ମେଳା ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାବିତ୍ ଡ. କୈଳାଶ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ମ୍ୟୁନିସିପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ସହ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଗିରୀଶ ନାୟକ, ବରିଷ୍ଠ ଯୁବ ଅଧିବକ୍ତା ବିଭୁପ୍ରସାଦ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ କମ୍ପ୍ୟୁଟର ଓ ମୋବାଇଲ୍‌ର ଇ–ବହି ବ୍ୟାପକତା ଭିତରେ ବହି ବଞ୍ଚି ରହିଛି ଓ ରହିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ଚକ୍ରଧର ମହାପାତ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ବୀରେନ୍ଦ୍ର ସାମନ୍ତରାୟ, ପ୍ରାବନ୍ଧିକ ଗୌରାଙ୍ଗ ପରିଡ଼ା, ଗବେଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଗୀତାଞ୍ଜଳି ପବ୍ଲିକେଶନ ଓ କବି ପବିତ୍ର ମୋହନ ଦାଶଙ୍କୁ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ଅନାମ ଚନ୍ଦ୍ର ସାହୁ, ରାଜକିଶୋର ମିଶ୍ର, ଜଟାଧାରୀ ମିଶ୍ର, ପ୍ରସନ୍ନ ମିଶ୍ର ମଞ୍ଚାସୀନ ଥିବାବେଳେ, ସମ୍ମାନ ପ୍ରଦାନ ଓ ପୁରସ୍କାର ପ୍ରଦାନ ଉତ୍ସବକୁ ବଦ୍ରି ମିଶ୍ର, ସୁକାନ୍ତ ପଣ୍ଡା, ଶ୍ୟାମ ପ୍ରକାଶ ସେନାପତି ଓ ସ୍ୱାଧୀନ ପଣ୍ଡା ପରିଚାଳନା କରିଥିଲେ। ଏହି ଅବସରରେ ଜ୍ୟୋତିର୍ବିଦ୍ ଅନାମ ସାହୁଙ୍କ ପୁସ୍ତକ ଜ୍ୟୋତିଷ ସୁଧାକରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ବକ୍ତୃତା, ଭାଷାଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ବରିଷ୍ଠ ଓ କନିଷ୍ଠ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିବା ଦଳଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଇହଲୀଳା ସମ୍ବରଣ କରିଥିବା ସୁନୀଲ ରଥ, ଶଙ୍କର ପରିଡ଼ା, ନାରାୟଣ ନନ୍ଦ, ବିମଳ ପ୍ରସାଦ ଦାସ ଓ ଭବାନୀ ପ୍ରସାଦ ବଳିୟାର ସିଂହଙ୍କ ବିୟୋଗରେ ଶୋକବ୍ୟକ୍ତ କରାଯିବା ପରେ ଓଡ଼ିଶା ସଙ୍ଗୀତ ପରିଷଦର କଣ୍ଠଶିଳ୍ପୀମାନେ ଜଗନ୍ନାଥ ବନ୍ଦନା ଗାନ କରିଥିଲେ। ମେଳା କମିଟିର ରଘୁନାଥ ମହାପାତ୍ର, ପୁଷ୍କର ମହାପାତ୍ର, ପ୍ରଫୁଲ୍ଲ ସାମନ୍ତରାୟ, ଶ୍ରୀକାନ୍ତ ମହାନ୍ତି, ବିପିନ ଦଳାଇ ଓ ଭାସ୍କର ମିଶ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଫଟୋରେ ଖବର



ମକର ସଂକ୍ରାନ୍ତି ପାଇଁ ଅଁଳା ବେଢ଼ାକୁ ଚୂନ ଲେପ ଦିଆଯାଉଛି ।



ମହାପ୍ରଭୁଙ୍କ ନବାଙ୍କ ବେଶ ପାଇଁ ମକର ଚୌରାସି ମାଳ ପୁରୀ ଓଡ଼ିଆ ମଠ ପକ୍ଷରୁ ପ୍ରସ୍ତୁତ କରାଯାଉଛି ।




ପୋଙ୍ଗଲ ଅବସରରେ ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ ଆନିମେଶନ । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

**ନିଆଁରେ ଜଳିଗଲା ଆଖୁ ଫସଲ**

କଟକ ସଦର,(ସୁଶାନ୍ତ କୁମାର): କିଶନନଗର ତହସିଲ ପ୍ରହରାଜପୁର ପଞ୍ଚାୟତ ଦକ୍ଷିଣ ସାଇଲୋ ଗ୍ରାମର ଦେଢ଼ ଏକର ଜମିରେ ଥିବା ଆଖୁ ଫସଲରେ ସୋମବାର ହଠାତ୍ ନିଆଁ ଲାଗି ଯାଇଥିଲା। ଫଳରେ ସମ୍ପୂର୍ଣ୍ଣ ଫସଲ ନଷ୍ଟ ହୋଇଯାଇଛି। ଖବର ପାଇ ରଘୁନାଥପୁରରୁ ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲା। ଫସଲ ଜଳିଯିବା ପରେ ଚାଷୀ ସେଖ ଇଲିୟାସ ଅଲ୍ଲୀ ଭାଙ୍ଗି ପଡ଼ିଛନ୍ତି। କାରଣ ଏହି ଚାଷରେ ବୀମା ନାହିଁ। ପାଖ ଧାନ ବିଲରୁ ନିଆଁ ବ୍ୟାପି ଥିବା କୁହାଯାଉଛି। କୃଷି ବିଭାଗ ସମ୍ପୃକ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ଆକାଶରେ ଝଲସିବ ରଙ୍ଗିନ ଗୁଡ଼ି

କଟକ,୧୩।୧(ଶିଳ୍ପା ପ୍ରିୟଦର୍ଶିନୀ)



**ଆଜି ମକର ସଂକ୍ରାନ୍ତି**

ଉଡ଼ି ଉଡ଼ି ଉଡ଼ି..... ଯାରେ ଗୁଡ଼ି, ଖା ନା ଖା ନା ତୁ କାନି..... ଏହି ଗୀତର ତାଳେ ତାଳେ ଜମିବ ଗୁଡ଼ିଉଡ଼ା। ମକର ସଂକ୍ରାନ୍ତିରେ କଟକ ସହରର ଆକାଶରେ ମାଳ ମାଳ ରଙ୍ଗିନ ଗୁଡ଼ିଉଡୁଥିବାର ଦୃଶ୍ୟ ଦେଖିବାକୁ ମିଳେ।

ମକର ସଂକ୍ରାନ୍ତିର କିଛିଦିନ ପୂର୍ବରୁ କଟକବାସୀ ଗୁଡ଼ି ଉଡ଼ାଇବା ପାଇଁ ପ୍ରସ୍ତୁତ ହୋଇଯାନ୍ତି। ଗୁଡ଼ିସୂତା ବିକ୍ରି ପାଇଁ ସହରର ଚୌଧୁରୀ ବଜାର, ନନ୍ଦି ସାହି, କେଉଟ ସାହି, ଝୋଲାସାହି, ପିଠାପୁର ଆଦି ସ୍ଥାନରେ ରହିଛି ଦୋକାନ । ୧୦ଟଙ୍କାରୁ ଆରମ୍ଭ କରି ୨୦୦ ଟଙ୍କା ପର୍ଯ୍ୟନ୍ତ କାଗଜ ଓ ଜରି ଗୁଡ଼ିର ଦାମ୍ ରହିଛି। ଜରି ଗୁଡ଼ିରେ ବିଭିନ୍ନ କାର୍ଟୁନ ଚିତ୍ରଥିବାରୁ ଏହା ପିଲାମାନଙ୍କୁ ଅଧିକ ଆକର୍ଷିତ କରୁଛି। ଚଳିତବର୍ଷ ଡାବା, ଚିଲ, ଚେଙ୍ଗ, ଜରି, ରେଡିୟମ, କାର୍ଟୁନ, ଡୋଇ ଗୁଡ଼ିର ଚାହିଦା ବେଶ ରହିଛି। ନଟେଇର ମୂଲ୍ୟ ୧୦୦ ଟଙ୍କାରୁ ଆରମ୍ଭ କରି ୧୦୦୦ ଟଙ୍କା ପର୍ଯ୍ୟନ୍ତ ଅଛି। ତେବେ ମକର ଦିନ ସହରର ପ୍ରତ୍ୟେକଟି ଛାତ ଉପରେ ଗୁଡ଼ି ଉଡ଼ିବା ସହ ଉଭୟ କାଠଯୋଡ଼ି ଓ ମହାନଦୀ ପଠାରେ ସ୍ୱତନ୍ତ୍ର ଭାବେ ଗୁଡ଼ି ଉଡ଼ା ଯିବ। ସ୍ଥାନୀୟ ଯୁବକମାନେ ଏହି ଗୁଡ଼ି ଉଡ଼ାଇବାର ଆୟୋଜନ କରିଥାନ୍ତି। ଏହି କାର୍ଯ୍ୟକ୍ରମ ସକାଳ ୬ଟାରୁ ସନ୍ଧ୍ୟା ଯାଏ ଚାଲିବ।

ଏବର୍ଷ ଗୁଡ଼ି ବେପାର ବେଶ୍ ଜମୁଥିବା ଚୌଧୁରୀ ବଜାରର ବ୍ୟବସାୟୀ ଗଗନ ସେନାପତି କହିଛନ୍ତି। ପିଲାମାନେ କାର୍ଟୁନ ଗୁଡ଼ି ନେବାକୁ ଆଗ୍ରହ ପ୍ରକାଶ କରୁଥିବାବେଳେ ବଡ଼ମାନେ ଭଳି କି ଭଳି ଭେରାଇଟିର ଗୁଡ଼ି ନେଉଥିବା ବ୍ୟବସାୟୀ ଅମର କୁମାର ଦାସ କହିଛନ୍ତି । ଅନ୍ୟପଟେ ପୋଲିସ ଓ ପ୍ରଶାସନ ପକ୍ଷରୁ ମାଞ୍ଜାସୂତା ଉପରେ କଟକଣା ଲଗାଯାଇଛି। ଚାଇନିଜ, ପ୍ଲାଷ୍ଟିକ ଓ ମାଞ୍ଜାସୂତାରେ ଯଦି କେହି ଗୁଡ଼ି ଉଡ଼ାନ୍ତି କିମ୍ବା ଏହି ସୂତା ବିକ୍ରି କରନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସମସ୍ତ ଥାନାକୁ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

## ନିୟମ ପାଳି ଉତ୍ସବ ମନାଇବି



"ଗୁଡ଼ି ଉଡ଼ାଇବା ବେଳେ ସାଧାରଣ ଲୋକଙ୍କ ସୁରକ୍ଷାକୁ ମଧ୍ୟ ନଜର ରଖିବା ଜରୁରୀ। ଗୁଡ଼ି ଉଡ଼ାଇବା ପାଇଁ ମାଞ୍ଜା ସୂତାକୁ ସଭିଏଁ ବ୍ୟାନ୍ କରନ୍ତୁ। ମୁଁ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ପ୍ଲାଷ୍ଟିକ ସୂତାକୁ ବ୍ୟବହାର ନ କରି ଗୁଡ଼ି ଉଡ଼ାଇବି।

ସୂର୍ଯ୍ୟକାନ୍ତ ନାୟକ

## ମାଞ୍ଜା ସୂତାକୁ ନା



"ପୋଲିସ କଟଣାକୁ ପାଳନ କରି ଉତ୍ସବ ମନାଇବାର ଆବଶ୍ୟକତା ରହିଛି। ମୁଁ ମାଞ୍ଜା ସୂତାକୁ କେବେ ପ୍ରଶ୍ରୟ ଦେଇନାହିଁ, ଏହା କେବଳ ଯାତ୍ରୀଙ୍କ ପ୍ରତି ବିପଦ ନୁହେଁ ବରଂ ଗୁଡ଼ି ଉଡ଼ାଉଥିବା ପିଲାଙ୍କ ପ୍ରତି ମଧ୍ୟ ବିପଦ ପାଲଟିଥାଏ। ଖୋଲା ସ୍ଥାନରେ ସଭିଏଁ ଗୁଡ଼ି ଉଡ଼ାଇବା ଜରୁରୀ।

ଦୀପଙ୍କର ଦାସ

# ଓଡ଼ିଆ ପ୍ରକାଶନ ଜଗତକୁ ପୀତାମ୍ବର ମିଶ୍ରଙ୍କ ଦାନ ଅତୁଳନୀୟ



ସାରସ୍ୱତ ସାଧକ ପୀତାମ୍ବର ମିଶ୍ରଙ୍କ ସ୍ମୃତି ସମାରୋହରେ ଉପସ୍ଥିତ ଅତିଥି।

କଟକ,୧୩।୧(କାର୍ତ୍ତିକ ସାହୁ)

ବିଶିଷ୍ଟ ପ୍ରକାଶକ ଓ ସାରସ୍ୱତ ସାଧକ ପୀତାମ୍ବର ମିଶ୍ରଙ୍କ ସ୍ମୃତି ସମାରୋହ ସାରଳା ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ କହିଲେ ଓଡ଼ିଆ ପ୍ରକାଶନ ଜଗତକୁ ପୀତାମ୍ବର ମିଶ୍ରଙ୍କ ଦାନ ଅତୁଳନୀୟ। ସମ୍ମାନିତ ଅତିଥି ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ କହିଲେ, ନିର୍ଭୁଲ ପ୍ରକାଶନ ପାଇଁ ପୀତାମ୍ବର ବାବାଙ୍କୁ ଲେଖକ ଓ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧା, ସମ୍ମାନ କରୁଥିଲେ। ସମ୍ମାନିତ ଅତିଥି ଡ. ବିଜୟାନନ୍ଦ ସିଂହ କହିଲେ, ପୀତାମ୍ବର ମିଶ୍ର ପ୍ରକାଶନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସ୍ମରଣୀୟ ହୋଇ ରହିବେ। ସମ୍ମାନିତ ଅତିଥି ଡ. ବାବାଜୀ ଚରଣ ପଟ୍ଟନାୟକ କହିଲେ, ପୀତାମ୍ବର ବାବୁଙ୍କ ସାହିତ୍ୟ ଓ ପ୍ରକାଶନରେ ଖୁବ୍ ପାଣ୍ଡିତ୍ୟ ଥିଲା। ସଭାପତି ଡ. ସ୍ୱାଇଁ ଅଭିଭାଷଣରେ ପୀତାମ୍ବର ବାବୁଙ୍କୁ ଜଣେ ସମ୍ଭ୍ରାନ୍ତ ପ୍ରକାଶକ ଭାବେ ଅଭିହିତ କରିଥିଲେ। ଡ. ମହେଶ୍ୱର ମହାନ୍ତି, ଡ. ସୁନାମଣି ରାଉତ, ଡ. ସ୍ମୃତି ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ପ୍ରକାଶକ ଜୀବାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଫୁଲନଖରା,୧୩।୧(ସତ୍ୟରଞ୍ଜନ ଦାସ ମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀସ୍ଥିତ ୱାଲମି ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମୁଖ୍ୟ ବକ୍ତା ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ୱାଲମୀର ନିର୍ଦ୍ଦେଶକ ତଥା ସଫେଇ ବିଭାଗର ମୁଖ୍ୟ ଯନ୍ତ୍ରୀ ଇଂ. ଅବିନାଶ ରାଉଳ, ଜଳସେଚନ ବିଭାଗ ମୁଖ୍ୟ ଯନ୍ତ୍ରୀ ଇଂ. ଦିଲ୍ଲୀପ କୁମାର ରାଉତ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ. ସୁଶାନ୍ତ କୁମାର ମୁନ୍ନା, କଟକ ଅତିରିକ୍ତ ଜିଲାପାଳ ଲିପସା ପ୍ରିୟଦର୍ଶିନୀ ମିଶ୍ର, ୱାଲମୀ ବିଶେଷଜ୍ଞ ସାଧୀନ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ପାଣି ପଞ୍ଚାୟତ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଚୀ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଘୁନାଥ ସ୍ୱାଇଁ, ସଫେଇ ବିଭାଗ ନିର୍ବାହୀ ଯନ୍ତ୍ରୀ ସୌରଭ କୁମାର ସାହୁ, ନର୍ଥ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ସନ୍ଦୀପ କୁମାର, ସାଉଥ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ସିଦ୍ଧାନ୍ତ ଶେଖର ଦାସ, ବ୍ୟାରେଜ ବିଭାଗର ନିର୍ବାହୀ ଯନ୍ତ୍ରୀ ଚନ୍ଦ୍ରଶେଖର ସେଠୀ, ପ୍ରତାପନଗରୀ ଜଳ ସମ୍ପଦ ଉପନିର୍ବାହୀ ଯନ୍ତ୍ରୀ ଇଂ. ଅଜୟ କୁମାର ବେହେରା ପ୍ରତ୍ୟେକ ଡିଭିଜନରେ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ୱାଲମୀ ଓ ପ୍ରତାପନଗରୀ ଜଳ ସମ୍ପଦର ସମସ୍ତ ଯନ୍ତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପାଣି ପଞ୍ଚାୟତ ପକ୍ଷରୁ ବରିଷ୍ଠ ନାଗରିକ ଲଳିତ କୁମାର ଦାଶ ଏବଂ ସମରେନ୍ଦ୍ର ହାତୀ ପାଣି ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷ କରିଥିଲେ। ଏହି ଅବସରରେ ୧୦ଟି ବିଦ୍ୟାଳୟରେ ପାଣି ପଞ୍ଚାୟତ ପକ୍ଷ ପାଳନ ଉପରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ପିଏମ୍‌ଶ୍ରୀ ଉତ୍ସବ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣ କରିବ

କଣ୍ଟାପଡ଼ା,୧୩।୧(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଅଡ଼ଶପୁରସ୍ଥିତ ପିଏମ୍‌ଶ୍ରୀ ପ୍ରାଚୀ ନୋଡାଲ ଏକାଡେମୀ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱପ୍ନପ୍ରିୟା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଏମ୍‌ଶ୍ରୀ ଉତ୍ସବ ଛାତ୍ରୀଛାତ୍ରଙ୍କ ଭବିଷ୍ୟ ନିର୍ମାଣରେ ବେଶ ସହାୟକ ହେବ ବୋଲି କହିଥିଲେ। ଅବସରପ୍ରାପ୍ତ ଅତିରିକ୍ତ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନାୟକ, କଣ୍ଟାପଡା ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ସାହୁ, ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଆୟୋଜକ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜୟ କୁମାର ପାତ୍ର, ଚତୁର୍ଭୁଜ ମହାପାତ୍ର, ଡ. ଦୀନବନ୍ଧୁ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଉତ୍ସବରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆକାଂକ୍ଷା ମେଳା, ଆକାଂକ୍ଷା ଛାତ୍ର ପରିଷଦ ଓ ଦୋକାନ ଯାତ୍ରା ଆଦି ୩ ଗୋଟି ପାଭିଲିୟନ ପ୍ରସ୍ତୁତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଯୁବ ଦିବସରେ କୃତୀ ପ୍ରତିଯୋଗୀ ପୁରସ୍କୃତ

ଚୌଦ୍ୱାର,୧୩।୧(ଆଶୁତୋଷ ଦାସ)

ଚୌଦ୍ୱାରରେ ଜାତୀୟ ଯୁବ ଦିବସ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଯୁବ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିବେକାନନ୍ଦ ସୋସିଆଲ ଡେଭଲପମେଣ୍ଟ ପକ୍ଷରୁ ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ପଡ଼ିଆରେ ଆୟୋଜିତ ଗଣଦୌଡ଼କୁ ଚୌଦ୍ୱାର ଥାନା ଏସ୍‌ଆଇ ଦେବାଶିଷ ମାଝୀ ଓ ସାଇ ଆରତି ଏଣ୍ଟରପ୍ରାଇଜର ଅଧ୍ୟକ୍ଷ ରାଜମୂର୍ତ୍ତି ପଣ୍ଡା ଉଦ୍‌ଘାଟନ କରିଥିଲେ। ଅଞ୍ଚଳର ବହୁ ଛାତ୍ରୀଛାତ୍ର, ଯୁବବର୍ଗ ଓ ସ୍ୱେଚ୍ଛାସେବୀ ଗଣଦୌଡ଼ରେ ଯୋଗଦେଇ ଚୌଦ୍ୱାର ସହର ପରିକ୍ରମା କରିବା ସହିତ ପ୍ରାୟ ୧୧ କି.ମି. ରାସ୍ତା ଅତିକ୍ରମ କରି ପୁଣି ଗୋପବନ୍ଧୁ ପଡ଼ିଆରେ ଏକତ୍ରିତ ହୋଇଥିଲେ। ଅନୁଷ୍ଠାନ ସଭାପତି ଭାସ୍କର ଚନ୍ଦ୍ର ରାଉତରାୟ ଓ ସମ୍ପାଦକ ଅଶ୍ୱିନୀ କୁମାର ଜେନାଙ୍କ ପରିଚାଳନାରେ ଆୟୋଜିତ ଗଣଦୌଡ଼ରେ କାଉନସିଲର ସୁବ୍ରତ କୁମାର ସାମଲ, ସୁଜାତା ସାହୁ, ଶିକ୍ଷକ ମୃତ୍ୟୁଞ୍ଜୟ ପଟ୍ଟନାୟକ, ସହଦେବ ବରାଳ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ, ବକ୍ତୃତା, କୁଇଜ ଓ ପାରମ୍ପରିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ହାଇକୋର୍ଟ ଆଡ୍‌ଭୋକେଟ ସର୍ବେଶ୍ୱର ବେହେରା, ବାବାଜି ବିଶ୍ୱନାଥ ଦାସ, କାଉନସିଲର ବିନୋଦିନୀ ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚୌଦ୍ୱାର ପୋଲିସ ଗଣଦୌଡ଼ ପରିଚାଳନା କରିଥିଲେ।

# ଆଇକନିକ ସ୍ପୋର୍ଟ୍ସ ଫେଡେରେଶନର କଟକ ଚାପ୍ଟର ଉଦ୍‌ଘାଟିତ




ଆଇକନିକ ସ୍ପୋର୍ଟ୍ସ ଫେଡେରେଶନର କଟକ ଚାପ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୧୩।୧(କାର୍ତ୍ତିକ ସାହୁ)

କ୍ରୀଡ଼ାର ବିକାଶ ଦିଗରେ ପ୍ରୟାସ ଜାରିରଖିବ ଆଇକନିକ ସ୍ପୋର୍ଟ୍ସ ଫେଡେରେଶନ ଅଫ୍ କଟକ ଚାପ୍ଟର। ସ୍ଥାନୀୟ ଏକ ହୋଟେଲରେ ସୋମବାର ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ପ୍ରେସିଡେଣ୍ଟ କଟକ ଚାପ୍ଟର ପ୍ରଭାତ ରଞ୍ଜନ ବିଶ୍ୱାଳ, ଆଇଏସ୍ଏଫ୍ ଡାଇରେକ୍ଟର ଡ. ସଞ୍ଜୟ ଚୌଧୁରୀ, ରାଜ୍ୟ ଏକ୍‌ଜିକ୍ୟୁଟିଭ କମିଟି ସଦସ୍ୟ ମାନସ ରଞ୍ଜନ ମହାନ୍ତି, ରିଜିଓନାଲ ମ୍ୟାନେଜର ଦର୍ଶନ କୁମାର ବେହେରା, କଟକ ଜିଲା ସେକ୍ରେଟାରୀ ବିଜୟ ମିଶ୍ର, ଜିଲା ଆବାହକ ସନ୍ତୋଷ କୁମାର ସାହୁ, ଏକ୍‌ଜିକ୍ୟୁଟିଭ ସଦସ୍ୟ ବିଷ୍ଣୁ ପ୍ରସାଦ ମହାପାତ୍ର ପ୍ରମୁଖ ନୂତନ ଚାପଟର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଥିଲେ। ଏହା ଦେଶର ପ୍ରଥମ କର୍ପୋରେଟ ସ୍ପୋର୍ଟ୍ସ ଫେଡେରେଶନ ଏବଂ ତୃଣମୂଳସ୍ତରରେ ପ୍ରତିଭାମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ସହ ରାଜ୍ୟ ଓ ଦେଶସ୍ତରରେ କ୍ରୀଡ଼ାର ପ୍ରସାର ତଥା ବିକାଶ ଦିଗରେ କାର୍ଯ୍ୟ କରିବାକୁ ଫେଡେରେଶନ ପ୍ରତିବଦ୍ଧ ବୋଲି ସେମାନେ କହିଥିଲେ। ଏଥିସହ ଯୁବବର୍ଗଙ୍କୁ କ୍ରୀଡ଼ା ଜରିଆରେ ଶାରୀରିକ ଭାବରେ ମଜଭୁତ କରି ଗଢ଼ି ତୋଳିବାକୁ ଏହା ଲକ୍ଷ୍ୟ ରଖିଛି। ବିଶେଷ କରି ରାଜ୍ୟର କ୍ରୀଡାବିତ୍‌ମାନଙ୍କୁ ପ୍ରୋତ୍ସାହନ ଯୋଗାଇ ସେମାନଙ୍କୁ ଆନ୍ତର୍ଜାତିକ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ପ୍ରସ୍ତୁତ କରିବା ଦିଗରେ ଆଇଏସ୍ଏଫ୍ କାର୍ଯ୍ୟ କରିବ। ଇତି ମଧ୍ୟରେ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଗତ କିଛି ମାସ ମଧ୍ୟରେ ଏକାଧିକ ଜାତୀୟସ୍ତରର କ୍ରୀଡା ପ୍ରତିଯୋଗିତା ଆୟୋଜନ ଏବଂ ଆଇକନିକ କ୍ରୀଡ଼ା ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇସାରିଥିବା ସଞ୍ଜୟ ଚୌଧୁରୀ ପ୍ରକାଶ କରିଥିଲେ। ଆସନ୍ତା ୨୪ ତାରିଖରୁ କର୍ପୋରେଟ ପ୍ରିମିୟର ଲିଗ୍ ଆରମ୍ଭ ହେଉଥିବା ଓ ଏହାର ଫାଇନାଲ ମ୍ୟାଚ କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ପ୍ରଭାତ ବିଶ୍ୱାଳ ଘୋଷଣା କରିଥିଲେ।

# ଆଗ୍ରାହାଟ କପ୍ କ୍ରିକେଟ: ପ୍ରତାପ କ୍ଲବ ବିଜୟୀ

ଚୌଦ୍ୱାର,୧୩।୧(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଆଗ୍ରାହାଟ ସ୍ପୋର୍ଟ୍ସ କ୍ଲବ୍ ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଆଗ୍ରାହାଟ କପ୍ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ତୃତୀୟ ଦିନ ଖେଳରେ ପ୍ରତାପ କ୍ଲବ ୨-୦ରେ ବିଜୟୀ ହୋଇଛି। ପ୍ରତାପନଗରୀର ପ୍ରତାପ କ୍ଲବ ଓ ଚୌଦ୍ୱାର ୱାଏଫ୍‌ସି ମଧ୍ୟରେ ଅନୁଷ୍ଠିତ ଖେଳର ପ୍ରଥମାର୍ଦ୍ଧରେ ପ୍ରତାପନଗରୀ ଗୋଟିଏ ଗୋଲ କରିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଆଉ ଗୋଟେ ଗୋଲ କରି ୨-୦ରେ ବିଜୟୀ ହୋଇଥିଲା। ଖେଳରେ ମୁଖ୍ୟ ଅତିଥି ଭାବେ ଇମ୍ଫାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ କୁମାର ବସନ୍ତିଆ, କାଉନସିଲର ଆଶୁତୋଷ ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରେଫରି ଏସ.କେ. କଲାମ, ଲାଇନମ୍ୟାନ ଭାବେ ଫଗୁରାମ ମୁର୍ମୁ ଓ ରାମଚନ୍ଦ୍ର ଆଲଦା ଖେଳ ପରିଚାଳନା କରିଥିଲେ। ଶିବ ପ୍ରସାଦ ପରିଡ଼ା, ଲୋକନାଥ ମାଝୀ, ପୀୟୂଷ ପରିଡା, ଜଗନ୍ନାଥ ପରିଡା, ଅନିରୁଦ୍ଧ ପରିଡା, ଅମିତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅରିଲୋ ଧାନମଣ୍ଡି ସ୍ଥାନ ନିରୂପଣ ନେଇ ବିବାଦ

କଟକ ସଦର,୧୩।୧(ସୁଶାନ୍ତ କୁମାର ଜେନା)

**ପଞ୍ଜୀକୃତ ଚାଷୀଙ୍କ ମତାମତ ନେବାକୁ ଦାବି**

କଟକ ସଦର ବ୍ଲକ ଅନ୍ତର୍ଗତ ଅରିଲୋ ସେବା ସମବାୟ ସମିତି ଦ୍ୱାରା ପରିଚାଳିତ ଧାନ ମଣ୍ଡି ଅଦ୍ୟାବଧି ଖୋଲିନାହିଁ। ମଣ୍ଡି ଖୋଲିବା ସ୍ଥାନ ନିରୂପଣକୁ ନେଇ ବିବାଦ ଦେଖାଦେଇଛି। ୧୦ ବର୍ଷ ହେବ ମଣ୍ଡି ସୋମପୁର ନିକଟ କଟକ-ପାରାଦୀପ ରାସ୍ତା ପାର୍ଶ୍ୱରେ ଖୋଲୁ ଥିଲା। କିନ୍ତୁ ଚଳିତବର୍ଷ କେତେଜଣ ଚାଷୀ ଅରିଲୋ ପଞ୍ଚାୟତ ନିକଟ ସମିତି କାର୍ଯ୍ୟାଳୟରେ ଖୋଲିବା ପାଇଁ ଦାବି କରୁଛନ୍ତି। ଏହି ଘଟଣାର ଅନ୍ତ ଘଟାଇବା ପାଇଁ କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ନିର୍ଦ୍ଦେଶରେ କଟକ ଜିଲା ସହକାରୀ ସମବାୟ ନିବନ୍ଧକ ଶରତ କୁମାର ମଲ୍ଲିକ ସରଜମିନ ତଦନ୍ତ କରିଥିଲେ। ଉଭୟ ଗୋଷ୍ଠୀ ନିଜ ନିଜ ଜିଦରେ ଅଟଳ ରହିବାରୁ ସମାଧାନର ବାଟ ବାହାରି ପାରୁନାହିଁ। ଅନ୍ୟପକ୍ଷରେ ଉକ୍ତ ସମିତିରେ ଧାନ ବିକ୍ରି ପାଇଁ ନାମ ପଞ୍ଜୀକୃତ କରିଥିବା ଚାଷୀମାନଙ୍କ ମତ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ ପାଇଁ ଅଗ୍ରଣୀ ଚାଷୀମାନେ ଦାବି କରିଛନ୍ତି। ସଂଖ୍ୟାଧିକ ଚାଷୀ ଯେଉଁ ସ୍ଥାନ ପାଇଁ ଭୋଟ ଦେବେ ସେହି ସ୍ଥାନରେ ହିଁ ମଣ୍ଡି ଖୋଲିବ। ନୂଆ ସ୍ଥାନକୁ ୧୪ ଚକିଆ ଟ୍ରକ୍ ଯିବା ପାଇଁ ରାସ୍ତା ନାହିଁ ବୋଲି ସହକାରୀ ସମବାୟ ନିବନ୍ଧକଙ୍କୁ ଜଣାଇ ସାରିଛନ୍ତି। ଶୀଘ୍ର ମଣ୍ଡି ଖୋଲିବା ଉପରେ ନିଷ୍ପତ୍ତି ନିଆ ନ ଗଲେ ଆଇନଗତ ପଦକ୍ଷେପ ନେବା ପାଇଁ ବାଧ୍ୟ ହେବି ବୋଲି ଉପଜିଲାପାଳ ଦେଓ କହିଛନ୍ତି।

# ୩୦ ଚାଷୀଙ୍କଠାରୁ ୭୬୨ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ କ୍ରୟ

ଖୁଣ୍ଟୁଣୀ,୧୩।୧(ସଚ୍ଚିଦାନନ୍ଦ ପଣ୍ଡା)

**ଖୁଣ୍ଟୁଣୀ ଗାନ୍ଧୀ ପଡ଼ିଆଠାରେ ଧାନ ମଣ୍ଡି ଉଦ୍‌ଘାଟିତ**



ଖୁଣ୍ଟୁଣୀ ଗାନ୍ଧୀ ପଡ଼ିଆଠାରେ ଧାନ ମଣ୍ଡି ଉଦ୍‌ଘାଟନ କରାଯାଉଛି।

ଚାଷୀଙ୍କ ଦୀର୍ଘଦିନର ପ୍ରତୀକ୍ଷା ପରେ ଖୁଣ୍ଟୁଣୀ ଗାନ୍ଧୀ ପଡିଆଠାରେ ମଙ୍ଗଳବାର ଧାନ ମଣ୍ଡି ଖୋଲିଛି। ପ୍ରାୟ ୩୦ଜଣ ଚାଷୀ ପ୍ରଥମ ଦିନରେ ଟୋକନ ପାଇ ସୋମବାର ସନ୍ଧ୍ୟାପରଠାରୁ ମଣ୍ଡିକୁ ସେମାନଙ୍କ ଧାନ ଆଣି ରଖିଥିଲେ। ସମୁଦାୟ ୩୦ଜଣ ଚାଷୀଙ୍କଠାରୁ ୭୬୨ କୁଇଣ୍ଟାଲ ୩୯ କେଜି ଧାନ ସଂଗ୍ରହ କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଆଠଗଡ଼ ଭାଜପା ନେତା ଅଭୟ କୁମାର ବାରିକ ପହଞ୍ଚିଥିଲେ। ଏହା ପରେ ଉପସ୍ଥିତ ଆଠଗଡ଼ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଯଦୁମଣି ନାୟକ, ଖୁଣ୍ଟୁଣୀ ସୋସାଇଟି ସମ୍ପାଦକ ବିଜୟ କୁମାର ପରିଡା, ପଞ୍ଚାୟତ ଅଧିକାରୀ ଶୁଭ୍ରାଂଶୁ ବେହେରା, ଖୁଣ୍ଟୁଣୀ ଭାଜପା ମଣ୍ଡଳ ସଭାପତି ଶୋଭମ ପ୍ରିୟଦର୍ଶୀ, ଯୁବନେତା ତପନ ପ୍ରଧାନ, ସୌମ୍ୟରଞ୍ଜନ ପଣ୍ଡା, ପରେଶ ସାହୁ, ନିଗମାନନ୍ଦ ପ୍ରଧାନ ପ୍ରମୁଖ ଭାଜପାର କାର୍ଯ୍ୟକର୍ତ୍ତା ଧାନ ଉଠାଇବା ଆରମ୍ଭ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ବରିଷ୍ଠ ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା ଉପସ୍ଥିତ ରହି ସହଯୋଗ କରିଥିଲେ। ମଣ୍ଡି ଉଦ୍‌ଘାଟନ ପରେ ଚାଷୀଙ୍କଠାରୁ ଧାନ କ୍ରୟ ବେଳେ ଯେପରି କଟନୀ ଛଟନୀ ନ ହୁଏ ଏବଂ ମାପ ଓଜନରେ ଠିକ ରହେ ତାହା ଦେଖିବାକୁ ପରାମର୍ଶ ଦିଆଯାଇଛି। ରାତି ସାଢ଼େ ଆଠଟା ଯାଏ ଧାନ ଉଠିଥିବା ସମ୍ପାଦକ ପରିଡା କହିଛନ୍ତି।

## ଫଟୋରେ ଖବର



ଡ୍ରିମ୍‌ସରେ ଅନୁଷ୍ଠିତ ଇଣ୍ଟର ୟୁନିଭରସିଟି କ୍ରିକେଟ୍ ଟୁର୍ନାମେଣ୍ଟରେ ଖେଳାଳିଙ୍କ ଗହଣରେ ଡ୍ରିମ୍‌ସ ଚେୟାରମ୍ୟାନ ଡ. ପ୍ରମୋଦ ଚନ୍ଦ୍ର ରଥ ଓ ଅନ୍ୟ ଅତିଥିମାନେ।



କଟକର ଗଣମାଧ୍ୟମ ପ୍ରତିନିଧିମାନେ ମଙ୍ଗଳବାର ସିଡିଏ ସେକ୍ଟର-୬ ରିଙ୍ଗରୋଡ୍ ପାର୍ଶ୍ୱରେ ପଡ଼ିରହିଥିବା ବାଲି ସଫା କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ୨୦୩୦ ସୁଦ୍ଧା ୧୦ କାର୍ ଲଞ୍ଚ୍ କରିବ ହୋଣ୍ଡା

## ଏଲିଭେଟ୍ ଏଡିଭି ଏଡିଶନର ଶୁଭାରମ୍ଭ

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)

ପ୍ରିମିୟମ କାର୍‌ଗୁଡିକର ଏକ ଅଗ୍ରଣୀ ନିର୍ମାତା ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ପକ୍ଷରୁ ନିକଟରେ ଏଲିଭେଟ୍ ଏଡିଭି ଏଡିଶନର ଶୁଭାରମ୍ଭ କରାଯାଇଛି। ଏହି ନୂତନ ଫ୍ଲାଗ୍‌ଶିପ ଗ୍ରେଡ୍ ଏକ ଅଧିକ ସ୍ପୋର୍ଟି ଓ ସ୍ୱତନ୍ତ୍ର ଲୁକ୍‌ରେ ଏଲିଭେଟ୍‌ର ମଜଭୁତ ଡିଜାଇନ, ଉତ୍ସାହଜନକ ଆଇ-ଭିଟିଇସି ପ୍ରଦର୍ଶନ ଓ ଆଡ୍‌ଭାନ୍ସଡ ହୋଣ୍ଡା ସେନ୍ସିଂ ସେଫ୍ଟି ଫିଚରଗୁଡିକୁ ଏକତ୍ରିତ କରିଛି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍‌ର ମାର୍କେଟିଂ ଓ ସେଲ୍‌ସ ବିଭାଗର ଉପାଧ୍ୟକ୍ଷ କୁନାଲ ବେହେଲ ଓ କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ବିବେକ ସିଂହ ବିସ୍ତୃତ ସୂଚନା ଦେଇଛନ୍ତି। କୁନାଲ କହିଛନ୍ତି, ଭୁବନେଶ୍ୱର ଭଳି ବଜାର ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଜାରି ରଖିଛି। ହୋଣ୍ଡା ସିଟି, ହୋଣ୍ଡା ଏଲିଭେଟ୍ ଓ ହୋଣ୍ଡା ଆମେଜ ସମେତ ଆମର ସମସ୍ତ ମଡେଲକୁ ଓଡ଼ିଶାରେ ନିରନ୍ତର ଭାବେ ଗ୍ରହଣ କରାଯାଉଛି। ନୂଆ ଏଲିଭେଟ୍ ଏଡିଭି ଏଡିଶନ ଗ୍ରାହକଙ୍କ ସହ ଦୃଢ଼ ଭାବେ ପ୍ରତିଧ୍ୱନିତ୍ୱ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।



ଭୁବନେଶ୍ୱରରେ ଏଲିଭେଟ୍ ଏଡିଭି ଏଡିଶନର ଶୁଭାରମ୍ଭ ଅବସରରେ କୁନାଲ ବେହେଲ ଓ ବିବେକ ସିଂହ ଉପସ୍ଥିତ ଅଛନ୍ତି। (ଫଟୋ- ବିକାଶ ନାୟକ)

୨୦୩୦ ସୁଦ୍ଧା ୭ଟି ଏସ୍‌ୟୁଭି ସମେତ ୧୦ଟି ଲଞ୍ଚ କରିବ ବୋଲି ସେ ସୂଚନା ଦେଇଛନ୍ତି। ଏଚ୍‌ସିଆଇଏଲ୍‌ର ପ୍ରଥମ ବ୍ୟାଟେରି ଇଲେକ୍ଟ୍ରିକ ଯାନ ହୋଣ୍ଡା ୦(ଆଲ୍‌ଫା) ମଧ୍ୟ ୨୦୨୬-୨୭ ଆର୍ଥିକ ବର୍ଷର ୨ୟ ଭାଗରେ ଶୁଭାରମ୍ଭ କରାଯିବ । ନୂଆ ଇଭି ସିରିଜ ହୋଣ୍ଡା ୦ (ଜିରୋ) ସିରିଜର ଏକ ଅଂଶ, ହୋଣ୍ଡା ୦ (ଆଲ୍‌ଫା)କୁ ଜାପାନ ମୋବିଲିଟି ଶୋ' ୨୦୨୫ରେ ଏକ ପ୍ରୋଟୋଟାଇପ ଭାବେ ପ୍ରଦର୍ଶିତ କରାଯାଇଥିଲା। ଏହି ମଡେଲ ହୋଣ୍ଡା ୦ ସିରିଜର ଦୁନିଆରେ ଏକ ପ୍ରମୁଖ 'ଗେଟ୍‌ୱେ ମଡେଲ' ଭାବେ କାର୍ଯ୍ୟ କରିବ। ହୋଣ୍ଡାର 'ମେକ୍ ଇନ୍ ଇଣ୍ଡିଆ' ଲକ୍ଷ୍ୟକୁ ସୁଦୃଢ଼କରି ହୋଣ୍ଡା ୦ (ଆଲ୍‌ଫା)କୁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯିବ ଏବଂ ଅନ୍ୟ ଅନ୍ତର୍ଜାତୀୟ ବଜାରଗୁଡ଼ିକୁ ରପ୍ତାନି କରାଯିବ। ଭୁବନେଶ୍ୱରରେ ଏଲିଭେଟ୍ ଏଡିଭି ସଂସ୍କରଣର ସିଙ୍ଗଲ-ଟୋନ ବିକଳ୍ପ ପାଇଁ (ଏମ୍‌ଟି) ଭାରିଆଣ୍ଟର ମୂଲ୍ୟ ୧୫,୩୮,୯୯୦ ଟଙ୍କା (ଏକ୍ସ ଶୋ'ରୁମ୍) ରହିଥିବାବେଳେ ଡୁଆଲ-ଟୋନ୍ ସଂସ୍କରଣର ମୂଲ୍ୟ ୧୫,୫୮,୯୦୦ ଟଙ୍କା ରହିଛି। ସେହିଭଳି ସିଭିଟି ଭାରିଆଣ୍ଟ ସିଙ୍ଗଲ୍-ଟୋନ୍ ବିକଳ୍ପ ପାଇଁ ୧୬,୫୬,୭୯୦ ଟଙ୍କା ଏବଂ ଡୁଆଲ-ଟୋନ୍ ବିକଳ୍ପ ପାଇଁ ୧୬,୭୬,୭୯୦ ଟଙ୍କାରେ ଉପଲବ୍ଧ। ଏଲିଭେଟ୍ ଏଡିଭିରେ ଉଭୟ ଏକ୍ସଟେରିୟର ଓ ଇଣ୍ଟେରିୟର ପରିବର୍ତ୍ତନ କରାଯାଇଛି। ଏକ୍ସଟେରିୟର ଡିଜାଇନ ବୋଲ୍ଡ ଏକ୍ସକ୍ଲୁସିଭ ଅପ୍‌ଗ୍ରେଡ୍ ହାସଲ କରିଛି।

# ବଢ଼ୁଛି ବିଏମ୍‌ଡବ୍ଲ୍ୟୁ ଚାହିଦା

## ରେକର୍ଡ ସଂଖ୍ୟକ ବିକ୍ରି

ଭୁବନେଶ୍ୱର,୧୩।୧ (ଅନୁରାଧା ମହାରଣା)

ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆ ସର୍ବାଧିକ ବାର୍ଷିକ କାର୍ ବିକ୍ରୟ ରେକର୍ଡ କରିଛି। କମ୍ପାନୀ ୨୦୨୫ରେ ୧୮,୦୦୧ କାର୍ ବିକ୍ରି କରିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୪%ରୁ ଅଧିକ ଅଭିବୃଦ୍ଧି ହାସଲ କରିଛି। ବିଏମ୍‌ଡବ୍ଲ୍ୟୁ ୧୭,୨୭୧ ୟୁନିଟ୍ ଏବଂ ମିନି ୭୩୦ ୟୁନିଟ୍ ଡେଲିଭରି କରିଛି। ବିଏମ୍‌ଡବ୍ଲ୍ୟୁ ମୋଟୋରାଡ୍ ୫,୮୪୧ ମୋଟରସାଇକେଲ ଡେଲିଭର କରିଛି। ତ୍ରୈମାସିକ ୪(ଅକ୍ଟୋବର- ଡିସେମ୍ବର) କାର୍ ବିକ୍ରୟ ସର୍ବକାଳୀନ ସର୍ବାଧିକ ୬,୦୨୩ ୟୁନିଟ୍ ଥିଲା ଯାହା ୧୭% ବାର୍ଷିକ ଅଭିବୃଦ୍ଧିକୁ ଦର୍ଶାଉଛି। ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ସଭାପତି ଏବଂ ସିଇଓ ହରଦୀପ ସିଂହ ବ୍ରାର୍ କହିଛନ୍ତି, ଇଣ୍ଟରନାଲ କମ୍ବସନ ଇଞ୍ଜିନ ହେଉ କିମ୍ବା ଇଲେକ୍ଟ୍ରିକ ଭେହିକଲ, ଏସ୍‌ଏଭି କିମ୍ବା ସେଡାନ କିମ୍ବା ଲଙ୍ଗ୍ ହୁଇଲବେସ୍ ମଡେଲ ସେଗ୍‌ମେଣ୍ଟଗୁଡ଼ିକ ମଧ୍ୟରେ ବିକ୍ରୟ ବୃଦ୍ଧିପାଉଛି। ସୂଚନା ଥାଉକି, ୨୦୨୫ ମସିହାରେ ବିଏମଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆ ଆଗ୍ରେସିଭ ପ୍ରଡକ୍ଟ ଅଫେନ୍ସିଭ ଆରମ୍ଭକରି ୨୦ଟି ନୂତନ ଉତ୍ପାଦ ଲଞ୍ଚ କରିଥିଲା।

# ବିଓଆଇ ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ


ବିଓଆଇ କେନ୍ଦୁଝର ଅଞ୍ଚଳ କାର୍ଯ୍ୟାଳୟରେ ହିନ୍ଦୀ ଦିବସ ପାଳନ ଅବସରରେ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଅଞ୍ଚଳ ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦୁଝର ଅଞ୍ଚଳର ଉପ-ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ କୁମାର ବେହେରାଙ୍କ ସମେତ କେନ୍ଦୁଝର ଅଞ୍ଚଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବିଶ୍ୱ ହିନ୍ଦୀ ଦିବସ ଅବସରରେ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ଏବଂ ରାଜଭାଷାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସେମିନାର ଆୟୋଜନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା କ୍ଷେତ୍ରୀୟ କାର୍ଯ୍ୟାନ୍ୱୟନ କାର୍ଯ୍ୟାଳୟ (ପୂର୍ବାଞ୍ଚଳ), ଗୃହ ମନ୍ତ୍ରଣାଳୟର ଅନୁସନ୍ଧାନ ଅଧିକାରୀ ଓମ୍‌ପ୍ରକାଶ ପ୍ରସାଦ ରାଜଭାଷା ସହ ଜଡ଼ିତ ଆଇଟି ଉପକରଣର ବ୍ୟବହାର ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସହାୟକ ମହାପ୍ରବନ୍ଧକ ମଉ ମିତ୍ରା ଉପସ୍ଥିତ ରହି ବ୍ୟାଙ୍କ ଅଫ୍ ଇଣ୍ଡିଆ, ପ୍ରଧାନ କାର୍ଯ୍ୟାଳୟକୁ ସମ୍ବୋଧିତ କରିଥିଲେ ଏବଂ କେନ୍ଦୁଝର ଅଞ୍ଚଳ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଉପ-ଆଞ୍ଚଳିକ ପ୍ରବନ୍ଧକ ବେହେରା ହିନ୍ଦୀ କେବଳ ଆମର ରାଜଭାଷା ନୁହେଁ ବରଂ ଭାରତର ସାଂସ୍କୃତିକ ଏକତା ଏବଂ ପରିଚୟ ପାଇଁ ଏକ ସଶକ୍ତ ମାଧ୍ୟମ ବୋଲି କହିଥିଲେ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବଦିବସ

ଭୁବନେଶ୍ୱର,୧୩।୧(ଅନୁରାଧା ମହାରଣା)

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ସୋମବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ. ଚିତ୍ତରଞ୍ଜନ ମିଶ୍ର ଅଧ୍ୟକ୍ଷତାକରି କହିଥିଲେ, ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ଜୀବନ ଯାପନ ସହ ଗୁରୁଙ୍କ ପାଖରେ ସମର୍ପଣ ଭାବ ଦ୍ୱାରା ଚରିତ୍ର ଗଠନ ସହ ରାଷ୍ଟ୍ରଗଠନ ସମ୍ଭବ। ମୁଖ୍ୟବକ୍ତା ଭାବେ ଭାରତୀୟ ଦର୍ଶନଶାସ୍ତ୍ର ସମାଜର ବରିଷ୍ଠ ସଦସ୍ୟ ତଥା ଏକାମ୍ର କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ଏବଂ ବିଶିଷ୍ଟ ବକ୍ତା ଡ. ନିରଞ୍ଜନ ପାଢ଼ୀ ମଣିଷ ଭିତରେ ଈଶ୍ୱର ସତ୍ତାକୁ ଉପଲବ୍ଧ କରିବା, ନିଜେ ନିଜର ପରିଚୟ ସୃଷ୍ଟିକରିବା, ମାନବତାବାଦକୁ ବଜାୟ ରଖିବା ପାଇଁ କହିଥିଲେ। ନିଜର ଧୀମତ୍ତାକୁ ପରିମାର୍ଜିତ କରି ବିବେକହୀନ ହେବା ପରିବର୍ତ୍ତେ ଈଶ୍ୱର ପୂଜାକୁ ପଛକରି ମାନବ ସେବାରେ ସମର୍ପଣ ଭାବ ରଖିପାରିଲେ ଭାରତ ବିଶ୍ୱଗୁରୁ ହେବା ସହ ୟୁଥ୍ ଫର୍ ଇଣ୍ଡିଆ ଏବଂ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ବୋଲି କହିଥିଲେ। ବଡଲୋକ ହେବା ପଛରେ ନ ଗୋଡାଇ ଭଲ ଲୋକ ହେବାକୁ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ତ୍ରିବିକ୍ରମ ଷଡ଼ଙ୍ଗୀ ପରାମର୍ଶ ଦେଇଥିଲେ। ଉପାଧ୍ୟକ୍ଷ ଡ. ରୁଦ୍ରମୋହନ ନନ୍ଦ ଧନ୍ୟବାଦ ଦେଇଥିଲେ।




# ନ୍ୟୁ ସେଲ୍ଟସ ଅନାବରଣ କଲା ତୃପ୍ତି କିଆ

ଭୁବନେଶ୍ୱର,୧୩।୧ (ଅନୁରାଧା ମହାରଣା)

କିଆ ମୋଟର୍ସର ନୂଆ ଓ ଅତ୍ୟାଧୁନିକ ଏସ୍‌ୟୁଭି ମଡେଲ ନ୍ୟୁ ସେଲ୍ଟସ ଭୁବନେଶ୍ୱରସ୍ଥିତ ତୃପ୍ତି କିଆରେ ଅନାବରଣ କରାଯାଇଛି। ନୂଆ ସେଲ୍ଟସ ୮ଟି ଭେରିଆଣ୍ଟରେ ଉପଲବ୍ଧ ଅଛି, ଯାହାର ମୂଲ୍ୟ ୧୦.୯୯ ଲକ୍ଷ ଟଙ୍କାରୁ ଆରମ୍ଭ। ଗ୍ରାହକଙ୍କୁ ପେଟ୍ରୋଲ ଏବଂ ଡିଜେଲ ଉଭୟ ଇଞ୍ଜିନର ବିକଳ୍ପ ଦିଆଯାଇଛି। ଏହି ମଡେଲ ଏକ ପ୍ରଗତିଶୀଳ ଟ୍ରିନିଟି ଡିସ୍‌ପ୍ଲେ, ୧୦-ୱେ ପାୱାର ଡ୍ରାଇଭର ସିଟ୍ ସହିତ ମେମୋରି ଫଙ୍କସନ, ଏଲଇଡିଡିଆର୍‌ଏଲ୍. ସହିତ ୱେଲ୍‌କମ୍ ଫଙ୍କସନ ଆଦି ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ। ପୂର୍ବ ମଡେଲ ତୁଳନାରେ ଏଥିରେ ଅଧିକ ସ୍ଥାନ, ଅଧିକ ଗ୍ରାଉଣ୍ଡ କ୍ଲିଅରାନ୍ସ, ଲମ୍ବ ଓ ଓସାର ରହିଛି ଏବଂ ଏହା ୧୨ଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ। ମୂଳ ଭାରିଆଣ୍ଟରୁ ହିଁ ଅଟୋମେଟିକ ଏସି ଏବଂ କ୍ରୁଜ୍ କଣ୍ଟ୍ରୋଲ ଭଳି ସୁବିଧା ରହିଛି। ଅନାବରଣ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ଅତିଥି ଭାବରେ ଯୋଗଦେଇଥିବାବେଳେ ତୃପ୍ତି କିଆର ମ୍ୟାନେଜିଂ ଡାଇରେକ୍ଟର ବଦ୍ରିନାରାୟଣ ସାମନ୍ତରାୟ କହିଛନ୍ତି, ନ୍ୟୁ ସେଲ୍ଟସର ଡିଜାଇନ, ପ୍ରଦର୍ଶନ ଓ ଟେକ୍ନୋଲୋଜିରେ ସମ୍ପୂର୍ଣ୍ଣ ସନ୍ତୁଳନ ରକ୍ଷା କରିବା ସହ ଓଡ଼ିଶାର ଗ୍ରାହକଙ୍କ ପାଇଁ ଏକ ଆଦର୍ଶ ଏସ୍‌ୟୁଭି ହେବ। କାର୍ଯ୍ୟକ୍ରମରେ ଡାଇରେକ୍ଟର ରୁଦ୍ରନାରାୟଣ ସାମନ୍ତରାୟ ଏବଂ ଜେନେରାଲ ମ୍ୟାନେଜର ଗୋପାଳ ସିଂହ ମଧ୍ୟ ଉପସ୍ଥିତ ଥିଲେ।




## ଅପରାଧ

# ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୧୩।୧ (ସତ୍ୟଜିତ ରାଉତ)

ଇନ୍‌ଫୋସିଟି ଥାନା ଅଞ୍ଚଳର ଏକ ବସ୍ତିରୁ ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିବା ମାମଲାରେ ଭୁବନେଶ୍ୱରସ୍ଥିତ ଆଡହକ୍ ଅତିରିକ୍ତ ଦୌରାଜଜ୍ ତଥା ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ମଙ୍ଗଳବାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କୁ ଅଦାଲତ ୨୦ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ପୀଡ଼ିତାଙ୍କ ବସ୍ତିରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ନନ୍ଦିପୁର ଗ୍ରାମର ମନୋଜ ଶେଖର ମଲ୍ଲିକ। ତାଙ୍କୁ ମୋଟ ୮ ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ବିଚାରପତି ସରୋଜ କୁମାର ସାହୁ ରାୟ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କ ସହ ହୋଇଥିବା ଶାରୀରିକ ଏବଂ ମାନସିକ ଆଘାତକୁ ବିଚାର କରି ଓଡ଼ିଶା ପୀଡ଼ିତା କ୍ଷତି ପୂରଣ ଯୋଜନା ଅନୁଯାୟୀ କ୍ଷତିପୂରଣ ବାବଦକୁ ୪ ଲକ୍ଷ ଟଙ୍କା ଦେବାକୁ ଖୋର୍ଦ୍ଧା ଜିଲା ଆଇନଗତ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଅପରାଧର ଶିକାର ହେବାବେଳେ ପୀଡ଼ିତାଙ୍କୁ ୧୫ବର୍ଷ ହୋଇଥିଲା। ୨୦୨୧ ଡିସେମ୍ବର ୨୨ ସକାଳେ ପୀଡ଼ିତାଙ୍କୁ ମନୋଜ ଅପହରଣ କରି ନେଇଯିବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏନେଇ ପୀଡିତାଙ୍କ ମା'ଙ୍କ ଏତଲାକ୍ରମେ ଇନ୍‌ଫୋସିଟି ଥାନାରେ ପୋକ୍‌ସୋ ଆକ୍ଟ ସମେତ ଆଇପିସିର ବିଭିନ୍ନ ଦଫାରେ ଏକ ମାମଲା (ନଂ.୨୮୬/୨୦୨୧) ରୁଜୁ ହୋଇଥିଲା। ତଦନ୍ତ ସମୟରେ ପୋଲିସ ଟିମ୍ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ମନୋଜଙ୍କୁ ଗିରଫ କରିଥିଲା। ଶୁଣାଣି ସମୟରେ କୋର୍ଟ ୮ ଜଣଙ୍କ ସାକ୍ଷୀ ଓ ୫୩ଟି ଦସ୍ତାବିଜକୁ ଆଧାର କରି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ସାସ୍‌ମଲ୍ ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ମାମଲା ପରିଚାଳନା କରୁଥିଲେ।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: ଏସି ମେକାନିକ୍ ଗିରଫ

ଭୁବନେଶ୍ୱର,୧୩।୧(ତ୍ରିନାଥ ମହାନ୍ତି)

ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଜଣେ ଏସି ମେକାନିକଙ୍କୁ ମହିଳା ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳର ମୁଜିବୁର୍ ରେହମାନ(୩୫)।

ପୋଲିସ ସୂଚନାନୁସାରେ, ନାବାଳିକାଙ୍କ ମା' ଏସି ମରାମତି କରିବାକୁ ମେକାନିକ୍ ମୁଜିବୁର୍‌ଙ୍କୁ ଡକାଇଥିଲେ। ମୁଜିବୁର୍ ତାଙ୍କ ଘରେ ପହଞ୍ଚିବା ବେଳକୁ ନାବାଳିକା ଜଣକ ଏକାକୀ ଥିଲେ। ମୁଜିବୁର୍ ମରାମତି କରିବା ସମୟରେ ନାବାଳିକା ଉପରେ ଲୋଲୁପ ଦୃଷ୍ଟି ପକାଇଥିଲା। ସୁଯୋଗ ଦେଖି ତାଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ନାବାଳିକା ଚିତ୍କାର କରିବାରୁ ତାଙ୍କୁ ମାଡ଼ ମାରିଥିଲେ। କୈଶଳକ୍ରମେ ନାବାଳିକା ଘରୁ ବାହାରକୁ ପଳାଇ ଆସିବାରୁ ମୁଜିବୁର୍ ଫେରାର ହୋଇ ଯାଇଥିଲେ। ଏନେଇ ନାବାଳିକା ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିବା ସହ ମଙ୍ଗଳବାର ମୁଜିବୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ୫ ପରୀକ୍ଷାର୍ଥୀଙ୍କୁ ସିବିଆଇ ଜେରା

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

ଭୁବନେଶ୍ୱର,୧୩।୧(ତ୍ରିନାଥ ମହାନ୍ତି)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ତାର ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରିଛି। ମଙ୍ଗଳବାର ସିବିଆଇ ୫ଜଣ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିଛି। ଓପିଆର୍‌ବି ଏବଂ ସିଲିକନ୍ ଟେକ୍ ଲାବ୍‌ର ଗୁପ୍ତ ସମ୍ପର୍କ ବିଷୟରେ ଜାଣିବା ପାଇଁ ୫ଜଣ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିଥିଲା। ଏହି ୫ ଜଣକୁ ହାଜର ହେବାକୁ ସିବିସିଆଇବି ପକ୍ଷରୁ ସମନ ହୋଇଥିଲା। ୩ଜଣ ପରୀକ୍ଷାର୍ଥୀଙ୍କ ସହ ଆଉ ଦୁଇଜଣ ବ୍ୟକ୍ତିଗତ ଭାବେ ହାଜର ହୋଇଥିବା ସିବିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଘଟଣାରେ ପ୍ରଥମେ ପୋଲିସ ତଦନ୍ତ କରି ୧୧୭ ଜଣଙ୍କୁ ଗିରଫ କରିଥିଲା। ହେଲେ ମାମଲା ଅତି ସଙ୍ଗିନ ଥିବାରୁ ଏହାକୁ ସିବିଆଇ ତଦନ୍ତ ପାଇଁ ସୁପାରିସ କରିଥିଲେ ରାଜ୍ୟ ସରକାର। ସିବିଆଇ ଘଟଣାର ତଦନ୍ତ କରି ଆଉ କିଛି ଅଭିଯୁକ୍ତଙ୍କୁ ବାନ୍ଧିଥିଲା। ଦୀର୍ଘ ଦିନର ତଦନ୍ତ ପରେ ସିବିଆଇ ପ୍ରାଥମିକ ଚାର୍ଜଶିଟ୍ ଦାଖଲ କରିଛି। ଯେଉଁଥିରେ ୧୬ଜଣଙ୍କ ବିରୋଧରେ ତଥ୍ୟ ପ୍ରମାଣ ଥିବା ସିବିଆଇ ଦର୍ଶାଇଛି। ଏହି ଚାର୍ଜଶିଟ୍‌ରେ ଶଙ୍କର ପୃଷ୍ଟି, ମୁନା ମହାନ୍ତି, ସୁରେଶ ନାୟକ, ସୌମ୍ୟା ପ୍ରିୟଦର୍ଶିନୀ, ରିଙ୍କୁ ମହାରଣା , ବିରଞ୍ଚି ନାୟକ, ନୀତୀଶ କୁମାର ସମେତ ଅନେକ ରହିଛନ୍ତି। ତେବେ ଚାର୍ଜଶିଟ୍ ଦାଖଲ ହୋଇଥିବା ୧୬ ଅଭିଯୁକ୍ତଙ୍କ ମଧ୍ୟରୁ ୯ ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବାବେଳେ ଅନ୍ୟ ୭ ଅଭିଯୁକ୍ତଙ୍କୁ ସିବିଆଇ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଜାଲିଆତି ମାମଲାରେ ବଡ଼ ଗେମ କରିଥିଲେ ସିଲିକନ ଟେକ୍ ଲାବ୍ ପ୍ରାଇଭେଟ୍ ଲିମିଟେଡ୍। ସିଲିକନ୍ ମନଇଚ୍ଛା ଶଙ୍କର ପୃଷ୍ଟିଙ୍କ ପଞ୍ଚସଫ୍ଟକୁ ସହାୟତା ପାଇଁ କାମ ଦେଇଦେଇଥିଲା। ଏନେଇ ଓପିଆର୍‌ବି କିମ୍ବା ଆଇଟିଆଇକୁ ଅବଗତ କରି ନ ଥିଲା।

# ଆଶିଷଙ୍କ ପରେ ଦିଲ୍ଲୀପଙ୍କ ସମ୍ପତ୍ତି ଅଚଳ କଲା ପୋଲିସ

ଫୁଲବାଣୀ, ୧୩।୧ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ ପ୍ରଥମେ ଖଜୁରିପଡା ବ୍ଲକ ତିଳକପଡାର ଆଶିଷ ଦିଗାଲଙ୍କ ସମ୍ପତ୍ତିକୁ ପୋଲିସ ଅଚଳ କରିଥିଲା। ଏବେ ପୁଣି ଜଣେ ଗଞ୍ଜେଇ ଚାଲାଣକାରୀ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ବଡଗଡ଼ସାହି ଆଠଗଡପାଟଣାର ଦିଲ୍ଲୀପ ଗୌଡ଼ଙ୍କ ସମ୍ପତ୍ତି ଜବତ କରାଯାଇଛି। ଏହି ଘଟଣାରେ ଉଭୟଙ୍କଠାରୁ ପୋଲିସ ନଗଦ ୬ ଲକ୍ଷ ୫୭ ହଜାର ୬୪୦ ଟଙ୍କା, ୩୮ ଲକ୍ଷ ୭୨ ହଜାର ୨୮୯ ଟଙ୍କାର ସୁନା ଅଳଙ୍କାର, ୧ କୋଟି ୪ ଲକ୍ଷ ୩୦ ହଜାର ୨୫୭ ଟଙ୍କା ମୂଲ୍ୟର କାର, ଟ୍ରକ ଆଦି ଜବତ କରିଛି। ଘଟଣାରେ ମୋଟ ୯ ଜଣଙ୍କୁ ଗିରଫ କରାଯାଇଛି ବୋଲି ମଙ୍ଗଳବାର ଜିଲା ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କନ୍ଧମାଳ ଏସ୍‌ପି ହରିଶ ବିଶି କହିଛନ୍ତି । ଆଶିଷଙ୍କ ମୋଟ ସମ୍ପତ୍ତି ୪ କୋଟି ୫୯ ଲକ୍ଷ ୬୭ ହଜାର ୯୫୫ ଟଙ୍କା ହୋଇଥିବା ବେଳେ ଦିଲ୍ଲୀପଙ୍କ ସମ୍ପତ୍ତି ୩ କୋଟି ୬୦ ଲକ୍ଷ ୯୧ ହଜାର ୬୮ ଟଙ୍କା। ଉଭୟଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୮ କୋଟି ୨୦ ଲକ୍ଷ ୫୯ ହଜାର ୩୩ ଟଙ୍କା ହୋଇଥିବା ଏସ୍‌ପି ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

## ମୋଟ ୮.୨୦ କୋଟି ଟଙ୍କାର ସମ୍ପତ୍ତି ଠାବ

# ଅଳଙ୍କାର ଦୋକାନରୁ ୫୦ ଲକ୍ଷ ଟଙ୍କାର ଗହଣା ଲୁଟ

ଡେରାବିଶ,୧୩।୧ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଠାକୁରହାଟ ବଜାରସ୍ଥିତ ବାସୁଦେବ ଅଳଙ୍କାର ଦୋକାନରୁ ସୋମବାର ରାତିରେ ଦୁର୍ବୃତ୍ତମାନେ ଗ୍ୟାସ୍ କଟରରେ ଲୁହା ଶଟର କାଟି ୫୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନା ଓ ଚାନ୍ଦି ଅଳଙ୍କାର ଲୁଟି ନେଇଛନ୍ତି। ଗୁଆଲସିଂ ଗ୍ରାମର ଦୀପ୍ତିରଞ୍ଜନ ସାହୁ ମଙ୍ଗଳବାର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସୋମବାର ରାତି ୮ଟାରେ ସେ ତାଙ୍କ ଅଳଙ୍କାର ଦୋକାନ ବନ୍ଦ କରିବା ସହ ଶଟରରେ ତାଲା ପକାଇ ଘରକୁ ଯାଇଥିଲେ। ରାତି ପ୍ରାୟ ୨ଟାରେ ସିସିଟିଭି କ୍ୟାମେରା ସଂଯୁକ୍ତ ହୋଇଥିବା ତାଙ୍କ ମୋବାଇଲରେ କେତେଜଣ ଦୁର୍ବୃତ୍ତ ତାଙ୍କ ଦୋକାନ ଭିତରେ ପଶି ଅଳଙ୍କାର ଲୁଟ କରୁଥିବା ଦେଖିଥିଲେ। ତତ୍‌କ୍ଷଣାତ ସେ ଦୋକାନକୁ ଆସି ଦେଖନ୍ତି ତ ଭିତରେ ୩ଜଣ ଦୁର୍ବୃତ୍ତ ଗୋଟିଏ ବସ୍ତାରେ ମୂଲ୍ୟବାନ୍ ଅଳଙ୍କାର ପୂରାଉଛନ୍ତି। ସେ ଏହାର ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ଅଳଙ୍କାର ଲୁଟି ନେଇ ପଳାଇଥିଲେ। ଲୁଟ ହୋଇଥିବା ଅଳଙ୍କାର ମଧ୍ୟରେ ୧୨ କେଜି ଓଜନର ଚାନ୍ଦି ଅଳଙ୍କାର ଓ ପ୍ରାୟ ୨୨୦ ଗ୍ରାମ ସୁନା ଅଳଙ୍କାର ରହିଥିଲା। ଏଥିସହ ଅନ୍ୟ ବହୁ ମୂଲ୍ୟବାନ ସୁନା ଓ ରୁପା ଜିନିଷ ସାମିଲ ରହିଛି। ତେବେ ତରତର ହୋଇ ପଳାଇଥିବା ଦୁର୍ବୃତ୍ତମାନେ ତାଙ୍କ ଏକ ବାଇକ୍, ଗ୍ୟାସ୍ ସିଲିଣ୍ଡର, କଟର ଏବଂ ହେଲ୍‌ମେଟ ଛାଡି ଯାଇଥିଲେ ବୋଲି ବ୍ୟବସାୟୀ ଦୀପ୍ତିରଞ୍ଜନ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

# ଠିକାଦାରଙ୍କ ଗୋଦାମ ପୋଡ଼ିଲେ, ଜାଳିଦେଲେ ୩ ଗାଡ଼ି

ଭବାନୀପାଟଣା/ ରୁପ୍ରାରୋଡ, ୧୩।୧ (ଉତ୍ତମ କୁମାର ଦାଶ/ ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ରୁପ୍ରାରୋଡର ଠିକାଦାର ଦିନେଶ ଅଗ୍ରୱାଲଙ୍କ ଗୋଦାମକୁ କେହି ଦୁର୍ବୃତ୍ତ ସୋମବାର ରାତିରେ ଜାଳିଦେଇଛନ୍ତି। ନିଆଁରେ ଗୋଦାମ ପରିସରରେ ଥିବା ୩ ଗାଡ଼ି ଓ ସାମଗ୍ରୀ ପୋଡିଯାଇଛି। ଏହାସହ ସେଠାରେ ମାଓବାଦୀଙ୍କ ନାମରେ କେତେକ ଧମକପୂର୍ଣ୍ଣ ପୋଷ୍ଟର ଦେଖିବାକୁ ମିଳିଛି। ହିନ୍ଦୀରେ ଲେଖା ଥିବା ପୋଷ୍ଟରଗୁଡିକରେ ୩୫ଲକ୍ଷ ଟଙ୍କା ଦେବାକୁ ଦାବି କରାଯାଇଛି। ଟଙ୍କା ନ ଦେଲେ ପରିସ୍ଥିତି ଭୟାବହ ହେବ ବୋଲି ଉଲ୍ଲେଖ କରାଯାଇଛି। ଏହା ମାଓବାଦୀଙ୍କ କାଣ୍ଡ ନା ଅନ୍ୟ କେହି ଭିଆଇଛନ୍ତି ସେ ନେଇ ପୋଲିସ ତଦନ୍ତ ଚଳାଇଛି। ମଙ୍ଗଳବାର ଭବାନୀପାଟଣାରୁ ଆସିଥିବା ସନ୍ଧାନୀ କୁକୁର ଗୋଦାମରୁ ବାହାରି ଛତାମହୁଲ ଜଙ୍ଗଲ ପର୍ଯ୍ୟନ୍ତ ଯାଇ ଫେରି ଆସିଥିଲା। ସାଇଣ୍ଟିଫିକ୍ ଟିମ୍ ଓ କେସିଙ୍ଗା ଏସ୍‌ଡିପିଓଙ୍କ ସମେତ ପୋଲିସ ଦଳ ଘଟଣାସ୍ଥଳରେ ଉପସ୍ଥିତ ରହି ତଦନ୍ତ କରିଥିଲେ। ପ୍ରକାଶ ଯେ, ଗତବର୍ଷ ଅକ୍ଟୋବର ୭ତାରିଖରେ ଦିନେଶ ଅଗ୍ରୱାଲଙ୍କ ନିକଟକୁ ଏକ ଧମକପୂର୍ଣ୍ଣ ଚିଠି ଆସିଥିଲା। ଏହି ଘଟଣାର ତଦନ୍ତ କରି ନର୍ଲା ପୋଲିସ ତାଙ୍କ ପୁଅ ଅଙ୍କୁଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗୋଟିଏ ମାସ ପୂର୍ବରୁ ହାଇକୋର୍ଟ ଅଙ୍କୁଶଙ୍କୁ ଜାମିନରେ ଛାଡିଥିଲେ। ତେଣୁ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। କଳାହାଣ୍ଡି ଏସ୍‌ପି ଅଭିଳାଷ ଜି ମଙ୍ଗଳବାର ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି ଯେ, ଘଟଣାସ୍ଥଳରେ ଲାଗିଥିବା ପୋଷ୍ଟରର ଭାଷା ଓ ଲେଖିବା ଶୈଳୀରୁ ଏହା ମାଓବାଦୀଙ୍କ କାମ ନୁହେଁ, ନକଲି ମାଓବାଦୀ ପୋଷ୍ଟର ବୋଲି ଜଣାପଡୁଛି। ସେହିପରି ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ନର୍ଲା ଥାନା ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ରୁପ୍ରାରୋଡରେ ମାଓବାଦୀ ପୋଷ୍ଟର ମିଳିବା ଓ ଠିକାଦାରଙ୍କ ଗୋଦାମ ପୋଡ଼ି ଦିଆଯାଇଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।


ଗୋଦାମ ପରିସରରେ ଥିବା ଗାଡ଼ିଗୁଡିକ ପୋଡିଯାଇଛି।

## ମିଳିଲା ମାଓବାଦୀ ନାମରେ ଧମକପୂର୍ଣ୍ଣ ପୋଷ୍ଟର

## ପୀତବାସ ପଣ୍ଡା ହତ୍ୟା ମାମଲା

# ୬ ଅଭିଯୁକ୍ତଙ୍କ ଜାମିନ ରାୟ ସଂରକ୍ଷିତ

ବ୍ରହ୍ମପୁର,୧୩।୧ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଥିବା ୬ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ହୋଇ ରାୟ ସଂରକ୍ଷିତ ରହିଛି। ବ୍ରହ୍ମପୁରସ୍ଥିତ ଏସ୍‌ଡିଜେଏମ୍ କୁମାର ସ୍ୱନ୍ଦନ ଅଭିଯୁକ୍ତ ତଥା ବ୍ରହ୍ମପୁର ମହାନଗର ନିଗମ କର୍ପୋରେଟର ମଳୟ ବିଷୋୟୀ, ଜୟପୁରର ଫାର୍ମହାଉସ ମାଲିକ ସୁନୀଲ କୁମାର ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ, ଦୁଇ ବିହାରୀ ଯୁବକ କୁନ୍ଦନ କୁମାର ଏବଂ ଶିଶୁପାଳ କୁମାର ପାଶ୍ୱାନଙ୍କ ଜାମିନ ଆବେଦନର ଶୁଣାଣି କରିଛନ୍ତି। ରାୟ ସଂରକ୍ଷିତ ରହିଥିବା ବେଳେ ଆସନ୍ତା ୧୬ ତାରିଖରେ ଏହା ପ୍ରକାଶ ପାଇବ ବୋଲି କୋର୍ଟ ପକ୍ଷରୁ ସୂଚନା ମିଳିଛି।

୨୦୨୫ ଅକ୍ଟୋବର ୬ ତାରିଖ ରାତିରେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ଭାଜପା ନେତା ପୀତବାସଙ୍କୁ ବୈକୁଣ୍ଠନଗରସ୍ଥିତ ତାଙ୍କ ବାସଭବନ ନିକଟରେ ଗୁଳି କରି ହତ୍ୟା କରାଯାଇଥିଲା। ଏହି ମାମଲାରେ ପୋଲିସ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ବ୍ରହ୍ମପୁର ମହାନଗରର ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୬ ଜଣଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ୧୫ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଥିବା ବେଳେ ପିଣ୍ଟୁ ଫୁଲବାଣୀ ଜେଲରେ ରହିଛନ୍ତି।

**ସମସ୍ତଙ୍କ ଜୀବନରେ ପରିବର୍ତ୍ତନ ଆଣିବ 'ଭିବି ଜି ରାମ ଜି': ଭାଜପା**

ଭୁବନେଶ୍ୱର,୧୩।୧(ସୁଜିତ୍ ମିଶ୍ର): ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବ୍ୟାପକ ଦୁର୍ନୀତି ଚାଲିଥିଲା। ଏଥିରେ ସଂସ୍କାର ଆଣିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ(ଭିବି ଜି ରାମ ଜି) ୨୦୨୫ ବିଲ୍‌କୁ ଆଇନରେ ପ୍ରଣୟନ କରାଯାଇଛି। 'ଭିବି ଜି ରାମ ଜି' ବିଲ୍ ପୂରା ଦେଶର ଗ୍ରାମାଞ୍ଚଳରେ ରହୁଥିବା ଗରିବ, ଚାଷୀ, ମଜୁରିଆ, ବେକାର ଯୁବଯୁବତୀଙ୍କ ଜୀବନରେ ପରିବର୍ତ୍ତନ ଆଣିବ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ରାଜକୁମାର ଚହଳ କହିଛନ୍ତି।

# ଶର୍ଟ ସର୍କିଟ: ଝାରସୁଗୁଡ଼ା ରେଳଷ୍ଟେସନରେ ନିଆଁ


ଅଗ୍ନିକାଣ୍ଡ ଯୋଗୁ ଝାରସୁଗୁଡ଼ା ରେଳଷ୍ଟେସନ ଧୂଆଁମୟ ହୋଇଯାଇଛି।

ଝାରସୁଗୁଡ଼ା,୧୩।୧(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ମୁଖ୍ୟ ରେଳ ଷ୍ଟେସନରେ ମଙ୍ଗଳବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ପୂର୍ବାହ୍ନ ୧୧ଟାରେ ପ୍ଲାଟଫର୍ମ ନମ୍ବର ୧ରେ ଏବଂ ରେଲଷ୍ଟେସନସ୍ଥିତ ଟେଲିକମ ସେକ୍‌ସନରେ ବିଦ୍ୟୁତ୍ ଶର୍ଟ ସର୍କିଟ ହୋଇ ନିଆଁ ଲାଗି ଯାଇଥିଲା। ଫଳରେ ପ୍ଲାଟଫର୍ମ ବାହାରେ ଓ ଭିତରେ ଧୂଆଁମୟ ହୋଇଯାଇଥିଲା। ଏହାଦ୍ୱାରା ଉପସ୍ଥିତ ଯାତ୍ରୀ ଓ କର୍ମଚାରୀମାନେ ଭୟଭୀତ ହୋଇ ପାଟି କରିଥିଲେ। ପ୍ରଥମେ ରେଲୱେ ପୋଲିସ ସହାୟତାରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ପ୍ଲାଟଫର୍ମରୁ ଖାଲି କରାଯାଇଥିଲା ଏବଂ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ରେଲୱେ ପୋଲିସଙ୍କ ସହ ମିଶି ପ୍ରାୟ ୩ ଘଣ୍ଟା ଧରି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାରୁ ରେଳ ଚଳାଚଳ ଓ ରେଲୱେ ବିଭାଗର ବିଭିନ୍ନ କାର୍ଯ୍ୟ କିଛି ସମୟ ପାଇଁ ବ୍ୟାହତ ହୋଇଥିଲା।

# ଆୟବ୍ୟୟ ସାଙ୍ଗକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶର ହିସାବ ନେବେ ମୁଖ୍ୟ ସଚିବ

ଭୁବନେଶ୍ୱର,୧୩।୧(ରବିନାରାୟଣ ଜେନା) ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ଅନୁ ଗର୍ଗ ଦାୟିତ୍ୱ ଗ୍ରହଣ କରିବା ପରେ ଏବେ ଓଡ଼ିଶାକୁ କିଭଳି ବିକାଶ ପଥରେ ଅଗ୍ରସର କରାଯାଇପାରିବ ତା' ଉପରେ ଗୁରୁତ୍ୱ ଦେଇଛନ୍ତି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଥମ ୧୫ ଦଫା ଟାସ୍କ କିଭଳି ପୂରଣ ହେବ ତାକୁ ନେଇ ସେ ସଚିବଙ୍କୁ ତାଗିଦ କରିଛନ୍ତି। ଆସନ୍ତା ୧୫ରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବିଭାଗୀୟ ସଚିବମାନେ କେତେଦୂର କାର୍ଯ୍ୟକାରୀ କରିଛନ୍ତି ତା'ର ହିସାବ ମୁଖ୍ୟ ସଚିବ ନେବେ ବୋଲି ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ଡି.କେ. ଜେନା ସମସ୍ତ ବିଭାଗର ସଚିବଙ୍କୁ ମଙ୍ଗଳବାର ପତ୍ର ଲେଖି ଅବଗତ କରାଇଛନ୍ତି ଯେ, ମୁଖ୍ୟ ଶାସନ ସଚିବ ମୁଖ୍ୟମନ୍ତ୍ରୀଙ୍କ ୧୫ ଦଫା ଟାସ୍କର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିବା ସହ ଭିନ୍ନ ବିଭାଗ ପକ୍ଷରୁ ବଜେଟରେ ବ୍ୟବସ୍ଥା ହୋଇଥିବା ଅର୍ଥ କେତେ ଖର୍ଚ୍ଚ ହୋଇଛି ଏବଂ ରାଜସ୍ୱ ଆଦାୟ କେତେ ହୋଇଛି ତାହାର ହିସାବ ନେବେ।

# ୬ ମାସ ପୂର୍ବରୁ ରଥଯାତ୍ରା ପ୍ରସ୍ତୁତି ରିପୋର୍ଟ ମାଗିଲେ ମୁଖ୍ୟ ସଚିବ

ଭୁବନେଶ୍ୱର,୧୩।୧(ସୁଜିତ୍ ମିଶ୍ର) ରଥଯାତ୍ରାକୁ ନେଇ ସବୁ ବିଭାଗ ୬ ମାସ ପୂର୍ବରୁ ପ୍ରସ୍ତୁତି ସମ୍ପର୍କରେ ରିପୋର୍ଟ ପ୍ରଦାନ କରନ୍ତୁ। ବିଗତ ଦିନରେ ରଥଯାତ୍ରା ସମୟରେ ଚିହ୍ନଟ କରାଯାଇଥିବା ତ୍ରୁଟିକୁ ସ୍ଥାୟୀଭାବେ ଦୂର କରିବା ଦିଗରେ କେଉଁସବୁ ପଦକ୍ଷେପ ନିଆଯିବ ସେନେଇ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଉ। ପ୍ରତ୍ୟେକ ବିଭାଗରେ ରଥଯାତ୍ରା ପର୍ଯ୍ୟନ୍ତ ସମୀକ୍ଷା ଚାଲିବ। ସ୍ୱାସ୍ଥ୍ୟ, ପିଇବା ପାଣି, କ୍ଲିନିକ ମନିଟର ଏବଂ ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଭିଡ଼ ପରିଚାଳନା ଏବଂ ଟ୍ରାଫିକ୍‌ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନଦେବା ଅତ୍ୟନ୍ତ ଜରୁରୀ। ଏଥିଲାଗି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତି ଏବେଠାରୁ କରାଯାଉ। ପୁରୀ ରଥଯାତ୍ରା ଦେଖିବାକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ସୁଶୃଙ୍ଖଳିତ ରଥଯାତ୍ରା ପାଇଁ କେଉଁ ବିଭିନ୍ନ ପ୍ରସ୍ତୁତି ପାଇଁ ସମ୍ପୃକ୍ତ ଆବଶ୍ୟକତା ରହିଛି। ରଥଯାତ୍ରାକୁ ଆହୁରି ୬ ମାସ ରହିଛି। ସେଣୁ ଏବେଠୁ ପ୍ରସ୍ତୁତି କରିବା ଲକ୍ଷ୍ୟରେ ସବୁ କାର୍ଯ୍ୟ ସମୟସୀମା ମଧ୍ୟରେ ସାରିବାକୁ ଆଗୁଆ ସବୁ ପ୍ରସ୍ତୁତି ହେବା ଦରକାର ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଲୋକସେବା ଭବନଠାରେ ୨୦୨୬ ରଥଯାତ୍ରାକୁ ଦୃଷ୍ଟିରେ ରଖି ଏଥିପାଇଁ ଆଗୁଆ ପ୍ରସ୍ତୁତି ନିମନ୍ତେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ୧୬ରେ ରଥଯାତ୍ରା ଅନୁଷ୍ଠିତ ହେବ ନେଇ ବିଭିନ୍ନ ପଞ୍ଜିକାରେ ତାରିଖ ରହିଛି। କିନ୍ତୁ ଏନେଇ ଶ୍ରୀମନ୍ଦିରର ପାରମ୍ପରିକ ନୀତି ଅନୁସାରେ ଛତିଶା ନିଯୋଗ କମିଟି, ମୁକ୍ତିମଣ୍ଡପ ଏବଂ ଶ୍ରୀମନ୍ଦିରର ଅନ୍ୟ ବିଭିନ୍ନ ନୀତିକୁ ନିଷ୍ପତ୍ତିକ୍ରମେ ରଥଯାତ୍ରା ପାଳନ ହେବ। ସେହିଅନୁସାରେ ୯ ଦିନ ପରେ ବାହୁଡ଼ା ଓ ତା'ପରେ ସୁନାବେଶ ଆଦି ନୀତି ଅନୁଷ୍ଠିତ ହେବ ବୋଲି ବୈଠକରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଆସନ୍ତା ୨୩ରେ ବସନ୍ତ ପଞ୍ଚମୀରେ ରଥକାଠ ପୂଜନ ଉତ୍ସବ, ୨୭ ମାର୍ଚ୍ଚ ରାମ ନବମୀରେ ରଥକାଠ ଚିରଟ ପ୍ରକ୍ରିୟା ଆରମ୍ଭ, ଏପ୍ରିଲ ୨୦ରେ ଅକ୍ଷୟ ତୃତୀୟା ତିଥିରେ ରଥ ନିର୍ମାଣ ଅନୁକୂଳ ଏବଂ ୨୯ ଜୁନରେ ସ୍ନାନଯାତ୍ରା ପାଳନ ନେଇ ସେ ସୂଚନା ଦେଇଛନ୍ତି। ବୈଠକରେ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ପୁରୀ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ଯୋଗଦେଇ ରଥଯାତ୍ରା ପରିପ୍ରେକ୍ଷୀରେ ପ୍ରସ୍ତୁତି, ଆଇନ ଶୃଙ୍ଖଳା, ଭିଡ଼ ନିୟନ୍ତ୍ରଣ ପରିପ୍ରେକ୍ଷୀରେ ଆବଶ୍ୟକ ପୋଲିସ ମୁତୟନ ସମ୍ପର୍କରେ ସୂଚନା ଉପସ୍ଥାପନ କରିଛନ୍ତି।

## OFFICE OF THE SUPERINTENDING ENGINEER KHARIAR (R&B) DIVISION, KHARIAR, DIST.: NUAPADA, ODISHA

E-mail: eeroads.khr@rediffmail.com

Letter No. 384 — 2nd Corrigendum to Cancel — Date: 10.01.2026
Bid Identification No. SER & BKHR - 19/2025-26

### TENDER CANCELLED

No. B-975: The Tender Call Notice bearing E-Procurement Notice-19, Bid Identification No. SER&BKHR-19/2025-26 vide Letter No. 31 dated 02.01.2026 bearing 1st Corrigendum No. 142 Dated 07.01.2026 is hereby cancelled due to administrative reasons/issues.

Sd./- Superintending Engineer
Khariar (R&B) Division

OIPR-

## INSTITUTE OF MATHEMATICS AND APPLICATIONS

ANDHARUA, BHUBANESWAR, ODISHA-751029
(Under Science & Technology Department, Govt. of Odisha) www.iomaorissa.ac.in

### ADVERTISEMENT FOR REGISTRAR POST

No.IMA/100/52/2026 Dated:13.01.2026

**No.CAD-3007:** Applications in prescribed format are invited from the eligible Indian nationals for the Post of Registrar on the deputation basis. For details of the Post, eligibility criteria, qualifications, experience, scale of pay, application format etc. please visit the website https://iomaorissa.ac.in.

| Sl.No. | Name of the Post | Number of Posts | Category |
|---|---|---|---|
| 01 | REGISTRAR | 01 | UR |

Last date of receipt of application is **02.02.2026.**

OIPR- Sd./- REGISTRAR

## OFFICE OF THE DISTRICT INFORMATION & PUBLIC RELATIONS OFFICER, KEONJHAR

Tender Call Notice No.:55/DIPRO, Keonjhar, Date:12.01.2026

### SHORT TENDER CALL NOTICE

No.F-106: Sealed tenders are invited from eligible and registered firms for supply and installation of Audio-Visual (AV) Equipments for the Office of the District Information & Public Relations Officer, Keonjhar from 10.00 AM of 17.01.2026 to 05.30 PM of 31.01.2026.

Detailed tender documents containing eligibility criteria, terms & conditions and Financial Bid format can be downloaded from the Keonjhar District website https://kendujhar.odisha.gov.in/. The authority reserves the right to accept or reject any or all tenders without assigning any reason thereof.

Sd./- District Information & Public Relations Officer, Keonjhar

OIPR-

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION-II, MALKANGIRI

No.O-1987 E-mail: ruralworksdivisioniimalkangiri@yahoo.in

### INVITATION FOR BIDS (SHORT NOTICE)

"E" PROCUREMENT NOTICE NO. RWDSE_MKG_II_ONLINE_13/2025-26

1. Name of the Work : Roads works in the Distirict of Malkangiri for the year 2025-26
2. Total No. of work : 02 Number of Road Work
3. Estimated Cost : Rs.54.62 Lakhs to Rs.69.92 Lakhs
4. Period of Completion : As specified in the Annexure
5. Class of Contractor : As specified in the Annexure
6. Cost ot Tender Paper : Cost of tender is to be remitted ONLINE as specified in Column-6 of the Annexure
7. Details Projects : As specified in the Annexure

**Other detials as follows :**

a) Procurement Officer : Superintending Engineeer, Rural Works Division-II, Malkangiri
b) Availability of Tender Online : 15.01.2026 at 11.00 A.M. to 22.01.2026 upto 5.30 P.M.
c) Last date & time of seeking of tender clarification : 21.01.2026 upto 5.00 P.M.
d) Technical Bid Opening : 27.01.2026 at 11.00 P.M.
e) Financial Bid Opening : To be intimated Separately
f) Decision to conduct Lottery : If required to decide the agency, transparent Lottery shall be conducted on date 30.01.2026 at 11.00 A.M. in Office Chamber of the undersigned.

Further details can be seen from the Govt. website **www.tendersorissa.gov.in.**

Sd./- Superintending Engineer
Rural Works Divison-II, Malkangiri

OIPR-

## OFFICE OF THE CCSO-cum-DISTRICT MANAGER
## ODISHA STATE CIVIL SUPPLIES CORPORATION LIMITED, KORAPUT, JEYPORE

No. 105-1 Dated: 12.01.2026

### QUOTATION/TENDER CALL NOTICE

No. CAD-3013: Sealed quotation/tenders are invited from the interested Travel Agencies/Tour Operators or Private Individuals for providing One (1) No. of BS-VI emission compliant vehicle having sitting capacity not more than Five (5) including Driver for Office use and One (1) No. of BS-VI emission compliant vehicle having sitting capacity not more than Seven (7) including Driver, which shall conform to the terms and conditions at Annexure-A for Supervision of Paddy Procurement use for the KMS-2025-26 for the official use at the Office of CCSO-cum-Distirct Manager, OSCSC Limited, Jeypore, Koraput on monthly rent basis. The application form of Quotation/Tender containing General Bid information & terms and conditions for hiring of vehicles etc. will be available in the Office of CCSO-cum-District Manager, OSCSC Ltd., Jeypore, Koraput from **15.01.2026 to 21.01.2026 till 11.00 A.M.** during office hours **(Except Govt. Holidays)**. The quotation completed in all respect should reach the undersigned on or before **21.01.2026 by 4.00 P.M.** and shall be opened on **22.01.2026 at 11.30 A.M.** in presence of the District Level Tender Committee Members and bidders or their authorized representatives in the Office Chamber of **ADM (General), Koraput**.

The interested bidders who have valid GST registration shall submit their tenders in a sealed envelope duly super-scribing on the top of envelope i.e. **"Tender for Hiring vehicles for Office Use" or "Tender for Hiring of vehicle for Supervision of Paddy Procurement use"** along with **Tender No. and date**.

Sd./- CSO-cum-Distirct Manager
OSCSC Ltd., Jeypore (K)

OIPR-

## GOVERNMENT OF ODISHA — No. B-955
## OFFICE OF THE SUPERINTENDING ENGINEER GANJAM (R&B) DIVISION NO. II, BERHAMPUR

Phone/Fax: 0680-2233996, e-mail: sernb2.ganjam@gmail.com

### INVITATION FOR BIDS (IFB) [e-Procurement]
### TENDER CALL NOTICE

Bid Identification No. SC (R&B)-GM-II-29/2025-26

No. 202 Dated: 07.01.2026

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Single Cover System to be received in **ONLINE MODE** only for the work as detailed below:
2) Nature of Work : Electrical Work
3) No. of Work : 05 Nos.
4) Tender Cost : Rs.6,000/-
5) Class of Contractor : HT of registered with the ELBO Authorized HT Licence
6) Availability of bid documents in the website : From 15.01.2026 10.00 A.M. to 27.01.2026 4.00 P.M.
7) Date of opening of Bid : 28.01.2026 at 11.30 A.M.
8) The bidders have to participate in ONLINE bidding only. Further details can be seen from the website **https://tendersorissa.gov.in.**

(Sd./- S. Panigrahi)
Superintending Engineer
Ganjam (R&B) Division No. II

OIPR-

## ODISHA POLICE STATE HEADQUARTERS, CUTTACK

Buxi Bazar, Cuttack-753001, Tel/Fax No.0671-2304354
www.odishapolice.gov.in, Email:sphqrs.odpol@nic.in

### Odisha Police
### Office of the D.G. & I.G. of Police, Odisha, Cuttack

Tel.:0671-2304001, Website:www.odishapolice.gov.in,
RFP No.31-RFP-CCTV-2025-2026
Date: 07.01.2026, Email:aig-prov.odpol@od.gov.in

**No.D-299:Online Bids through e-Tender Portal https://tendersodisha.gov.in are invited from the eligible bidders for Request For Proposal (RFP) of Supply and Installation of CCTV systems during the current financial year, 2025-26 as per the particulars mentioned below.**

| Sl.No. | Name of Item | Approximately quantity |
|---|---|---|
| 1. | Supply and Installation of CC TV systems | **02 Sets** |

| Events | Date |
|---|---|
| RFP Issue Date | **7.1.2026** |
| Date & Time of Pre-Bid meeting Queries to be submit on aig-prov.odpol@od.gov.in by 10.01.2026 by 15.00 hours. The queries will not be considered after stipulated time period. A pre-bid meeting will be scheduled based on the bidders queries. The pre-bid meeting date, time and meeting link will intimate accordingly. | Venue_O/o the Odisha Police Headquarter, Buxi Bazar, Cuttack |
| RFP Submission Due date and time | **19.01.2026** |
| Date & Time of Opening of Technical Bids | **20.01.2026** |
| Bid to RA enabled | Yes |
| Tender Document fee Rs.590/- (Rs.500/-+ 18% GST (Rs.90/-)} Non-refundable | In favour of A.I.G. of Police (Prov.), Odisha Cuttack payable at Cuttack (Demand Draft) |
| EMD (Earnest Money Deposit) Rs.52,000/- (Fifty-two Thousand only) | In favour of A.I.G. of Police (Prov.), Odisha Cuttack payable at Cuttack (Demand Draft) |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: https://tendersodisha.gov.in. The authority reserves the right to accept/reject any part thereof or all the bids without assigning any reason thereof.**

Sd./- A.I.G. of Police (Provisioning)
Odisha, Cuttack (Tender Calling Authority)

OIPR-

## OFFICE OF THE SUPERINTENDING ENGINEER JAGATSINGHPUR (R&B) DIVISION, JAGATSINGHPUR

No. B-961 E-Mail I.D.: eerbjspr@gmail.com
GOVERNMENT OF ODISHA

### ('e' PROCUREMENT NOTICE)

Bid Identification No. S.E. JSPR(R&B)-13 of 2025-26

### TENDER CALL NOTICE

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in Double Cover System in ONLINE MODE from eligible contractor for Building works as mentioned below.
2. No. of Work : 01 No.
3. Nature of Work : Civil, E.I. & P.H.
4. Class of Contractor : "B" Class
5. Tender Paper Cost : Rs.10,000.00/- (Online)
6. Available of bid documents in the website : From 15.01.2026 to 5.00 P.M. of 29.01.2026
7. Date of Opening of Bid : 11.00 A.M. of 30.01.2026

The bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- (Er. Sarbendu Sutar)
Superintending Engineer
Jagatsinghpur (R&B) Division

OIPR-

## GOVERNMENT OF ODISHA — No. O-2012
## OFFICE OF THE SUPERINTENDING ENGINEER RURAL WORKS DIVISION, DHENKANAL

E-Mail: eerwdivisiondhenkanal@yahoo.co.in

### e-Procurement Notice No. 19/Road & Building Works/2025-26

1. Name of the Work : Road Works
2. Total No. of Works : 06 Nos.
3. Estimated Cost : Rs.17.79 to 26.27 lakh (approx.)
4. Class of Contractor : "D" & "C" Class
5. Period of Completion : 01 (One) Months
6. EMD Required : As mentioned in the Annexure at Column - 04
7. Online for Bidding : 15.01.2026 at 11.30 A.M. to 27.01.2026 upto 2.00 P.M.
8. Last date & time of seeking tender clarification : 22.01.2026 upto 4.00 P.M.
9. Date & time of openig of tender : 27.01.2026 at 5.00 P.M.

Other details can be seen from the website **http://tendersorissa.gov.in**.

Sd./- Superintending Engineer
R.W. Division, Dhenkanal

OIPR-

## OFFICE OF THE SUPERINTENDING ENGINEER KHORDHA (R&B) DIVISION, KHORDHA

### INVITATION FOR BIDS (IFB)

E-mail: pwdoff_khd@yahoo.com

### QUOTATION CALL NOTICE

Quotation Bid Identification No.S.E.-KHD-(R&B)-3/2025-26
Letter No.164 dtd.13.1.26

**No.B-968:** The Superintending Engineer, Khurda (R&B) Division, Khurda on behalf of Governor of Odisha invites **Quotation rate bid in Single Cover** system in ONLINE MODE from eligible class of contractors having valid registration certificate for execution of the works as detailed below:

1. Nature of Work : Civil & Electrical Works
2. No. of Work : 02 Nos.
3. Cost of Quotation bid Document : Sl.No.1 Rs.4000.00 (Online); Sl.No.2 Rs.2000.00 (Online)
4. Class of Contractor : Sl.No.1 'D' & 'C' Class Contractor; Sl.No.2 MV & HT Class Contractor
5. Available of Quotation Bid documents in the website : From 12.00 Noon of Dt.16.01.2026 to 2.00 P.M. of Dt.20.01.2026
6. Opening of Quotation Bids : Dt.20.01.2026 at 3.00 PM
7. Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any information regarding Addendum/Corrigendum/Cancellation of tender can be available in the said website.

Sd./- Superintending Engineer
Khurda (R&B) Division, Khurda

OIPR-

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, SUNDARGARH

E.Mail- rw_sundargarh@yahoo.co.in

### E-PROCUREMENT NOTICE

BID IDENTIFICATION NO.ONLINE-SESNG-23 OF 2025-26

**No.O-1979:1.** Name of the Work: Building Work, 2. Total No. of Works: 9 No Building, 3.Estimated Cost: From Rs.51.68 Lakhs to Rs.78.24 Lakhs. 4. Class of Contractor:- Only 'B', 5. Period of Completion: 09 Calendar Months. 6. Type of Tender: Double Cover. 7. Other details:

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh | Online-SESNG-23 of 2025-26 | 15.01.2026 11.00 A.M. | 27.01.2026 6.00 P.M. |

Further details can be seen from the website www.tendersorissa.gov.in

Sd./- Executive Engineer
Rural Works Division, Sundargarh

OIPR-

## GOVT. OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BHAWANIPATNA

Phone:06670-235504, E_Mail:serwbpt@yahoo.com
Bid Identification No.: BPT/Online-17/2025-26, Date-06.01.2026

NOTICE INVITING TENDERS FOR BUILDING WORKS IN ODISHA
NATIONAL COMPETITIVE BIDDING THROUGH e-Procurement

**No.O-1973:**1. Name of the Work : Construction of CDPO Building Works in the District of Kalahandi. 2. No. of Works: 02 Nos. 3. Location details: Kalahandi District. 4. Estimated Cost: As per NIT. 5. Period of Completion: As per NIT. 6. Cost of Tender Paper: Rs.10,000/- per set. 7. Other Details:

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 15.01.2026 11.00 A.M. | 30.01.2026 5.00 P.M. | 29.01.2026 | 31.01.2026 at 11.00 A.M. |

Further details can be seen from the website **"www.tendersorissa.gov.in"**

Sd./- Chief Construction Engineer
Rural Works Circle, Bhawanipatna

OIPR-

## OFFICE OF THE SUPERINTENDING ENGINEER RURAL WORKS DIVISION-II,GANJAM,BERHAMPUR

Government of Odisha e-Procurement Notice
Bid Identification No.Online Tender//24//SERWD-II//2025-26
Phone-0680-2404096, E-mail: eerwgmt@yahoo.co.in

No.O-2010: Memo No.163/ RWD-IIGB, Date 6.1.26

| | | | |
|---|---|---|---|
| 1. | Name of the Work | :: | Road Works |
| 2. | Estimated Cost | :: | Rs.5.04 to 37.82 Lakhs |
| 3. | Period of Completion | :: | 1 (One) Months as per Annexure |
| 4 | Date & Time of Availability of Bid documents in the portal | :: | 15.01.2026 at 10.00 AM to 22.01.2026 upto 5.00 PM |
| 5 | Last Date/Time for Receipt of Bids in the Portal | :: | 22.01.2026 upto 5.00 P.M. |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app

Sd./- Executive Engineer
R.W.Division-II, Ganjam, Berhampur

OIPR-

## OFFICE OF THE SUPERINTENDING ENGINEER RURAL WORKS DIVISION-II,GANJAM,BERHAMPUR

Government of Odisha e-Procurement Notice
Bid Identification No.Online Tender//25//SERWD-II//2025-26
Phone-0680-2404096, E-mail: eerwgmt@yahoo.co.in

No.O-2011: Memo No.155/ RWD-II GB, Date 6.1.26

| | | | |
|---|---|---|---|
| 1. | Name of the Work | :: | Road Works |
| 2. | Estimated Cost | :: | Rs.58.82 Lakhs |
| 3. | Period of Completion | :: | 2 (Two) Months as per Annexure |
| 4 | Date & Time of Availability of Bid documents in the portal | :: | 15.01.2026 at 10.00 AM to 22.01.2026 upto 5.00 PM |
| 5 | Last Date/Time for Receipt of Bids in the Portal | :: | 22.01.2026 upto 5.00 P.M. |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app

Sd./- Executive Engineer
R.W.Division-II, Ganjam, Berhampur

OIPR-

## GOVERNMENT OF ODISHA — No. O-2021
## e-Procurement Notice

E.Mail- rw_boudh@yahoo.co.in

Bid Identification No. Online tender/16/S.E.R.W. BOUDH/2025-26

NATIONAL COMPETITIVE BIDDING THROUGH e-Procurement

Name of the Work : Road Works - 1 No.
1. Estimated Cost : Rs.87.72 lakh (approximately)
2. Period of Completion : 45 days
3. Date & time of availability of Bid documents in the portal : From 15.01.2026, 10.00 A.M. to 21.01.2026, 5.00 P.M.
4. Last date/time for receipt of bids in the portal : 21.01.2026 upto 5.00 P.M.
5. Last date/time for seeking of tender clarification : 20.01.2026 upto 5.00 P.M.
6. Date & time of opening of Technical Bid : 22.01.2026 at 11.00 A.M. &
7. Date & time of opening of Financial Bid : 27.01.2026 at 11.00 A.M.
8. Name & address of the Officer Inviting Bid : Executive Engineer, R.W. Division, Boudh

Further details, corrigendum(s) etc. can be seen from the e-procurement portal **"Https://www.tendersorissa.gov.in"**.

OIPR- Sd./- Executive Engineer, R.W. Division, Boudh

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, (ରାସ୍ତା ଓ ଗୃହ) ବିଭାଜନ, ବଲାଙ୍ଗୀର
## OFFICE OF THE SUPERINTENDING ENGINEER BALANGIR (R&B) DIVISION

ଓଡ଼ିଶା ସରକାର

### "e" Procurement Notice

BID IDENTIFICATION No. SE (R&B) BGR/26/2025-26
No.216// Dtd.12.01.2026

**No.B-969:**1. The Superintending Engineer, Balangir (R&B) Division, Balangir on behalf of Governor of Odisha invites percentage rate Composite bid in Single/Double cover system in **ONLINE MODE** for the construction of building works and electrical works detailed in the table below from the eligible contractors.
2. Nature of Work : Civil and Electrical Work
3. No. of Tender : 3 Nos. Civil work and 2 Nos. Electrical Work
4. Tender Cost : Rs.4,000.00/ Rs.6,000.00/ Rs.10,000.00
5. Class of Contractor : "D" Class "C" Class, "B" Class (Registered with CDMS for Civil Work) HT/MV/Specialised agency having MOU with associate electrical contractor (HT/MV or above) having valid license from ELBO associate electrical contractor (HT)/ MV or above) having valid license from ELBO.
6. Date & Time of Sale & Receipt of Bids : From Dtd.15.01.2026, 10.00 AM to Dtd. 21.01.2026 upto 05.00 PM
7. Date of Opening Bid : Dtd.22.01.2026 at 11.00 AM
8. The bidders have to participate in **ONLINE** bidding only. Further details can be seen from the website: http://tendersorissa.gov.in. All future corrigendums will be available on **ONLINE MODE** only.

Sd./- Superintending Engineer
Bolangir (R&B) Division

OIPR-

## GOVERNMENT OF ODISHA
## DEPARTMENT OF WATER RESOURCES
## O/O THE SUPERINTENDING ENGINEER ANGUL IRRIGATION DIVISION, ANGUL

e-mail id- eeangulirrigation@gmail.com

'e'-Procurement Notice No.SE-AID-11/2025-26

No.A-1273: The Superintending Engineer, Angul Irrigation Division, Angul on behalf of the Governor of Odisha invites online percentage rate basis bid in single cover system through e-procurement for the work mentioned below.

| | | | |
|---|---|---|---|
| 1 | Total No. of Works | : | 2 (Two) Nos. Civil Work |
| 2 | Cost of Work put to tender | : | Approximately Rs.5.98 Lakh/ 10.54 Lakh |
| 3 | Tender Paper Cost | : | Rs.4,000/- / Rs.6,000 (Non-refundable) |
| 4 | Class of Contractor | : | 'D' & 'C' equivalent Grade/Class |
| 5 | Period of Completion | : | 30 Days |
| 6 | Availability of Bid documents and receipt of bid through online | : | From 11.00 AM of 17.01.2026 to 5.00 PM of 26.01.2026 in the website (www.tendersodisha.gov.in) |
| 7 | Date, time & place for opening of online tenders | : | 27.01.2026 at 11.00 A.M. and onwards in the O/o the SE, Angul Irrigation Division, Angul |
| 8 | Date, time & Place for finalization of tender through transparent lottery system (if required) | : | 31.01.2026 at 11.00 AM in the O/o the SE, Angul Irrigation Division, Angul |
| 9 | Digital Signature Certificate | : | The bidders must possess compatible Digital Signature Certificate (DSC) of Class-II or Class-III |
| 10. | Name and address of Officer Inviting Tender (OIT) | : | Superintending Engineer, Angul Irrigation Division, Angul, At/Po- Hakimpada, Dist-Angul, Odisha, e-mail id-eeangulirrigation@gmail.com |

Further details can be seen from the e-Procurement portal of Government of Odisha at www.tendersodisha.gov.in

Sd./- Superintending Engineer
Angul Irrigation Division, Angul

OIPR-

## OFFICE OF THE SUPERINTENDING ENGINEER, MINOR IRRIGATION DIVISION, BALASORE

No.96, 'e' Procurement Notice Dt.12.01.2026

### BID IDENTIFICATION No.SEMIDBLS-09/2025-26

e-mail ID:mibalasore@yahoo.co.in

**No.A-1275:**The Superintending Engineer, Minor Irrigation Division, Balasore on behalf of the Governor of Odisha invites online percentage rate tender through "e" procurement (Single cover) for the works as detailed in the Annexure to this bid notice.

| | |
|---|---|
| Name of the Work | Construction and Improvement of Check Dams in different Blocks of Balasore & Bhadrak District under MATY Scheme for the year 2025-26 |
| No. of Works | 10 (Ten) Nos.only. |
| Estimated Cost: | Varies from Rs.1.22 lakh to Rs.49.22 lakh (Approximately) |
| Cost of Tender Paper: | Rs.600/- & Rs.10,000/- (Non-Refundable) |
| Period of Completion | As Mentioned against work |
| Availability of bid documents for sale and receipt through online | From dt.16.01.2026, 10.00 AM to dt.26.01.2026, upto 5.00 P.M. |
| Last date/time of receipt of bids in the portal | 26.01.2026 (5.00 PM) |
| Date of Opening of technical bid through online | On dt.27.01.2026 at 11.00 AM in the Office of the S.E., M.I. Division, Balasore |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC) of Class-II or Class-III |
| The detail tender call notice can also be seen in the DOWR website http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Balasore, At/Po/District-Balasore Ph.No./Fax No.-06762-224461 Email ID: mibalasore@yahoo.co.in. |
| Further details can be seen from the e-market place website www.tendersodisha.gov.in/District NIC Portal (baleswar.nic.in) | |

**Note: Corrigendum/Addendum/Modification/Additions if any can be seen through online only.**

OIPR- Sd./- Superintending Engineer, M.I. Division, Balasore

## GOVERNMENT OF ODISHA — No. O-1982
## OFFICE OF THE SUPERINTENDING ENGINEER RURAL WORKS DIVISION, KUCHINDA

E-mail: eerw_kuchinda@yahoo.com

Identification No. Online Tender/13/RWD, Kuchinda/2025-26

Letter No. 192 Date: 07.01.2026

| | | | |
|---|---|---|---|
| 1. | The Superintending Engineer, Rural Works Division, Kuchinda behalf of the Governor of Odisha invites percentage rate bids to be received in ONLINE MODE only for Roads Work | | |
| 2. | No. of Work | : | 06 Nos. |
| 3. | Nature of Work | : | Road Repair |
| 4. | Class of Contractor | : | "D", "C" & "B" |
| 5. | Approx Value of Work | : | 17.54 Lakhs to 48.72 Lakhs |
| 6. | Tender Cost | : | 6,000 & 10,000 |
| 7. | Availability of Bid Documents in the Website | : | 15.01.2026 at 11 A.M. to 21.01.2026 at 5.00 P.M. |
| 8. | Last date & time for seeking clarification | : | 20.01.2026 at 5.00 A.M. |
| 9. | Date of Opening of Bid | : | 22.01.2026 at 11.00 A.M. |
| 10. | Other detals can be seen in the Bidding documents from the website: **https://tendersodisha.gov.in**. | | |

Sd./- Superintending Engineer
Rural Works Division, Kuchinda

OIPR-

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜିଦ୍‌ରେ ଅଟଳ ବାଂଲାଦେଶ

ନୂଆଦିଲ୍ଲୀ,୧୩।୧

ବାଂଲାଦେଶ ପେସର ମୁସ୍ତାଫିଜୁର ରହମାନଙ୍କୁ ଆଇପିଏଲ୍‌ରୁ ବାଦ୍ ଦିଆଯିବା ପରେ ଆରମ୍ଭ ହୋଇଥିବା ବିବାଦ କାରଣରୁ ଦୁଇ ପଡ଼ୋଶୀ ଦେଶର ପାରସ୍ପରିକ ସମ୍ପର୍କରେ ତିକ୍ତତା ଆସିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ପକ୍ଷରୁ ଭାରତରେ

## ଭେନ୍ୟୁ ପରିବର୍ତ୍ତନ ବିବାଦ

ସୁରକ୍ଷାକୁ ନେଇ ଆଶ୍ୱାସନା ଦିଆଯିବା ସତ୍ତ୍ୱେ ଆସନ୍ତା ମାସରେ ହେବାକୁଥିବା ଟି୨୦ ବିଶ୍ୱକପ୍ ଲାଗି ବାଂଲାଦେଶ ଦଳ ଭାରତ ଟ୍ରାଭେଲ କରିବାକୁ ରାଜି ନ ଥିବା ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ପ୍ରକାଶ କରିଛି। ଏହି ବିବାଦର ସମାଧାନ ଲାଗି ମଙ୍ଗଳବାର ଅପରାହ୍ନରେ ଆଇସିସି ଓ ବିସିବି ମଧ୍ୟରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଏକ ବୈଠକ ବସିଥିଲା।

ଏହି ଭିଡିଓ କନ୍‌ଫରେନ୍ସରେ ବିସିବି ପକ୍ଷରୁ ସଭାପତି ଅମିନୁଲ ଇସ୍ଲାମ, ଉପସଭାପତି ଶେଖାଓ୍ୱତ୍ ହୋସେନ ଓ ଫାରୁକି ଅହମଦ, କ୍ରିକେଟ ଅପରେସନ୍ସ କମିଟିର ଚେୟାରମ୍ୟାନ ଓ ଡାଇରେକ୍ଟର ନଜମୁଲ ଆବେଦିନ ଓ ସିଇଓ ନିଜାମ ଉଦ୍ଦିନ ଚୌଧୁରୀ ସାମିଲ ଥିଲେ। ଆଲୋଚନା ବେଳେ ସୁରକ୍ଷାଗତ କାରଣରୁ ଭାରତ ଟ୍ରାଭେଲ କରିବା ସମ୍ପର୍କରେ ନିଜର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ କରିବନାହିଁ ବିସିବି ଦୋହରାଇଥିଲା। ଏଥିସହିତ ବାଂଲାଦେଶର ମ୍ୟାଚ୍‌କୁ ଭାରତ ବାହାରକୁ ନେବା ପାଇଁ ଆଇସିସି ନିକଟରେ ପୁଣିଥରେ ଅନୁରୋଧ କରିଥିଲା। ହେଲେ ଟୁର୍ନାମେଣ୍ଟ ଲାଗି କାର୍ଯ୍ୟସୂଚୀ ଘୋଷଣା ହୋଇସାରିଥିବାରୁ ବିସିବିକୁ ନିଜ ନିଷ୍ପତ୍ତି ଉପରେ ପୁନଃ ବିଚାର କରିବାକୁ ଆଇସିସି ପକ୍ଷରୁ କୁହାଯାଇଥିଲା। ଶେଷରେ ଉଭୟ ପକ୍ଷ ସମ୍ଭାବ୍ୟ ସମାଧାନ ଲାଗି ଆଲୋଚନା ଜାରି ରଖିବାକୁ ରାଜି ହୋଇଥିବା ନେଇ ବିସିବି ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି। ବିସିବି ଉପସଭାପତି ଶେଖାଓ୍ୱତ୍ କହିଛନ୍ତି, ଭେନ୍ୟୁ ସ୍ଥାନାନ୍ତରକୁ ନେଇ ହୋଇଥିବା ନିଷ୍ପତ୍ତିରେ ଆମେ ଅଟଳ ରହିଛୁ। ଆମେ ଆମ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ କରିବୁ ନାହିଁ। ଆମେ ଭାରତ ଯାଉନାହୁଁ। ଆମେ ଆମ ପକ୍ଷ ରଖିସାରିଛୁ ଏବଂ ସେମାନେ ବିକଳ୍ପ ଖୋଜୁଛନ୍ତି। ଏବେ ବି ଆଲୋଚନା ଲାଗି ବାଟ ଖୋଲାରହିଛି। ଆମେ ଏକ ସକାରାତ୍ମକ ଫଳାଫଳ ଲାଗି ଆଶାବାଦୀ। ଟୁର୍ନାମେଣ୍ଟକୁ ଅଧିକ ସମୟ ନାହିଁ। ଏଣୁ ଖୁବ୍‌ଶୀଘ୍ର କିଛି ବ୍ୟବସ୍ଥା କରାଯିବ।

# ଭାରତ ବିପକ୍ଷ ସିରିଜ୍ ପରେ ଅବସର ନେବେ ହିଲି

ସିଡ୍‌ନୀ, ୧୩।୧(ପି.ଟି.)

ଅଷ୍ଟ୍ରେଲିଆ ମହିଳା କ୍ରିକେଟର ଏଲିସା ହିଲି ମାର୍ଚ୍ଚରେ ଭାରତ ବିପକ୍ଷ ଘରୋଇ ସିରିଜ୍ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବେ। ଏହି ୩୫ ବର୍ଷୀୟା କ୍ରିକେଟର ଶେଷଥର ପାଇଁ ପର୍ଥଠାରେ ଏକମାତ୍ର ମହିଳା ଟେଷ୍ଟ ଓ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିବେ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ୟୁକେରେ ହେବାକୁଥିବା ଟି୨୦ ବିଶ୍ୱକପ୍ ଲାଗି ତାଙ୍କ ନାମ ବିଚାରକୁ ନିଆଯାଉ ନ ଥିବାରୁ ସେ ଭାରତ ବିପକ୍ଷ ଟି୨୦ରେ ଖେଳିବେ ନାହିଁ।



କଳିଙ୍ଗ ଷ୍ଟାଡିୟମରେ ଜାନୁଆରୀ ୧୬ରୁ ୨୧ ପର୍ଯ୍ୟନ୍ତ ଜାତୀୟ ସବ୍‌ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ପ୍ରଦାନ ଅବସରରେ ରଗ୍‌ବୀ ଇଣ୍ଡିଆ ସଭାପତି ତଥା ଚଳଚ୍ଚିତ୍ର ଅଭିନେତା ରାହୁଲ ବୋଷ, କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ଓ ଅନ୍ୟମାନେ। (ଫଟୋ: ବିକାଶ ନାୟକ)

# 'ରଗ୍‌ବୀ ବିକାଶରେ ଓଡ଼ିଶାର ଅବଦାନ ଅତୁଳନୀୟ'

## ଜାତୀୟ ସବ୍‌ଜୁନିୟର ରଗ୍‌ବୀ ସେଭେନ୍ସ ୧୬ରୁ

ଭୁବନେଶ୍ୱର, ୧୩।୧(ତପନ ସ୍ୱାଇଁ)

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ରଗ୍‌ବୀ ଇଣ୍ଡିଆ ଏବଂ ଓଡ଼ିଶା ରଗ୍‌ବୀ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚଳିତ ମାସ ୧୬ରୁ ୨୧ ପର୍ଯ୍ୟନ୍ତ ୧୦ମ ଜାତୀୟ ସବ୍‌ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ, ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ୍ ଏବଂ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର ଏହି ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଛନ୍ତି। "ଭାରତୀୟ ରଗ୍‌ବୀର ବିକାଶ ଏବଂ ସଫଳତା ପଛରେ ଓଡ଼ିଶାର ଅବଦାନ ଅତୁଳନୀୟ। ଓଡ଼ିଶା ଆଜି ଦେଶର ରଗ୍‌ବୀ ଇକୋସିଷ୍ଟମକୁ ସମର୍ଥନ କରୁଥିବା ଏକ ପ୍ରମୁଖ ରାଜ୍ୟ ଭାବେ ଉଭା ହୋଇଛି। ତୃଣମୂଳସ୍ତରର ପ୍ରତିଭାମାନଙ୍କୁ ଚିହ୍ନଟକରି ସେମାନଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଗଢ଼ିତୋଳିବାରେ ଓଡ଼ିଶା ଏକ ମଡେଲ୍ ସାଜିଛି। ଏହି ଚାମ୍ପିୟନଶିପ୍ ମାଧ୍ୟମରେ ଆମେ ଆଗାମୀ ପିଢ଼ିର ଅନେକ ଦକ୍ଷ ଖେଳାଳିଙ୍କୁ ଦେଖିବାକୁ ପାଇବା ଏବଂ ଭବିଷ୍ୟତରେ ସେମାନେ ଓଡ଼ିଶା ତଥା ଭାରତ ପାଇଁ ଗୌରବ ଆଣିବାନେଇ ମୋର ଦୃଢ଼ ବିଶ୍ୱାସ" ବୋଲି ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ୍ ପ୍ରକାଶ କରିଛନ୍ତି।

"ଜାତୀୟ ସବ୍‌ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍‌ରେ ଦେଶର ୨୪ ରାଜ୍ୟରୁ ୫୫୦ରୁ ଅଧିକ ୧୫ ବର୍ଷରୁ କମ୍ ବୟସ୍କ ଖେଳାଳି ଏବଂ ୧୩୦ରୁ ଅଧିକ ଅଫିସିଆଲ୍ସ ଓ ବୈଷୟିକ ଅଧିକାରୀ ସାମିଲ ହେବେ। ଏହି ପ୍ରତିଯୋଗିତାରେ ଉଭୟ ବାଳିକା ଓ ବାଳକ ବର୍ଗରେ ସମୁଦାୟ ୬୮ଟି ଲେଖାଏ ମ୍ୟାଚ୍ ଆୟୋଜନ ଲାଗି କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି। ଏଥିରେ ଓଡ଼ିଶା ସମେତ ବିହାର, ରାଜସ୍ଥାନ, ମହାରାଷ୍ଟ୍ର, କେରଳ, ପଞ୍ଜାବ, ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ଦିଲ୍ଲୀ, ଛତିଶଗଡ଼, ଗୁଜରାଟ, ମଣିପୁର, ଆସାମ ଏବଂ ହରିୟାଣା ଭଳି ୨୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଦଳଗୁଡ଼ିକ ପ୍ରତିଦ୍ୱନ୍ଦ୍ୱିତା କରିବେ" ବୋଲି କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା କହିଛନ୍ତି। ଏହି ଜାତୀୟ କ୍ରୀଡ଼ା ପ୍ରତିଯୋଗିତାକୁ ସଫଳ କରିବା ପାଇଁ ଆମେ ସମସ୍ତ ବୈଷୟିକ ଏବଂ ପରିଚାଳନାଗତ ପ୍ରସ୍ତୁତି ଶେଷ କରିଛୁ। କଳିଙ୍ଗ ଷ୍ଟାଡିୟମରେ ଥିବା ବିଶ୍ୱସ୍ତରୀୟ ଭିତ୍ତିଭୂମି ମଧ୍ୟରେ ଖେଳାଳିଙ୍କ ପାଇଁ ଶୃଙ୍ଖଳିତ ମ୍ୟାଚ୍ ପରିଚାଳନା ଏବଂ ଉଚ୍ଚକୋଟୀର ଆତିଥେୟତା ବ୍ୟବସ୍ଥା କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ଓଡ଼ିଶା ରଗ୍‌ବୀ ଖେଳାଳିମାନେ ଜାତୀୟସ୍ତରରେ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି ବୋଲି ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର କହିଛନ୍ତି। ଏହି ସମ୍ମିଳନୀରେ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ଓ ବିଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ମିଲୋସ ରାଓନିକ୍‌ଙ୍କ ଅବସର

ଓଟାଓ୍ୱା, ୧୩।୧(ଏପି)



ପୂର୍ବତନ ୱିମ୍ବେଲଡନ ଫାଇନାଲିଷ୍ଟ ମିଲୋସ ରାଓନିକ୍ ଟେନିସ୍‌ରୁ ଅବସର ନେଇଛନ୍ତି। ରାଓନିକ୍ କାନାଡାର ପ୍ରଥମ ଖେଳାଳି ଭାବେ ୨୦୧୬ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ ସେ ରୋଜର ଫେଡେରରଙ୍କୁ ୬-୩, ୬-୭, ୪-୬, ୭-୫, ୬-୩ରେ ହରାଇ ଦେଇଥିଲେ। ଫାଇନାଲରେ ସେ ଆଣ୍ଡି ମୁରେଙ୍କଠାରୁ ପରାଜିତ ହୋଇଥିଲେ। ସେହିବର୍ଷ ସେ ଆହୁରି ମଧ୍ୟ ଅଷ୍ଟ୍ରେଲିଆନ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ ଏବଂ ପ୍ରଥମଥର ପାଇଁ ଏଟିପି ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେହିବର୍ଷ ସେ କ୍ୟାରିୟର ଶ୍ରେଷ୍ଠ ୩ ନମ୍ବର ର‍୍ୟାଙ୍କିଙ୍ଗ୍‌କୁ ଉନ୍ନୀତ ହୋଇପାରିଥିଲେ। ଲମ୍ବା ସର୍ଭିସ୍ କରିପାରୁଥିବା ରାଓନିକ୍ ତାଙ୍କ ସମର୍ଥକଙ୍କ ନିକଟରେ 'ମିଜାଇଲ' ନାମରେ ପରିଚିତ ଥିଲେ। ୨୦୧୧ରେ ପ୍ରଫେସନାଲ ଖେଳାଳି ଭାବେ ପରିଣତ ହେବାପରେ ୮ ଏଟିପି ସିଙ୍ଗଲ୍ସ ଟାଇଟଲ ଜିତିଥିଲେ।

# ବଧିର ଦିନିକିଆ ଟ୍ରାଇ ସିରିଜ୍: ଓଡ଼ିଶା ରନରଅପ୍



ରନରଅପ୍ ଓଡ଼ିଶା ଦଳ।

ଭୁବନେଶ୍ୱର, ୧୩।୧(ତପନ ସ୍ୱାଇଁ)

ଓଡ଼ିଶା ଡିଫ୍ କ୍ରିକେଟ୍ ଆସୋସିଏଶନ (ଓଡିସିଏ) ଆନୁକୂଲ୍ୟରେ ଅନୁଗୋଳର ଓଏଫ୍‌ଆର୍‌ସି ଷ୍ଟାଡିୟମରେ ଦିନିକିଆ ଟ୍ରାଇ ସିରିଜ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତରପ୍ରଦେଶ ଚାମ୍ପିୟନ ଏବଂ ଓଡ଼ିଶା ରନରଅପ୍ ହୋଇଛି। ଅଂଶଗ୍ରହଣ କରିଥିବା ତୃତୀୟ ଦଳ ହେଲା ଆନ୍ଧ୍ରପ୍ରଦେଶ। ୪୦ ଓଭରବିଶିଷ୍ଟ ଫାଇନାଲରେ ଉତ୍ତରପ୍ରଦେଶ ୯ ଉଇକେଟ ହରାଇ ୨୨୬ ରନ୍ କରିଥିଲା। ଜବାବରେ ଓଡ଼ିଶା ଦଳ ୩୨ ଓଭରରେ ୧୬୭ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ଦୀପକ କୁମାର ପ୍ଲେୟର ଅଫ୍ ଦି ମ୍ୟାଚ୍, ସିରିଜ୍ ଓ ଶ୍ରେଷ୍ଠ ବୋଲର ଏବଂ ଗଜରାଜ ସ୍ୱାମୀ ଶ୍ରେଷ୍ଠ ବ୍ୟାଟର ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଗୋଳ ବିଏସ୍‌ଏସ୍‌ଓ(ବ୍ଲକ ସୋସିଆଲ ସିକ୍ୟୁରିଟି ଅଫିସର) ତ୍ରିଭିଶେଷ ଦଳବେହେରା ମୁଖ୍ୟ ଅତିଥି, ଜିନ୍ଦଲ ଫାଉଣ୍ଡେଶନ ଜିଏମ୍ ସିଏସ୍‌ଆର ଜୟନ୍ତ ମହାନ୍ତି, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଏବଂ ଜିନ୍ଦଲ ଫାଉଣ୍ଡେଶନ ସିଏସ୍‌ଆର ଆଶୁତୋଷ ମିଶ୍ର ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡିସିଏ ସାଧାରଣ ସମ୍ପାଦକ ତଥା ଭାରତୀୟ ବଧିର କ୍ରିକେଟ ଆସୋସିଏଶନ ଉପସଭାପତି ସାଗରକାନ୍ତ ସେନାପତି, ସିଇଓ ଶର୍ମିଳା ସୁବ୍ରମଣ୍ୟାନ୍‌ଙ୍କ ତତ୍ତ୍ୱାବଧାନରେ ସିରିଜ୍ ଅନୁଷ୍ଠିତ ହୋଇଥିଲା।

# ଶ୍ରାଚି ବେଙ୍ଗଲ ଟାଇଗର୍ସ ବିଜୟୀ

**ରାଞ୍ଚି, ୧୩।୧ (ପି.ଟି.):** ଚଳିତ ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଯୁଗରାଜ ସିଂଙ୍କ ପ୍ରଥମ ହ୍ୟାଟ୍ରିକ୍ ଗୋଲ ସହାୟତାରେ ଶ୍ରାଚି ବେଙ୍ଗଲ ଟାଇଗର୍ସ ୫-୩ ଗୋଲ୍‌ରେ ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରିଛି। ଦଳ ବର୍ତ୍ତମାନ ୪ର୍ଥ ସ୍ଥାନକୁ ଉଠିବା ସହ ଲିଗ୍‌ରେ ଏହାର ଆଶାକୁ ଉଜ୍ଜୀବିତ ରଖିଛି। ଦଳ ପକ୍ଷରୁ ଗୋଲ୍ କରିଥିବା ଅନ୍ୟ ଦୁଇ ଖେଳାଳି ହେଲେ ସୁଖଜିତ୍ (୩୩ତମ ମିନିଟ) ଓ ଅଭିଶେକ (୫୫ତମ)। ଅନ୍ୟପକ୍ଷରେ ଡ୍ରାଗନ୍ସ ତରଫରୁ ଆଦ୍ରୋହିତ୍ ଏକ୍କା (୩୬ତମ), ଥୋମାସ ସୋର୍ସବି (୪୮ତମ) ଓ ବ୍ଲେକ୍ ଗୋଭର୍ସ (୫୧ତମ) ପ୍ରମୁଖ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

# ୪ ଆମେରିକୀୟ ଖେଳାଳିଙ୍କ ଭିଜା ଆବେଦନ ଖାରଜ

**ନୂଆଦିଲ୍ଲୀ,୧୩।୧:** ଆସନ୍ତା ମାସରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ଆମେରିକାର ୪ ଖେଳାଳିଙ୍କ ଭିଜା ଆବେଦନକୁ ଖାରଜ କରି ଦିଆଯାଇଛି। ଫଳରେ ଟି୨୦ ବିଶ୍ୱକପ୍‌ରେ ସେମାନଙ୍କର ଖେଳିବାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ଏ ସମ୍ପର୍କରେ ଆମେରିକୀୟ ପେସର ଅଲୀ ଖାନ କହିଛନ୍ତି, ମୋ ଭଳି ୩ ପାକିସ୍ତାନରେ ଜନ୍ମିତ ଖେଳାଳିଙ୍କୁ ଭାରତୀୟ ଭିଜା ମନା କରାଯାଇଛି। ଏହାର ଅର୍ଥ ଆମେ ଟି୨୦ ବିଶ୍ୱକପ୍‌ରେ ଖେଳିପାରିବୁ ନାହିଁ। ଅଲୀଙ୍କ ବ୍ୟତୀତ ଅନ୍ୟ ୩ ଖେଳାଳି ହେଲେ ଶାୟାନ ଜାହାଙ୍ଗିର, ମହମ୍ମଦ ମହସିନ ଓ ଏହସାନ ଆଦିଲ। ଉଲ୍ଲେଖଯୋଗ୍ୟ ଯେ, ଶେଇଖୁପୁରାରେ ଜନ୍ମିତ ଆଦିଲ ପାକିସ୍ତାନ ପାଇଁ ୨୦୧୩ରୁ ୨୦୧୫ ମଧ୍ୟରେ ୩ ଟେଷ୍ଟ ଓ ୬ ଦିନିକିଆ ମ୍ୟାଚ୍ ଖେଳିଥିଲେ। ସେ ୪ ବର୍ଷ ତଳେ ଆମେରିକା ଚାଲିଯାଇଥିଲେ। ଏମାନେ ସମସ୍ତେ ପାକିସ୍ତାନରେ ଜନ୍ମିତ ହେଲେ ବର୍ତ୍ତମାନ ଆମେରିକୀୟ ନାଗରିକ। ଭାରତର ଭିଜା ନିୟମ ମୁତାବକ, ପାକିସ୍ତାନରେ ଜନ୍ମିତ ସମସ୍ତ ବ୍ୟକ୍ତିଙ୍କୁ ଜନ୍ମ ହୋଇଥିବା ଦେଶର ପାସପୋର୍ଟ ଜରିଆରେ ଭିଜା ଆବେଦନ କରିବା ନିହାତି ଆବଶ୍ୟକ। ଏହାର ଅର୍ଥ ଏହି ନିୟମ ଯୋଗୁ କେବଳ ଆମେରିକା ନୁହେଁ, ବିଶ୍ୱକପ୍‌ରେ ଭାଗ ନେଉଥିବା ୮ ଦଳ ପ୍ରଭାବିତ ହେବେ। ଏହି ତାଲିକାରେ ୟୁଏଇ, ଓମାନ, ନେପାଳ, କାନାଡା, ଇଂଲଣ୍ଡ, ଜିମ୍ବାଓ୍ୱେ ଓ ନେଦରଲାଣ୍ଡ ଭଳି ଦଳ ରହିଛନ୍ତି।


# Classified Everyday

0674-2580101, 9692975378



MATRIMONIAL

GROOM WANTED

ବୟସ 29, Bankରେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-3080



REAL ESTATE

SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023



3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777

GROUND FLOOR 2BHK 1000SQFT BOTHSIDE ROAD AT CHINTAMANISWAR NEAR TEMPLE WALKABLE DISTANCE TO CUTTACK ROAD RAIL BHUBANESWAR. FOR OFFICE, OFFICE CUM RESIDENCE, GODOWN FOR LIGHT GOODS. 6370087588/ 7008211947. D-3074



All types of physiotherapy and massage. Contact: 9556924059/ 7656969134. D-3075

## LOST

Extract of GD No. 021 dated 11.01.2026 of Sunabeda Police Station, I, Geeta Tripathy (50), wife of Pranaya Tripathy, resident of Kakigan Road, P.S.- Sunabeda, District- Koraput declare that my sale deed relating to Kakigan Mauza, Plot Nos. 1359/1517/1483, Khata Nos. 130/1373, is not traceable. Matter is entered in GD for future reference. D-3096

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before Notary Public, Bhubaneswar, Date- 08.01.2026, I, Soumyaranjan Barik, At- Bariksahi, P.O.- Dharmadaspur, VTC- Gunupur, Sub District- Mahanga, Dist.- Cuttack, PIN- 754204, Odisha, India declare that I have changed the name of my daughter from PUJA BARIK to PRITIMANJARI BARIK. Henceforth, she shall be known as PRITIMANJARI BARIK for all purposes.
Soumyaranjan Barik D-3097

I, Pranati Rout, W/o. Late Suresh Kumar Rout, At/P.O.- Kanapura, P.S.- Kamakhyanagar, Dist.- Dhenkanal solemnly declare that by the affidavit before the Executive Magistrate, Dhenkanal, my surname has been changed from Pranati Samal to Pranati Rout. Henceforth, I shall be known as PRANATI ROUT for official & all other purposes. D-3098

I hitherto known as Sunita Bhanja, D/o. Alekha Chandra Bhanja, R/o. Vill.- Malabiharpur, P.O.- Kadalibadi, P.S.- Banki, Dist.- Cuttack, 754029, Odisha have changed my name and shall hereafter be known as Sunitha Bhanjdeo. D-3099

I hitherto known as Sunil Kumar Bhanja, S/o Alekha Chandra Bhanja, R/o. Vill.- Malabiharpur, P.O.- Kadalibadi, P.S.- Banki, Dist.- Cuttack, 754029, Odisha have changed my name and shall hereafter be known as Sunil K Bhanjdeo. D-3100

By virtue of an affidavit sworn before Executive Magistrate, Basudevpur, dated- 04.10.2025, I, Narayan Ghadai, 71 yrs, S/o.- Late Jogendra Ghadai, At- Apartipur, P.O.- Matipaka, P.S.- Naikanidihi, Dist.- Bhadrak do hereby solemnly declare that as per my Aadhaar Card my name is Narayan Ghadai which is wrongly mentioned as Narayan Chandra Ghadai in my son Krushna Chandra Ghadai's Passport. I declare that Narayan Ghadai and Narayan Chandra Ghadai is one and same person. D-3101

By virtue of an affidavit sworn before in the Court of Executive Magistrate, Pipili, dated- 26.11.2025 I, Digbijaya Behera, S/o.- Dibakar Behera, At/P.O.- Laxminarayanpur, P.S.- Pipili, Dist.- Puri, Odisha- 752104 declare that I have changed my name from Digbijay Behera to Digbijaya Behera. Henceforth, I shall be known as Digbijaya Behera for all purposes.
Digbijaya Behera D-3102

## LEGAL NOTICE

IN THE COURT OF THE JUDGE, FAMILY COURT, BALANGIR
C.P. (MAT) NO.10 OF 2025
Rajkishor Pani ......Petitioner
VERSUS
Geetanjali Pani .....Respondent
NOTICE UNDER ORDER 5 RULE 20(1) OF CPC
To
Geetanjali Pani, W/o. Rajkishor Pani, D/o. Prasanna Kumar Mishra, aged about 39 years, Occupation: Private Teacher, resident of Indra Nagar, Balangir Town, P.O.- Balangir, P.S./Civil Judgeship & Dist.- Balangir, PIN- 767001 (Odisha), At Present residing at Village Bagbahali, P.O.- Khari, P.S.- Tarva, Civil Judgeship & Dist.- Subarnapur (Odisha).

Take notice that the petitioner Rajkishor Pani has filed a proceeding under section 13 of Hindu Marriage Act against you. You are hereby noticed to appear before the Court in person or by a pleader duly well instructed and able to answer all materials relating to this proceeding on 27.01.2026 and in default of your appearance on the day as mentioned, the proceeding will be heard and determined in your absence.

Given under my hand and the seal of court this 23rd day of December 2025. By order
Sd./- Judge Family Court, Balangir D-3095

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱ ଡା. ନଟବର ନାୟକ
(ହୋମିଓପ୍ୟାଥ୍)
ଜଗତ୍‌ସିଂହପୁର
ଆବିର୍ଭାବ- ୦୪।୧୧।୧୯୩୭
ତିରୋଧାନ- ୦୫।୦୨।୨୦୨୪
ଆପଣ ଏକାଧାରାରେ ଜଣେ ସଫଳ ଚିକିତ୍ସକ, ଶିକ୍ଷକ, ଲେଖକ ଓ ସମାଜସେବୀ। ହୋମିଓପ୍ୟାଥ୍ ଚିକିତ୍ସାରେ ମାନବ ସେବା ପାଇଁ ଆପଣ ଓଡ଼ିଶାର ପୁରପଲ୍ଲୀ ତଥା ହୋମିଓପ୍ୟାଥ୍ ଜଗତରେ ଖ୍ୟାତି ଅର୍ଜନ କରିଛନ୍ତି। ପ୍ରତି ମୁହୂର୍ତ୍ତରେ ଆମେ ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ନୀତି ଓ ଆଦର୍ଶକୁ ଝୁରି ହେଉଛୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଆପଣଙ୍କ ଆତ୍ମାର ସଦ୍‌ଗତି ହେଉ, ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:- ବନ୍ଧୁ ଓ ପରିବାରବର୍ଗ
D- 3103

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ ଅଭିରାମ ନାୟକ
ରାଧାରମଣ କଲୋନି, କପିଳ ପ୍ରସାଦ, ଭୁବନେଶ୍ୱର
ଆବିର୍ଭାବ- ୧୨।୦୮।୧୯୬୩
ତିରୋଧାନ- ୨୧।୦୧।୨୦୨୪
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ନୀତି, ଆଦର୍ଶ ଚିରସ୍ମରଣୀୟ ଏବଂ ଅନୁକରଣୀୟ ହୋଇ ରହିବ। ଚଳିତ ମାଘ ମାସ ତା.୧୪।୦୧।୨୦୨୬ ବୁଧବାର ମକର ସଂକ୍ରାନ୍ତି ଦିନ ଆପଣଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ବିନମ୍ର ପ୍ରାର୍ଥନା ଜଣାଉଛୁ।
-:ଶୋକସନ୍ତପ୍ତ:-
ଅକ୍ଷୟ କୁମାର ନାୟକ, ସଞ୍ଜୁ, ମାମାଲି, ମଳୟ, ସ୍ତ୍ରୀ- ରଞ୍ଜିତା, ପୁତ୍ର- ଆକାଶ, କପିଳା ଓ ଆତ୍ମୀୟସ୍ୱଜନ।
D- 3102

## ରଜନୀଗନ୍ଧାର ଉନ୍ନତ କିସମ



ରଜନୀଗନ୍ଧା ଚାଷ କରୁଥିଲେ କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର,କୋଏମ୍ବାଟୋର,ସିଙ୍ଗଲ ଓ ସୁହାସିନୀ (ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରାୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡ଼ିକୁ ୨.୫ସେ.ମି ବ୍ୟାସ୍ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକ ପ୍ରତି ୧୬୦କେ.ଜି ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡ଼ିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

## ପୋଟଳରେ ଫୁଲଫଳ ଧରୁଥିଲେ...



ପୋଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।

## ମାଣ୍ଡିଆରେ ସାର ପ୍ରୟୋଗ...



ମାଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡ଼ିକୁ ଧାଡ଼ି ୨୦ସେ.ମି ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪:୧୬:୧୨ ଅନୁପାତରେ ଯବକ୍ଷାରଜାନ,ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହ ସମସ୍ତ ଫସ୍‌ଫରସ୍ ଓ ପଟାସ ପ୍ରୟୋଗ କରନ୍ତୁ। ସଅଳ ରୁଆଯାଇଥିବା ମାଣ୍ଡିଆ ଲଗାଇବାର ୩-୪ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କଲେ ଭଲ।

# ଗୋବନ୍ଧ୍ୟା ନିରାକରଣ



ଡା.ବୀରକିଶୋର ପରିଡ଼ା



"ବର୍ତ୍ତମାନ ପରିସ୍ଥିତିରେ ଦୁଗ୍ଧର ଚାହିଦା ମେଣ୍ଟାଇବା ପାଇଁ ସଙ୍କର ଜାତୀୟ୍ ଗୋପାଳନ ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି। ଏହାଦ୍ୱାରା ସେମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇବ। ଏହି ପରିସ୍ଥିତିରେ ସଙ୍କର ଜାତୀୟ୍ ଛଡ଼ା ଓ ଗାଈ ଯଦି ଠିକ୍ ସମୟରେ ଅର୍ଥାତ୍ ବର୍ଷକୁ ଥରେ ବାଛୁରି ଜନ୍ମ ନ କରନ୍ତି, ତା' ହେଲେ ଚାଷୀର ଉପରୋକ୍ତ ଲକ୍ଷଣ ପୂରଣ ହୋଇପାରିବ ନାହିଁ। ଫଳରେ ଚାଷୀର ଆର୍ଥିକ ଅବସ୍ଥାରେ ମଧ ଅବନତି ଦେଖାଦେବ ଏବଂ ତା'ର ମେରୁଦଣ୍ଡ ଭାଙ୍ଗିଯିବ। ତେଣୁ ଗୋବନ୍ଧ୍ୟା ନିରାକରଣ ଚାଷୀ ଓ ଖାଉଟିଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ।"

ସାଧାରଣତଃ ଗୋବନ୍ଧ୍ୟା ବା ଗାଈଙ୍କ ବନ୍ଧ୍ୟାଦୋଷ ଦୁଇଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମଟି ହେଲା – ସ୍ଥାୟୀ ବନ୍ଧ୍ୟାଦୋଷ, ଅନ୍ୟଟି ହେଲା – ଅସ୍ଥାୟୀ ବନ୍ଧ୍ୟାଦୋଷ।

**ସ୍ଥାୟୀ ବନ୍ଧ୍ୟାଦୋଷ :** ଛଡ଼ା ବା ଗାଈର ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶର ଅପ୍ରାକୃତିକ ଗଠନ, ନିକୃଷ୍ଟ ଗଠନ କିମ୍ବା ଶରୀରର ବିଭିନ୍ନ ଗ୍ରନ୍ଥି ଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ଯୋଗୁ ଯେଉଁ ଗାଈଙ୍କୁ ପ୍ରଜନନକ୍ଷମ କରାଯାଇପାରିବ। ସେହି ଅବସ୍ଥାକୁ ସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ। ସଂକ୍ଷେପରେ କହିବାକୁ ଗଲେ, ଗାଈ ବା ଛଡ଼ା ଆଦୌ ବାଛୁରୀ ଜନ୍ମକରି ନ ପାରିବାର କ୍ଷମତାକୁ ସ୍ଥାୟୀ ଗୋବନ୍ଧ୍ୟା କହନ୍ତି।

**ଅସ୍ଥାୟୀ ବନ୍ଧ୍ୟାଦୋଷ :** ଯେଉଁ ଗାଈ ବା ଛଡ଼ାର ଜନନେନ୍ଦ୍ରିୟ ପ୍ରଣାଳୀର ବିଭିନ୍ନ ଅଂଶ ଯଥା – ଡିମ୍ବକୋଷ, ଜରାୟୁ ଇତ୍ୟାଦିର ଗଠନ ଆଶାଜନକ ଭାବେ ହୋଇ ନ ଥିବ; କିନ୍ତୁ ଚିକିତ୍ସା, ଉପଯୁକ୍ତ ଖାଦ୍ୟ ଓ ଲାଳନପାଳନ ଦ୍ୱାରା ଗାଈ ବା ଛଡ଼ାମାନଙ୍କୁ ପ୍ରଜନନକ୍ଷମକରି ଗର୍ଭବତୀ କରାଯାଇପାରିବ। ସେହି ଅବସ୍ଥାକୁ ଅସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ। ପ୍ରଜନନ ଶକ୍ତିର ହ୍ରାସକୁ ଅସ୍ଥାୟୀ ଗୋବନ୍ଧ୍ୟା କହନ୍ତି। ଉପରୋକ୍ତ ଦୁଇ ବନ୍ଧ୍ୟାଦୋଷ ମଧ୍ୟରୁ ଗାଈ ବା ଛଡ଼ାର ସ୍ଥାୟୀ ବନ୍ଧ୍ୟାଦୋଷ ନିରାକରଣକରିବା ସମ୍ଭବ ହୁଏ ନାହିଁ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଏହାର ନିରାକରଣ ପାଇଁ ପଦକ୍ଷେପ ନେବା ବାଞ୍ଛନୀୟ ନୁହେଁ। କିନ୍ତୁ ଦ୍ୱିତୀୟ ଅବସ୍ଥା – ଅସ୍ଥାୟୀ ବନ୍ଧ୍ୟାଦୋଷ ପାଇଁ ଗାଈ ବା ଛଡ଼ାକୁ ପରୀକ୍ଷା ନିରୀକ୍ଷାକରି ଉପଯୁକ୍ତ ଯତ୍ନ ଯଥା – ଚିକିତ୍ସା, ଉତ୍ତମ ଖାଦ୍ୟ ଯୋଗାଣ, ଉନ୍ନତ ଲାଳନପାଳନ ଦ୍ୱାରା ପ୍ରଜନନକ୍ଷମ କରାଯାଇ ଗୋପାଳକମାନଙ୍କ ସମସ୍ୟା ସମାଧାନ କରାଯାଇପାରିବ।

**ଅସ୍ଥାୟୀ ବନ୍ଧ୍ୟାଦୋଷର କାରଣ**

ସାଧାରଣତଃ ମାଈ ବାଛୁରି ଜନ୍ମହେବା ପରଠାରୁ ଛଡ଼ା ହେବା ପର୍ଯ୍ୟନ୍ତ କିମ୍ବା ଗାଈଟି ଜନ୍ମ କରିସାରିବା ପରେ ଠିକ୍ ସମୟରେ ବିଭିନ୍ନ କାରଣରୁ ଗରମକୁ ଆସନ୍ତି ନାହିଁ କିମ୍ବା ପ୍ରଜନନକ୍ଷମ ବା ଗର୍ଭବତୀ ହୋଇପାରନ୍ତି ନାହିଁ। ଏହାର କେତୋଟି ମୁଖ୍ୟ କାରଣ ହେଲା –

- ଉତ୍ତମ ସୁଷମ ଖାଦ୍ୟ, ଖାଦ୍ୟପ୍ରାଣ ଓ ଧାତବ ଲବଣର ଅଭାବ।
- ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶ ଉପଯୁକ୍ତ ଭାବେ ବୃଦ୍ଧି ନ ଘଟିବା।
- ଶରୀରର ବିଭିନ୍ନ ଗ୍ରନ୍ଥି ଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ହରାଇବା।
- ଶରୀର ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ଦୁର୍ବଳ ଅବସ୍ଥା ଉପୁଜିବା ଯଥା – ଯକ୍ଷ୍ମା, ଫାଟୁଆ, ଛେରାରୋଗ, କୃମିରୋଗ ଇତ୍ୟାଦି।
- ଜନନେନ୍ଦ୍ରିୟ ପ୍ରଣାଳୀର ଅଂଶଗୁଡ଼ିକ ବିଭିନ୍ନ ଜୀବାଣୁ ଦ୍ୱାରା ଆକ୍ରାନ୍ତ ହେବା ଦ୍ୱାରା ଗାଈଗୁଡ଼ିକ ବାରମ୍ବାର ଲେଉଟାଇଥାନ୍ତି ବା ଗରମକୁ ଆସିଥାନ୍ତି।
- ଗାଈଙ୍କର ବାର୍ଦ୍ଧକ୍ୟ ଅବସ୍ଥାରେ ଦାନ୍ତ ପଡ଼ିଯାଏ। ତେଣୁ ଖାଦ୍ୟ ପଦାର୍ଥ ସହଜରେ ହଜମ ହୁଏ ନାହିଁ। ଫଳରେ ଗାଈ ଗରମକୁ ଆସନ୍ତି ନାହିଁ।
- ବିଭିନ୍ନ ପ୍ରକାର ଜଳବାୟୁ ଓ ପାରିପାର୍ଶ୍ୱିକ ଅବସ୍ଥା : ସାଧାରଣତଃ ଗାଈମାନେ ବର୍ଷା ଓ ଶୀତଦିନେ ଯଥେଷ୍ଟ ଘାସ ଖାଇବାକୁ ପାଉଥିବାରୁ ଅଧିକ ଗରମକୁ ଆସି ଗର୍ଭବତୀ ହୁଅନ୍ତି। କିନ୍ତୁ ଖରାଦିନେ ଖାଦ୍ୟାଭାବ ସହ ହର୍‌ମୋନ୍‌ର ଅଭାବ ଯୋଗୁ ଖୁବ୍ କମ୍ ଗାଈ ଗରମକୁ ଆସିଥାନ୍ତି।
- ଉପଯୁକ୍ତ ଲାଳନପାଳନର ଅବ୍ୟବସ୍ଥା ଇତ୍ୟାଦି।

**ଗାଈ ବା ଛଡ଼ାର ଏପରି ବନ୍ଧ୍ୟାଦୋଷ କିପରି ଜାଣିବ**

ସାଧାରଣତଃ ଦେଶୀ ଛଡ଼ା ୨ବର୍ଷରୁ ଅଢ଼େଇବର୍ଷ ମଧ୍ୟରେ ଓ ବିଭିନ୍ନ ସଙ୍କର ଜାତୀୟ ଛଡ଼ା ବର୍ଷେରୁ ଦେଢ଼ବର୍ଷ ମଧ୍ୟରେ ପୂର୍ଣ୍ଣାବସ୍ଥା ପ୍ରାପ୍ତ ହୁଏ ଏବଂ ପ୍ରଜନନକ୍ଷମ ହୋଇଥାନ୍ତି। ଛଡ଼ାଟି ଗର୍ଭବତୀ ହୋଇ ଜନ୍ମ କରିସାରିବା ପରେ ୨ମାସରୁ ୩ମାସ ମଧ୍ୟରେ ତା'ର ପୁନର୍ବାର ଋତୁସ୍ରାବ ହେବା ଉଚିତ। ଏଥିରେ ବ୍ୟତିକ୍ରମ ଘଟିଲେ ଗୋପାଳକ ଜାଣିନେବା ଉଚିତ ଯେ, ଛଡ଼ା କିମ୍ବା ଗାଈର ଅସ୍ଥାୟୀ ବନ୍ଧ୍ୟାଦୋଷ ଉପୁଜିଛି। ଯେହେତୁ ଗାଈଟିଏ ଗର୍ଭଧାରଣକରି ବାଛୁରୀଟିଏ ପ୍ରତିବର୍ଷ ଜନ୍ମ ନଦେଲେ କ୍ଷୀର ଉତ୍ପାଦନ ହୁଏ ନାହିଁ ଏବଂ ବର୍ଷକ ବ୍ୟବଧାନରେ ବାଛୁରିଟି ଜନ୍ମ ନ ହେଲେ ଆର୍ଥିକ ଦୃଷ୍ଟିକୋଣରୁ ଗୋପାଳନ ଲାଭଜନକ ନୁହେଁ। ଗୋପାଳକମାନେ ମନେ ରଖିବା ଉଚତ, ଯେପରିକି ଗାଈଙ୍କର ଅସ୍ଥାୟୀ ବନ୍ଧ୍ୟାଦୋଷ ନ ହୁଏ।

**କେଉଁ କେଉଁ ଜାତୀୟ ଗାଈଙ୍କଠାରେ ଗୋବନ୍ଧ୍ୟା ଲକ୍ଷଣ ବେଶି ଦେଖାଯାଏ :** ଆମର ଦେଶୀଗାଈଗୁଡ଼ିକ ସାଧାରଣତଃ ସବୁଜ ଘାସ, ଜଙ୍ଗଲଜାତ ଲଟାପତ୍ର ଉପରେ ନିର୍ଭରକରି ଚଳନ୍ତି। ତଥାପି ଦେଶୀଗାଈଗୁଡ଼ିକ ପ୍ରାୟ ୨ବର୍ଷରୁ ୩ବର୍ଷ ବ୍ୟବଧାନରେ ବାଛୁରି ଜନ୍ମ କରନ୍ତି। ସଙ୍କର ଜାତୀୟ ଗାଈଗୁଡ଼ିକ ଉପଯୁକ୍ତ ଖାଦ୍ୟ ତଥା ଉତ୍ତମ ସୁଷମ ଗୋଖାଦ୍ୟ, ସବୁଜ ଘାସ ଇତ୍ୟାଦି ଅଭାବରୁ ସାଧାରଣତଃ ଠିକ୍ ସମୟରେ ଗରମକୁ ଆସନ୍ତି ନାହିଁ କିମ୍ବା ଋତୁସ୍ରାବ ହୁଏ ନାହିଁ। ସଙ୍କର ଜାତୀୟ ଗାଈ ବେଶି ପରିମାଣରେ କ୍ଷୀର ଉତ୍ପାଦନ କରିବା ସହ ଉପଯୁକ୍ତ ଖାଦ୍ୟର ଅଭାବ, ବିଭିନ୍ନ ପ୍ରକାର ପାରିପାର୍ଶ୍ୱିକ ଜଳବାୟୁ ନେଇ ଅସ୍ଥାୟୀ ବନ୍ଧ୍ୟାଦୋଷ ଦେଖାଯାଏ।

**ଗୋବନ୍ଧ୍ୟା ଦୋଷ ଯୋଗୁ ଗୋପାଳକମାନଙ୍କ ସମସ୍ୟା:** ବର୍ତ୍ତମାନ ପରିସ୍ଥିତିରେ ଦୁଗ୍ଧର ଚାହିଦା ମେଣ୍ଟାଇବା ପାଇଁ ସଙ୍କର ଜାତୀୟ ଗୋପାଳନ ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି। ଏହାଦ୍ୱାରା ସେମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇବ। ଏହି ପରିସ୍ଥିତିରେ ସଙ୍କର ଜାତୀୟ ଛଡ଼ା ଓ ଗାଈ ଯଦି ଠିକ୍ ସମୟରେ ଅର୍ଥାତ୍ ବର୍ଷକୁ ଥରେ ବାଛୁରୀ ଜନ୍ମ ନ କରନ୍ତି, ତା' ହେଲେ ଚାଷୀର ଉପରୋକ୍ତ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଫଳରେ ଚାଷୀର ଆର୍ଥିକ ଅବସ୍ଥାରେ ମଧ ଅବନତି ଦେଖାଦେବ ଏବଂ ତା'ର ମେରୁଦଣ୍ଡ ଭାଙ୍ଗିଯିବ। ତେଣୁ ଗୋବନ୍ଧ୍ୟା ନିରାକରଣ ଚାଷୀ ଓ ଖାଉଟିଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ। (କ୍ରମଶଃ..)

–ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ,
ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଅନ୍ତରେ...

### ସୋରିଷ



ଆବଶ୍ୟକତା ନେଇ ଜଳସେଚନ କରନ୍ତୁ। ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି. ସିଞ୍ଚନ କରନ୍ତୁ। କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ କିମ୍ବା ୧୦୦୦ ମି.ଲି. କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

### ସୂର୍ଯ୍ୟମୁଖୀ



ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ।

### ଶାଗ

ଶୀତଦିନଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗ ଚାଷ କରନ୍ତୁ।

### କୋବି



କୋବିଜାତୀୟ ଫସଲରେ ପତ୍ରବିନ୍ଧା ପୋକ, ଠିକିରିପିଆ ପୋକ, କରତିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ଏକ ଲିଟର ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫ ଏସ୍.ସି. କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲୁଜି ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ବିଳମ୍ବ କିସମ ଫୁଲକୋବି ପାଇଁ ତଳିପଟି ପ୍ରସ୍ତୁତ କରି ତଳି ପକାନ୍ତୁ।

### ତରଭୁଜ



ବିହନ ବିଶୋଧନକରି ତରଭୁଜ ଲଗାନ୍ତୁ। କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ। ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ। ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ।

## ମାଛ ଯାଆଁଳ ଛାଡୁଥିଲେ...



ମାଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା– ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୁପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ। କାରଣ ବିଭିନ୍ନ ପ୍ରକାର ମାଛ ଜଳର ବହୁ ସ୍ତରରୁ ବିଭିନ୍ନ ପ୍ରକାର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି। ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗକରି ସୁଚାରୁ ରୂପେ ବଢ଼ିଥାନ୍ତି। ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ। କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ୨ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ ଟି ଜାତୀୟ ଏବଂ ୩ ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ୧ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧–୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧–୬୦ ମି.ମି.) ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ ଟି ଭାକୁର, ୧୬୦୦ ଟି ରୋହି ଏବଂ ୧୨୦୦ ଟି ମିରିକାଳି (୨୧ରୁ ୪୦ ମି.ମି.) ଛାଡ଼ିବାକୁ ହେବ।

## ପନିପରିବାରେ ରୋଗପୋକ ଦମନ



ପନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କିଡ଼ିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବାର ବହୁ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମି.ଲି. ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡାକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମି.ଲି .ମାଲାଥିଅନ୍ ସହ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପ କରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା – ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇ ଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଡା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମି.ଲି. ଇଥିଅନ୍ ସିଞ୍ଚନ କରନ୍ତୁ। ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ନିମନ୍ତେ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦ ହଜାର ଟ୍ରାଇକୋଗାମା ପରାଶ୍ରୟୀ ଛାଡ଼ନ୍ତୁ। ୩୦୦ ପିପିଏ ନିମ୍ବଜାତ କୀଟନାଶକ ବିଷକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ୍ ଓ କଳା କଖାରୁ ଭୃଙ୍ଗ ଦମନ ଲାଗି ଏକର ପ୍ରତି ୮୦୦ ଗ୍ରାମ୍ କାର୍ବାରିଲ୍ ପ୍ରୟୋଗ କରନ୍ତୁ। ପନିପରିବାରେ ଦହିଆ ପୋକ ଦେଖାଯାଉଥିଲେ ଏହାର ଦମନ ସକାଶେ ଫସଲ ଫଳନ୍ତି ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମିଲି ମାଲାଥିଅନ୍ ଏବଂ ଅନ୍ୟ ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ୍ ଡିମେଟନ୍ କିମ୍ବା ମେଟାସିଡ୍ ମିଶାଇ ସିଞ୍ଚନ କରନ୍ତୁ।



## ଧାନ ସଂରକ୍ଷଣ

ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇଦେବା ଉଚିତ। ଧାନ ସାଇତିବା ପୂର୍ବରୁ ଅମାର ଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ। ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ। ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଡାଲୁଅ ଧାନ ତଳି ପ୍ରସ୍ତୁତି (୧ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅକରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ। ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ। ୧୨–୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ। ବିହନରୁ କଣ୍ଡା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ। ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ। ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ।

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୪/୨୦୨୬ Bhubaneswar, Wednesday, January 14/ 2026

# ସିରିଜ୍ ବିଜୟ ଲକ୍ଷ୍ୟରେ ଭାରତ



ଭାରତୀୟ ଦଳର ଟ୍ରେନିଂ ଅବସରରେ ଅଧିନାୟକ ଶୁବମନ ଗିଲ୍।

**ରାଜକୋଟ,୧୩।୧(ପି.ଟି.)**

ସ୍ଥାନୀୟ ନିରଞ୍ଜନ ଶାହା ଷ୍ଟାଡିୟମରେ ବୁଧବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ଭଦୋଦରାରେ ପ୍ରଥମ ଦିନିକିଆ ମ୍ୟାଚ୍‌କୁ ୪ ଉଇକେଟରେ ଜିତିଥିବା ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ମ୍ୟାଚ୍ ଜିତି ସିରିଜ୍‌କୁ ଆଗୁଆ ଦଖଲ ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ମାଇକେଲ ବ୍ରେସ୍‌ୱେଲଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ଦଳ ଏହି ମ୍ୟାଚ୍‌କୁ ଜିତି ସିରିଜ୍‌କୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଜବରଦସ୍ତ ଫର୍ମରେ ଥିବା ଭାରତୀୟ ଦଳର ଦୁଇ ସିନିୟର ବ୍ୟାଟର ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଉପରେ ଏବେ ସଭିଙ୍କ ନଜର ରହିବ।

ପ୍ରଥମ ମ୍ୟାଚ୍‌ରେ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିବା ସ୍ପିନ୍ ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦର ସିରିଜ୍‌ରୁ ବାଦ୍ ପଡ଼ିଥିବା ବେଳେ ତାଙ୍କ ବଦଳରେ ଦିଲ୍ଲୀର ଆୟୁଷ ବଦୋନୀଙ୍କୁ ଦଳରେ ସାମିଲ କରାଯାଇଛି। ହେଲେ ତାଙ୍କୁ ବର୍ତ୍ତମାନ ପଦାର୍ପଣ ସୁଯୋଗ ମିଳିବାର ବିଶେଷ ସମ୍ଭାବନା ନାହିଁ। ସୁନ୍ଦରଙ୍କ ବଦଳରେ ଟିମ୍ ମ୍ୟାନେଜ୍‌ମେଣ୍ଟ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଚୂଡ଼ାନ୍ତ ଦଳରେ ସାମିଲ କରିପାରେ। କାରଣ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ କାର୍ଯ୍ୟକାଳରେ ବହୁମୁଖୀ ପ୍ରତିଭା ଖେଳାଳିଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଯଦି ସୁନ୍ଦରଙ୍କ ସ୍ଥାନରେ ଦଳ ସ୍ପେଶାଲିଷ୍ଟ ବ୍ୟାଟରଙ୍କୁ ଦଳରେ ସାମିଲ କରିବାକୁ ଚାହେଁ, ତେବେ ଧ୍ରୁବ ଜୁରେଲଙ୍କ ଭଳି ବିକଳ୍ପ ରହିଛନ୍ତି। ଏହା ବ୍ୟତୀତ ଦଳୀୟ କମ୍ବିନେଶନକୁ ନେଇ ବିଶେଷ କୌଣସି ସମସ୍ୟା ନାହିଁ।

ଭଦୋଦରାଠାରେ ଖେଳା ଯାଇଥିବା ମ୍ୟାଚ୍‌ରେ କୋହଲି ଅଳ୍ପକେ କ୍ୟାରିୟରର ୫୪ତମ ଦିନିକିଆ ଶତକ ହାତଛଡ଼ା କରିଥିଲେ। ତାଙ୍କ ଉଇକେଟ ପଡ଼ିବା ସହ ମିଡଲ ଅର୍ଡର କୋଲାପ୍ସ କରିଥିଲା। ଶେଷଆଡ଼କୁ ଲୋକେଶ ରାହୁଲ ଦାୟିତ୍ୱ ସମ୍ଭାଳିଥିଲେ। ମ୍ୟାଚ୍‌ରେ ଅଧିନାୟକ ଗିଲ୍ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଉପଅଧିନାୟକ ଶ୍ରେୟସ ଆୟାର ୧ ରନ୍ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ରୋହିତ ଏହି ମ୍ୟାଚ୍‌ରେ ଛୋଟିଆ ଇନିଂସ୍ ଖେଳିଥିଲେ ମଧ୍ୟ ସେ ଲୟରେ ନଜର ଆସିଥିଲେ। ଏଣୁ ମ୍ୟାଚ୍‌ରେ ରୋହିତ୍‌ଙ୍କଠାରୁ ମଧ୍ୟ ଭଲ ଇନିଂସ୍‌ର ଆଶା କରାଯାଉଛି। କିନ୍ତୁ ଭାରତୀୟ ବୋଲିଂ ବିଭାଗର ପ୍ରଦର୍ଶନରେ ଖୁବ୍ ସୁଧାରର ଆବଶ୍ୟକତା ରହିଛି। ପ୍ରଥମ ମ୍ୟାଚ୍‌ରେ ସ୍ପିନରମାନେ ଦଳକୁ ଉଇକେଟ ପ୍ରଦାନ କରିବାରେ ସଂଘର୍ଷ କରିଥିଲେ। କେବଳ ଯୁବ ପେସରମାନେ ଦଳକୁ ଆବଶ୍ୟକ ସମୟରେ ବ୍ରେକ୍ ଥ୍ରୁ ପ୍ରଦାନ କରିଥିଲେ। କୋଟ୍‌ଲା ପିଚ୍‌ରେ ସ୍ପିନରଙ୍କୁ ଅଧିକ ସହାୟତା ମିଳିବ ବୋଲି ଆଶା କରାଯାଉଛି।

ଅନ୍ୟପକ୍ଷରେ ପ୍ରଥମ ମ୍ୟାଚ୍‌ରେ ଅଳ୍ପକେ ପରାଜିତ ହୋଇଥିବା ନ୍ୟୁଜିଲାଣ୍ଡ ଲାଗି ଅନେକ ଖେଳାଳି ଭଲ ପ୍ରଦର୍ଶନ କରିଥିଲେ। ଡେଭନ କନ୍‌ୱେ ଓ ହେନରୀ ନିକୋଲାସ ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିବା ବେଳେ ନଂ-୪ ଡାର୍ଲି ମିଚେଲ ବିସ୍ଫୋରକ ୮୪ ରନ୍‌ର ଇନିଂସ ଖେଳିଥିଲେ, ଯାହାଫଳରେ ଦଳ ୩୦୦ ରନ୍ ସ୍କୋର କରିପାରିଥିଲା। ମିଚେଲ ହେ ଓ କ୍ରିଷ୍ଟିଆନ କ୍ଲାର୍କ ଦଳକୁ ବିସ୍ଫୋରକ ଫିନିଶିଂ ପ୍ରଦାନ କରିଥିଲେ। ବୋଲିଂରେ କାଏଲ ଜେମିସନ ୪ ଉଇକେଟ ନେଇ ଏକଦା ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇଆସିଥିଲେ।

**ସମ୍ଭାବ୍ୟ ଭାରତୀୟ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟାର (ଉପଅଧିନାୟକ), ଲୋକେଶ ରାହୁଲ (ଉଇକେଟ୍‌କିପର), ଧ୍ରୁବ ଜୁରେଲ/ନୀତୀଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡେଜା, ହର୍ଷିତ ରାଣା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା/ଅର୍ଶଦୀପ ସିଂ, କୁଳଦୀପ ଯାଦବ।

**ସମୟ: ଅପରାହ୍ଣ ୧:୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ରେକର୍ଡ ଅପେକ୍ଷାରେ ବିରାଟ କୋହଲି



**ରାଜକୋଟ,୧୩।୧:** ଫୁଲ୍ ଫର୍ମରେ ଥିବା ବିରାଟ କୋହଲି ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଏକ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇପାରନ୍ତି। କୋହଲି ଗତ ୫ ମ୍ୟାଚ୍‌ରେ ୫ଥର ୫୦ରୁ ଅଧିକ ସ୍କୋର କରିଛନ୍ତି। ଏହି ଧାରା ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରୁ ଆରମ୍ଭ ହୋଇଥିଲା। କୋହଲି ଏବେ ଲଗାତର ୫ ଦିନିକିଆ ମ୍ୟାଚ୍‌ରେ ୫୦ରୁ ଊର୍ଦ୍ଧ୍ୱ ରନ୍ କରିଥିବା ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ୍, ରୋହିତ ଶର୍ମା ଓ ଅଜିଙ୍କ୍ୟ ରାହାନେଙ୍କ ସହ ମିଳିତ ଚତୁର୍ଥ ସ୍ଥାନରେ ରହିଛନ୍ତି। ଯଦି ସେ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ଅର୍ଦ୍ଧଶତକ କରନ୍ତି, ତେବେ ସେ କେନ୍ ୱିଲିୟମସନ, ଶାଇ ହୋପ୍, ବାବର ଆଜାମ, ପଲ ଷ୍ଟିର୍ଲିଂ, ରସ୍ ଟେଲର ଓ କ୍ରିସ୍ ଗେଲ୍‌ଙ୍କ ସମକକ୍ଷ ହେବେ। ତେବେ ଲଗାତର ସର୍ବାଧିକ ସଂଖ୍ୟକ ଦିନିକିଆ ମ୍ୟାଚ୍‌ରେ ୫୦ରୁ ଅଧିକ ରନ୍ କରିବା ରେକର୍ଡ ପାକିସ୍ତାନର ଜାଭେଦ ମିଆଁଦାଦ୍(୯ଟି ମ୍ୟାଚ୍)ଙ୍କ ନାମରେ ରହିଛି। ତାଙ୍କ ପଛକୁ ଲଗାତର ୭ ଅର୍ଦ୍ଧଶତକ ସହ ଇମାମ୍-ଉଲ୍-ହକ୍ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

## ମୁମ୍ବାଇକୁ ଜିତାଇଲେ ହରମନପ୍ରୀତ

**ନଭି ମୁମ୍ବାଇ,୧୩।୧**

ଚଳିତ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ମଙ୍ଗଳବାର ଖେଳାଯାଇଥିବା ଗୁଜରାଟ ଜାଏଣ୍ଟ୍ସ ବିପକ୍ଷ ଏକ ହାଇସ୍କୋରିଂ ମ୍ୟାଚ୍‌ରେ ଅଧିନାୟିକା ହରମନପ୍ରୀତ କୌର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ମୁମ୍ବାଇ ଇଣ୍ଡିଆନ୍ସକୁ ଜିତାଇଛନ୍ତି। ଏହା ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ପାଇଁ ୩ ମ୍ୟାଚ୍‌ରେ ଦ୍ୱିତୀୟ ବିଜୟ। ଏହି ମ୍ୟାଚ୍ ଜରିଆରେ ହରମନପ୍ରୀତ ପ୍ରଥମ ଭାରତୀୟ ଖେଳାଳି ଭାବେ ଡବ୍ଲ୍ୟୁପିଏଲ୍‌ରେ ୧ ହଜାର ରନ ପୂରଣ କରିଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୯୨ ରନ କରିଥିଲା। ଦଳ ପାଇଁ ଜର୍ଜିଆ ୱାରେହାମ ୩୩ ବଲରେ ୪୩ (୪ ଚୌକା ଓ ୧ ଛକା), ଭରତୀ ଫୁଲମାଲି ୧୫ ବଲରେ ୩୬ (୩ ଲେଖାଏ ଚୌକା ଓ ଛକା), କନିକା ଆହୁଜା ୧୮ ବଲରେ ୩୫ (୪ ଚୌକା ଓ ୨ ଛକା) ରନ କରିଥିଲେ। ଜବାବରେ ପ୍ରାରମ୍ଭିକ ୫ ଓଭର ମଧ୍ୟରେ ମୁମ୍ବାଇ ୩୭ ରନରେ ଦୁଇ ଓପନରଙ୍କୁ ହରାଇଥିଲା। ଜି କମଳିନୀ ୧୩ ଓ ହିଲି ମାଥ୍ୟୁସ ୨୨ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଅମନଜୋତ କୌର ଓ ଅଧିନାୟିକା ହରମନପ୍ରୀତ ତୃତୀୟ ଉଇକେଟରେ ୪୪ ବଲରେ ଦ୍ରୁତ ୭୨ ରନ ଯୋଡ଼ି ଦଳକୁ ଆଗେଇ ନେଇଥିଲେ। ଅମନଜୋତ ୨୬ ବଲରେ ୪୦ (୭ ଚୌକା) ରନ କରି ଆଉଟ୍ ହୋଇଥିଲେ। ଏହିଠାରୁ ହରମନଙ୍କ ସହ ନିକୋଲା କାରେ ବିସ୍ଫୋରକ ବ୍ୟାଟିଂ କରି ଦଳକୁ ଜିତିବା ପାଇଁ ଆବଶ୍ୟକ ଥିବା ରନ ସଂଗ୍ରହ କରି ନେଇଥିଲେ। ହରମନ ୪୩ ବଲରେ ୭୧ (୭ ଚୌକା ଓ ୨ ଛକା) ଓ କାରେ ୨୩ ବଲରେ ୩୮ (୬ ଚୌକା) ରନ କରି ଅପରାଜିତ ରହିଥିଲେ।

## ମହାବୀର ୱାରିୟର୍ସ ଚାମ୍ପିୟନ

**ଭୁବନେଶ୍ୱର, ୧୩।୧(ତପନ ସ୍ୱାଇଁ)**

**ଅଲ୍ ଓଡ଼ିଶା କବାଡ଼ି ପ୍ରିମିୟର ଲିଗ୍**

ପଟିଆ ଗଡ଼ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ୬ଷ୍ଠ ଅଲ୍ ଓଡ଼ିଶା ପୁରୁଷ କବାଡ଼ି ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଛି। ଫାଇନାଲରେ ମା'ମଙ୍ଗଳା ଦଳକୁ ୩୩-୩୩(୬-୪)ରେ ହରାଇ ମହାବୀର ୱାରିୟର୍ସ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ସୁଶାନ୍ତ ରାଉତ ଓ ସାରଦା ପ୍ରସାଦ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଲକ୍ଷ୍ମୀପ୍ରିୟା ପରିଡ଼ା, ଚିତ୍ତରଞ୍ଜନ ପାତ୍ର, ସନ୍ତୋଷ ପରିଡ଼ା, ସୁବାସ ପାତ୍ର, ସଞ୍ଜୟ ସେଠୀ, ଅଜୟ ବେହେରା, ସୂର୍ଯ୍ୟକାନ୍ତ ମହାନ୍ତି, ଶ୍ରୀମୟୀ ମିଶ୍ର, ପ୍ରଦୀପ ଜେନା, ପ୍ରଶାନ୍ତ ପରିଡ଼ା, ପିଣ୍ଟୁ ପାତ୍ର, ରିଙ୍କୁ ବଡ଼ଜେନା, ଅଜୟ ନାୟକ, ଯଯାତି ଜେନା ଓ ଟିକି ନାୟକଙ୍କ ସହ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏଥର ଲିଗ୍‌ରେ ମୋଟ ୬ଟି ଦଳ ଭାଗ ନେଇଥିଲେ। ଆଗାମୀ ସଂସ୍କରଣରେ ଉଭୟ ମହିଳା ଓ ପୁରୁଷ କବାଡ଼ି ଲିଗ୍ ଆୟୋଜନ କରାଯିବ ବୋଲି କ୍ଲବ୍ ସଭାପତି ସୁବାସ ପରିଡ଼ା ପ୍ରକାଶ କରିଛନ୍ତି।




ଚାମ୍ପିୟନ ମହାବୀର ୱାରିୟର୍ସ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ